# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar




ନାଇଜେରିଆର ପୂର୍ବତନ ରାଷ୍ଟ୍ରପତିଙ୍କ ବିୟୋଗରେ ଶୋକ | ୬



ଦର୍ଶକଙ୍କୁ ପସନ୍ଦ ଆସୁନି ସନାୟାଙ୍କ ଅଭିନୟ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୦୫ Vol. 22 No-105 15 JULY 2025 TUESDAY, BHUBANESWAR ମଙ୍ଗଳବାର, ୧୫ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଜୀବନମରଣ ଲଢ଼େଇରେ ଶେଷନିଃଶ୍ୱାସ ତ୍ୟାଗ

# ହାରିଗଲେ ସୌମ୍ୟା



- ରାତ୍ରି ୧୧.୪୬ରେ ଶେଷନିଃଶ୍ୱାସ ତ୍ୟାଗ କଲେ
- ମୁଖ୍ୟମନ୍ତ୍ରୀଙ୍କ ଗଭୀର ଶୋକପ୍ରକାଶ
- ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ
- ଦୁଃଖିତ ଓ ମର୍ମାହତ: ମୁଖ୍ୟମନ୍ତ୍ରୀ
- ଶୋକପ୍ରକାଶ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର
- ଏମ୍ସରେ ରାତ୍ରିରେ ହେଲା ଶବ ବ୍ୟବଚ୍ଛେଦ
- ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ଭିଡ଼
- ଏମ୍ସରେ ପହଞ୍ଚିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା
- ବିଭିନ୍ନ ମହଲରେ ଗଭୀର ଶୋକ

ଭୁବନେଶ୍ୱର/ବାଲେଶ୍ୱର, ୧୪।୭ (ଭାସ୍କର ନ୍ୟୁଜ): ବିଶେଷଜ୍ଞ ଡାକ୍ତରଙ୍କ ସମସ୍ତ ଚେଷ୍ଟା ବିଫଳ ହେଲା । ଜୀବନ ଯୁଦ୍ଧରେ ହାରିଗଲେ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଛାତ୍ରୀ ସୌମ୍ୟା । ସୋମବାର ବିଳମ୍ବିତ ରାତି ୧୧.୪୬ରେ ତାଙ୍କର ଭୁବନେଶ୍ୱର ଏମ୍ସରେ ପରଲୋକ ଘଟିଛି । ଗତ ଶନିବାର ସେ ନିଜେ ଆତ୍ମାହୁତି ଉଦ୍ୟମ କରି ଗୁରୁତର ହେବା ପରେ ତାଙ୍କୁ ଭୁବନେଶ୍ୱର ଏମ୍ସର ନ୍ୟୁ ବର୍ଣ୍ଣ ୱାର୍ଡର ଆଇସିୟୁ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଉଥିଲା । ତାଙ୍କ ଚିକିତ୍ସା ପାଇଁ ଏମ୍ସ ପକ୍ଷରୁ ଏକ ୮ଜଣିଆ ବିଶେଷଜ୍ଞ ଟିମ୍ ଗଠନ କରାଯାଇଥିଲା । ସେମାନେ ମଧ୍ୟ ସେମାନଙ୍କ ସାଧ୍ୟ ମତେ ଉଦ୍ୟମ କରିଥିଲେ । ତାଙ୍କର ଶରୀରର ୯୫% ଭାଗ ପୋଡିଯିବା ସହ ତାଙ୍କ ଫୁସ୍‌ଫୁସ୍ ଓ କିଡ଼ନୀ ଅଚଳ ହୋଇପଡ଼ିଥିଲା । ତାଙ୍କର ପରିସ୍ରା ନ ହେବାରୁ ଡାଏଲେସିସ୍ କରାଯାଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ହସ୍ପିଟାଲ ଯାଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ । ତେବେ ସୋମବାର ରାତିରେ ତାଙ୍କ ପରଲୋକ ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ପରଲୋକରେ କହିଛନ୍ତି ଯେ, ଏହି ଖବର ଶୁଣି ମୁଁ ଅତ୍ୟନ୍ତ ମର୍ମାହତ । ସରକାରଙ୍କ ସମସ୍ତ ଦାୟିତ୍ୱ ନିର୍ବାହ ତଥା ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ପୀଡ଼ିତାଙ୍କ ଜୀବନ ରକ୍ଷା ହୋଇପାରିଲା ନାହିଁ । ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାର ବର୍ଗଙ୍କୁ ଅପୂରଣୀୟ କ୍ଷତି ସହ୍ୟ କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଶକ୍ତି ଦିଅନ୍ତୁ ବୋଲି ପ୍ରାର୍ଥନା କରୁଛି । ଏଥିସହ ଦିବଂଗତ ଛାତ୍ରୀଙ୍କ ପରିବାରକୁ ଆଶ୍ୱାସନା ଦେଉଛି ଯେ, ସମ୍ପୃକ୍ତ ମାମଲାରେ ସମସ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରାଯିବ । ପରିବାର ସହ ସରକାର ଦୃଢ଼ ଭାବରେ ଛିଡ଼ା ହୋଇଛନ୍ତି ବୋଲି କହିଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, ଏହି ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ● ପୃଷ୍ଠା ୫ ଦେଖନ୍ତୁ

## ଏମ୍ସର ୫ମ ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତିଙ୍କ ସମ୍ବୋଧନ

# ଡାକ୍ତରୀ ଏକ ବୃତ୍ତି ନୁହେଁ, ବ୍ରତ



- ଯୋଗଯୁକ୍ତ ହେଲେ ରୋଗମୁକ୍ତ ହେବା
- ଡାକ୍ତର ହେଉଛନ୍ତି ଭଗବାନଙ୍କ ସ୍ୱରୂପ
- ମା-ଭଉଣୀମାନେ ସେବାର ପ୍ରତୀକ
- ଓଡ଼ିଶା ପାଲଟିବ ଚିକିତ୍ସାର କେନ୍ଦ୍ର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୭(ଭାସ୍କର ନ୍ୟୁଜ): ଡାକ୍ତରୀ ବିଦ୍ୟା ଏକ ବୃତ୍ତି ନୁହେଁ, ବ୍ରତ । ଯୋଗଯୁକ୍ତ ହେଲେ ଆମେ ସମସ୍ତେ ରୋଗମୁକ୍ତ ହୋଇପାରିବା । ଆମର ମା ଓ ଭଉଣୀମାନେ ହେଉଛନ୍ତି ସେବାର ପ୍ରତୀକ । ଚିକିତ୍ସା ସେବା ଯୋଗାଇ ଦେବାରେ ଭୁବନେଶ୍ୱର ଏମ୍ସ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କହିଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ସୋମବାର ଅପରାହ୍ନରେ ଭୁବନେଶ୍ୱର ଏମ୍ସର ୫ମ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ, ଗତ ୧୨ ବର୍ଷରେ ଏମ୍‌ସ୍ ଭୁବନେଶ୍ୱର ରୋଗୀ ସେବା, ଚିକିତ୍ସା ଗବେଷଣା ଓ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଉନ୍ନତି କରିଛି । ଏମ୍ସ ଓଡିଶା ସହିତ ଏହାର ପାଖପାଖି ରାଜ୍ୟଗୁଡିକ ଯଥା ପଶ୍ଚିମ ବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡ ପାଇଁ ଏକ ଭରସାଯୋଗ୍ୟ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବେ ପରିଣତ ହୋଇଛି । ୱାର୍ଲ୍ଡ ହେଲ୍ଥ ଅର୍ଗାନାଇଜେସନ୍ ଦ୍ୱାରା ଏମ୍‌ସ୍ ଭୁବନେଶ୍ୱରକୁ ‘ଏସିଆ ସେଫ୍ ସର୍ଜିକାଲ୍ ଇମ୍ପ୍ଲାଂଟ୍ କନସୋର୍ଟିୟମ୍ କ୍ୱିଆଇପି ପୁରସ୍କାର’ ପ୍ରଦାନ କରାଯାଇଥିବା ଜାଣି ରାଷ୍ଟ୍ରପତି ପ୍ରସନ୍ନତା ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, ଦେଶର ବିଭିନ୍ନ ସ୍ଥାନରେ ସ୍ଥାପିତ ଏମ୍‌ସ୍ ପରି ସଂସ୍ଥାନଗୁଡ଼ିକ ଆଧୁନିକ ଚିକିତ୍ସା ବିଜ୍ଞାନ ଓ ଅନୁଭବୀ ଡାକ୍ତରମାନଙ୍କ ମାଧ୍ୟମରେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ସୁଲଭ ମୂଲ୍ୟରେ ପ୍ରଦାନ କରୁଛନ୍ତି । ନିକଟ ଭବିଷ୍ୟତରେ ଭାରତ ବିଶ୍ୱରେ ଗୋଟିଏ ଅଗ୍ରଣୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବରେ ପରିଚିତ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି । ଚିକିତ୍ସା ଗବେଷଣାର ଭୂମିକା ଉପରେ ଜୋର ଦେଇ ରାଷ୍ଟ୍ରପତି କହିଥିଲେ ଯେ, ଆଜି ଚିକିତ୍ସା ପ୍ରକ୍ରିୟା ଅଧିକ ସହଜ ହୋଇଯାଇଛି ଓ କୁଷ୍ଠରୋଗ, ପୋଲିଓ, ଟିବି ପରି ରୋଗମାନଙ୍କର ଭାର ପୂର୍ବପେକ୍ଷା ବହୁତ ହ୍ରାସ ପାଇଛି । ଏହା ପାଇଁ ଡାକ୍ତରମାନେ, ଗବେଷକମାନେ, ସ୍ୱାସ୍ଥ୍ୟ କର୍ମଚାରୀମାନେ ଓ ସରକାରମାନେ ପ୍ରଶଂସାର ଯୋଗ୍ୟ । ରାଷ୍ଟ୍ରପତି ସମାଜରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଅବସାଦ (ଡିପ୍ରେସନ୍) ପ୍ରତି ଉଦବେଗ ପ୍ରକାଶ କରି ସେ କହିଥିଲେ ଯେ, ଏହାର ଚିକିତ୍ସା ପାଇଁ ଔଷଧ ସହିତ ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଜଷ୍ଟିସ ମାନସ ରଞ୍ଜନ ପାଠକ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି

କଟକ, ୧୪।୭(ଭାସ୍କର ନ୍ୟୁଜ): ଗୌହାଟୀ ହାଇକୋର୍ଟର ବିଚାରପତି ଥିବା ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ବଦଳି କରାଯାଇଛି । ଏ ନେଇ ସୁପ୍ରିମକୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି । ଖୁବ୍‌ଶୀଘ୍ର ଶ୍ରୀ ପାଠକ ଶପଥ ଗ୍ରହଣ କରିବେ ।

### ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ

ଯାଜପୁର, ୧୪।୭(ଭାସ୍କର ନ୍ୟୁଜ): ୨୦୨୧ ମସିହାରେ ଯାଜପୁର ଜିଲ୍ଲା ବୃନ୍ଦାବନପୁରରେ ଘଟିଥିବା ପ୍ରକାଶ ଦାସ ହତ୍ୟା ମାମଲାରେ ସୋମବାର ଜିଲ୍ଲା ଜଜ୍ ଦୋଷୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ହଜାର ଟଙ୍କା ଜରିମାନା ମଧ୍ୟ ଲଗାଇଛନ୍ତି । ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ।

### ଯୌତୁକ ପାଇଁ ଜାଳିଦେଲେ

ଖଲ୍ଲିକୋଟ, ୧୪।୭ (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା କହ୍ଲେଇପୁରରେ ଯୌତୁକ ପାଇଁ ଜଣେ ବଧୂକୁ ଶାଶୂଘର ଲୋକେ ଜାଳି ଦେଇଥିବା ଅଭିଯୋଗ ହୋଇଛନ୍ତି । ଅର୍ଦ୍ଧଦଗ୍ଧ ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତାଙ୍କ ଶରୀରର ୪୦ ପ୍ରତିଶତ ପୋଡ଼ି ଯାଇଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି ।




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସତ୍ୟମେବ ଜୟତେ
ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

### ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS), ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC), ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS), ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

**ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ**

DSPL - 174

ପଞ୍ଜିକରଣର ଶେଷ ତାରିଖ
୩୧ ଜୁଲାଇ ୨୦୨୫

OIPR 39001/13/0027/2526

ସମବାୟ ବିଭାଗ, ଓଡ଼ିଶା ସରକାର

ବିଶ୍ୱେଶ୍ୱର
ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦରେ ଭକ୍ତି ସାହିତ୍ୟ ଆସର ମିଳନୀର ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ମିଳନୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ଡକ୍ଟର୍ ଚିତ୍ତ ରଞ୍ଜନ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇ ଭକ୍ତିର ମହତ୍ତ୍ୱ ପ୍ରତିପାଦନ କରିବା ସହିତ ସାହିତ୍ୟ ସାଧନା ପ୍ରେରଣା ପ୍ରସୂତ ହେବା ଆବଶ୍ୟକ ବୋଲି ମତ ପୋଷଣ କରିଥିଲେ। କଥାକାର ଶାନ୍ତନୁ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଓଡ଼ିଆ ସାହିତ୍ୟ ଭକ୍ତି ରସରେ ଆପ୍ଲୁତ ହୋଇଛି ବୋଲି ମତ ଦେଇଥିଲେ। କବି ଦେବାଶିଷ ଚକ୍ରବର୍ତ୍ତୀ ତାଙ୍କର ସଭାପତିୟ ଅଭିଭାଷଣରେ ଭକ୍ତିକୁ ସାହିତ୍ୟର ପ୍ରାଣାଧାର ଭାବରେ ଅଭିହିତ କରିଥିଲେ। କବୟିତ୍ରୀ ଗୀତାଞ୍ଜଳି ପାତ୍ରଙ୍କ ସଂଯୋଜନାରେ ମମତା ରାଣୀ ଦାସ, ଇନ୍ଦୁମତୀ ପାତ୍ର, ବିଜୟଲକ୍ଷ୍ମୀ ମହାନ୍ତି, ଆର୍ଯ୍ୟବାଳା ମହାପାତ୍ର,ଚିନ୍ତାମଣି ମହାଳିକ, ଉମାକାନ୍ତ ବେହେରା, ଡକ୍ଟର୍ ସୁମନ୍ତ ନାଏକ, ବିରଞ୍ଚି ସାମନ୍ତରାୟ, ରଙ୍ଗାଧର ବେହେରା,ଦେବଦର୍ଶନ ଦାଶ, ସରୋଜିନି ମିଶ୍ର, ଡାକ୍ତର ଭାରତୀ ବେହେରା, ବୀଣାପାଣି ଜେନା, ଜ୍ୟୋସ୍ନା ପାଢ଼ୀ, ଲିପିକା ପଟ୍ଟନାୟକ, ଭାବିପ୍ରିୟା ସାହୁ, ରତ୍ନ ମଞ୍ଜରୀ ରାଉତ, ଧ୍ରୁବାନନ୍ଦ ରାଉତ, ଦେବଦତ୍ତ ଦେହୁରୀ, ଚମ୍ପକେଶ୍ୱର ଜିତ୍, ପ୍ରତାପ କର୍ମକାର ପ୍ରମୁଖ ବହୁ କବି ଭକ୍ତି କବିତା ପାଠ କରିଥିଲେ। ପରିଶେଷ ରେ ଯୁଗ୍ମ ସମ୍ପାଦକ ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



# ଦୁଇ ଅସହାୟ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା



କୁଜଙ୍ଗ (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ଗ୍ରାମର ବ୍ରେନ ଷ୍ଟ୍ରୋକ ଏବଂ ପାରାଲିସିସ ରୋଗରେ ପୀଡିତ ଚିତ୍ତରଞ୍ଜନ ସାମନ୍ତରାୟ ଏବଂ ପାଟପୁର ଗ୍ରାମର ଥାଲାସେମିଆ ରୋଗରେ ପୀଡିତ ଶୁଭମ୍ ବାରିକଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନା ଯୋଗ୍ୟ କି, ଚିତ୍ତରଞ୍ଜନ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି । ଗତ କିଛି ମାସ ହେବ ସେ ବ୍ରେନ ଷ୍ଟ୍ରୋକ ଏବଂ ପରେ ପାରାଲିସିସ ରୋଗରେ ପୀଡିତ ହୋଇ ବର୍ତ୍ତମାନ ସେ ଶଯ୍ୟାଶାୟୀ। ଦୁଇ ଓଳି ଦୁଇ ମୁଠା ଖାଇବାକୁ ନାହିଁ । ସେହିପରି ଶୁଭମ୍ ଜଣେ ଥାଲାସେମିଆ ରୋଗୀ । ସବୁ ମାସରେ ରକ୍ତ ପରିବର୍ତ୍ତନ କରିବାକୁ ପଡୁଛି । ବାପା ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ଚିକିତ୍ସା କରାଇ ପାରୁନାହାନ୍ତି । ଅର୍ଥାଭାବରୁ ଏହି ଦୁଇ ବ୍ୟକ୍ତିଙ୍କର ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ରାଉତ, ନନ୍ଦନନ୍ଦନ ଜୟସିଂ, ଜ୍ୟୋତିରଞ୍ଜନ ସ୍ୱାଇଁ, ହରେକୃଷ୍ଣ ବେହେରା ଏବଂ ରାଜେଶ ତରାଇ ପ୍ରମୁଖ ଚିତ୍ତରଞ୍ଜନଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର (୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ଏବଂ ଏକ ମାସର ରାସନ ସମଗ୍ରୀ ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ସେହିପରି ଶୁଭମ୍‌ଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର (୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ଚିତ୍ତରଞ୍ଜନଙ୍କ ପରିବାର ଏବଂ ଶୁଭମ୍‌ଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି ।

# ଜିଲ୍ଲାରେ ଗଡୁଛି ଶହ ଶହ ପେନସନ ମାମଲା

## ■ ଶିକ୍ଷା ବିଭାଗରେ ସର୍ବାଧିକ ୩୫୨ ଓ ପଞ୍ଚାୟତ ଅଧିକାରୀଙ୍କ ନିକଟରେ ୪୮ କେସ୍

କେନ୍ଦୁଝର(ଭାସ୍କର ନ୍ୟୁଜ୍): ସରକାରୀ ଚାକିରୀ କରି ଅବସର ଗ୍ରହଣ କରିବା ପରେ ପରିବାର ପ୍ରତିପୋଷଣ କରିବା ପାଇଁ ପେନସନ ଗଣ୍ଡାକ ଉପରେ ନିର୍ଭର କରିଥାନ୍ତି ଅନେକ ବ୍ୟକ୍ତି । ପରିଣତ ଓ ବାର୍ଦ୍ଧକ୍ୟ ଅବସ୍ଥାରେ ଏହି ପେନସନ ସାହା ଭରଷା ହୋଇଥାଏ କହିଲେ ଭୁଲ ହେବ ନାହିଁ । ମାତ୍ର ଲକ୍ଷ୍ୟ କରାଯାଉଛି କେନ୍ଦୁଝର ଜିଲ୍ଲାରେ ଏବେ ଶହ ଶହ ସଂଖ୍ୟାରେ ପେନସନ କେଶ ଗଡିବାରେ ଲାଗିଛି । ଏହାକୁ ଯେତେ ଶୀଘ୍ର ସମ୍ଭବ ତାହାର ସମାଧାନ କରି ଫାଇନାଲ ପେନସନ ପ୍ରଦାନ କରିବା ଆବଶ୍ୟକ ବୋଲି ମତପୋଷଣ ହୋଇଛି । ଯଦିଓ ଜଣେ ସରକାରୀ କର୍ମଚାରୀ ଅବସର ଗ୍ରହଣ କରନ୍ତି ଏବଂ ତାଙ୍କ ପୂର୍ଣ୍ଣ ପେନସନ ପ୍ରଦାନ କରିବା ପାଇଁ କିଛି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ, ତେବେ ତାଙ୍କର ଫାଇନାଲ ହୁଏ ନାହିଁ ଏବଂ କେବଳ ପ୍ରୋଭିଜନାଲ ପେନସନ ପ୍ରଦାନ କରାଯାଇଥାଏ । ଫାଇନାଲ ଓ ପ୍ରୋଭିଜନାଲ ପେନସନ ମଧ୍ୟରେ ଅନେକ ତାରତମ୍ୟ ରହିଥିବାବେଳେ କେନ୍ଦୁଝର ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟରେ ୫୪୫ଟି ପେନସନ କେଶ ଏବେ ଚାଲୁ ରହିଥିବା ଜଣାପଡିଛି। କେନ୍ଦୁଝର ଜିଲ୍ଲାର ୬୦ଟି ସରକାରୀ ସଂସ୍ଥାରେ ଏହି ୫୪୫ଟି କେଶ ରହିଥିବା ବେଳେ ସେଥିମଧ୍ୟରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ କେବଳ ୨୪୨ଟି କେଶ ରହିଛି । ଜିଲ୍ଲା ପଞ୍ଚାୟତ ଅଧିକାରଙ୍କ ନିକଟରେ ୪୮ଟି ପେନସନ କେଶ ରହିଛି । ୨୦୨୫ମସିହା ଜୁଲାଇ ୧୦ତାରିଖ ସୁଦ୍ଧା ବିଭିନ୍ନ ଅଫିସରେ ଏହିସବୁ କେଶ ରହିଥିବାବେଳେ ସରକାରୀ ଭାବେ ଏହି ସୂଚନା ମିଳିଛି । କେନ୍ଦୁଝର ଜିଲ୍ଲା ପୋଲିସ ବିଭାଗରେ ୧୨ଟି, ବନ ବିଭାଗ ଓ କେନ୍ଦୁପତ୍ରରେ ୬ଟି ପେନସନ ମାମଲା ରହିଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବା ଆଇଟିଡିଏ କେନ୍ଦୁଝରରେ ୨ଟି, ଆଇଟିଡିଏ ଚମ୍ପୁଆରେ ୨ଟି,ଚମ୍ପୁଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗୋଟିଏ, କେନ୍ଦୁଝର ବିଇଓ ଅଫିସରେ ୪ଟି, ବିଇଓ ବାଂଶପାଳରେ ୬ଟି, ବିଇଓ ତେଲକୋଇରେ ୮ଟି,ବିଇଓ ସାହାରପଡାରେ ୨,ବିଇଓ ହରିଚନ୍ଦନପୁରରେ ୧୨,ବିଇଓ ଝୁମ୍ପୁରାରେ ୮, ବିଇଓ ଚମ୍ପୁଆରେ ୧୪,ବିଇଓ ଆନନ୍ଦପୁରରେ ୮,ବିଇଓ ଘଷିପୁରାରେ ୧୧,ବିଇଓ ଘଟଗାଁରେ ୧୨, ବିଇଓ ପାଟଣାରେ ୪, ବିଇଓ ହାଟଡିହିରେ ୧୦ଟି ପେନସନ ମାମଲା ରହିଛି । ଜିଲ୍ଲା ଶିକ୍ଷା ଅଧିକାରୀ ଓ ବିଭିନ୍ନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟମାନଙ୍କରେ ମୋଟ ୩୫୨ଟି କେଶ ରହିଥିବା ସରକାରୀ ଭାବେ ଜଣାପଡିଛି । ଶିକ୍ଷା ବିଭାଗକୁ ଛାଡି ତହସିଲ ଓ ବ୍ଲକମାନଙ୍କ କଥା ବିଶ୍ଳେଷଣ କଲେ ସଦର, ପାଟଣା, ବଡ଼ବିଲ ତହସିଲରେ ଗୋଟିଏ ଲେଖାଏଁ,ତେଲକୋଇ ବ୍ଲକରେ ୭, ହରିଚନ୍ଦନପୁରରେ ୬,ବାଂଶପାଳ, ହାଟଡିହି ଓ ପାଟଣାରେ ୨ଟି ଲେଖାଏଁ,ଆନନ୍ଦପୁର ବ୍ଲକରେ ୩ଟି, ସଦର ଓ ଝୁମ୍ପୁରା ବ୍ଲକରେ ଗୋଟିଏ ଲେଖାଏଁ,ବାଂଶପାଳ ଓ ପାଟଣା ବ୍ଲକରେ ୨ଟି ଲେଖାଏଁ ପେନସନ ମାମାଲା ଗଡୁଛି । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବା ଆରଡବ୍ଲୁଏସଏସ ଡିଭିଜନରେ ୪,ଆନନ୍ଦପୁର ଆରଡବ୍ଲୁଏସଏସରେ ଗୋଟିଏ, ଉପ ସମବାୟ ନିବନ୍ଧକରେ ୨, ସହକାରୀ ସମବାୟ ନିବନ୍ଧକରେ ଗୋଟିଏ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଫିସରେ ୮ଟି ପେନସନ ମାମାଲା ରହିଛି । ଜିଲ୍ଲା ଯୋଜନା କାର୍ଯ୍ୟାଳୟରେ ୩,ସାମାଜିକ ଭିନ୍ନକ୍ଷମ ସଶକ୍ତିକରଣରେ ୨, ଗ୍ରାମ୍ୟ ଉନ୍ନୟନ ବିଭାଜନ-୧ରେ ୨, ବିଭାଜନ ୨ ରେ ୫ଟି ପେନସନ କେଶ ରହିଥିବା ସରକାରୀ ଭାବେ ଜଣାପଡିଛି । ସରକାରୀ ମହିଳା ମହାବିଦ୍ୟାଳୟ, ଜିଲ୍ଲା କୋଷାଗାର, ଜଳସେଚନ ବିଭାଗ, ବିଦ୍ୟାଧରପୁର କେନାଲ ଡିଭିଜନ,କୃଷି ଯାନ୍ତ୍ରିକ କାର୍ଯ୍ୟାଳୟ, ସ୍ଥାନୀୟ ପାଣ୍ଠି ସମୀକ୍ଷା ବା ଅଡିଟ ଅଫିସ,ଯୋଡା ଡିଡିଏମ,କ୍ଷୁଦ୍ର ଜଳସେଚନରେ ଗୋଟିଏ ଲେଖାଏଁ ମାମଲା ରହିଛି । ଯୋଗାଣ କାର୍ଯ୍ୟାଳୟ ଓ ଜଳଛାୟା ମିଶନରେ ୩ଟି ଲେଖାଏଁ, ନିର୍ମାଣ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଅଫିସରେ ୨ଟି ଓ କେନ୍ଦୁଝର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୧୯ଟି କେଶ ରହିଛି। ପେନସନ ମାମଲାକୁ ଶୀଘ୍ର ହ୍ରାସ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସଂପୃକ୍ତ ଅଧିକାରୀମାନଙ୍କୁ କଡା ତାଗିଦ କରାଯାଇଥିବାବେଳେ ଶିକ୍ଷାକ୍ଷେତ୍ରରେ ବିଶେଷ କରି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କର ଅଧିକ କେଶକୁ ତୁରନ୍ତ ଫଇସଲା କରାଯାଇ ଫାଇନାଲ ପେନସନ ଦେବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ।

# କବି କେଶବ ଚନ୍ଦ୍ର ନାୟକଙ୍କ 'ଦାରୁ ଦେବତା' ପୁସ୍ତକ ଉନ୍ମୋଚିତ




ମାଲକାନଗିରି (ଭାସ୍କର ନ୍ୟୁଜ୍): ଉତ୍କଳ ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ ଏମଭି-୭ ଜଗନ୍ନାଥ ପଲ୍ଲୀ ଉଚ୍ଚ ବିଦ୍ୟାଳୟ ଠାରେ କବି କେଶବ ଚନ୍ଦ୍ର ନାୟକଙ୍କ ଭାବ ଭକ୍ତି ପୂର୍ଣ୍ଣ ଭଜନ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ମୁଖ୍ୟ ବକ୍ତା ଭାବେ ଓଡ଼ିଆ ଅଧ୍ୟାପକ ତପନ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଏ ଈଶ୍ୱର ରାଓ, ଉତ୍କଳ ସାହିତ୍ୟ ସଂସଦ ସଭାପତି କେଶବ ଚନ୍ଦ୍ର ନାୟକ ମଞ୍ଚାସୀନ ଥିବାବେଳେ ସଂପାଦକ ଅନନ୍ତ କିଶୋର ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ବିଧାୟକ ନରସିଂହ ମାଡକାମୀ କହିଲେ ଯେ ମଣିଷ ଜୀବନରେ ଭକ୍ତି ସଂଗୀତର ମୂଲ୍ୟବୋଧ ରହିଛି। ଆମେ ସାହିତ୍ୟକୁ ଛାଡି ବଞ୍ଚି ପାରିବାନାହିଁ। ମାଲକାନଗିରି ମାଟିରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ କବି କେଶବ ଚନ୍ଦ୍ର ନାୟକଙ୍କ ଅବଦାନ ଅବିସ୍ମରଣୀୟ।ସେ କେବଳ ସାମ୍ବାଦିକ ଭାବେ ଆମ ଗହଣରେ ପରିଚିତ ନୁହଁନ୍ତି। ସେ ଏକାଧାରରେ ଜଣେ ସୁବକ୍ତା, ସମାଜସେବୀ, ପ୍ରକୃତିବନ୍ଧୁ,କବି, ଲେଖକ, ଗାଳ୍ପିକ ଓ ସ୍ତମ୍ଭକାର। ତାଙ୍କର ଅନେକ କବିତା, ଗଳ୍ପ ଓ ପ୍ରବନ୍ଧ ବହୁ ପତ୍ର ପତ୍ରିକାରେ ପ୍ରକାଶିତ । ତାଙ୍କର ୮ ଗୋଟି ପୁସ୍ତକ ବର୍ତ୍ତମାନ ସୁଦ୍ଧା ପ୍ରକାଶ ପାଇଛି। ଏଣୁ ଓଡ଼ିଆ ସାହିତ୍ୟର ଉତ୍ତରୋତ୍ତର ଉନ୍ନତି ପାଇଁ ସେ ସହଯୋଗ କରିବାକୁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଓଡ଼ିଆ ଅଧ୍ୟାପକ ତପନ କୁମାର ବେହେରା ଦାରୁ ଦେବତା ପୁସ୍ତକର ସମୀକ୍ଷା କରିବା ସହିତ ଜଗନ୍ନାଥ ସଂସ୍କୃତି ଉପରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। କବି କେଶବ ଚନ୍ଦ୍ର ନାୟକ ମାଲକାନଗିରି ଜିଲ୍ଲାରେ କିପରି ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ସମଗ୍ର ଜୀବନ ନିଷ୍ଠାପର ଭାବେ କାର୍ଯ୍ୟ କରି ଆସିଛନ୍ତି । ସେ ବର୍ଣ୍ଣନା କରିଥିଲେ। ମାତ୍ର ୧୦ ଦିନ ମଧ୍ୟରେ ୬୧ ଗୋଟି ଜଗନ୍ନାଥ ଭଜନ ଲେଖିବାରେ ସକ୍ଷମ ହୋଇଥିଲେ ସେ ମତବ୍ୟକ୍ତ କରିଥିଲେ। ପ୍ରଭୁ ଜଗନ୍ନାଥଙ୍କ ଦୟାରୁ ଗତ ବର୍ଷ ଗୁଣ୍ଡିଚା ଯାତ୍ରା ରେ 'ଦାରୁ ବ୍ରହ୍ମ' ପୁସ୍ତକଟି ଲୋକାର୍ପିତ ହୋଇଥିଲା ବେଳେ ଆଜି ଦାରୁ ଦେବତା ପୁସ୍ତକଟି ଲୋକାର୍ପିତ ହୋଇପାରିଛି। ସବୁ ସେ ପ୍ରଭୁଙ୍କ ଲୀଳା ବୋଲି ପ୍ରକାଶ କରିଥିଲେ। କବି କେଶବ ଚନ୍ଦ୍ର ନାୟକଙ୍କ ଦ୍ୱାରା ରଚିତ ଭାବ ଭକ୍ତି ପୂର୍ଣ୍ଣ ଭଜନ ଓ କଣ୍ଠଶିଳ୍ପୀ ବନଜା ମିଶ୍ରଙ୍କ ସଂଗୀତକୁ ଶ୍ରୋତାମାନଙ୍କୁ ଶ୍ରବଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଦ୍ୟାଳୟ ସଭାପତି ବିଜୟ ବିଶ୍ୱାସ, ବର୍ତ୍ତମାନର ବିଦ୍ୟାଳୟ ସଭାପତି ଗୋବିନ୍ଦ ବିଶ୍ୱାସ, ଶିକ୍ଷକ ଗୋଦାବରୀଶ ଦାସ, ପ୍ରମୋଦ କୁମାର ମିଶ୍ର, ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଂପାଦକ ଅନନ୍ତ କିଶୋର ନନ୍ଦ ସୁନ୍ଦର ମଞ୍ଚ ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳପ୍ରପାତକୁ ବୁଲିବାକୁ ଯାଇ ଶବ ହୋଇ ଫେରିଲା ପୁଅ

ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ପଞ୍ଚାୟତ ଅଧିନସ୍ଥ ଚିତାପାରି-୪ ଗ୍ରାମରେ ଥିବା ଟୁନିବେଡ଼ା ଗ୍ରାମନିକଟରେ ପ୍ରବାହିତ ହେଉଥିବା ଏକ ଝରଣାରେ ଆଜି ଏକ ଦୁଃଖଦ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ରବିବାର ଛୁଟି ଥିବାରୁ ଅପରାହ୍ନ ସମୟରେ ୬ ଜଣ ପିଲା ସାଙ୍ଗରେ କିଛି ଖାଦ୍ୟ ସାମଗ୍ରୀ ଧରି ଟୁନିବେଡା ଗ୍ରାମ ନିକଟରେ ପ୍ରବାହିତ ହେଉଥିବା ଝରଣାକୁ ବୁଲିବାକୁ ଯାଇଥଲେ। ସେମାନେ ଉକ୍ତ ଝରଣାରେ ଗାଧୋଇବା ସମୟରେ ସେମାନଙ୍କ ମଧ୍ୟରୁ ଗୋଟିଏ ପିଲା କୌଣସି କାରଣରୁ ଭାରସାମ୍ୟ ହରାଇ ପାଣିରେ ଭାସି ଯାଇଥିଲା। ସାଙ୍ଗରେ ଯାଇଥିବା ପିଲାମାନେ ତାଙ୍କୁ ଉକ୍ତ ଝରଣାରେ ତାଙ୍କୁ ବହୁତ ଖୋଜା ଖୋଜି କରିଥିଲେ କିନ୍ତୁ କୌଣସି ସୁଫଳ ମିଳିନଥିଲା। ସେମାନେ ସଙ୍ଗେ ସଙ୍ଗେ ଏ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବର ପାଇବା ସଙ୍ଗେ ସଙ୍ଗେ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ସଂଜିତ କୁମାର ଟାକ୍ରୀ, ଏଏସଆଇ ସୁରେଶ ଚନ୍ଦ୍ର ବିସି ମାଝୀ, ଏଏସଆଇ ଧନୁର୍ଜୟ ମୁର୍ମୁଙ୍କ ସମେତ ପୋଲିସର ଏକ ସ୍ୱତନ୍ତ୍ର ଟିମ ଏବଂ କୋରୁକୋଣ୍ଡା ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଝରଣା ଭିତରୁ ବାଲିମେଳା ସହରର ୨ ନମ୍ବର ୱାର୍ଡରେ ରହୁଥିବା ପ୍ରମୋଦ କୁମାର ଜେନାଙ୍କ ୧୬ ବର୍ଷର ପୁଅ ଧନୁର୍ଜୟ ଜେନାଙ୍କ ମୃତ ଦେହକୁ ଉଦ୍ଧାର କରି ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ହୋଇଥିବା ନେଇ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପରିବାର ଲୋକେ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବ। ଆଜି ରାତି ହୋଇ ଯାଇଥିବାରୁ ସୋମବାର ଶବ ବ୍ୟବଚ୍ଛେଦ କରାଯିବା ସହିତ ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଯୁବକ ମୃତ

ବଡ଼ଚଣା(ଭାସ୍କର ନ୍ୟୁଜ୍): ରବିବାର ବିଳମ୍ବିତ ରାତିରେ ବଡ଼ଚଣା ଥାନା କଡ଼ାଇ ଛକ ନିକଟରେ ଦୁଇଟି ବାଇକ୍ ପରସ୍ପରକୁ ଧକ୍କାଦେବାରୁ ଜଣେ ଯୁବକର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର କୁଶାସନ ସାହୁଙ୍କ ପୁଅ ଅନିଲ ସାହୁ(୨୩) ନିଜ ପଲସର ବାଇକରେ କଟକରୁ ଆସୁଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ କଡ଼ାଇ ଛକ ନିକଟରେ ଅନ୍ୟ ଏକ ବାଇକ ତାଙ୍କୁ ପଛପଟୁ ପିଟିଦେବାରୁ ସେ ରାସ୍ତା କଡରେ ପଡିଯାଇଥିଲେ । କୌଣସି ସୂତ୍ରରୁ ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା ଖବର ପାଇ ପହଞ୍ଚି ଅନିଲଙ୍କୁ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ହେଲେ ଡାକ୍ତର ଅନିଲଙ୍କୁ ମୃତ ଘୋଷଣା କରିଥିଲେ। ତଦନ୍ତ ଅଧିକାରୀ ଭାବେ ଲକ୍ଷ୍ମୀ ପ୍ରିୟା ମୁଦୁଲି ଥାନା କେଶ୍ ନମ୍ବର ୨୨୮/୨୫ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ କରାଇ ମୃତ ଅନିଲର ମରଶରୀରକୁ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲା ।

# ମହାବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ

ମାଥିଲି(ଭାସ୍କର ନ୍ୟୁଜ୍): ମାଥିଲି ବ୍ଲକ ସାଲିମ୍ ପଞ୍ଚାୟତ କଲେଜ ପରିସରରେ ପରିବେଶ ସୁରକ୍ଷା ଓ ପରିବେଶ ପ୍ରତି ଜନଚେତନା ବଢ଼ାଇବା ଲକ୍ଷ୍ୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ। ସେ କହିଥିଲେ ଯେ, ପରିବେଶ ରକ୍ଷା ପାଇଁ ବୃକ୍ଷ ରୋପଣ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଯୁବପିଢି ମାନେ ଏହାର ମୂଲ୍ୟ ବୁଝି ବୃକ୍ଷ ଲଗାଇବାକୁ ଆଗେଇ ଆସିବା ଦରକାର। କଲେଜର ଅଧକ୍ଷ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇଥିଲେ। ଚାରାରୋପଣ ପରେ ପରିବେଶ ସଚେତନତା ବିଷୟରେ ଆଲୋଚନା ଏବଂ ଏକ ସଂକଳ୍ପ ଗ୍ରହଣ କରାଯାଇଥିଲା। ଏହି ପଦକ୍ଷେପ ଥରେ ନୁହେଁ ମାନବ ସମୁଦାୟ ପାଇଁ ଦୀର୍ଘକାଳୀନ ଲାଭ ଦେଖାଯିବ ବୋଲି ଅନେକ ଅତିଥିମାନେ ମତ ପ୍ରକାଶ କରିଥିଲେ।



# ଚାଷକାମରେ ବାଧକ ସାଜିଛି ବର୍ଷାଜଳ ନିଷ୍କାସନ



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ଜାତୀୟ ରାଜପଥ ହେଉ ଅବା ଗ୍ରାମାଞ୍ଚଳ, ରାସ୍ତା କଡରେ ବହୁଳ ଭାବେ ଗଢି ଉଠିଛି ବ୍ୟବସାୟ କେନ୍ଦ୍ର ଓ ଘର । ହେଲେ ଏହାର ନିର୍ମାଣ ବେଳେ ଜଳ ନିଷ୍କାସନକୁ ଗୁରୁତ୍ୱ ଦିଆଯାଇ ନାହିଁ। ଫଳରେ ଅବରୋଧ ହୋଇଯାଇଛି ଜଳ ନିଷ୍କାସନ ବାଟ। ଫଳରେ ଚାଷ କାମରେ ସାଜିଛି ବାଧକ । କୃଷି ଓ କୃଷକର ଉନ୍ନତି ଲାଗି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଚାଷକାମ ପ୍ରଭାବିତ ହେଉଛି । ଚାଷୀଙ୍କ ସମସ୍ୟା ବି ସୁଧୁରୁ ନାହିଁ। ସୁଙ୍ଗୁଡା ଓ ଧାନମଣ୍ଡଳ ପଞ୍ଚାୟତର ଚାଷୀମାନେ ଏଭଳି ଅଭିଯୋଗ କରିଛନ୍ତି। ମୁଖ୍ୟତଃ ଚାଷ ଜମିରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ହୋଇପାରୁ ନଥିବାରୁ ଏକର ଏକର ଜମି ଥାଇ ବି ସେମାନେ ଚାଷ ସମୟରେ ହାତବାନ୍ଧି ଘରେ ବସୁଥିବା ଅଭିଯୋଗ କରିଛନ୍ତି। ଖରିଫ ଋତୁରେ ଚାଷୀ ଏହି ଜମିରେ ଧାନଚାଷ କରିଥାନ୍ତି। ଦିନକୁଦିନ ସହରର କଳେବର ବଢୁଥିବାରୁ ଚାଷ ଜମି ଗୁଡ଼ିକ ବିକ୍ରି ହେବାରେ ଲାଗିଛି। ଦୀର୍ଘବର୍ଷ ଧରି ଖାଲି ପଡ଼ିଥିବା ତଥା ସରକାରୀ ଜାଗାଗୁଡ଼ିକ ମଧ୍ୟ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଉଛି। ଫଳରେ ଚାଷ ଉପରେ ନିର୍ଭରଶୀଳ ଲୋକଙ୍କ ପାଇଁ ସମସ୍ୟା ବଢୁଛି । ଚାଷ ଜମିରୁ ଯେଉଁ ନାଳ ଦେଇ ବର୍ଷାଜଳ ନିଷ୍କାସିତ ହେବା କଥା, ସେହି ନାଳ ସବୁ ଧୀରେଧୀରେ ପୋତି ଦିଆଯାଉଛି। ଅନେକ ସ୍ଥାନରେ ନାଳରେ ଅନାବନା ଗଛଲତା ଓ ଦଳ ଭର୍ତ୍ତି ହୋଇଥିଲେ ମଧ୍ୟ ପୁନରୁଦ୍ଧାର କରାଯାଉ ନାହିଁ । ସେହିପରି ରାସ୍ତା ଉପରେ ନିର୍ମିତ କଲଭଟଗୁଡ଼ିକୁ ମଧ୍ୟ ବନ୍ଦ କରିଦିଆଯାଇଛି। ଫଳରେ ଶହଶହ ଏକର ଚାଷଜମି ବର୍ଷାପାଣିରେ ବୁଡ଼ି ରହିଛି। ତଳି ପଡ଼ିବା ସମ୍ଭବ ହେଉନଥିବା ବେଳେ ଧାନ ରୁଆ ହେବ କେମିତି ତାହା ସବୁଠୁ ବଡ଼ ପ୍ରଶ୍ନ ହୋଇଛି। ଯାହା ଫଳରେ ଶହଶହ ଏକର ଚାଷ ଜମି ଖାଲି ପଡ଼ିବାର ପରିସ୍ଥିତି ଉପୁଜିଛି। ଖରିଫ ଧାନ ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ପରିବାର ପାଇଁ ଏବେ ଏହି ସମସ୍ୟା ଚିନ୍ତାର କାରଣ ପାଲଟିଛି। ଖରିଫ ଋତୁରେ ସବୁଠି ଚାଷ କାମ ଆରମ୍ଭ ହୋଇଥିବା ବେଳେ ଏହି ଅଞ୍ଚଳର ଚାଷୀ ହାତବାନ୍ଧି ଘରେ ବସିବା ସରକାରଙ୍କ କୃଷି ଓ କୃଷକଙ୍କ ନିମନ୍ତେ ହୋଇଥିବା ଯୋଜନାକୁ ଉପହାସ କରୁଛି ବୋଲି ଆଲୋଚନା ହେଉଛି।

# ୩୨୬ ନମ୍ବର ଜାତୀୟ ରାଜପଥ ଯାତାୟାତରେ ସମସ୍ୟା ବଢ଼ାଉଛନ୍ତି ଗାଈଗୋରୁ



ମାଲକାନଗିର (ଭାସ୍କର ନ୍ୟୁଜ୍): ଜୟପୁର-ମାଲକାନଗିରି-ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥରେ ବୁଲା ଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଏଥିଯୋଗୁ ବିଭିନ୍ନ ସମୟରେ ରାଜପଥରେ ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହେଉଛି। ଫଳରେ ଚାଳକମାନେ ନାହିଁ ନଥିବା ଅସୁବିଧାରେ ପଡୁଛନ୍ତି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଲୋକେ ଆହତ ହେଉଥିବା ସହ ନିହତ ମଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ଲକ୍ଷାଧିକ ଟଙ୍କା ବ୍ୟୟରେ କାଞ୍ଜିଆହୁଦା ନାମକୁ ମାତ୍ର କରଯାଇଛି । ଏଥିପାଇଁ ପୌର ପ୍ରଶାସନର ଅବହେଳାକୁ ସାଧାରଣ ଲୋକେ ଦାୟୀ କରୁଛନ୍ତି। ତୁରନ୍ତ ରାସ୍ତାରୁ ଗାଈ ଗୋରୁଙ୍କୁ ହଟାଇ ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଗତକାଲି ସକାଳେ ମାଲକାନଗିରି -ଜୟପୁର ୩୨୬ ନମ୍ବର ଜାତୀୟ ପଥ ର ଷ୍ଟାଡିୟମ ଛକ ନିକଟରେ ବୁଲା ଗୋରୁ ଭିଡ଼ ଜମାଇଥିଲେ। ରାସ୍ତା ମଝିରେ କେତେକ ଗୋରୁ ଶୋଇଥିବା ବେଳେ ଆଉ କେତେକ ଲଢେଇ କରୁଥିଲେ। ଗାଈଗୋରୁଙ୍କ ଉପଦ୍ରବ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ଅଧଘଣ୍ଟା ଧରି ଗାଡ଼ି ମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁ ଯାତ୍ରୀ ଓ ଚାଳକମାନେ ନାହିଁ ନଥିବା ଅସୁବିଧା ଭୋଗିଥିଲେ। ବସ୍ କର୍ମଚାରୀମାନେ ଗୋରୁଙ୍କୁ ଘଉଡ଼ାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ ଜାତୀୟ ରାଜପଥ କଡ଼ରେ ଥିବା କଲୋନି ଗୁଡିକ ବୁଲା ଗୋରୁଙ୍କ ଆଶ୍ରୟ ସ୍ଥଳୀ ପାଲଟିଛି। ଯାହା ସହରବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଅଧିକାଂଶ ସମୟରେ ରାସ୍ତାରେ ଗୋରୁଗାଈ ବୁଲୁଛନ୍ତି। ଏଥିଯୋଗୁ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ଘଟି ବାଇକ ଆରୋହୀ ଓ ବାଟୋଇମାନେ ଆହତ ହେଉଛନ୍ତି ଏ ସମ୍ପର୍କରେ ପୂର୍ବରୁ ସହରବାସୀ ପୌର ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ମଧ୍ୟ କରିଥିଲେ। ପୌର ପ୍ରଶାସନ ତରଫରୁ ବହୁବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ଗୋରୁଗାଈଙ୍କୁ ରାସ୍ତାକୁ ନ ଛାଡ଼ିବା ପାଇଁ ଘୋଷଣା କରିଛନ୍ତି । କେବଳ ଘୋଷଣା କରି ପ୍ରଶାସନ ରହିଛି। ରାସ୍ତା ଉପରୁ ଗୋରୁଙ୍କୁ ଉଦ୍ଧାର କରିବା କିମ୍ବା ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବାରୁ ଦିନକୁ ଦିନ ସମସ୍ୟା ବଢିବାରେ ଲାଗିଛି । ଆଗ ଅପେକ୍ଷା ରାସ୍ତା ଉପରେ ଏବେ ଅଧିକ ଗାଈ ଗୋରୁଙ୍କ ଭିଡ଼ ଜମୁଛି। ସୂଚନାଥାଉ କି, ୨୦୨୧ ଏପ୍ରିଲ୍ ୬ ତାରିଖରେ ଏମ୍‌ଭି- ୨ ଗାଁ ତମସା ନଦୀ ନିକଟରେ ପୌର ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ କାଞ୍ଜିଆହୁଦା ନିର୍ମାଣ କରାଯାଇଛି। ତତ୍କାଳୀନ ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ ଦ୍ୱାରା ଲୋକାର୍ପିତ ମଧ୍ୟ ହୋଇଥିଲା। ବୁଲା ଗୋରୁଙ୍କୁ ରଖିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଦୁଃଖର ବିଷୟ, ଆଜି ପର୍ଯ୍ୟନ୍ତ ଏଠି ବୁଲା ଗୋରୁଙ୍କୁ ରଖାଯାଇନାହିଁ କି କୌଣସି ମାଲିକଙ୍କ ଠାରୁ ଜରିମାନା ଆଦାୟ କରାଯାଉ ନାହିଁ । ଅନ୍ୟପକ୍ଷରେ ସଚେତନତା ଅଭାବରୁ ମାଲିକମାନେ କ୍ଷୀର କାଢିବା ପରେ ଗୋରୁଗାଈଙ୍କୁ ବାହାରକୁ ଛାଡ଼ି ଦେଉଛନ୍ତି। ଫଳରେ ସହରର ବିଭିନ୍ନ ରାସ୍ତା ଉପରେ ଗୋରୁଗାଈ ଙ୍କ ଭିଡ଼ ଜମୁଛି ତେଣୁ ପୌର ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି।

# ନ୍ୟାସନାଲ ଡକ୍ଟର୍ସ ଡେ' ଅବସରରେ ରକ୍ତଦାନ ଶିବିର



ବାରିପଦା (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ପିଆରଏମ ମେଡିକାଲ କଲେଜ ପ୍ରାଙ୍ଗଣରେ ଜାତୀୟ ଡକ୍ଟର ଦିବସ ପାଳନ ହୋଇଯାଇଛି ଏହି ଦିବସ ପାଳନ ଅବସରରେ ପିଆରଏମ କଲେଜ ପରିସରରେ ଆଇଏମଏ ମୟୂରଭଞ୍ଜ ଏବଂ ପି ଆର ଏମ ଛାତ୍ରସଂଘର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପିଆରଏମ ମେଡିକାଲ କଲେଜର ଅଧକ୍ଷା ପ୍ରଫେସର୍ ଡକ୍ଟର ପ୍ରତିଭା ପଣ୍ଡା ଏବଂ ଆଇଏମଏ ମୟୂରଭଞ୍ଜର ସଭାପତି ଡକ୍ଟର ଶ୍ୟାମସୁନ୍ଦର ଖଣ୍ଡେଲୱାଲ୍ ଉଦ୍ଘାଟନ କରିଥିଲେ। ବାରିପଦା ରକ୍ତକେନ୍ଦ୍ର ଅଧିକାରୀ ଡକ୍ଟର ସୌମ୍ୟରଞ୍ଜନ ନାୟକ ଏବଂ କିମ୍ସ ମେଡିକାଲ କଲେଜର ଡକ୍ଟର ଆଶୀର୍ବାଦ ଶର୍ମା ସର୍ବପ୍ରଥମେ ରକ୍ତଦାନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିଶୁ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶ୍ୱେତପଦ୍ମା ବିଶ୍ୱାଳ ମଧ୍ୟ ରକ୍ତଦାନ କରିଥିଲେ। ଅନ୍ୟାନ୍ୟ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ଡକ୍ଟର କୈଳାଶ ଚନ୍ଦ୍ର ମହାନ୍ତି, ଡକ୍ଟର ବିଶ୍ୱନାଥ ଦାସ, ଡକ୍ଟର ଥିଟା ମହାନ୍ତି, ଡକ୍ଟର ବୁଦ୍ଧିଆ ମାଝୀ, ଡକ୍ଟର ରଞ୍ଜୁଲତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଚଜଗ ଷ୍ଟୁଡେଣ୍ଟ୍ ୟୁନିଅନର ସାଧାରଣ ସମ୍ପାଦକ ଶ୍ରୀ ସତ୍ୟସୁନ୍ଦର୍ ସେଠୀ ତଥା ସମସ୍ତ ଡ଼ାକ୍ତରୀ ଛାତ୍ରଛାତ୍ରୀ ମାନଙ୍କ ମିଳିତ ଉଦ୍ୟମରେ ଏହି ରକ୍ତଦାନ ଶିବିରରୁ ୧୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଡକ୍ଟର ନାୟକଙ୍କ ସହିତ ରକ୍ତକେନ୍ଦ୍ରର କର୍ମଚାରୀ ମାନେ ଏହି ରକ୍ତଦାନ ଶିବିରକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ପ୍ରତିଦିନ ନିରବଚ୍ଛିନ୍ନ ଭାବେ ରୋଗୀ ମାନଙ୍କୁ ସେବା ଯୋଗାଇବା ସହିତ ସେମାନଙ୍କ ଜୀବନ ରକ୍ଷା ସକାଶେ ନିଜେ ରକ୍ତଦାନ କରି ଡାକ୍ତର ମାନେ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର






ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀ ତିନିଆଳୟ ରକ୍ତ କେନ୍ଦ୍ରରେ ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରେରକ ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପୋଲିସ କମିଶନରେଟ ଡେନ୍ତ୍ରସ୍କ ଯୁଗ୍ମ-ସମ୍ପାଦକ ଅତିରିକ୍ତ ଡିସିପି ମାନସ ରଞ୍ଜନ ଗଡନାୟକ, ପୂର୍ବତନ ଯୁଗ୍ମ-ସମ୍ପାଦକ ଡେପୁଟି କମାଣ୍ଡର ଲଳିତେନ୍ଦୁ ମହାନ୍ତି ଓ ଓଡିଶା ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ଦେବାଶିଷ ମିଶ୍ର ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ବଢାଇବା ପାଇଁ ଆଲୋଚନା କରିଥିଲେ । ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରେରକ ସଂଘ ପ୍ରତିଷ୍ଠାତା ସଭାପତି ବିଶ୍ୱନାଥ ଦାଶଶର୍ମା ରକ୍ତଦାନ କରିବା ସହ କହିଥିଲେ ଓଡିଶାରେ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ରକ୍ତ ଆବଶ୍ୟକ ହେଲେ ସରକାରୀ କିମ୍ବା ରେଡକ୍ରସ୍ ରକ୍ତ ଭଣ୍ଡାରରୁ ରକ୍ତ ଗ୍ରହଣ ନକରି ବଦଳ ରକ୍ତଦାତା ଆଣିବାକୁ ବାଧ୍ୟ କରୁଛନ୍ତି । ଆୟୁଷ୍ମାନ କାର୍ଡ, ବିଜୁ ସ୍ୱାସ୍ଥ୍ୟବୀମା ଓ ସ୍ୱାସ୍ଥ୍ୟ ବିମା ପାଇଁ ଗରିବଙ୍କ ସହ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି । ତେଣୁ ସ୍ୱେଚ୍ଛାକୃତ ରକ୍ତଦାନ ଶତ ପ୍ରତିଶତ ହୋଇପାରୁନି । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରେରକ ସଂଘର ପୂର୍ବତନ ସମ୍ପାଦିକା ନଳିନୀ ମହାନ୍ତି, ପ୍ରତିଷ୍ଠାତା ସଦସ୍ୟ ଜଗେଶ୍ୱର ଦାଶ, ପ୍ରଦ୍ୟୁମ୍ନ କୁମାର ରଥ ଓ ଗୋପି ମୋହନ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

### ଶ୍ରାବଣର ପ୍ରଥମ ସୋମବାର

# ଶ୍ରୀଲିଙ୍ଗରାଜ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼



ଭୁବନେଶ୍ୱର/କଟକ(ଭାସ୍କର ନ୍ୟୁଜ୍): ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର। ଏକାମ୍ର କ୍ଷେତ୍ରର ବାବା ଲିଙ୍ଗରାଜଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଛି। ୩ଟାରୁ ଆରମ୍ଭ ହୋଇଥିଲା ଜଳାଭିଷେକ। ଭକ୍ତ ମାନେ ଲମ୍ବା ଲାଇନ ଲଗାଇ ଜଳ ଲାଗି କରିଥିଲେ । ଯେପରି କାଉଡ଼ିଆମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ମଧ କମିଶନରେଟ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । କାଉଡିଆମାନେ ବ୍ୟାରିକେଡ୍‌ରେ ଧାଡ଼ିରେ ଯାଇ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଜଳଲାଗି କରି ଶାନ୍ତିଶୃଙ୍ଖଳାରେ ଫେରିଥିଲେ । ଶ୍ରାବଣର ପ୍ରଥମ ସୋମବାର ହଜାର ହଜାର ସଂଖ୍ୟାରେ କାଉଡିଆଙ୍କ ଭିଡ଼ ଜମିଥିବା ବେଳେ ଶେଷ ପାଳିରେ ଲକ୍ଷାଧିକ କାଉଡ଼ିଆଙ୍କ ସମାଗମ ହେବ ବୋଲି କୁହାଯାଉଛି । ସେହିପରି କଟକର ଐତିହ୍ୟସମ୍ପନ୍ନ ବାବା ଧବଳେଶ୍ୱରଙ୍କ ନିକଟରେ ହଜାର ହଜାର ସଂଖ୍ୟାରେ କାଉଡ଼ିଆମାନେ ଭିଡ଼ ଜମାଇ ଜଳଲାଗି କରିଥିବା ଦେଖିବାକୁ ମିଳିଛି । ଏଠାରେ ମଧ ଜିଲ୍ଲା ପ୍ରଶାସନ ଓ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ଅପରପକ୍ଷରେ ଯେଉଁ କାଉଡିଆ ଭକ୍ତମାନେ ନିକଟତମ ଶୈବପୀଠକୁ ଜଳଭାର ନେଇଥିଲେ ସେମାନେ ସୋମବାର ପ୍ରାତଃ ସମୟରେ କଟକ ଗଡ଼ଗଡ଼ିଆ ଘାଟରୁ ବୁଡ଼ ପକାଇ ଜଳଭାର ନେଇ ଯାତ୍ରା କରିଥିଲେ । ନିକଟରେ ଥିବା ଗ୍ରାମର ଶୈବପୀଠଗୁଡ଼ିକରେ ଏହି ଭକ୍ତମାନେ ଜଳାଭିଷେକ କରିଥିବା ଦେଖିବାକୁ ମିଳିଛି ।



ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ସ୍ୱାଗତ କରୁଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମେୟର ସୁଲୋଚନା ଦାସ

## ଗ୍ରୀଡ୍‌କୋ କାର୍ଯ୍ୟ ଓ ପ୍ରକଳ୍ପର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୋମବାର ଗ୍ରୀଡ଼କୋର ସମସ୍ତ ପ୍ରୋଜେକ୍ଟ ଗୁଡ଼ିକର ସମୀକ୍ଷା କରିଛନ୍ତି। ରାଜ୍ୟର ଶକ୍ତି ଭିତିଭୂମିକୁ ସୁଦୃଢ଼ କରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସବୁଜ ଲକ୍ଷ୍ୟକୁ ହାସଲ କରିବା ଦିଗରେ ଓଡ଼ିଶା ଅଗ୍ରସର ହେଉଛି। ଗ୍ରୀଡ଼କୋ ଦ୍ୱାରା ସମୁଦାୟ ୧୦ ହଜାର ୯୬୦ ମେଗାୱାଟର ପ୍ରକଳ୍ପ ବିକଶିତ ହେଉଛି । ସେଥିରେ ୭୫୦୦ ମେଗାୱାଟ ସୋଲାର୍ ପ୍ରକଳ୍ପ, ୨୦୦୦ ମେଗାୱାଟ ପବନ ଶକ୍ତି ପ୍ରକଳ୍ପ, ୧୨୦୦ ମେଗାୱାଟ ପମ୍ପଡ଼ ଷ୍ଟୋରେଜ ପ୍ରୋଜେକ୍ଟ ଓ ଅନ୍ୟାନ୍ୟ କ୍ଷୁଦ୍ର ଜଳବିଦ୍ୟୁତ ପ୍ରକଳ୍ପ ଅନ୍ତର୍ଭୁକ୍ତ ଅଟେ। ପ୍ରକଳ୍ପ ଗୁଡିକର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବିଳମ୍ବର କାରଣଗୁଡିକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅନୁଧାନ କରିଛନ୍ତି ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଫୋନ ଯୋଗେ କଥା ହୋଇ ତ୍ୱରାନ୍ୱିତ କରିବାକୁ ମଧ ପରାମର୍ଶ ଦେଇଛନ୍ତି। ପୂର୍ବରୁ କରାଯାଇଥିବା ସମୀକ୍ଷା ବିଶେଷ କରି ପ୍ରକଳ୍ପର କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଥିବା କାରଣ ଯଥା ପରିବେଶଗତ ମଞ୍ଜୁରୀ ଆଦିକୁ ନେଇ ଗତ ଦିଲ୍ଲୀ ଗସ୍ତ ସମୟରେ ଭାରତ ସରକାରଙ୍କ ପାଖରେ ଉପସ୍ଥାପନ କରି ସମାଧାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଏମଡି ଗ୍ରୀଡ଼କୋ ଡ଼ ସତ୍ୟପ୍ରିୟ ରଥ, ବିତ୍ତ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଦେବୀଦତ୍ତ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ, ଆଇଏଏସ ଶ୍ରୀମତୀ ନିବେଦିତା ମିଶ୍ର, ଗ୍ରୀଡ଼କୋ, ଓରେଡ଼ା, ଶକ୍ତି ବିଭାଗ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ମାମଲାରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡିଲା ବିଜେଡ଼ି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ମାମଲାରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପ୍ରତିକ୍ରିୟା ଦେଇଛନ୍ତି । ରାଷ୍ଟ୍ରପତିଙ୍କୁ ଲେଖିକି ଦେଇଛୁ, ଆଶା କରୁଛୁ ଆମକୁ ସମୟ ଦେବେ । ରାଷ୍ଟ୍ରପତି ହସ୍ତକ୍ଷେପ କରିବେ ବୋଲି ଆଶା କରୁଛୁ । ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ଇଂରେଜଠୁ ଅଧିକ କଠୋର ବିଜେପି ସରକାର । ଲୋକ ବିଜେପିଠାରୁ ଯେଉଁ ଭରଷା କରିଥିଲେ ତାକୁ ଛିନଭିନ କରିଦେଲେଣି । ମହିଳା କି ଚାଷୀ କାହାକୁ ସୁରକ୍ଷା ଦେଇ ପାରୁନାହାନ୍ତି । ମୁଖ୍ୟମନ୍ତ୍ରୀଙ୍କ କଥା ରାଜ୍ୟରେ କେହି ଶୁଣୁନାହାନ୍ତି । ଶାସନ କେମିତି ଚାଲିବ । ୫ ଦିନତଳୁ ଏସପି ଜାଣିଛନ୍ତି, ଜିଲ୍ଲାପାଳ ଜାଣିଛନ୍ତି, ପ୍ରିନ୍ସପାଲ ଜାଣିଛନ୍ତି ହେଲେ ସୁରକ୍ଷା ଦେଇ ପାରିଲେ ନାହିଁ । ଦିନକୁ ୧୫ଟି ଧର୍ଷଣ ହେଉଛି । ବାଲେଶ୍ୱର ଝିଅ ଟ୍ୱିଟ କଲା ପରେ ବି କେମିତି ଜାଣି ପାରିଲେନି ବୋଲି ପ୍ରଶ୍ନ ଉଠାଇଛନ୍ତି ପ୍ରମିଳା ମଲ୍ଲିକ ।

## ପୀଡିତାଙ୍କ ବାପା-ମା'ଙ୍କୁ ଭେଟି ଧର୍ମେନ୍ଦ୍ରଙ୍କ ସମବେଦନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଏଫଏମ କଲେଜ ଘଟଣାରେ ପୀଡିତାଙ୍କ ବାପାମାଆଙ୍କୁ ଭେଟି ସମବେଦନା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ସେ ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ଏମ୍ସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ,ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଘଟିଥିବା ଅଘଟଣରେ ଛାତ୍ରୀଜଣକ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କର ବାପା ମାଆଙ୍କୁ ଭେଟି ସମବେଦନା ଜଣାଇବା ସହ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏମ୍ସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କଲି । ସେ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରନ୍ତୁ, ଏହା ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ।



## ପ୍ରେମୀଯୁଗଳଙ୍କୁ କଙ୍ଗାରୁ କୋର୍ଟକୁ ଟାଣିବା ଅତ୍ୟନ୍ତ ଅନୈତିକ କାର୍ଯ୍ୟ: ଆଇନମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଘଟୁଥିବା କଙ୍ଗାରୁ କୋର୍ଟ ଉପରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ରାୟଗଡ଼ା ଲକ୍ଷ୍ମୀପୁରରେ ପ୍ରେମୀ ଯୁଗଳଙ୍କୁ କଙ୍ଗାରୁ କୋର୍ଟକୁ ଟାଣିବା ଅତ୍ୟନ୍ତ ଅନୈତିକ କାମ। ଏହା ଏକ ଘୃଣ୍ୟ ପ୍ରଥା। ଆଇନ ହାତକୁ ନେଲେ ଦଣ୍ଡିତ ହେବେ। କଙ୍ଗରୁ କୋର୍ଟ କରି ନିର୍ଯାତନା ଦେଲେ ଏନେଇ ସରକାରଙ୍କ ସ୍ପଷ୍ଟ ଆଇନ ଅଛି। ଗାଁର କିଛି ପ୍ରଭାବଶାଳୀ ଲୋକ ଏ କାମ କରୁଛନ୍ତି ବୋଲି କହିଛନ୍ତି ଆଇନ ମନ୍ତ୍ରୀ। ସଚେତନତାର ଅଭାବ ଯୋଗୁ ଏପରି ଘଟୁଛି ବୋଲି ଆଇନ ମନ୍ତ୍ରୀ ।

### ଛାତ୍ରୀ ଆତ୍ମାହୁତି ଘଟଣା

## ଛାତ୍ର କଂଗ୍ରେସ ନେତା ଉସ୍‌କାଇଥିବା ପ୍ରମାଣ ସାମାଜିକ ଗଣମାଧ୍ୟମରେ ରହିଛି: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଯେଉଁ ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟବିଦାରକ। ଏହି ଘଟଣା ସମସ୍ତ ଓଡ଼ିଶାବାସୀଙ୍କୁ ଦୁଃଖ ଦେଇଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ହୀନ ରାଜନୀତି କରୁଛି କଂଗ୍ରେସ। କଂଗ୍ରେସ ସରକାର ସମୟରେ ଛବିରାଣୀ ହତ୍ୟାକାଣ୍ଡଠାରୁ ଆରମ୍ଭ କରି ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ,ଦିଲ୍ଲୀର ନୈନା ସାହାଣୀ ଭଳି ଘଟଣା ଘଟିଥିଲା। ଏସବୁଥିରେ କଂଗ୍ରେସ କର୍ମୀ ଓ ନେତାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିଲା। ଏହାହିଁ କଂଗ୍ରେସ ଶାସନର କଳଙ୍କିତ ଇତିହାସ। କିନ୍ତୁ ପୂର୍ବରୁ କଂଗ୍ରେସ ଏସବୁ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ନ ଥିଲା। ମାତ୍ର ବିଜେପି ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଛାତ୍ରୀ ଆତ୍ମାହୂତି ଘଟଣା ପଛରେ ଛାତ୍ର କଂଗ୍ରେସର ନେତାମାନେ ଉସ୍‌କାଇଥିବା ପ୍ରମାଣ ସାମାଜିକ ଗଣମାଧ୍ୟମରେ ରହିଛି। ଏଭଳି ସମ୍ବେଦନଶୀଳ ଘଟଣାରେ ରାଜନୀତି ନକରି ଓଡ଼ିଶା ସରକାର ଉପରେ ଭରସା ରଖିବାକୁ ଶ୍ରୀ ତ୍ରିପାଠୀ କହିଛନ୍ତି। ସମ୍ମିଳନୀରେ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ଉପସ୍ଥିତ ଥିଲେ।

## ଆଧାର କେନ୍ଦ୍ରରେ ଅବ୍ୟବସ୍ଥା, କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

କଟକ(ଭାସ୍କର ନ୍ୟୁଜ୍): କଟକ ସହରରେ ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ଆଧାର କେନ୍ଦ୍ର ଗୁଡିକରେ ନାହିଁ ନଥିବା ଅବ୍ୟବସ୍ଥା ଓ କର୍ମଚାରୀଙ୍କ ଦୁର୍ବ୍ୟବାହର ନେଇ କଟକ ଜିଲ୍ଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ଦତାତ୍ରେୟ ଭାଉସାହେବ ସିନ୍ଧେଙ୍କ ନିକଟରେ ଅଭିଯୋଗ କରାଯାଇଛି। ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ଆଧାର କେନ୍ଦ୍ରଗୁଡିକରେ ତୁରନ୍ତ ସୁଧାର ଆଣିବାକୁ ଦାବୀ କରାଯାଇଛି। ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ବକ୍ସିବଜାର ସ୍ଥିତ ପ୍ରଧାନ ଡାକଘର (ଜିପିଓ)ରେ ନିଯୁକ୍ତ କିଛି ମହିଳା କର୍ମଚାରୀ ଜନସାଧାରଣଙ୍କୁ ଦୁର୍ବ୍ୟବାହର କରୁଛନ୍ତି। ସେମାନେ ଅଧିକ ଟଙ୍କା ଦେଲେ ଆଧାର କାର୍ଡ ହେବ ଓ ସଂଶୋଧନ ହେବ ବୋଲି କହୁଛନ୍ତି। ଟଙ୍କା ନ ଦେଲେ ବିଭିନ୍ନ ଆଳ ଦେଖାଇ ଆଧାର ସଂଶୋଧନ ପାଇଁ ଆସୁଥିବା ଜନସାଧାରଣଙ୍କୁ ନାହିଁ ନଥିବା ହଇରାଣ କରୁଛନ୍ତି । ଫଳରେ ହିତାଧିକାରୀମାନେ ଅନ୍‌ଲାଇନ୍‌ରେ ପୀକୃତ କରି ବାରମ୍ବାର ଦୌଡି ଦୌଡି ଶେଷରେ ନିରାଶ ହେଉଛନ୍ତି ବୋଲି ଅଭିଯୋଗ କରି ଆମ୍ବେଦକର ସ୍ମୃତି ପରିଷଦ ସଭାପତି ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଗମ୍ଭୀରତାର ସହ ବିଚାର କରି ଓ ଅନୁସନ୍ଧାନ କରିବା ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ଆଇନଜୀବୀ ଶିବ କୁମାର ବାରିକ, ଅକ୍ଷୟ କୁମାର ସାମଲ, ଇ. ତୃପ୍ତିମୟୀ, ଅନିମା ନାୟକ, ରୋଜାଲିନ ଜେନା, ପ୍ରଫୁଲ୍ଲ ନାୟକ, ସୌମେନ୍ଦ୍ର ସେଠୀ, ଅଶୋକ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ ।

## ଟରେଣ୍ଟୋ ରଥଯାତ୍ରାରେ ଅଣ୍ଡା ପକାଇବା ଘଟଣାକୁ ନବୀନଙ୍କ ନିନ୍ଦା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିରୋଧୀ ଦଳ ନେତା ଓ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ କନାଡାର ଟରେଣ୍ଟୋରେ ଆୟୋଜିତ ରଥଯାତ୍ରା ମହୋତ୍ସବ ସମୟରେ ଭକ୍ତମାନଙ୍କ ଉପରକୁ ଅଣ୍ଡା ଫିଙ୍ଗିବା ଘଟଣାକୁ ନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ସୋସିଆଲ ମିଡିଆରେ ପ୍ରତିକ୍ରିୟା ଦେଇ, ସେ ଏହାକୁ 'ଗୁରୁତର ଭାବେ ବିଚଳିତ କରିବା ଘଟଣା' ବୋଲି କହିଛନ୍ତି ଓ ଏହା ଶ୍ରୀଜଗନ୍ନାଥ ଭକ୍ତମାନଙ୍କର ଧାର୍ମିକ ଆସ୍ଥା ଉପରେ ସିଧା ଆଘାତ ବୋଲି ଉଲ୍ଲେଖ କରିଛନ୍ତି। ଶ୍ରୀ ପଟ୍ଟନାୟକ ଲେଖିଛନ୍ତି ଯେ, 'ଏହି ଘଟଣା କେବଳ ରଥଯାତ୍ରା ପରି ପବିତ୍ର ଉତ୍ସବର ଗାରିମାର ଅପମାନ ନୁହେଁ, ବରଂ ଓଡ଼ିଶା ଲୋକଙ୍କ ପାଇଁ ଏହା ଅତ୍ୟନ୍ତ ପୀଡାଦାୟକ, କାରଣ ଏହି ପର୍ବ ତାଙ୍କ ପାଇଁ ଗଭୀର ସାଂସ୍କୃତିକ ଓ ଆଧାତ୍ମିକ ଗୁରୁତ୍ୱ ରଖେ। ସେ ରାଜ୍ୟ ସରକାରଙ୍କୁ ମାମଲାକୁ ଗୁରୁତ୍ୱର ସହ ନେବାକୁ ଅପିଲ କରିଛନ୍ତି ଏବଂ ବୈଦେଶିକ ମନ୍ତ୍ରାଳୟକୁ ଅନୁରୋଧ ଯେ, ଯଦି ମିଡିଆ ରିପୋର୍ଟସ ସତ୍ୟ ତେବେ ସେ କାନାଡା ପ୍ରଶାସନ ନିକଟରେ ଏହାକୁ ବିରୋଧ କରୁଛୁ ।

## ରାସୋଳ ମଦମୃତ୍ୟୁ ଘଟଣା ସମ୍ପୂର୍ଣ୍ଣ ମିଥ୍ୟା: ଅବକାରୀ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ରାସୋଳରେ ମଦ ମୃତ୍ୟୁ ଘଟଣା ସମ୍ପୂର୍ଣ ରୂପେ ମିଥ୍ୟା ଘଟଣା ବୋଲି କହିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ମିଛ କଥା କାରଣରୁ ତାହା ବନ୍ଦ ହେଲା । କିଡ଼ନୀ ରୋଗୀଙ୍କ ମୃତ୍ୟୁ ହେଲା ତାଙ୍କୁ ମଦ ମୃତ୍ୟୁ କୁହାଗଲା । ମିଡ଼ିଆ ଏ ବିଷୟରେ ଅବଗତ ହେବା ପରେ ଖବର ବନ୍ଦ ହେଲା । ମଦ ମୃତ୍ୟୁ ନେଇ ଅନେକ ଗୁଡିଏ ମିଥ୍ୟା କଥା ଆସୁଛି । ସମସ୍ତ ଜିଲ୍ଲାର ସୁପରିଟେଣ୍ଡେଣ୍ଟ ଏକ୍ସସାଇଜ ଅଫିସରଙ୍କ ସମୀକ୍ଷା ବୈଠକରେ ସମ୍ପୂର୍ଣ ରୂପେ ସ୍ୱାଧୀନତା ଦିଆଯାଇଛି । ଯେଉଁ ଜାଗାରେ ଚୋରା ମଦ ଏବଂ ବିଦେଶୀ ମଦର କୋଚିଆ ବିକ୍ରି ହେଉଛି । ସେସବୁ ସମୂଳେ ନିପାତ କରାଯିବ ।

## ଦଳୀୟ ବିଶୃଙ୍ଖଳା ଆଚରଣ ଯୋଗୁ କଂଗ୍ରେସରୁ ୨ ନିଲମ୍ବିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁରୀରେ ଗତ ୧୬ରେ ଓଡ଼ିଶା ପ୍ରଦେଶ କଂଗ୍ରେସର ଭାରତ ବଞ୍ଚାଅ ସମାବେଶରେ ଦଳୀୟ ବିଶୃଙ୍ଖଳା ଜନିତ ଆଚରଣ ଯୋଗୁଁ ପୂର୍ବତନ ପୁରୀ ଟାଉନ କଂଗ୍ରେସ ବ୍ଲକ-୧ ସଭାପତି ଛବିନ୍ଦ୍ର ପଢ଼ୀଆରୀ, ପୁରୀ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର ଏବଂ ପୂର୍ବତନ ପୁରୀ ସଦର ବ୍ଲକ ସଭାପତି ଅବିନାଶ ମିଶ୍ରଙ୍କୁ କଂଗ୍ରେସ ଦଳରୁ ୬ ମାସ ପାଇଁ ନିଲମ୍ବିତ କରାଯାଇଛି।

### ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଉଦ୍ୟମ ପ୍ରସଙ୍ଗ

## ଶିକ୍ଷାମନ୍ତ୍ରୀ ଓ ସାଂସଦଙ୍କ କୁଶପୁତ୍ତଳିକା ଦାହ

କଟକ(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଏଫ୍.ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି କଲେଜ ପରିସରରେ ନିଜ ଦେହରେ ନିଆଁ ଲଗେଇ ଆତ୍ମାହୁତି ଉଦ୍ୟମ ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ କଂଗ୍ରେସ ପକ୍ଷରୁ ଶିକ୍ଷାମନ୍ତ୍ରୀ ଓ ସାଂସଦଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ସୌମ୍ୟାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାବେଳେ ନ୍ୟାୟ ଦାବିରେ କଲେଜ କର୍ତ୍ତୃପକ୍ଷ, ପ୍ରଶାସନ, ମନ୍ତ୍ରୀ ସାଂସଦଙ୍କୁ ଦାୟୀ କରି କଟକ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଶତାଧିକ ଯୁବଛାତ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟ ଗେଟ୍ ସମ୍ମୁଖରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ବାଲେଶ୍ୱର ସାଂସଦଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଦଳ ପକ୍ଷରୁ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ଦାବୀ କରିବା ସହ ସାଂସଦ, ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ଡ଼. ବିପ୍ଳବ ଶିଳାଦିତ୍ୟ ଓ ସଭାପତି ଆଶୁତୋଷ ରାଉତଙ୍କ ନେତୃତ୍ୱରେ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ କୁମାର ଅଗ୍ରୱାଲ, ଛାତ୍ର ନେତା ସତ୍ୟଜିତ ସେଠୀ, ବିଭୂତି ଦ୍ୱିବେଦୀ, ଅଭିଷେକ ପଟ୍ଟନାୟକ, କଟକ ନଗର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ ।

## ପିଜିଟି ଶିକ୍ଷକଙ୍କ ୫ ଦିନିଆ ତାଲିମ କାର୍ଯ୍ୟକ୍ରମ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସ୍ନାତକୋତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ୫ ଦିନିଆ ପ୍ରଶିକ୍ଷଣ ଶିରିପୁରସ୍ଥିତ ଇମେଜ୍ ଠାରେ ଆୟୋଜିତ କରାଯାଇଛି । ଏହି ପ୍ରଶିକ୍ଷଣରେ ୧୨୫ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି । ଉଦଘାଟନୀ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ସ୍ନିଗ୍ଧା ମିଶ୍ର ଓ ଉପ-ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଉପସ୍ଥିତ ଥିଲେ । ଉଦଘାଟନୀ ଅଧିବେଶନରେ ଯୋଗ ଦେଇ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ନନ୍ଦ କହିଛନ୍ତି, ସ୍ୱର୍ଣ୍ଣାଭ ଭବିଷ୍ୟତ ଗଠନ ନିମନ୍ତେ ଶିକ୍ଷକମାନଙ୍କ ଦକ୍ଷତା ବିକାଶର ଆବଶ୍ୟକତା ରହିଛି। ଏହି ତାଲିମ୍ କାର୍ଯ୍ୟକ୍ରମ ସେହି ସୁଯୋଗ ଆଣିଦେଇଛି। ଏହି ତାଲିମ୍ କାର୍ଯ୍ୟକ୍ରମ ଜ୍ଞାନର ପରିସୀମାକୁ ପରିବ୍ୟାପ୍ତ କରିବ। ଏଥିସହ ସ୍ୱ-ଅଧ୍ୟୟନକୁ ଗୁରୁତ୍ୱ ଦେବା ଫଳରେ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ଗଠନ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି । ସେହିପରି ନିର୍ଦ୍ଦେଶକ ଶ୍ରୀ ଆୟର୍ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ତାଲିମ୍ କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ତାଲିମ୍ କାର୍ଯ୍ୟକ୍ରମ ପିଜିଟି ଶିକ୍ଷକମାନଙ୍କ ବ୍ୟକ୍ତିଗତ ବିକାଶକୁ ଅଧିକ ଗୁରୁତ୍ୱ ଦେବ । ଏଥିସହ ଚାରୋଟି ପର୍ଯ୍ୟାୟରେ ପିଜିଟି ଶିକ୍ଷକମାନଙ୍କୁ ତାଲିମ୍ ଦିଆଯିବ ବୋଲି ସୂଚନା ଦେଇଥିବା ବେଳେ ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ତାଲିମ୍ ଦିଆଯାଇଥିବା ସେ କହିଛନ୍ତି ।

## ବିଭିନ୍ନ ନଦୀର ଜଳସ୍ତର ସତର୍କ ଲେବୁଲ୍‌ରୁ କମ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜିର ସ୍ଥିତି ଅନୁସାରେ, ବିଭିନ୍ନ ନଦୀର ଜଳ ସ୍ତର ସତର୍କ ଲେବୁଲରୁ କମ ଅଛି। ଦେଖିବାକୁ ପଡିବ ଲଘୁଚାପରେ କେତେ ବର୍ଷା ହେଉଛି ଓ ଜଳ ପ୍ରବେଶ ଓ ନିଷ୍କାସନ ସ୍ଥିତି ଦେଖିବାକୁ ପଡିବ। ସୁବର୍ଣ୍ଣରେଖାରେ ଯେଉଁ ବର୍ଷା ହେବ, ତାହା ଝାଡ଼ଖଣ୍ଡର ଚାନ୍ଦିଲି ଡ୍ୟାମର ନିଷ୍କାସନକୁ ନେଇ ଆକଳନ କରିବାକୁ ହେବ। ଏହା କେନ୍ଦୁଝର, ବାଲେଶ୍ୱର ଓ ମୟୁରଭଞ୍ଜର ବର୍ଷା ସ୍ଥିତିକୁ ଦେଖି ହିସାବକୁ ନିଆଯିବ।ହୀରାକୁଦରେ ଜଳ ପ୍ରବେଶ କମିବାରୁ ଦୁଇଟି ଗେଟ ଖୋଲା ଅଛି। ଆଗାମୀ ଦିନରେ ବର୍ଷାକୁ ଦେଖି ଯାହା ନିଷ୍ପତି ନିଆଯିବ ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ସୂଚନା ଦେଇଛନ୍ତି।



ରାଜଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଭେଟିବାକୁ ଯାଉଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସହ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ଜୟଦେବ ଜେନା ।

## ବିସିଏସିର ନୂତନ କାର୍ଯ୍ୟାଳୟ କାର୍ଯ୍ୟକର୍ତ୍ତା ନିର୍ବାଚିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ସାଇକେଲିଂ ଆଣ୍ଡ ଆଡଭେନ୍‌ଚର କ୍ଲବ୍ (ବିସିଏସି)ର ନୂତନ କାର୍ଯ୍ୟାଳୟ କାର୍ଯ୍ୟକର୍ତ୍ତା ନିର୍ବାଚିତ ହୋଇଛନ୍ତି । ଏଥିରେ ସଭାପତି ଭାବେ ତିନିବର୍ଷ ପାଇଁ ଏଡିଜି ସଞ୍ଜୀବ ପଣ୍ଡା ନିର୍ବାଚିତ ହୋଇଥିବା ବେଳେ ପୂର୍ବତନ ଆଇପିଏସ୍ ଲଳିତ ଦାସ, ଉପସଭାପତି, ଅଜୟ କୁମାର ନନ୍ଦ ସମ୍ପାଦକ ଓ ଶିବାଶିଷ ମହାନ୍ତି କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ୧୦ଜଣ ସଦସ୍ୟ କାର୍ଯ୍ୟନିର୍ବାହୀ କମିଟିକୁ ଯିବା ନିମନ୍ତେ ନିର୍ବାଚନ କମିଶନର କୁମାର ଦେବଦତ୍ତଙ୍କ ଜରିଆରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ତେବେ ୧୧ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ନିର୍ବାଚନରେ ୧୦ଜଣ ନିର୍ବାଚିତ ହୋଇଥିବା ଜଣାପଡ଼ିଛି ।

## ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମର ନ୍ୟାୟିକ ତଦନ୍ତ ଦାବି କଲା କଂଗ୍ରେସ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ପ୍ରସଙ୍ଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନ୍ୟାୟିକ ତଦନ୍ତ ଦାବି କରାଯାଇଛି। ନଚେତ ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ୱାବଧାନରେ ସିବିଆଇକୁ ମଧ୍ୟ ତଦନ୍ତ ଭାର ଅର୍ପଣ କରାଯାଇ ପାରିବ ବୋଲି ସୋମବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ରାଜ୍ୟ ସରକାର ଯଦି ମହିଳା ଆୟୋଗ ଗଠନ କରିଥାନ୍ତେ ହୁଏତ ଏପରି ଦୁର୍ଭାଗ୍ୟଜନକ ଘଟଣା ଘଟିନଥାନ୍ତା। ଘଟଣାର ବହୁଦିନ ପୂର୍ବରୁ ଛାତ୍ରୀଜଣକ ଉଚ୍ଚଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ଜାତୀୟ ମହିଳା କମିଶନଙ୍କୁ ଅଧ୍ୟାପକଙ୍କ ଯୌନ ଆବେଦନ ଓ ମାନସିକ ନିର୍ଯାତନା ନେଇ ଟୁଇଟ୍ ମଧ୍ୟ କରିଥିଲେ। ରାଜ୍ୟ ମହିଳା କମିଶନ ଥିଲେ ଏହି ପ୍ରସଙ୍ଗରେ ହୁଏତ ପୁଲିସ ଡିଜିଙ୍କୁ ଜବାବ ଦେବାପାଇଁ କହିଥାନ୍ତେ। ତେଣୁକରି ମୁଖ୍ୟମନ୍ତ୍ରୀ ମଧ୍ୟ କାଠଗଡାରେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ, ଉକ୍ତ ଅଧ୍ୟାପକଙ୍କର କଳଙ୍କିତ ଅତୀତ ରହିଥିବାରୁ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ଥିଲା। ଆଶ୍ଚର୍ଯ୍ୟର କଥା, ଏବିଭିପି କାର୍ଯ୍ୟକର୍ତାଙ୍କ ପ୍ରତି ଅତ୍ୟାଚାର ହେଲା, ଅଥଚ ଖୋଦ୍ ବିଜେପିର ସାଂସଦ ଓ ବିଧାୟକ ତାଙ୍କୁ ସୁରକ୍ଷା ଦେଇ ପାରିଲେନି। ଏବେ କଣ ପାଇଁ ବିଜେପିର ନେତାମାନେ ଡାକ୍ତରଖାନା ଯାଉଛନ୍ତି ? ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ପିସିସି ସଭାପତି ଭକ୍ତ ଚରଣ ଦାସ ଆରମ୍ଭ କରିଥିବା ଆନ୍ଦୋଳନ ଆଗକୁ ମଧ୍ୟ ଚାଲିବ। ଓଡ଼ିଶାର ଝିଅ ହୋଇଥିବାରୁ ନିଜ ଦୁଇ ଦିନିଆ ଓଡ଼ିଶା ଗସ୍ତ ବେଳେ ସମୟ ବାହାର କରି ପିସିସିର ପ୍ରତିନିଧିଦଳକୁ ରାଷ୍ଟ୍ରପତି ସମୟ ଦେବେ ବୋଲି ଶ୍ରୀ ଜେନା ଆଶା ପ୍ରକାଶ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଥିଲେ ବିଧାନସଭାରେ ଆମେ ମହିଳା ନିର୍ଯାତନା ପ୍ରସଙ୍ଗ ଉଠାଇବାରୁ ଆମେ ସମସ୍ତେ ମହିଳା ବାଚସ୍ପତିଙ୍କ ଦ୍ୱାରା ନିଲମ୍ବିତ ହୋଇଥିଲୁ। ଆଶାକରୁଛୁ ଏହି ଘଟଣାରେ ବାଚସ୍ପତି ସମ୍ବେଦନଶୀଳ ହେବେ। ନିଜ ସଂଗଠନର ଜଣେ ମହିଳା କାର୍ଯ୍ୟକର୍ତାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଏବିଭିପି କର୍ମୀମାନେ ତାଙ୍କୁ ଏମସ୍ ପରିସରରେ ବାଧା ଉପୁଯାଇବା ଘୋର ନିନ୍ଦନୀୟ ବୋଲୀ ଶ୍ରୀ କାଡାମ କହିଥିଲେ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"
-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"
-ବି.ଆର୍ ଆମ୍ବେଦକର



## ନିର୍ଯାତନାର ନଗ୍ନରୂପ

# ରାଜ୍ୟବ୍ୟାପୀ କ୍ରୋଧର ନିଆଁ

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବିଏଡ୍ ଦ୍ୱିତୀୟ ବାର୍ଷିକ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମକୁ ନେଇ ସାରା ରାଜ୍ୟରେ କ୍ରୋଧ ଓ ଅସନ୍ତୋଷର ନିଆଁ ଜଳୁଥିବା ବେଳେ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜା ଓ ପ୍ରାର୍ଥନା ଜାରି ରହିଛି। ସଂପୃକ୍ତ ମହାବିଦ୍ୟାଳୟର ଶିକ୍ଷକ ବିଭାଗର ମୁଖ୍ୟ ଅଧ୍ୟାପକଙ୍କ ଦ୍ୱାରା ମାନସିକ ନିର୍ଯାତନାର ଶିକାର ହେବା ପରେ ଛାତ୍ରୀଜଣକ ନ୍ୟାୟ ପାଇବା ପାଇଁ ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭ କରି ପୋଲିସ ଓ ଲୋକପ୍ରତିନିଧିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଆକୁଳ ପ୍ରାର୍ଥନା କରିଥିଲେ। କିନ୍ତୁ କୌଣସି ଠାରୁ ନ୍ୟାୟ ନମିଳିବାରୁ ପରିଶେଷରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ଅଗ୍ନି ସଂଯୋଗ କଲା ଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି। ଶରୀରର ୯୫ ପ୍ରତିଶତ ପୋଡ଼ି ଯାଇଥିବା ପୀଡ଼ିତା ଛାତ୍ରୀ ଏବେ ରାଜ୍ୟ ପ୍ରଶାସନର ପ୍ରାଣକେନ୍ଦ୍ର ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହେବା ସଙ୍ଗେ ସଙ୍ଗେ ଜୀବନ-ମୃତ୍ୟୁର ସନ୍ଧିକ୍ଷଣରେ ରହିଛନ୍ତି ଏବଂ ତାଙ୍କ ଅବସ୍ଥା ଖୁବ୍ ସଙ୍କଟାପନ୍ନ ଥିବାର ଜଣାପଡ଼ିଛି। ତାଙ୍କୁ ବଞ୍ଚାଇବା ପାଇଁ ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଥିବା ବେଳେ ଶରୀର ଭିତରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗରେ ଗୁରୁତର ଆଘାତ ଲାଗିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ଦଳମତ ନିର୍ବିଶେଷରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଏମ୍ସକୁ ଯାଇ ଚିକିତ୍ସା ବ୍ୟବସ୍ଥା ତଦାରଖ କରିବା ସହିତ ଡାକ୍ତରମାନଙ୍କ ସହ ଆଲୋଚନା କରିଛନ୍ତି। ଅଭିଯୁକ୍ତ ମୁଖ୍ୟ ଅଧ୍ୟାପକଙ୍କ ମାନସିକ ନିର୍ଯାତନା ସମ୍ପର୍କରେ ଅଧ୍ୟକ୍ଷଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ସେ ଏଥିପ୍ରତି ଗୁରୁତ୍ୱ ନଦେବା ଓ ଉଦାସୀନ ମନୋଭାବ ପୋଷଣ କରିବା ଏହି ଦୁର୍ଭାଗ୍ୟଜନକ ଘଟଣାକୁ ଅଧିକ ରହସ୍ୟମୟ କରୁଛି। ବର୍ତ୍ତମାନ ପୀଡ଼ିତାଙ୍କ ପ୍ରତି ଯେତିକି ସହାନୁଭୂତି ଓ ସମବେଦନାର ସୁଅ ଛୁଟି ଚାଲିଛି ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରିଛି, ଗୋଟିଏ ସପ୍ତାହ ପୂର୍ବରୁ ତାଙ୍କର ଆକୁଳ ନିବେଦନ ପ୍ରତି କର୍ଣ୍ଣପାତ କରିଥିଲେ ଏହି ହୃଦୟବିଦାରକ ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା। ଅବଶ୍ୟ ଘଟଣା ଘଟିବା ପରେ ପ୍ରଶାସନ ଓ ପୋଲିସ କିଛିଟା ତତ୍ପରତା ପ୍ରକାଶ କରି ସଂପୃକ୍ତ ଅଧ୍ୟାପକଙ୍କୁ ଗିରଫ କରିବା ସଙ୍ଗେ ସଙ୍ଗେ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଘଟଣାର ତଦନ୍ତ ଆରମ୍ଭ କରିସାରିଛି। ରବିବାର ଦିନ ଏହି କମିଟି ଫକିରମୋହନ କଲେଜକୁ ଯାଇ ନିଲମ୍ବିତ ଅଧ୍ୟକ୍ଷଙ୍କୁ ଚାରି ଘଣ୍ଟା କାଳ ଜେରା କରିଥିଲେ। ଜାତୀୟ ମହିଳା କମିଶନ ମଧ୍ୟ ନିଜଆଡ଼ୁ ଏହି ଘଟଣାରେ ହସ୍ତକ୍ଷେପ କରି ରାଜ୍ୟ ସରକାରଙ୍କୁ ଜବାବ୍ ତଲବ କରିଛନ୍ତି। କମିଶନ ଅଧ୍ୟକ୍ଷା ଏହି ଘଟଣାକୁ ନିନ୍ଦା କରିବା ସଙ୍ଗେ ସଙ୍ଗେ ପୋଲିସ ଡିଜି ସଠିକ୍ ଅନୁସନ୍ଧାନ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ରାଜନୈତିକ ଦଳ ଓ ଛାତ୍ର ସଂଗଠନ ଏହି ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି। ତେବେ ଆଜି ବାଲେଶ୍ୱରରେ ଯାହା ଘଟିଲା, ଅତୀତରେ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରୁ ଅନୁରୂପ ଅଭିଯୋଗ ଆସିଥିଲା। ମାତ୍ର ଶିକ୍ଷା ପ୍ରଶାସନ ସେଥିପ୍ରତି ଯେତିକି ଧ୍ୟାନ ଦେବାର କଥା, ତାହା ଦେଇଥିଲେ ହୁଏତ ଏଭଳି ଦୁଃଖଦ ଘଟଣା ଘଟିନଥାନ୍ତା। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କର ନିରାପତ୍ତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ସହିତ ଯେକୌଣସି ଅଭିଯୋଗ ସମ୍ପର୍କରେ ତ୍ୱରିତ ପଦକ୍ଷେପ ଗ୍ରହଣର ଜରୁରି ଆବଶ୍ୟକତା ରହିଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ରାଜନୈତିକ ବିଚାରଧାରା ଠାରୁ ଊର୍ଦ୍ଧ୍ୱରେ ରଖି ପ୍ରକୃତ ଦୋଷୀ ଯେପରି ଦଣ୍ଡିତ ହୁଅନ୍ତି, ସେ ଦିଗରେ ପଦକ୍ଷେପ ନିଆଯିବା ବିଜ୍ଞତାର କାର୍ଯ୍ୟ ହେବ।

# ବଡ଼ ନଦୀର ମାଲିକ କିଏ ?



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain@gmail.com
ମୋ: ୯୪୩୭୦୨୦୨୯୦

ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଏହାକୁ କହୁଛନ୍ତି ଗୋଟିଏ ପାଣି ବୋମା ବୋଲି। ଏହା ଚୀନର ଯୋଜନାବଦ୍ଧ ୬୦ ଗିଗାୱାଟ ବିଶାଳ ଡ୍ୟାମ୍ ଭାରତର ଚୀନ ସୀମାରେ ନିର୍ମାଣ କରିଛି। ଏହା ଏକ ଚିରନ୍ତନ ବିପଦ ତାଙ୍କ ରାଜ୍ୟ ପ୍ରତି। ଏହା ଏକ ତାଙ୍କ ରାଜ୍ୟର ସ୍ଥିତିଗତ ବିପଦ। ଏହା ସେଠାକାର ଜନଜାତି ଲୋକମାନଙ୍କର ଓ ସେମାନଙ୍କର ଜୀବନ ବଞ୍ଚାଇବାର ଏକ ସମସ୍ୟା। ଏହା ଭାରତର ଉତ୍ତର-ପୂର୍ବାଞ୍ଚଳ ପାଇଁ ଗୋଟିଏ ବିପଦ। କାରଣ ଚୀନର ଏହା ହେଉଛି ଗୋଟିଏ ଜଳଗତ ଆଗ୍ରାସୀ ଯାହାର ନାମ ହେଉଛି ଯାରଲୁଙ୍ଗ ଟ୍ସାଙ୍ଗପୋ ଯାହାକୁ ଭାରତରେ ବ୍ରହ୍ମପୁତ୍ର ନଦୀ ବୋଲି କୁହାଯାଇଥାଏ। ଏହା ଆମ୍ଭମାନଙ୍କ ଦିନମାନଙ୍କରେ ଆହୁରି ବିପଦଜନକ ହୋଇପାରେ। ପେମା ଖାଣ୍ଡୁ ମଧ୍ୟ ଗଭୀର ପ୍ରାସଙ୍ଗିକତା ଏଠାକୁ ଦେଇଛନ୍ତି। ଯାହା ଆସାମର ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ନିକଟ ଅତୀତରେ ସମ୍ପୂର୍ଣ୍ଣ ଭାବରେ ଆକ୍ଷେପ କରି କହିଥିଲେ ଯେ, ପାକିସ୍ତାନ-ଭାରତ ମଧ୍ୟରେ ଯେଉଁ ସିନ୍ଧୁ ନଦୀ ଜଳ ବଣ୍ଟନ ସମସ୍ୟା ଅଛି ଏହା ତାହା ନୁହେଁ। ଭାରତ ବିପଦରେ ପଡ଼ିବ ଯଦି ଚୀନ ବ୍ରହ୍ମପୁତ୍ରର ନଦୀ ଜଳକୁ ଅଟକାଇ ରଖେ ଓ ଭାରତ ଏବେ ସିନ୍ଧୁ ନଦୀ ଜଳବଣ୍ଟନ ଚୁକ୍ତିକୁ ସ୍ଥଗିତ କରି ରଖିଛି। ହେମନ୍ତ ବିଶ୍ୱଶର୍ମା କହିଛନ୍ତି ଯେ, ଚୀନ ଯଦି ବ୍ରହ୍ମପୁତ୍ରର ଜଳକୁ ଅଟକାଇ ଦିଏ ଅବା ଏହାକୁ ଅନ୍ୟବାଟରେ ବୁଲାଇ ନିଏ, ଏହା ବରଂ ଭାରତର ଉତ୍ତର ପୂର୍ବାଞ୍ଚଳର ଲାଭ କରିବ। ଏହା ମଧ୍ୟ ପ୍ରସ୍ତୁତ ହେବ ଭାରତର ଉତ୍ତର ପୂର୍ବାଞ୍ଚଳକୁ ସାହାଯ୍ୟ କରିବାରେ। ଏହା ହେଉଛି ଗୋଟିଏ ରାଜନୈତିକ ଆକ୍ଷେପ ଚୀନ ପ୍ରତି। ଏହା ମଧ୍ୟ ଭାରତର ଉତ୍ତର ପୂର୍ବାଞ୍ଚଳ ପ୍ରତି ଗୋଟିଏ ଆଶ୍ୱାସ ଯାହା ହେଉଛି ଗୋଟିଏ ପୁରୁଣା ରାଜନୈତିକ ବିରୋଧ। ଏହା ମଧ୍ୟ କହିଲା ଯେ, ଭାରତର ବାସ୍ତବ ଜଳ ବିବାଦ ଚୀନ ସହ ଅଛି, ପାକିସ୍ତାନ ନୁହେଁ। ଭାରତର ସିନ୍ଧୁ ନଦୀ ଜଳ ବଣ୍ଟନ ଅପେକ୍ଷା ଯେଉଁଠି ଭାରତର ଉପର ସ୍ତରରେ ରହିଥିବା ସୁବିଧା ମିଳୁଥିଲା ବେଳେ ପାକିସ୍ତାନ ଅତି ଗୁରୁତର ଭାବରେ ସିନ୍ଧୁ ନଦୀର ଜଳ ପ୍ରଭାବ ଉପରେ ନିର୍ଭର କରୁଛି। ବ୍ରହ୍ମପୁତ୍ରର ଜଳ ହେଉଛି ଦୁଇ ଦେଶ ମଧ୍ୟରେ ସିଧାସଳଖ ବେଶୀ ବଣ୍ଟିତ ନୁହେଁ। ଚୀନ ଗୋଟିଏ ଉପର ଅଞ୍ଚଳର ଅବସ୍ଥିତିକୁ ବଢ଼ାଇଥାଏ ଏବଂ ଗୋଟିଏ ଉପର ଅଞ୍ଚଳରୁ ପରିସ୍ଥିତିକୁ ଘଟାଇଥାଏ। କିନ୍ତୁ ଏହାର ସ୍ଥିତି ହେଉଛି ସମ୍ପୂର୍ଣ୍ଣ ସମାନ ନୁହେଁ। ବ୍ରହ୍ମପୁତ୍ରର ଜଳ ପ୍ରାୟ ଅଧିକାଂଶ ପରିମାଣରେ ଆସିଥାଏ ଯେତେବେଳେ ଏହା ଭାରତ ମଧ୍ୟକୁ ପ୍ରବେଶ କରେ ଏବଂ କାରଣ ବିଭିନ୍ନ ପ୍ରକାର ଉପନଦୀମାନେ ବିପୁଳ ପରିମାଣରେ ଜଳ ଏହି ନଦୀକୁ ଦେଇଥାନ୍ତି। ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଲୋହିତ, ଦିବାଙ୍ଗ ଏବଂ ଅନ୍ୟ କେତେକ ହିମାଳୟର ଅଞ୍ଚଳମାନ। ଯାଇଙ୍ଗ ୬୩୫ କିମି ଦେଇ ତିବ୍ବତରେ ମାଳଭୂମିରେ ଗତି କରିଛି ଏବଂ କୁହାଯାଏ ଅନେକ ଦେବା ମାତ୍ରକେ ଗୋଟିଏ ନଦୀର ଉପରମୁଣ୍ଡର ଏଥିରେ ଜଳ ଆସିଥାଏ। କେବଳ ଏହା ସିଆଙ୍ଗ ଗର୍ଜ ମଧ୍ୟ ଦେଇ ଅରୁଣାଚଳ ପ୍ରଦେଶକୁ ପ୍ରବେଶ କରିଥାଏ ଏବଂ ଏହା ବ୍ରହ୍ମପୁତ୍ରରେ ପରିଣତ ହୋଇଥାଏ। ଏହାର ପରିସ୍ଥିତି ନାଟକୀୟ ଭାବରେ ପରିବର୍ତ୍ତନ ହୋଇଥାଏ। ଲୋକମାନଙ୍କର ସାଧାରଣ ଧାରଣା ଯେ, ଉପର ଅଞ୍ଚଳର ଅଧିକାର ହେଉଛି ନଦୀର ଜଳ ଉପରେ ନିୟନ୍ତ୍ରଣ। ତିବ୍ବତ କେବଳ ୧୪% ସମ୍ପୂର୍ଣ୍ଣ ନଦୀ ଜଳକୁ ଯୋଗାଇ ଥାଏ। ୮୬% ଜଳ ବ୍ରହ୍ମପୁତ୍ରରେ ଆସିଥାଏ ଭାରତ ମଧ୍ୟକୁ। ଯାହା ଭାରତର ମୌସୁମୀ ବାୟୁ ବର୍ଷାରୁ ଆସିଥାଏ। ଏହି ମୌସୁମୀ ବାୟୁ ବର୍ଷା ଭାରତରେ ଘଟିଥାଏ ଏବଂ ଏହାଦ୍ୱାରା ସ୍ରୋତ ସୃଷ୍ଟି ହୋଇଥାଏ। ଏହି ଜଳ ପ୍ରବାହଜନିତ ଘଟଣା ଭାରତକୁ ଗୋଟିଏ ଶାନ୍ତ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସୁବିଧା ଦେଇଥାଏ ଅଥଚ ଭାରତ-ପାକିସ୍ତାନ ଉପରେ ସିନ୍ଧୁ ନଦୀର ଜଳକୁ ନେଇ ନିୟନ୍ତ୍ରଣ ରଖିଛି। ଚୀନ ହେଉଛି ସେମିତି କୌଣସି ପ୍ରାଧାନ୍ୟ ବ୍ରହ୍ମପୁତ୍ର ଉପରେ ରଖିଥିବା ଦେଶ ନୁହେଁ। ଚୀନ ହେଉଛି ଗୋଟିଏ ଜଳ ପ୍ରାବଲ୍ୟର ସୂତ୍ରଧର। କିନ୍ତୁ ଚୀନ ଗୋଟିଏ ଜଳକୁ ନିୟନ୍ତ୍ରଣ କରି ରଖିଥିବା ଅଞ୍ଚଳ ନୁହେଁ। ବର୍ତ୍ତମାନର ଅଧ୍ୟୟନଗୁଡ଼ିକ ଦର୍ଶାଉଛି ଯେ, ଯେଠାରେ ବରଫ ତରଳେ ଏବଂ ସାରା ବର୍ଷର ଜଳର ୬ ପ୍ରତିଶତ ସେଠାରେ ଦେଇଥାଏ। ଏହା ଉପର ବ୍ରହ୍ମପୁତ୍ରରୁ ଯାହା ଚୀନର ଅଞ୍ଚଳ ଅଟେ ଯେଉଁଠି କିଛି ଅଙ୍କ ପାଣି ଅଧିକା ଆସିଥାଏ ଯାହା ହେଉଛି ୨୧ରୁ ୨୫ ପ୍ରତିଶତ। କିନ୍ତୁ ଏଠାରେ ମଧ୍ୟ ବର୍ଷା ପାଣି ୨୯ ପ୍ରତିଶତ ବ୍ରହ୍ମପୁତ୍ରକୁ ଆସିଥାଏ। ବିଶ୍ୱ ତାପନ ଯୋଗୁ ବ୍ରହ୍ମପୁତ୍ର ନଦୀରେ ବର୍ଷା। ଯୋଗୁଁ ଅଧିକାଂଶ ଜଳ ଆସିଥାଏ। ଯେତେବେଳେ ବରଫ ତରଳେ ସେତେବେଳେ ଜଳର ପରିମାଣ କିଛି ପରିମାଣରେ କମିଯାଏ। ଯାହା ଉପର ଅଞ୍ଚଳରେ କିଛି ପରିମାଣରେ ଆସିଥାଏ। ଏଠାରେ ଜଳ ପ୍ରାୟ ୨୨ ପ୍ରତିଶତ କମି ଯାଇଥାଏ। ଏହାର ଅର୍ଥ ହେଉଛି ଦୁଇଟି। ପ୍ରଥମତଃ ଯେଉଁ ବର୍ଷା ହୁଏ, ସେଗୁଡ଼ିକ ଅସ୍ଥିର। ବିଶେଷକରି ପ୍ରାକ୍ ମୌସୁମୀ ଅବସ୍ଥାରେ ଓ ଅଧିକ ଅସ୍ଥିର ଅଟେ। ଯେତେବେଳେ ବର୍ଷା ବହୁ ଜୋର୍‌ରେ ହୁଏ, ବ୍ରହ୍ମପୁତ୍ରରେ ସେତେବେଳେ ଅଧିକ ପରିମାଣରେ ଜଳ ପ୍ରବାହିତ ହୋଇଥାଏ। ଜଳବାୟୁ ମଡେଲଗୁଡ଼ିକ କହନ୍ତି, ବ୍ରହ୍ମପୁତ୍ରରେ ୮ ପ୍ରତିଶତ ବର୍ଷା ବଢ଼େ। ପ୍ରତ୍ୟେକ ବର୍ଷ ଯାହା ପ୍ରାକ୍ ମୌସୁମୀ ବୃଷ୍ଟି ଅପେକ୍ଷା ଅଧିକ। ଦ୍ୱିତୀୟରେ ଗୋଟିଏ ବର୍ଷା ନଥିବା ଋତୁରେ ଏପରି ଘଟିଥାଏ ଯାହା ହେଉଛି ବରଫ ତରଳୁଥିବା ଅଳ୍ପ ଜଳ ପ୍ରବାହ। ଏଠାରେ ଗୋଟିଏ ଅବସ୍ଥା ହେଉଛି ଖଣ୍ଡୁ ଓ ବିଶ୍ୱଶର୍ମାଙ୍କର ମନ୍ତବ୍ୟ ଏଠାରେ ଗୁରୁତ୍ୱପୂର୍ଣ୍ଣ। ଏହା ସତ୍ୟ ଯେ, ବ୍ରହ୍ମପୁତ୍ର ଜଳ ମୁଖ୍ୟତଃ ଭାରତ ମଧ୍ୟରେ ହିଁ ଥାଏ। ଏହା ଚୀନରୁ ଆସେ ନାହିଁ। ଏହା ସତ୍ୟ ଯେ, ଚୀନ ସହଜରେ ବ୍ରହ୍ମପୁତ୍ରର ଜଳକୁ ଭାରତ ବିରୁଦ୍ଧରେ ଏକ ଅସ୍ତ୍ର ହିସାବରେ ବ୍ୟବହାର କରିପାରିବ ନାହିଁ ଯେମିତି ଭାରତ, ପାକିସ୍ତାନ ବିରୁଦ୍ଧରେ ସିନ୍ଧୁ ନଦୀର ଜଳକୁ ଅସ୍ତ୍ର ରୂପେ ବ୍ୟବହାର କରିପାରିବ। ଯାହା ହେଲେ ବି ବନ୍ଧମାନଙ୍କରୁ ଯେଉଁ ଜଳ ବାହାରେ ଏହା ହେଉଛି ଗୋଟିଏ ଭୁଲ୍ ପ୍ରତିକ୍ରିୟା। ଏହା ଅତ୍ୟନ୍ତ ଅସ୍ଥିର ସୀମାର ମାତ୍ର। ଯାହା ଘରୁଡ଼ି ଜଳବାୟୁର ଉତ୍ତାପିକରଣ ଯୋଗୁଁ। ଅରୁଣାଚଳ ପ୍ରଦେଶ ଓ ଆସାମରେ ମଧ୍ୟ ବାରମ୍ବାର ମୌସୁମୀ ଜନିତ ବନ୍ୟା ଘଟୁଛି ଯାହା ବ୍ୟାପକ କ୍ଷୟ କରୁଛି। ଚୀନ ଜଳବିଦ୍ୟୁତ୍ ଉତ୍ପାଦନ ପାଇଁ ଏହି ବନ୍ଧ ବ୍ରହ୍ମପୁତ୍ର ଉପରେ ବାନ୍ଧୁଛି। ଏହା ହେଉଛି ଗୋଟିଏ ଛୋଟିଆ ଘଟଣା। ଚୀନ ଇତିମଧ୍ୟରେ ଅନେକ ବନ୍ଧ ବାନ୍ଧି ସାରିଲାଣି। ୟାର୍ଲୁଙ୍ଗ ଟେଙ୍ଗପୋ ଉପରେ ଏବଂ ଏହାର ବଡ଼ ବାଙ୍କ ଭାରତ ନିକଟରେ ସମାପ୍ତ ହେଉଛି। ଯେତେବେଳେ ନଦୀର ଜଳପ୍ରବାହ ଯୋଜନାକୁ ଗୁରୁତ୍ୱ ଦିଆଯାଇପାରେ। ଏହାର ପ୍ରବାହ ହେତୁ କେତେ ଯେ, ବନ୍ଧ ବନ୍ଧାଯିବ ତାହାକୁ କଳନା କରାଯାଇ ନପାରେ। ଜଳ ପ୍ରବାହକାରୀମାନେ ସତର୍କ କରି ଦେଇଛନ୍ତି ଯେ, ହଠାତ୍ ଜଳ ଛାଡ଼ ଦ୍ୱାରା ତଳ ଅଞ୍ଚଳରେ ବନ୍ୟା ହୋଇପାରେ। ଏହା ୨୦୦୦ ମସିହାରେ ଘଟିଥିଲା ଯେମିତି ଉପର ମୁଣ୍ଡରେ ଜଳ ଛାଡ଼ିଦେବା ଦ୍ୱାରା ଅରୁଣାଚଳ ପ୍ରଦେଶରେ ବନ୍ଧ ଭାଙ୍ଗି ବ୍ୟାପକ ବନ୍ୟା ସୃଷ୍ଟି ହୋଇଥିଲା। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ଚୀନ ଯେଉଁ ବନ୍ଧ ତିଆରେ ବ୍ରହ୍ମପୁତ୍ର ଉପରେ ବାନ୍ଧୁଛି ତାହା ଭାରତ ଉପରେ ସେତେ ବେଶୀ କ୍ଷତି କରିପାରିବ ନାହିଁ। ଯେମିତି ସିନ୍ଧୁ ନଦୀର ଜଳ ପାକିସ୍ତାନ ଉପରେ ବ୍ୟାପକ କ୍ଷତି ସୃଷ୍ଟି କରିବ। ଭାରତ ମଧ୍ୟ ଏହାର ତଳେ ପ୍ରବାହିତ ହେଉଥିବା ପ୍ରତିରକ୍ଷାମୂଳକ ଅବସ୍ଥାକୁ ଦେଖିବା ଉଚିତ୍ ଏବଂ ଏହା ମଧ୍ୟ ଦେଖିବା ଉଚିତ୍ ଯେ, ଏହା କୌଣସି ରାଜନୈତିକ, ସାମାଜିକ ଓ ପରିବେଶଗତ ସମସ୍ୟା ସୃଷ୍ଟି ନ କରେ।

# ସାମାଜିକ ଗଣମାଧ୍ୟମ ଓ ବନ୍ଧୁତା

ଶ୍ରୀକାନ୍ତ କୁମାର ମହାଳିକ
ଚରଦିଆ, ମତୋ, ଭଦ୍ରକ
ମୋ:୮୬୫୮୪୩୯୭୦୨

ସାମାଜିକ ଗଣମାଧ୍ୟମରେ ବନ୍ଧୁତା ସ୍ଥାପନ ଆଜିକାଲି ଏକ ଫେସନ୍‌ରେ ପରିଣତ ହୋଇଯାଇଛି। ବନ୍ଧୁତା ସ୍ଥାପନ ଦିଗରେ ତୀବ୍ର ପ୍ରତିଯୋଗିତା ଚାଲିଥିବାର ମଧ ଦେଖିବାକୁ ମିଳେ। କେବଳ ଯୁବବର୍ଗଙ୍କ ମଧରେ ଯେ ପ୍ରତିଯୋଗିତା ଚାଲିଛି ତାହା ନୁହେଁ, ସବୁ ବୟସର ଏବଂ ସବୁ ବର୍ଗର ଲୋକ ଏଥିରେ ସାମିଲ ହେଉଥିବାର ଜଣାଯାଏ। ତେବେ କହିବାର କଥା, ବନ୍ଧୁତା ପ୍ରତିଷ୍ଠା କରିବାରେ କିଛି ଅସୁବିଧା ନାହିଁ, ହେଲେ ତାହା ବର୍ତ୍ତମାନ ଯେଉଁପରି ଭାବରେ ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଏବଂ ସର୍ବୋପରି ଦେଶ ପାଇଁ ଘୋର ବିପଦର କାରଣ ପାଲଟିବାରେ ଲାଗିଛି ତାହା ହିଁ ଚିନ୍ତାର ବିଷୟ। ସେ ବିଷୟରେ ଆଲୋଚନା କରିବା ପ୍ରାସଙ୍ଗିକ ମନେହୁଏ।

ସାମାଜିକ ଗଣ ମାଧ୍ୟମରେ ଗଢି ଉଠୁଥିବା ସମ୍ପର୍କ ବା ବନ୍ଧୁତା ଦ୍ୱାରା ସର୍ବାଧିକ ପରିମାଣରେ ଝିଅମାନେ ହିଁ କ୍ଷତିଗ୍ରସ୍ତ ହେଉଥିବାର ଦେଖାଯାଏ। ଚିହ୍ନା ପରିଚୟ ହେବା ପରେ ପୁଅମାନେ ଝିଅମାନଙ୍କୁ ନିଜ ଫାଶରେ ପକାଇବା ପାଇଁ ବିଭିନ୍ନ କୌଶଳ ପ୍ରୟୋଗ କରିବାରେ ଲାଗି ପଡନ୍ତି। ନିଜେ ଯାହା ନୁହଁନ୍ତି, ନିଜର ବଂଶ ପରମ୍ପରା ଯାହା ନୁହେଁ, ତା'ଠାରୁ ଢେର ଅଧିକ କଥା କହି ନିଜ ଆଡ଼କୁ ଆକର୍ଷିତ କରିଥାନ୍ତି। ଝିଅମାନେ ଆଗପଛ କିଛି ବିଚାର ନକରି, ବଂଶ ପରମ୍ପରାକୁ ଭୁଲି, ଅତ୍ୟନ୍ତ ଭାବପ୍ରବଣ ହୋଇ ଏବଂ ବାପ-ମା'ଙ୍କ ଅଗୋଚରରେ ଯୁବକମାନଙ୍କ ପ୍ରେମରେ ପଡି ଯାଆନ୍ତି। ତା'ପରେ ଆରମ୍ଭ ହୁଏ ବିବାହର ପ୍ରତିଶ୍ରୁତି। ପରେପରେ ଆରମ୍ଭ ହୁଏ ଶାରୀରିକ ସମ୍ପର୍କ ଏବଂ ଶେଷରେ ପ୍ରତାରଣା ଆଉ ଶୋଷଣ। ଦୁର୍ବଳ ମୁହୂର୍ତ୍ତର ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାର ଧମକ ଦେଇ ବାରମ୍ବାର ବ୍ଲାକମେଲ୍ କରିବା ଆରମ୍ଭ କରିଦିଅନ୍ତି। ଶାରୀରିକ, ମାନସିକ ଏବଂ ଆର୍ଥିକ, ସବୁ ଦିଗରୁ ଶୋଷିତ ହୋଇ ଶେଷରେ ଝିଅମାନେ ଆତ୍ମହତ୍ୟା କରୁଥିବାର ଦେଖିବାକୁ ମିଳେ।

କେବଳ ଝିଅ ନୁହଁନ୍ତି, ଅନେକ କ୍ଷେତ୍ରରେ ପୁଅମାନେ ମଧ୍ୟ ଏମିତି ପ୍ରତାରଣାର ଶିକାର ହେଉଥିବାର ଦେଖାଯାଏ। ଫେସ୍‌ବୁକ୍ ମାଧ୍ୟମରେ ପୁଅମାନଙ୍କ ସହ ମିଛ ବନ୍ଧୁତା ସ୍ଥାପନ କରି, ନିଜର ପ୍ରେମ ଫାଶରେ ଫସେଇ, ସେମାନଙ୍କୁ ମାନସିକ ଏବଂ ଆର୍ଥିକ ଶୋଷଣ କରି, ଶେଷରେ ପ୍ରତାରଣା କରୁଥିବାର ଦୃଷ୍ଟାନ୍ତ ଆଦୌ କମ୍ ନାହିଁ। ପ୍ରତାରଣାର ଶିକାର ହେବା ପରେ, ନିଜର ମାନସିକ ଭାରସାମ୍ୟ ହରାଇ ଅନେକ ପୁଅ ମଧ ଆତ୍ମହତ୍ୟା କରୁଥିବାର ଜଣାଯାଏ।

ସାମାଜିକ ଗଣମାଧ୍ୟମରେ ବନ୍ଧୁତା ବର୍ତ୍ତମାନ ଦାମ୍ପତ୍ୟ ଜୀବନକୁ ମଧ୍ୟ ଛାରଖାର କରିବାରେ ଲାଗିଛି। ସ୍ୱାମୀ, ସ୍ତ୍ରୀମାନଙ୍କର ପରକୀୟା ପ୍ରେମର କରୁଣ ପରିଣତି ବିଷୟରେ ଯାହାସବୁ ଜାଣିବାକୁ ମିଳୁଛି, ତା'ର ସବୁଠୁ ଏକ ବଡ଼ କାରଣ ହେଉଛି ସାମାଜିକ ଗଣମାଧ୍ୟମରେ ବନ୍ଧୁତା ସ୍ଥାପନ। ପ୍ରଥମେ ବନ୍ଧୁତା, ତାପରେ ନୀବିଡତା ଏବଂ ଶେଷରେ ପ୍ରେମ। ଏହାର କୁପରିଣାମ ସ୍ୱରୂପ କେତେବେଳେ ସ୍ତ୍ରୀ ନିଜର ପୁରୁଷ ବନ୍ଧୁ ସହ ମିଶି ସ୍ୱାମୀକୁ ହତ୍ୟା କଲାଣି ତ ପୁଣି କେତେବେଳେ ସ୍ୱାମୀ ନିଜର ସ୍ତ୍ରୀକୁ ଅତି ବୀଭତ୍ସ ଭାବେ ହତ୍ୟା କଲାଣି। ପୁଣି କେତେବେଳେ ସ୍ୱାମୀ ସ୍ତ୍ରୀ ଉଭୟେ ଆତ୍ମହତ୍ୟା କରୁଥିବାର ମଧ ଦେଖାଯାଏ। ଏହା ହିଁ ଦୁଃଖ ଏବଂ ବିଡମ୍ବନାର ବିଷୟ।

ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ହେଉଛି, ଏପରି ସମ୍ପର୍କ ବର୍ତ୍ତମାନ ଦେଶ ତଥା ଜାତି ପାଇଁ ଘୋର ବିପଦ ସୃଷ୍ଟି କରିବାରେ ଲାଗିଛି। କେତେକ ଦେଶଦ୍ରୋହୀ, ଜାତି ଦ୍ରୋହୀ, ବେଇମାନ ବ୍ୟକ୍ତି ଶତ୍ରୁ ଦେଶର ସୁନ୍ଦରୀ ଲଳନାମାନଙ୍କ ସହ ବନ୍ଧୁତା ସ୍ଥାପନ କରି, ସେମାନଙ୍କ ମିଛ ପ୍ରେମ ଫାସରେ ପଡ଼ି, ଦେଶର ସୁରକ୍ଷା ସମ୍ବନ୍ଧୀୟ ଗୁପ୍ତ ତଥ୍ୟ ପ୍ରଦାନ କରୁଥିବାର ଜାଣିବାକୁ ମିଳେ। ସତରେ, କେତବଡ଼ ବେଇମାନୀ କାର୍ଯ୍ୟ କହିଲେ ? ଜଗତରେ ଏହାଠାରୁ ବଳି ଆତ୍ମଘାତୀ କାର୍ଯ୍ୟ ଆଉ କ'ଣ ବା ଥାଇପାରେ ?

ଏଣୁ ବନ୍ଧୁତା ସ୍ଥାପନ କଲାବେଳେ ଖୁବ୍ ବେଶୀ ସତର୍କତା ଅବଲମ୍ବନ କରିବା ଉଚିତ୍। ବିଶେଷକରି ଅଜଣା, ଅଶୁଣା, ଅପରିଚିତ ଲୋକଙ୍କ ସହ ବନ୍ଧୁତା ସ୍ଥାପନ କଲା ବେଳେ ସତର୍କତା ଅତ୍ୟନ୍ତ ଜରୁରି ଅଟେ। କାରଣ ଏମାନଙ୍କୁ କେବେ ବି ବିଶ୍ୱାସ କରାଯାଇ ନପାରେ। ଯେକୌଣସି ମୁହୂର୍ତ୍ତରେ ଏମାନେ ଘାତକ ପାଲଟି ଯାଇପାରନ୍ତି। ଏଣୁ ଭଲ ଭାବରେ ଭାବିଚିନ୍ତି, ବୁଝି ବିଚାରି ବନ୍ଧୁତା ସ୍ଥାପନ କଲେ ହୁଏତ ବିପଦକୁ ଏଡ଼ାଇ ଦିଆଯାଇ ପାରିବ।

# ଜୀବନ ସଙ୍ଗୀତରେ ବେସୁରା ବେତାଳ ଶତ୍ରୁ...

ଅନୁପମା ଭୂୟାଁ
'ସାଇବିଥି' ୭ଡି/୧୩୫୪
ସେକ୍ଟର-୯, ସିଡିଏ, କଟକ

ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କର ଜୀବନ ଥିଲା ସଙ୍ଗୀତମୟ। ସଙ୍ଗୀତ ବ୍ୟତୀତ ବୋଧହୁଏ ଜୀବନର ଅନ୍ୟ କୌଣସି ଦିଗକୁ ଏତେ ନିବିଡ଼ ଭାବେ ସେ ଚାହିଁନାହାନ୍ତି। ଏକଦା ସେ ପତ୍ରକାରଙ୍କ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ ମୋର ଦୁଇଟି ଶତ୍ରୁ। ଗୋଟିଏ ବେସୁରା ଓ ଅନ୍ୟଟି ବେତାଳ। ଏଥିରେ ସ୍ପଷ୍ଟ ବୁଝିହୁଏ, ତାଙ୍କର ଜଗତ କେବଳ ସଙ୍ଗୀତ ହିଁ ଥିଲା। ସୌମ୍ୟକାନ୍ତ ଚେହେରା ସଙ୍ଗକୁ ମଧୁର କଥା ଓ ସ୍ନେହଭରା ଶିକ୍ଷା, ତାଙ୍କୁ ଯଥାର୍ଥରେ ପଣ୍ଡିତ ବା ଗୁରୁ ପଦବାଚ୍ୟ କରିଛି। ସେ ହେଉଛନ୍ତି ପ୍ରକୃତ ଗୁରୁ, ଯାହାଙ୍କ ପାଣ୍ଡିତ୍ୟ ଓ ବ୍ୟକ୍ତିତ୍ୱ ନିକଟରେ ଆପେ ଆପେ ମଥା ନତ ହୋଇଯାଏ। ମନ ଚାହେଁ ଯଥା ସମ୍ଭବ ସମ୍ମାନ ଦେବା ପାଇଁ। ଏହିପରି ଏକ ବିରାଟ ବ୍ୟକ୍ତିତ୍ୱ ପଣ୍ଡିତ ଭୁବନେଶ୍ୱର ମିଶ୍ର। ଓଡ଼ିଶାର ସଙ୍ଗୀତ ଜଗତ୍‌କୁ ତାଙ୍କ ଦାନ ଅତୁଳନୀୟ। ଓଡ଼ିଶୀ ହେଉ ବା ସୁଗମ ସଙ୍ଗୀତ ବା ଚଳଚ୍ଚିତ୍ର ସଙ୍ଗୀତ, ସବୁଥିରେ ତାଙ୍କର ମଧୁର ଅବଦାନ ଉପଭୋଗ୍ୟ। ଅଳ୍ପ କହୁଥିଲେ ଏବଂ ଅଧିକ ମଉନ ରହୁଥିଲେ ବୋଲି ବାପା ନାମ ଦେଇଥିଲେ ମୁନି। ତାଙ୍କର ପ୍ରକୃତି ସହ ନାମର ସୁନ୍ଦର ତାଳମେଳ ଥିଲା। ସେ ଥିଲେ ସ୍ୱରର ଯାଦୁକର। ଶ୍ରୀଜୟଦେବଙ୍କ ଅମର କୃତି ଗୀତଗୋବିନ୍ଦର ଯେଉଁ ସ୍ୱରଗୁଡ଼ିକ କରିଯାଇଛନ୍ତି, ତାହା ବିଶ୍ୱ ପ୍ରସିଦ୍ଧ ହୋଇଛି ଓଡ଼ିଶୀ ନୃତ୍ୟ ମାଧ୍ୟମରେ। ସେହି ଗୀତଗୁଡ଼ିକ କେବଳ ଗାୟନରେ ମଧ ଶ୍ରୋତାଙ୍କ ହୃଦୟଗ୍ରାହୀ ହୋଇଛି। ଓଡ଼ିଶୀ ନୃତ୍ୟକୁ ତାଙ୍କର ଅବଦାନ ଚିରସ୍ମରଣୀୟ। ସଂଗୀତ, ନୃତ୍ୟର ମୂଳାଧାର। ଆଉ ସେହି ମୂଳାଧାରର କର୍ଣ୍ଣଧାର ପଣ୍ଡିତ ଭୁବନେଶ୍ୱର। ହିନ୍ଦୁସ୍ତାନୀ, କର୍ଣ୍ଣାଟକୀ ଏବଂ ଓଡ଼ିଶୀ ଶୈଳୀରେ ସେ ଥିଲେ ଦକ୍ଷ। ଯାହାସବୁ ସଂଯୋଜନା କରିଯାଇଛନ୍ତି, ଅନନ୍ୟ ଅସାଧାରଣ। ତାଙ୍କର ବେହେଲା ବାଦନ ବିଶ୍ୱ ପ୍ରସିଦ୍ଧ। ତାଙ୍କ ହାତରେ ବେହେଲା କେବଳ ବାଜୁ ନଥିଲା ସତେ ଯେପରି କହୁଥିଲା। ଗାୟକୀ ଅଙ୍ଗର ସ୍ୱତନ୍ତ୍ରତା, ରାଗର ଶୁଦ୍ଧତା ଓ ବାଦନ ଶୈଳୀର ମଧୁରତା, ତାଙ୍କ ବାଦନକୁ କରିଥିଲା ରସମୟ। ବ୍ୟକ୍ତିଗତ ଜୀବନର ସମସ୍ତ ଦୁଃଖ ସେ ଭୁଲିଯାଉଥିଲେ ସଂଗୀତ ମଧରେ। ତାଙ୍କର ନିଷ୍ଠାପରତା, ଅମାୟିକ ଭାବ, ସାଧୁତା, କରୁଥିବା କାର୍ଯ୍ୟ ପ୍ରତି ଆନୁଗତ୍ୟ ଏବଂ ସର୍ବୋପରି ତାଙ୍କର ସର୍ଜନା, ସଂଗୀତ ଜଗତରେ ତାଙ୍କୁ ଚିରକାଳ ପାଇଁ ଅମର କରିରଖିବ। ୧୯୨୭ ଜୁଲାଇ ଆଜିର ଦିନରେ ଜନ୍ମ ହୋଇଥିଲେ ସଂଗୀତ ଦୁନିଆର ଏହି ମହାନ ସାଧକ।

# ଯୁବ ଦକ୍ଷତାର ମହତ୍ତ୍ୱ

ନିହାର ରଞ୍ଜନ ସାବତ
ମଞ୍ଚେଶ୍ୱର ଶିକ୍ଷାଞ୍ଚଳ, ଭୁବନେଶ୍ୱର
ମୋ: ୯୭୭୭୦୧୧୯୬୮

ଦକ୍ଷତା ହେଉଛି ଜଣେ ବ୍ୟକ୍ତିର କୌଣସି କାର୍ଯ୍ୟକୁ କୁଶଳତାର ସହ ସୁଚାରୁରୂପେ ସମ୍ପାଦନ କରିବାର କ୍ଷମତା। ଏହା କେବଳ ଜ୍ଞାନ ବା ଶିକ୍ଷା ନୁହେଁ ବରଂ ପ୍ରାୟୋଗିକ ଜ୍ଞାନ, ଅଭିଜ୍ଞତା ଓ ମାନସିକ ଦୃଢ଼ତାର ଏକ ସମନ୍ୱିତ ରୂପ। ଚାଷ କରିବା, ସିଲେଇ କରିବା, କେଶ କାଟିବା, ରୋଷେଇ କରିବା ଭଳି କାର୍ଯ୍ୟ, ନାନାପ୍ରକାର କମ୍ପ୍ୟୁଟର ପ୍ରୋଗ୍ରାମିଂ, କାରୁକାର୍ଯ୍ୟ ବା ଯାନ୍ତ୍ରିକ ଜ୍ଞାନ ପରି ବୈଷୟିକ ଦକ୍ଷତା, ଯୋଗାଯୋଗ, ନେତୃତ୍ୱ ଓ ସମୟ ପରିଚାଳନା ପରି ବୌଦ୍ଧିକ ଦକ୍ଷତା ଇତ୍ୟାଦି ବିଭିନ୍ନ ପ୍ରକାରର ଦକ୍ଷତା ଅଛନ୍ତି। ମଣିଷର ଜୀବନରେ ଦକ୍ଷତା ହେଉଛି ଏକ ସେତୁ, ଯାହା ସମ୍ଭାବନା ଓ ସଫଳତା ମଧ୍ୟରେ ସଂଯୋଗ ସ୍ଥାପନ କରିଥାଏ। ଦକ୍ଷତା ବ୍ୟକ୍ତିକୁ ସ୍ୱାବଲମ୍ବୀ, ଆତ୍ମବିଶ୍ୱାସୀ, ଓ ସଫଳ ହେବାରେ ସାହାଯ୍ୟ କରେ। ଏହା ପରିବାରରେ ବ୍ୟକ୍ତିକୁ ଆର୍ଥିକ ସ୍ଥିରତା ପ୍ରଦାନ କରି ପରିବାରର ଭରଣପୋଷଣ ଓ ସୁଖମୟ ଜୀବନକୁ ସୁନିଶ୍ଚିତ କରିବାରେ ହୋଇଥାଏ ସହାୟକ। ସମାଜରେ, ଏକ ଦକ୍ଷ ତଥା ସକ୍ଷମ ବ୍ୟକ୍ତି ଅନ୍ୟମାନଙ୍କୁ ପ୍ରେରଣା ଦେବା ସହ ସାମାଜିକ ଉନ୍ନତିରେ ମଧ୍ୟ ଯୋଗଦାନ କରିପାରେ। ଦେଶ ଓ ବିଶ୍ୱ ପାଇଁ, ସକ୍ଷମ ବ୍ୟକ୍ତିମାନେ ଅର୍ଥନୀତି, ବିଜ୍ଞାନ, ସଂସ୍କୃତି ଓ ସାମାଜିକ କ୍ଷେତ୍ରରେ ନୂତନ ଆବିଷ୍କାର ଓ ପରିବର୍ତ୍ତନ ଆଣନ୍ତି।

ଯୁବ ଦକ୍ଷତା ହେଉଛି ଯୁବପିଢ଼ି ବିଶେଷ କରି ପନ୍ଦରରୁ ତିରିଶ ବର୍ଷ ବୟସ୍କମାନଙ୍କ ମଧ୍ୟରେ ଥିବା ସେହି ଦକ୍ଷତା ଓ କ୍ଷମତା; ଯାହା ସେମାନଙ୍କୁ ନିଜ ଜୀବନ, କର୍ମକ୍ଷେତ୍ର ଓ ସମାଜରେ ସଫଳତା ହାସଲ କରିବାରେ ସାହାଯ୍ୟ କରେ। ଏହା କେବଳ ଶିକ୍ଷାଗତ ଜ୍ଞାନ ନୁହେଁ ବରଂ ଜୀବନ ଦକ୍ଷତା, ପ୍ରାବିଧିକ ଜ୍ଞାନ ଓ ସାମାଜିକ ଦକ୍ଷତାର ସମାହାର। ଯୁବ ଦକ୍ଷତାରେ ନେତୃତ୍ୱ, ସମସ୍ୟା ସମାଧାନ, ନୂତନ ଚିନ୍ତାଧାରା ଓ ଉଦ୍ୟୋଗୀ ମନୋଭାବ ଅନ୍ତର୍ଭୁକ୍ତ। ବ୍ୟକ୍ତିଗତ ଜୀବନ ଠାରୁ ଆରମ୍ଭ କରି, ପରିବାର, ସମାଜ, ଦେଶ ତଥା ସମଗ୍ର ବିଶ୍ୱର ହିତ ନିମନ୍ତେ ଯୁବ ଦକ୍ଷତାର ବିକାଶ ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱ। ଏହା ଯୁବକମାନଙ୍କୁ ନିଜ ଜୀବନରେ ସ୍ୱାବଲମ୍ବୀ ଓ ଆତ୍ମବିଶ୍ୱାସୀ ହେବାରେ ସାହାଯ୍ୟ କରେ। ଏହା ସେମାନଙ୍କୁ ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରିବା, ସମସ୍ୟାର ସମାଧାନ କରିବା ଓ ସଫଳ ଭବିଷ୍ୟତ ଗଢ଼ିବାରେ ସକ୍ଷମ କରେ। ଉଦାହରଣ ସ୍ୱରୂପ, ଆଜିର ଯୁବକମାନେ ଷ୍ଟାର୍ଟଅପ ଉଦ୍ୟୋଗରେ ଅଗ୍ରଣୀ ହେଉଛନ୍ତି, ଯାହା ସେମାନଙ୍କର ଦକ୍ଷତା ଓ ନୂତନ ଚିନ୍ତାଧାରାର ଫଳ। ଯୁବକମାନଙ୍କର ଦକ୍ଷତା ପରିବାରର ଆର୍ଥିକ ଓ ସାମାଜିକ ସ୍ଥିତିକୁ ଉନ୍ନତ କରେ। ଏକ ସକ୍ଷମ ଯୁବକ ପରିବାରର ଭରଣପୋଷଣ କରିବା ସହ ପରିବାରର ଅନ୍ୟ ସଦସ୍ୟଙ୍କୁ ଶିକ୍ଷା ଓ ଦକ୍ଷତା ଅର୍ଜନରେ ପ୍ରେରଣା ଦେଇପାରେ। ଯୁବ ଦକ୍ଷତା ସାମାଜିକ ପରିବର୍ତ୍ତନର ମୂଳ ସ୍ତମ୍ଭ। ସକ୍ଷମ ଯୁବକମାନେ ଗରିବୀ, ବେକାରୀ ଓ ଅଶିକ୍ଷା ଭଳି ସାମାଜିକ ସମସ୍ୟାମାନଙ୍କ ବିରୁଦ୍ଧରେ ହେଉଥିବା ଲଢ଼େଇରେ ଅଗ୍ରଣୀ ଭୂମିକା ଗ୍ରହଣ କରନ୍ତି। ସେମାନେ ନୂତନ ଆବିଷ୍କାର, ସାମାଜିକ ସଚେତନତା ଓ ସାମାଜିକ ସଂସ୍କୃତି ସଂରକ୍ଷଣରେ ଯୋଗଦାନ କରନ୍ତି। ଯୁବ ଦକ୍ଷତା ଦେଶର ଅର୍ଥନୀତି ଓ ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଭାରତ ଭଳି ଅଧିକ ଯୁବ ଜନସଂଖ୍ୟା ଥିବା ଦେଶରେ ସକ୍ଷମ ଯୁବକମାନେ ଦେଶର ଅର୍ଥନୈତିକ ଅଭିବୃଦ୍ଧି, ଔଦ୍ୟୋଗିକ ବିକାଶ ଓ ବୈଜ୍ଞାନିକ ଅଗ୍ରଗତିରେ ସକ୍ରିୟ ଯୋଗଦାନ କରନ୍ତି। ଜାତୀୟ ଶିକ୍ଷା ନୀତି ୨୦୨୦ ମଧ୍ୟ ଯୁବ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଛି। ବିଶ୍ୱ ସ୍ତରରେ, ଯୁବ ଦକ୍ଷତା ଜଳବାୟୁ ପରିବର୍ତ୍ତନ, ବୈଷୟିକ ବିପ୍ଳବ ଓ ସାମାଜିକ ନ୍ୟାୟ ଭଳି ବୈଶ୍ୱିକ ଆହ୍ୱାନକୁ ମୁକାବିଲା କରିବାରେ ସହାୟକ ହୋଇଥାଏ। ସକ୍ଷମ ଯୁବକମାନେ ବିଶ୍ୱବ୍ୟାପୀ ସହଯୋଗ ଓ ନୂତନ ଆବିଷ୍କାର ମାଧ୍ୟମରେ ମାନବତାର ବିକାଶରେ ଯୋଗଦାନ କରନ୍ତି।

ଆଜିର ପ୍ରତିଯୋଗିତାତ୍ମକ ବିଶ୍ୱରେ ଯୁବକମାନେ ନିଜର ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନରେ ସଫଳତା ହାସଲ କରିବା ପାଇଁ ଦକ୍ଷତା ଅତ୍ୟାବଶ୍ୟକ। ଦକ୍ଷତା ଅଭାବରେ ସେମାନେ ବେକାରୀ, ଆତ୍ମବିଶ୍ୱାସର ଅଭାବ, ଓ ଜୀବନରେ ଅସଫଳତା ଭଳି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଯୁବକମାନେ ପରିବାରର ମୁଖ୍ୟ ଆର୍ଥିକ ସ୍ତମ୍ଭ। ଦକ୍ଷତା ଅଭାବରେ ପରିବାର ଆର୍ଥିକ ଅସ୍ଥିରତା, ଶିକ୍ଷାରେ ଅଭାବ ଓ ଜୀବନଧାରାରେ ଅବନତିର ସମ୍ମୁଖୀନ ହୋଇପାରେ। ସମାଜରେ ଯୁବକମାନେ ପରିବର୍ତ୍ତନର ବାହକ। ଦକ୍ଷତା ଅଭାବ ଯୋଗୁ ସମାଜରେ ବେକାରୀ, ଅପରାଧ ଓ ଅସନ୍ତୋଷ ବୃଦ୍ଧି ପାଇପାରେ। ଦେଶର ଅର୍ଥନୈତିକ ଓ ସାମାଜିକ ବିକାଶ ଯୁବ ଦକ୍ଷତା ଉପରେ ନିର୍ଭରଶୀଳ। ଦକ୍ଷତା ଅଭାବ ଦେଶରେ କୁଶଳୀ ଶ୍ରମଶକ୍ତିର ଅଭାବ, ଅର୍ଥନୈତିକ ଅବନତି ଓ ବୈଶ୍ୱିକ ପ୍ରତିଯୋଗିତାରେ ପଛରେ ପଡ଼ିବାର କାରଣ ହୋଇପାରେ। ବୈଶ୍ୱିକ ସମସ୍ୟାଗୁଡ଼ିକର ସମାଧାନ ତଥା ନିରାକରଣ ପାଇଁ ଯୁବ ଦକ୍ଷତା ଅତ୍ୟନ୍ତ ଜରୁରି। ଯୁବ ଦକ୍ଷତା ଆଜିର ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ଅତ୍ୟନ୍ତ ପ୍ରାସଙ୍ଗିକ। ପ୍ରଯୁକ୍ତି, ଅର୍ଥନୀତି ଓ ସାମାଜିକ ଗତିଶୀଳତାରେ ପରିବର୍ତ୍ତନ ଯୁବକମାନଙ୍କୁ ନିଜକୁ ଯୁଗୋପଯୋଗୀ କରି ଗଢ଼ି ତୋଳିବା ପାଇଁ କରୁଛି ଉତ୍ସାହିତ। ଡିଜିଟାଲ ଦକ୍ଷତା, ଉଦ୍ୟୋଗୀ ମନୋଭାବ ଓ ସାମାଜିକ ଦାୟିତ୍ୱ ଯୁବକମାନଙ୍କୁ ନିଜ ଜୀବନ, ପରିବାର, ସମାଜ, ଦେଶ ଓ ବିଶ୍ୱରେ ସଫଳତା ହାସଲ କରିବାରେ ସାହାଯ୍ୟ କରିଥାଏ। ଶିକ୍ଷା ଓ ପ୍ରଶିକ୍ଷଣ, ଅଭିଜ୍ଞତା ଅର୍ଜନ, ମେଣ୍ଟରସିପ୍ ବା ଦିଗ୍‌ଦର୍ଶନ, ଡିଜିଟାଲ ଶିକ୍ଷା, ନେଟୱାର୍କିଂ, ଆତ୍ମବିଶ୍ୱାସ ଓ ମନୋବଳ ଇତ୍ୟାଦି କାରକଗୁଡ଼ିକ ଯୁବ ଦକ୍ଷତାକୁ ବିକଶିତ କରିବାରେ ହୋଇଥାନ୍ତି ଅନେକ ମାତ୍ରାରେ ସହାୟକ। ପ୍ରାବିଧିକ ଓ ଜୀବନ ଦକ୍ଷତା ଶିକ୍ଷା ପ୍ରଦାନ କରୁଥିବା କାର୍ଯ୍ୟକ୍ରମରେ ଭାଗ ନେବା, ଇଣ୍ଟର୍ନସିପ୍, ପ୍ରୋଜେକ୍ଟ ଓ ସ୍ୱେଚ୍ଛାସେବୀ କାର୍ଯ୍ୟ ମାଧ୍ୟମରେ ପ୍ରାୟୋଗିକ ଜ୍ଞାନ ଅର୍ଜନ, ଅଭିଜ୍ଞ ବ୍ୟକ୍ତିଙ୍କ ମାର୍ଗଦର୍ଶନ ତଥା ପରାମର୍ଶ ଗ୍ରହଣ, ଅନ୍‌ଲାଇନ୍ କୋର୍ସ, ଇ-ଲର୍ଣ୍ଣିଂ ପ୍ଲାଟଫର୍ମ ଓ ବୈଷୟିକ ଜ୍ଞାନର ଶିକ୍ଷା, ସମସାମୟିକ ଓ ପ୍ରୋଫେସନାଲ ତଥା ବୃତ୍ତିଗତ ନେଟୱାର୍କ ଗଢ଼ିବା ଏବଂ ନିଜ ଉପରେ ବିଶ୍ୱାସ ରଖି ନୂତନ ଆହ୍ୱାନର ସମ୍ମୁଖୀନ ହେବା ଇତ୍ୟାଦି ଯୁବ ଦକ୍ଷତା ବିକାଶର ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ଉପାୟ ଗୁଡ଼ିକ ମଧ୍ୟରେ ଅନ୍ୟତମ।

ଯୁବ ଦକ୍ଷତା ବିକାଶରେ ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁ, ସମାଜ, ଦେଶ ଓ ବିଶ୍ୱର ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ପରିବାର ହେଉଛି ଯୁବ ଦକ୍ଷତା ବିକାଶର ପ୍ରଥମ ସୋପାନ। ପରିବାର ଯୁବକଙ୍କୁ ଶିକ୍ଷା, ମୂଲ୍ୟବୋଧ, ଓ ପ୍ରେରଣା ପ୍ରଦାନ କରେ। ମାତାପିତା ଓ ପରିବାରର ସଦସ୍ୟମାନେ ଯୁବପିଢ଼ିଙ୍କୁ ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଓ ଦକ୍ଷତା ଅର୍ଜନରେ ସାହାଯ୍ୟ କରନ୍ତି। ଆତ୍ମୀୟସ୍ୱଜନ ତଥା ବନ୍ଧୁମାନେ ସେମାନଙ୍କୁ ପ୍ରେରଣା, ସହଯୋଗ ଓ ନୂତନ ଚିନ୍ତାଧାରା ପ୍ରଦାନ କରନ୍ତି। ସମସାମୟିକ ସାଥୀମାନେ ସେମାନଙ୍କୁ ନୂତନ ଦକ୍ଷତା ଶିଖିବା ଓ ପ୍ରତିଯୋଗିତାମୂଳକ ମନୋଭାବ ଗଢ଼ିବାରେ ସାହାଯ୍ୟ କରନ୍ତି। ଯୁବବର୍ଗଙ୍କୁ ସେମାନଙ୍କ ଦକ୍ଷତାର ବିକାଶ ପାଇଁ ପରିବେଶ ଓ ସୁଯୋଗ ପ୍ରଦାନ କରେ ସମାଜ। ଶିକ୍ଷାନୁଷ୍ଠାନ, ବିଭିନ୍ନ ସାମାଜିକ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନ ସେମାନଙ୍କୁ ପ୍ରଶିକ୍ଷଣ ତଥା ଅଭିଜ୍ଞତା ପ୍ରଦାନ କରିବାରେ ହୋଇଥାନ୍ତି ସହାୟକ। ଦେଶର ସରକାର ଓ ପ୍ରଚଳିତ ବିଧି ବ୍ୟବସ୍ଥା ଯୁବ ଦକ୍ଷତା ବିକାଶରେ ଗ୍ରହଣ କରିଥାନ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା। ଜାତୀୟ ଶିକ୍ଷା ନୀତି ୨୦୨୦, ସ୍କିଲ୍ ଇଣ୍ଡିଆ, ଓ ଷ୍ଟାର୍ଟଅପ୍ ଇଣ୍ଡିଆ ଭଳି ଯୋଜନା ଭାରତରେ ଯୁବବର୍ଗଙ୍କ ଦକ୍ଷତା ଅର୍ଜନ କ୍ଷେତ୍ରରେ ଆଣିଛି ଅନେକ ସକାରାତ୍ମକ ପରିବର୍ତ୍ତନ। ମିଳିତ ଜାତିସଂଘ, ସଂଯୁକ୍ତ ରାଷ୍ଟ୍ର ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ସଙ୍ଗଠନ ଓ ବିଶ୍ୱ ଶ୍ରମ ସଙ୍ଗଠନ ଭଳି ବିଶ୍ୱସ୍ତରୀୟ ଅନୁଷ୍ଠାନମାନେ ଯୁବ ଦକ୍ଷତାର ବିକାଶ ପାଇଁ ନୀତି ପ୍ରଣୟନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ତାହା ସେଥିପାଇଁ ଆବଶ୍ୟକୀୟ ସହଯୋଗ ପ୍ରଦାନ କରିଥାନ୍ତି।

ବିଶ୍ୱ ଯୁବ ଦକ୍ଷତା ଦିବସ ପ୍ରତିବର୍ଷ ଜୁଲାଇ ୧୫ ତାରିଖରେ ପାଳନ କରାଯାଏ। ଏହା ଯୁବକମାନଙ୍କ ଦକ୍ଷତା ବିକାଶର ଗୁରୁତ୍ୱ ବିଷୟରେ ସମସ୍ତଙ୍କୁ ସଚେତନ କରାଇଥାଏ। ଏହି ଦିବସ ଯୁବକମାନଙ୍କୁ ଦକ୍ଷତା ଅର୍ଜନ ମାଧ୍ୟମରେ ସ୍ୱାବଲମ୍ବୀ ଓ ସଫଳ ହେବାରେ ପ୍ରେରଣା ଦେବା ସହ ସରକାର, ବିଭିନ୍ନ ଅନୁଷ୍ଠାନ ତଥା ସମଗ୍ର ସମାଜକୁ ଯୁବ ଦକ୍ଷତା ବିକାଶ ପାଇଁ ନୀତି ପ୍ରଣୟନ ଓ କାର୍ଯ୍ୟକ୍ରମ କରିବାକୁ ଉତ୍ସାହିତ କରେ। ମିଳିତ ଜାତିସଂଘର ସାଧାରଣ ସଭା ୨୦୧୪ ମସିହାରେ ଶ୍ରୀଲଙ୍କାର ପ୍ରସ୍ତାବକୁ ଗ୍ରହଣ କରି ଜୁଲାଇ ମାସ ପନ୍ଦର ତାରିଖକୁ ବିଶ୍ୱ ଯୁବ ଦକ୍ଷତା ଦିବସ ଭାବେ ଘୋଷଣା କଲା। ପ୍ରଥମ ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୧୫ ମସିହାର ଜୁଲାଇ ମାସ ପନ୍ଦର ତାରିଖରେ ବିଶ୍ୱବ୍ୟାପୀ ପାଳନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୁବକମାନଙ୍କୁ ଦକ୍ଷତା ମାଧ୍ୟମରେ ନିଯୁକ୍ତି, ଔଦ୍ୟୋଗିକ ବିକାଶ ଓ ସାମାଜିକ ଅଗ୍ରଗତିରେ ଯୋଗଦାନ କରିବାକୁ ପ୍ରେରଣା ଦେବା। ଏହି ବର୍ଷ ଏହାର ଦଶମ ବାର୍ଷିକୀ ସହିତ "କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ ଦକ୍ଷତା ମାଧ୍ୟମରେ ଯୁବଶକ୍ତିର ସଶକ୍ତିକରଣ" ଭଳି ନୂତନ ଓ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋକପାତ କରାଯାଉଛି ଯାହା ଆଧୁନିକ ଯୁବବର୍ଗଙ୍କ ନିମନ୍ତେ ଚତୁର୍ଥ ଶିଳ୍ପ ବିପ୍ଳବର ପରିବର୍ତ୍ତନଶୀଳ ଯୁଗରେ ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଡିଜିଟାଲ ଦକ୍ଷତାର ଅପରିହାର୍ଯ୍ୟ ଭୂମିକାକୁ ପ୍ରାଧାନ୍ୟ ଦେଉଛି।

ଚତୁର୍ଥ ଶିଳ୍ପ ବିପ୍ଳବ ଆମ ଜୀବନଶୈଳୀ, ଶିକ୍ଷା, କାର୍ଯ୍ୟ ଓ ଅର୍ଥନୀତିକୁ ମୌଳିକ ଭାବେ ବଦଳାଇ ଦେଉଛି। କୃତ୍ରିମ ବୁଦ୍ଧିମତ୍ତା, ମେସିନ ଲର୍ଣ୍ଣିଂ, ଡାଟା ଏନାଲିଟିକ୍ସ, ରୋବୋଟିକ୍ସ ଏବଂ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଆଦି ପ୍ରଯୁକ୍ତି ଆମ ସମାଜର ପ୍ରତ୍ୟେକ କ୍ଷେତ୍ରକୁ ପ୍ରଭାବିତ କରୁଛି। ଏହି ପରିବର୍ତ୍ତନରେ ଯୁବସମାଜ ହେଉଛନ୍ତି ଅଗ୍ରଦୂତ। କିନ୍ତୁ ଏହି ନୂତନ ଯୁଗରେ ସଫଳତା ପାଇଁ ସେମାନଙ୍କୁ ନୂତନ ଦକ୍ଷତା ଓ ଜ୍ଞାନରେ ସଜ୍ଜିତ ହେବାକୁ ହେବ। ଏହି ଦକ୍ଷତା ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ ପ୍ରଯୁକ୍ତି ସମ୍ବନ୍ଧୀୟ ଜ୍ଞାନ ଅଗ୍ରଗଣ୍ୟ। ଯୁବସମାଜଙ୍କ ପାଇଁ ଏହା ଏକ ସୁଯୋଗ ଏବଂ ଆହ୍ୱାନ। ସେମାନେ ଏହି ପ୍ରଯୁକ୍ତିକୁ ଆୟତ୍ତ କରି ନୂତନ ଉଦ୍ଭାବନ, ଉଦ୍ୟୋଗ ଓ ସୁଯୋଗ ସୃଷ୍ଟି କରିପାରିବେ। ଏହି ଦକ୍ଷତା ଅର୍ଜନ ନକରିପାରିଲେ ସେମାନେ ପଛରେ ରହିଯିବେ, ଯାହା ଅର୍ଥନୈତିକ ଓ ସାମାଜିକ ଅସମାନତାକୁ ବୃଦ୍ଧି କରିବ। ତେଣୁ ଚଳିତ ୨୦୨୫ ବର୍ଷରେ ବିଶ୍ୱ ଯୁବସମାଜ ଦକ୍ଷତା ଦିବସର ବିଷୟବସ୍ତୁ ଏହି ବୈଷମ୍ୟକୁ ଦୂର କରିବା ଓ ଯୁବକମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଉଛି। ନିଯୁକ୍ତି କ୍ଷେତ୍ରକୁ ଦ୍ରୁତଗତିରେ ବଦଳାଇ ଦେଉଛି ଚତୁର୍ଥ ଶିଳ୍ପ ବିପ୍ଳବ। ଅନେକ ପାରମ୍ପରିକ ଚାକିରି ବିଲୁପ୍ତ ହେଉଛି, ଆଉ ନୂତନ ଚାକିରି ସୃଷ୍ଟି ହେଉଛି ଯେଉଁଠାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଡିଜିଟାଲ ଦକ୍ଷତା ଅପରିହାର୍ଯ୍ୟ। ଉଦାହରଣ ସ୍ୱରୂପ, ଡାଟା ସାଇନ୍ସ, ମେସିନ ଲର୍ଣ୍ଣିଂ ଇଞ୍ଜିନିୟରିଂ, ସାଇବର ସିକ୍ୟୁରିଟି, କ୍ଲାଉଡ କମ୍ପ୍ୟୁଟିଂ ଓ ରୋବୋଟିକ୍ସ ଆଦି କ୍ଷେତ୍ରରେ ଦକ୍ଷତା ଥିବା ଯୁବକମାନଙ୍କ ପାଇଁ ଅସୀମ ସମ୍ଭାବନା ରହିଛି। ଏହି ଦକ୍ଷତା କେବଳ ବୈଷୟିକଜ୍ଞାନରେ ସୀମିତ ନୁହେଁ। ଏହା ସହିତ ସମସ୍ୟା ସମାଧାନ, ସୃଜନଶୀଳ ଚିନ୍ତନ, ଗୋଷ୍ଠୀବଦ୍ଧ କାର୍ଯ୍ୟ ଓ ନୈତିକ ନିଷ୍ପତ୍ତି ଗ୍ରହଣ ଆଦି ନରମ ଦକ୍ଷତା ମଧ୍ୟ ଆବଶ୍ୟକ। ଟେକ୍ନିକାଲ ଓ ଭୋକେସନାଲ ଏଜୁକେସନ ଏଣ୍ଡ ଟ୍ରେନିଂ ସିଷ୍ଟମ ଏହି ଦୁଇ ପ୍ରକାର ଦକ୍ଷତାକୁ ଏକାଠି ମିଶାଇ ଯୁବକମାନଙ୍କୁ ଏକ ସମ୍ପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବା ପାଇଁ ତିଆରି କରାଯାଉଛି। ଏହା ଯୁବକମାନଙ୍କୁ କେବଳ ଚାକିରି ପାଇଁ ନୁହେଁ, ବରଂ ନିଜର ଉଦ୍ୟୋଗ ଆରମ୍ଭ କରିବା, ନୂତନ ଉଦ୍ଭାବନ କରିବା ଓ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ସକ୍ଷମ କରୁଛି।

ଯୁବସମାଜ ହେଉଛନ୍ତି ସମାଜର ସବୁଠାରୁ ଗତିଶୀଳ ଓ ସୃଜନଶୀଳ ଶକ୍ତି। ସେମାନଙ୍କୁ ଉପଯୁକ୍ତ ଦକ୍ଷତା ଓ ସୁଯୋଗ ପ୍ରଦାନ କରାଗଲେ, ସେମାନେ ସମାଜରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଆଣିବା ନିମନ୍ତେ ସମର୍ଥ ହୋଇପାରିବେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଡିଜିଟାଲ ଦକ୍ଷତା ଯୁବକମାନଙ୍କୁ ଜଳବାୟୁ ପରିବର୍ତ୍ତନ, ଗରିବୀ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ଅସମାନତା ପରି ସାମାଜିକ ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ସହାୟକ ହୋଇପାରିବ। ବିଶ୍ୱ ଯୁବସମାଜ ଦକ୍ଷତା ଦିବସ ୨୦୨୫ର ବିଷୟବସ୍ତୁ "କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ ଦକ୍ଷତା ମାଧ୍ୟମରେ ଯୁବଶକ୍ତିର ସଶକ୍ତିକରଣ" ଏକ ଦୂରଦୃଷ୍ଟି ସମ୍ପନ୍ନ ଓ ପ୍ରେରଣାଦାୟୀ ଆହ୍ୱାନ। ଏହା ଯୁବକମାନଙ୍କୁ ଏକ ନୂତନ ଯୁଗରେ ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ କରୁଛି, ଯେଉଁଠାରେ ସେମାନେ କେବଳ ପ୍ରଯୁକ୍ତିର ଉପଭୋକ୍ତା ନୁହଁନ୍ତି, ବରଂ ଏହାର ସ୍ରଷ୍ଟା ଓ ନୈତିକ ପରିଚାଳକ ହେବେ। ଯୁବକମାନେ ଏହି ସୁଯୋଗକୁ ଗ୍ରହଣ କରି ନିଜର ଭବିଷ୍ୟତ ତଥା ସମାଜର ଭବିଷ୍ୟତକୁ ଗଢି ତୋଳିବା ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ। ଏହି ଦିବସ କେବଳ ଏକ ଔପଚାରିକ ଉତ୍ସବ ନୁହେଁ, ବରଂ ଯୁବସମାଜଙ୍କୁ ନୂତନ ଯୁଗରେ ନେତୃତ୍ୱ ନେବା ପାଇଁ, ସମାଜକୁ ଅଧିକ ନ୍ୟାୟପୂର୍ଣ୍ଣ, ସମୃଦ୍ଧ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ଏକ ଆହ୍ୱାନ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର




ଗୋପ(ଭାସ୍କର ନ୍ୟୁଜ): ବାଲେଶ୍ୱର ଫକିର ମୋହନ ମହାବିଦ୍ୟାଳୟରେ ଘଟିଥିବା ଅଘଟଣକୁ ଗୋପ କଲେଜ ଛାତ୍ରଛାତ୍ରୀ ସଙ୍ଗଠନ ଦୃଢ ନିନ୍ଦା କରିବା ସହିତ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଜୀବନ ମରଣ ସହ ସଂଘର୍ଷ କରୁଥିବା ପୀଡିତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତାଙ୍କୁ ଖୁବଶୀଘ୍ର ସୁସ୍ଥ କରିଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି । ପରେ ଦୋଷୀକୁ କିପରି ଭାବରେ ଦଣ୍ଡ ମିଳିବ ସେଥିପାଇଁ ନାରା ଦେବା ସହ ସ୍ଲୋଗାନ୍ ଦେଇଥିଲେ । ପୂର୍ବତନ ଛାତ୍ରସଂସଦ ସଦସ୍ୟ ଦେବାଶିସ୍ ସାହୁ, ଦେବାଶିସ୍ ପାଇକରାୟ, ଚନ୍ଦନ ପ୍ରଧାନ, ସୁବାଷ୍ ସାହୁ ଏବଂ ଗୋପ କଲେଜ ଛାତ୍ର ଛାତ୍ରୀ ଜ୍ଞାନରଞ୍ଜନ, ଲିପ୍ସା, ଇପ୍ସିତା, ରୋଷ୍ଣା, ଶାକ୍ତିସ୍ମିତା, ଜାଗୃତିଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଘଟଣାର ତଦନ୍ତକୁ ଜୋରଦାର୍ କରିବା ସହିତ ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ଗୋପ କଲେଜ ଛାତ୍ରଛାତ୍ରୀ ସଂଗଠନ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।



### ଭାଙ୍ଗିଲେ ପୂର୍ବପୁରୁଷଙ୍କ ସମାଧି

# ଶ୍ମଶାନରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ପଞ୍ଚାୟତବାସୀଙ୍କ ବିରୋଧ



ଫୁଲନଖରା(ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ ଅନ୍ତର୍ଗତ ଉଷୁମା ଗ୍ରାମ ପଞ୍ଚାୟତ ଘୁଷୁରୀକୁଦ ଖେଳ ପଡିଆ ସମୁଖରେ ଥିବା ଗୋଚର ଜମିରେ ଉଷୁମା ଗ୍ରାମର ଲୋକମାନେ ସେହି ସ୍ଥାନରେ ଦୀର୍ଘ ବର୍ଷରୁ ଶବ ଦାହ ଓ ସମାଧି ତିଆରି କରି ଶ୍ମଶାନ ରୂପେ ବ୍ୟବହାର କରିଆସୁଛନ୍ତି । ମୃତ ବ୍ୟକ୍ତିଙ୍କର ଶହ ଶହ ସମାଧି ନିର୍ମାଣ କରାଯାଇଥିଲା । ପଞ୍ଚାୟତର କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଅର୍ଥ ମଂଜୁର ହେବାପରେ ସେହି ଶ୍ମଶାନ ସ୍ଥାନରେ ଥିବା ଦୀର୍ଘ ବର୍ଷର ସମାଧି ଗୁଡିକୁ ଜେସିବି ଲଗାଇ ଭାଙ୍ଗି କଲ୍ୟାଣ ମଣ୍ଡପ ତିଆରି କରାଯାଉଥିବାରୁ ପଞ୍ଚାୟତବାସୀଙ୍କ ପକ୍ଷରୁ ବିରୋଧ କରାଯାଉଛି । ପଞ୍ଚାୟତବାସୀଙ୍କ କହିବାନୁଯାୟୀ ଶ୍ମଶାନ ମଧ୍ୟରେ ଥିବା ଆମ ପିତୃପୁରୁଷଙ୍କ ଶହ ଶହ ବର୍ଷର ସମାଧିକୁ ଭାଙ୍ଗି ହିନ୍ଦୁ ଧର୍ମ ପ୍ରତି କୁଠାର ଘାତ କରୁଛନ୍ତି । ହିନ୍ଦୁ ପ୍ରଥା ଅନୁଯାୟୀ ବିବାହ ଓ ବ୍ରତଘର ଏକ ଧର୍ମ କାର୍ଯ୍ୟ ଅଟେ । ସେହି ସ୍ଥାନରେ ଶବ ଦାହ ହେଉଥିବା ବେଳେ କିପରି ଶୁଭ ବିବାହ ପବିତ୍ର କାର୍ଯ୍ୟ ଅନୁଷ୍ଠିତ ହେବ, ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ସେମାନେ କହିଥିଲେ । ପଞ୍ଚାୟତ ମଧ୍ୟରେ ଅନେକ ଭଲ ସ୍ଥାନ ଥିବାବେଳେ ଏହି ଶ୍ମଶାନକୁ ଲାଗି ପୋଖରୀର ଆରପଟେ ପିଚୁ ରାସ୍ତାକୁ ଲାଗି ଏକ ସରକାରୀ ଜାଗା ମଧ୍ୟ ରହିଅଛି । ସେଭଳି ସ୍ଥାନ ମାନଙ୍କରେ କରାନଯାଇ ପଞ୍ଚାୟତର ଜନସାଧାରଣଙ୍କ ଦୃଷ୍ଟିକୁ ନ ଆଣି କ'ଣ ପାଇଁ ଶ୍ମଶାନରୁ ସମାଧିଗୁଡିକ ଭାଙ୍ଗି ସେଠାରେ କଲ୍ୟାଣ ମଣ୍ଡପ ନିର୍ମାଣ କରୁଛନ୍ତି ଏନେଇ ଘୋର ଜନ ଅସନ୍ତୋଷ ଦେଖାଦେଇଛି । ଏଠାରେ ପ୍ରଶ୍ନ ଉଠେ କି ବାରଙ୍ଗ ତହସିଲଦାର ଉଭର ଉଷୁମା ଗ୍ରାମରେ ବିଭିନ୍ନ ସରକାରୀ ଜମି ଥିବାବେଳେ ଶ୍ମଶାନରୁ ସମାଧି ଗୁଡିକ ହଟାଇ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ସେହି ସ୍ଥାନ କିପରି ଚିହ୍ନଟ କଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯଦି ଏହାକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାନଯାଏ ବାରଙ୍ଗ ତହସିଲଦାରଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବିପ୍ର ଚରଣ ପ୍ରଧାନ, ସମରେନ୍ଦ୍ର ହାତୀ, ବିଶ୍ୱ ରଞ୍ଜନ ଦାସ, ପ୍ରମୋଦ ବୈଠାଲୁ, ଦିବ୍ୟକାନ୍ତ ବାରିକ, ବିଶ୍ୱ ରଞ୍ଜନ ସ୍ୱାଇଁ, ଭାଗବତ ସ୍ୱାଇଁ, ବିଜୟ ପାତ୍ର, ଶିଶିର କୁମାର ଜେନା, ପ୍ରଣୟ ସାମନ୍ତରାୟ, ପ୍ରକାଶ ପ୍ରଧାନ, ହେମନ୍ତ କୁମାର ସାହୁ ଓ ମଙ୍ଗୁଳି ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି ।

### ସୁଧୁରିଲାନି ସିଂହପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ସମସ୍ୟା

# ୫ କୋଠରୀରେ ୮ଟି ଶ୍ରେଣୀର ଛାତ୍ରଛାତ୍ରୀ, ଶିକ୍ଷକ ୬




ବିଞ୍ଝାରପୁର(ଭାସ୍କର ନ୍ୟୁଜ): ସିଂହପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳ ବିଞ୍ଝାରପୁର ବ୍ଲକର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ । ସିଂହପୁର ବଜାର ଓ ସିଂହପୁର କଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାକୁ ଲାଗି ଏହି ବିଦ୍ୟାଳୟ ଅବସ୍ଥିତ । ୧୯୫୧ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟ ଏବେ ବହୁ ସମସ୍ୟା ମଧ୍ୟରେ ଗତି କରୁଛି । ପ୍ରଥମରୁ ଅଷ୍ଟମ ୮ଟି ଶ୍ରେଣୀର ପିଲା ସଂଖ୍ୟା ୧୮୨ । ଶିକ୍ଷାଦାନ ଦାୟିତ୍ୱରେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୬ ଜଣ। ଶ୍ରେଣୀ କୋଠରୀ ୫ଟି । ସେଥିମଧ୍ୟରୁ ୨ଟି ଶ୍ରେଣୀଗୃହ ପାଠପଢା ପାଇଁ ଅନୁପଯୁକ୍ତ । କୋଠରୀ ଅଭାବ ଯୋଗୁଁ ଶିକ୍ଷକ ବାଧ ହୁଅନ୍ତି ଏଠାରେ ପଢିବାକୁ । ନେତା, ମନ୍ତ୍ରୀ ଓ ସରକାରୀ ବାବୁମାନଙ୍କ ଦୃଷ୍ଟିରେ ଥାଇ ମଧ୍ୟ ବିଦ୍ୟାଳୟ କେତେକ ମୌଳିକ ସମସ୍ୟା ମଧ୍ୟରେ ଘାଣ୍ଟି ହେଉଛି । ସ୍ଥାନୀୟ ବିଧାୟିକା ଶ୍ରେଣୀ କୋଠରୀ ସମସ୍ୟାକୁ ଦୃଷ୍ଟିରେ ରଖି ଦୁଇଟି ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦେଇଥିଲେ । ଶ୍ରେଣୀ କୋଠରୀ ବିଦ୍ୟାଳୟକୁ ହସ୍ତାନ୍ତର କରାଗଲେ କିଛିଟା ସମସ୍ୟା ଲାଘବ ହୁଅନ୍ତା। ଏ ସଂପର୍କରେ ପ୍ରଧାନଶିକ୍ଷକ କେଦାର ନାଥ ଦାସ, ଶିକ୍ଷୟିତ୍ରୀ ନିବେଦିତା ନାୟକଙ୍କୁ ପଚାରିବାରୁ ବିଭିନ୍ନ ସମସ୍ୟା ସତ୍ତ୍ୱେ ବିଦ୍ୟାଳୟର ଶିକ୍ଷାଦାନ ଉଚ୍ଚକୋଟିର। ଆମେ ପିଲାଙ୍କ ସ୍ୱାର୍ଥ ପାଇଁ ସର୍ବଦା ଚେଷ୍ଟିତ। ଶ୍ରେଣୀ କୋଠରୀ ଓ ୨ ଜଣ ଶିକ୍ଷକ ନିଯୁକ୍ତି ଦିଆଗଲେ ଏହି ବିଦ୍ୟାଳୟ ଏକ ଆଦର୍ଶ ବିଦ୍ୟାଳୟ ଭାବେ ମୁଣ୍ଡ ଟେକନ୍ତା ବୋଲି କୁହନ୍ତି ନିବେଦିତା ନାୟକ ।

# ନିମାପଡ଼ାରେ କୁକୁଡ଼ା ମଡ଼କ, ବାର୍ଡ଼ ଫ୍ଲୁ ସନ୍ଦେହ

ନିମାପଡ଼ା(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲାରେ କୁକୁଡ଼ା ମଡ଼କ ଚାଲିଥିବା ବେଳେ ନିମାପଡ଼ା ବ୍ଲକରେ ଅନେକ କୁକୁଡ଼ା ଜ୍ୱରରେ ମରି ପଡ଼ିଥିବା ଦେଖିବାକୁ ମିଳିଛି । ପୁରୀ ଜିଲ୍ଲାରେ ବାର୍ଡ଼ ଫ୍ଲୁ ଆତଙ୍କ ଚାଲିଥିବା ବେଳେ ଏହି କୁକୁଡ଼ା ମାନ ମରି ପଡ଼ିଥିବା ଘଟଣାକୁ ନେଇ କୁକୁଡ଼ା ମାଂସ ଲୋକମାନେ ଖାଇ ପାରିବେ କି ନାହିଁ ବୋଲି ଅନେକ ବ୍ୟକ୍ତି ଆଶଙ୍କା କରିଛନ୍ତି । ଏହି ମଲା କୁକୁଡ଼ାକୁ କୁକୁର ଓ ବିଲୁଆ ଖାଉଥିବା ବେଳେ ସେମାନଙ୍କୁ ରୋଗ ହେବାର ଆଶଙ୍କା ଦେଖାଦେଇଛି । ପ୍ରାଣୀ ଚିକିତ୍ସା ବିଭାଗ ଏହି ଘଟଣା ପ୍ରତି ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକରେ କୁକୁଡ଼ା ମଡ଼କ ଦେଖା ଦେଇଛି । ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ଅନେକ ବ୍ଲକ୍ ସମେତ ନିମାପଡ଼ା ବ୍ଲକ୍ ମଧ୍ୟ ସନ୍ଦେହ ଘେରରେ ରହିଛି । ଏହି ଅଞ୍ଚଳରେ ଥିବା କୁକୁଡ଼ାମାନଙ୍କର ନମୁନା ପରୀକ୍ଷା କରାଯିବ ବୋଲି କହିଥିବା ବେଳେ କୌଣସି ଫାର୍ମରୁ ଆଜି ପର୍ଯ୍ୟନ୍ତ ନମୁନା ପରୀକ୍ଷା କରାଯାଇ ନାହିଁ । କେତେକ ଖୁଚୁରା ବ୍ୟବସାୟୀ କୁକୁଡ଼ା କାଉଣ୍ଟର ଖୋଲି ଧଳା କୁକୁଡ଼ା ବିକ୍ରି କରୁଥିବା ବେଳେ ସେମାନେ ଧଳା କୁକୁଡ଼ା ନ କିଣି ନାଲି କୁକୁଡ଼ା ବିକ୍ରି କରୁଛନ୍ତି । ଗ୍ରାମ ଓ ସହର ଠାରୁ କିଛି ଦୂରରେ ଜୋର ମଧ୍ୟରେ ମଲା କୁକୁଡ଼ା ପଡ଼ିଥିବା ଦେଖିବାକୁ ମିଳିଛି । ଏହି ସଂକ୍ରମଣ ନିମାପଡ଼ାକୁ ବ୍ୟାପିଛି କି ନାହିଁ ତାହା ତୁରନ୍ତ ପରୀକ୍ଷା ପାଇଁ ନିମାପଡ଼ାର ଜନସାଧାରଣ ଦାବି କରିଛନ୍ତି । କେତେକ କୁକୁଡ଼ା ଚାଷୀ ଆଗ୍ରହ ପ୍ରକାଶ କରି ସେମାନଙ୍କ କୁକୁଡ଼ାର ନମୁନା ପରୀକ୍ଷା କରାଇବା ଆବଶ୍ୟକ ରହୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

### ବ୍ରାହ୍ମଣୀ ନଦୀକୂଳ ଲଂଘିଲା ବନ୍ୟାଜଳ

# ପାଣି ଘେରରେ କୋଳିଡ଼ିହ ଓ ପତ୍ରପୁର ପଞ୍ଚାୟତ



ଆଳି(ଭାସ୍କର ନ୍ୟୁଜ): ରେଙ୍ଗାଲି ବ୍ୟାରେଜ୍ ଗେଟ ଖୋଲା ହେଲା ପରେ ବ୍ରାହ୍ମଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇ କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ରିଙ୍ଗବନ୍ଧ ବାହାରେ ଥିବା ପତ୍ରପୁରର ୨ଟି ୱାର୍ଡ ଓ ଗୋପାଳପୁର ଗୋଟିଏ ୱାର୍ଡ ବନ୍ୟା ଜଳ ପ୍ରବେଶ କରିବା ଫଳରେ ଉକ୍ତ ଅଞ୍ଚଳ ସମେତ ପ୍ରସିଦ୍ଧ ଦରଘା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସେହିଭଳି କୋଳିଡିହ ପଞ୍ଚାୟତର ୭ଟି ଗ୍ରାମର ମୋଟ ୧୧ଟି ୱାର୍ଡର ପାଖାପାଖି ୩ ହଜାରରୁ ଉର୍ଦ୍ଧ୍ୱ ଲୋକ ଦିନିଆରି, ଚନ୍ଦନନଗର, ବିଜୟ ନଗର, ଜାମୁଦଣ୍ଡା, ଇଛାପୁର, ତଅଁଳାଡିହା ଗ୍ରାମଗୁଡିକରେ ବନ୍ୟା ଜଳରେ ଉବୁଟୁବୁ ହେଉଛି । ବଡାମ୍ବିଳା ପଞ୍ଚାୟତର ଦଶିପୁର ଓ ସାହୁପଡା ତଳିଆ ଅଞ୍ଚଳ ବୁଡିଯିବା ସହ ଚାଷ ଜମି ସମ୍ପୂର୍ଣ୍ଣ ବୁଡିଯିବା ଯୋଗୁ ଧାନଫସଲ ନଷ୍ଟ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଛି । ନରେନ୍ଦ୍ରପୁର, ମାଣିକପାଟଣା, ପଦ୍ମିନୀପାଳ ଓ ନୂଆପଡା ପଞ୍ଚାୟତର କିଛି ଅଞ୍ଚଳ ମଧ୍ୟ ବନ୍ୟା ଘେରକୁ ଆସିଯାଇଛି। ପତ୍ରପୁର ନିକଟରେ ବ୍ରାହ୍ମଣୀ ନଦୀର ବିପଦ ସଂକେତ ୧୬ ଫୁଟ ଥିବା ବେଳେ ବର୍ତ୍ତମାନ ଏହା ସେହି ସଂକେତ ଅତିକ୍ରମ କରି ନ ଥିବା ତଟବନ୍ଧ ବିଭାଗ ସୂତ୍ରରୁ ସୂଚନା ମିଳିଛି। ଏହାକୁ ଆଖି ଆଗରେ ରଖି ଆଳି ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ଥିବା ବେଳେ ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ନିମନ୍ତେ ଆଳିର ଧୋୟାଞ୍ଚଳ ସହ ଉପରୋକ୍ତ ଅଞ୍ଚଳରେ ତୀକ୍ଷ୍ଣ ନଜର ରଖାଯାଇଥିବା ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

### ପଟ୍ଟାମୁଣ୍ଡାଇ ପାନୀୟ ଜଳଯୋଗାଣ ବିଭାଗର ମନମୁଖୀ

# ପାଣିରେ ପଡ଼ିଲା ୨୬ ଲକ୍ଷ ଟଙ୍କା, ସନ୍ଦେହଘେରରେ ଜେଇ-ଏସ୍‌ଡିଓ




ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): ପାନୀୟ ଜଳ ଯୋଗାଣ ପାଇଁ ପୂର୍ବ ସରକାର ଓ ବର୍ତ୍ତମାନର ମୋହନ ସରକାର ଗୁରୁତ୍ୱ ଦେଉଥିବା ବେଳେ ବର୍ତ୍ତମାନ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡିପାଳ ପଞ୍ଚାୟତର ଚିତ୍ର ଭିନ୍ନ ଅଟେ । ୨୦୧୮ ମସିହାରେ ପଞ୍ଚାୟତର ପାନୀୟ ଜଳଯୋଗାଣ ସମସ୍ୟା ଦୂରୀକରଣ ନିମନ୍ତେ ତରଡିପାଳ ପଞ୍ଚାୟତରେ ଏକ ଲକ୍ଷ ଲିଟର ବିଶିଷ୍ଟ ଓଭର୍ ହେଡ୍ ଟ୍ୟାଙ୍କ୍ ନିର୍ମାଣ କରାଯାଇଥିଲା । ଏହାକୁ ନିର୍ମାଣ କରିଥିଲେ ଦେବ ଜଗତି କଣ୍ଟ୍ରାକ୍ଟର ତତ୍କାଳୀନ ସରପଞ୍ଚ ପ୍ରିୟଦର୍ଶିନୀ ତରାଇ ସହ ଭିତିରିଆ ବୁଝାବଣା ହୋଇଥିଲା । ରାମନାୟକଡିଆ, ପୋଖରୀକୂଳ, ତୁଳସୀଡିଆ ଓ ଘାଗରାଡିଆ ଜନସାଧାରଣଙ୍କ ପାଣି ସମସ୍ୟା ସମାଧାନ ଦୂର କରିବା ପାଇଁ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତା । ଏହି ପ୍ରକଳ୍ପ ୨୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ପଞ୍ଚାୟତକୁ ହସ୍ତାନ୍ତରିତ ହେଲାନାହିଁ । ବର୍ତ୍ତମାନର ସରପଞ୍ଚ ଦେବବ୍ରତ ନାୟକଙ୍କୁ ପଚାରିବାରୁ ପଞ୍ଚାୟତକୁ ଉକ୍ତ ପାଣି ଟାଙ୍କି ପ୍ରକଳ୍ପ ହସ୍ତାନ୍ତର ହୋଇନାହିଁ ବୋଲି ମନା କରି ଦେଇଛନ୍ତି । ପ୍ରଶ୍ନ ଉଠେ ଏତେ ଲକ୍ଷ ଟଙ୍କାର ପ୍ରକଳ୍ପ କାହା ସ୍ୱାର୍ଥରେ ନିର୍ମାଣ କରାଯାଇଥିଲା ? ସୂଚନା ଅଧିକାର ଆଇନ ଅନୁଯାଇ ଦର୍ଶାଯାଇଛି କି ଏହି ପାଣି ପ୍ରକଳ୍ପ ୨୦୨୨ ମସିହାରୁ ଚାଲୁଛି, ଯାହାକି ପାନୀୟ ଜଳଯୋଗାଣ ବିଭାଗ ପଟ୍ଟାମୁଣ୍ଡାଇ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ତରଡିପାଳ ପଞ୍ଚାୟତରେ ଅର୍ଦ୍ଧାଧିକ ଗ୍ରାମ ପାନୀୟ ଜଳରୁ ବଞ୍ଚିତ ହେଉଥିବା ବେଳେ କେମିତି ସୂଚନା ଆଇନ୍ ଏହିଭଳି ତଥ୍ୟ ଦେଉଛି ତାହା ପଞ୍ଚାୟତବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଆଗାମୀ ଦିନରେ ଯଦି ଏହାର ସମାଧାନ ତଥା ଓଭର୍ ହେଡ୍ ଟ୍ୟାଙ୍କ୍ ଚାଲୁ ନ ହୁଏ, ତେବେ ପଞ୍ଚାୟତ ଅଫିସ ଘେରାଉ କରିବା ପାଇଁ ଅଭିଷେକ ବିଶ୍ୱାଳ, ପ୍ରତାପ ରାଉତ, ଅର୍ଜୁନ ସୁତାର, ମହେଶ୍ୱର ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି ।

### ଗୁହାଳରୁ ଗାଈ ଚୋରି ଉଦ୍ୟମ

# ଦୁର୍ଗାପୁରରେ ଫେଲ ମାରିଲେ, ନିମାପଡ଼ାରେ ସଫଳ ହେଲେ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଗୋରୁ ଚୋରି ର୍ୟାକେଟ୍ ବ୍ୟାପିଥିବା ବେଳେ ଗୋଟିକ ପରେ ଗୋଟିଏ ଗୁହାଳ ଚୋରମାନେ ଖାଲି କରି ଦେଉଛନ୍ତି । ଭିଆଇପି ଚୋର ହୋଇଥିବା ବେଳେ ବୋଲେରୋ ଗାଡ଼ିରେ ଆସି ଗୋରୁ, ଛେଳି, ମେଣ୍ଢା ଚୋରି କରି ନେବା ଘଟଣାରେ ଗରିବଙ୍କର ଜୀବିକା ଲୁଟି ନେଉଛନ୍ତି । ରବିବାର ବିଳମ୍ବିତ ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ପାଇଟାଳ ସାହିର ମଙ୍ଗୁଳି ପାଇଟାଳଙ୍କ ଗୁହାଳରୁ ଚୋରମାନେ ଗାଈ ଚୋରି କରି ନେବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି । ଦୁର୍ବୃତ୍ତମାନଙ୍କ ସମସ୍ତ ଦୃଶ୍ୟ ନିକଟରେ ଲାଗିଥିବା ଏକ ସିସିଟିଭିରେ କଏଦ ହୋଇଥିବା ବେଳେ ମଙ୍ଗୁଳିଙ୍କ ପକ୍ଷରୁ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ସୂଚନା ମୁତାବକ, ମଙ୍ଗୁଳିଙ୍କ ଘରକୁ ଲାଗି ଗୁହାଳ ରହିଥିବା ବେଳେ ସୋମବାର ରାତି ପ୍ରାୟ ୨ଟାରେ ଦୁଇଜଣ ଦୁର୍ବୃତ୍ତ ଏକ ବୋଲେରୋ ଗାଡ଼ିରେ ଆସି କେନାଲ ବନ୍ଧରେ ଗାଡ଼ି ରଖି ଗୁହାଳରେ ବନ୍ଧା ହୋଇଥିବା ଏକ ଗାଈକୁ ଫିଟାଇ ନେଇ ଗାଡ଼ିରେ ଭର୍ତ୍ତି କରିବା ସମୟରେ ଗାଈଟି ସେଠାରୁ ଖସି ଗୁହାଳ ନିକଟକୁ ଆସି ରଡ଼ି ଛାଡ଼ିଥିଲା । ଗାଈ ରଡ଼ି ଶୁଣି ମଙ୍ଗୁଳିଙ୍କ ପତ୍ନୀ ବାହାରକୁ ଆସିବାରେ ଗୁହାଳ କବାଟ ଖୋଲା ରହିଥିବା ସହ ଗୁହାଳରେ ଗାଈ ନଥିବା ଦେଖି ଡ଼ାକ ପକାଇଥିଲେ । ପାଟି ଶୁଣି ମଙ୍ଗୁଳିଙ୍କ ପରିବାର ଲୋକେ ବାହାରକୁ ଆସିବାରେ ଦୁର୍ବୃତ୍ତମାନେ ବୋଲେରୋ ନେଇ ସେଠାରୁ ଫେରାର ହୋଇଯାଇଥିଲେ । ପରେ ଗାଈକୁ ମଙ୍ଗୁଳି ବାରି ଭିତରୁ ପାଇଥିଲେ । ତେବେ ବୋଲେରୋକୁ ପିଛା କରିବା ସମୟରେ ବନ୍ଧ ଉପରେ ସେହି ଗ୍ରାମର ଦୁଇଜଣ ଯୁବକ କେନାଲ ବନ୍ଧ ଉପରେ ଅଟୋ ଭିତରେ ବସିଥିବା ନେଇ ଲୋକମାନେ ଦେଖିବା ପରେ ଚୋରି ଉଦ୍ୟମରେ ଉକ୍ତ ଯୁବକଙ୍କ ସଂପୃକ୍ତି ଥାଇପାରେ ବୋଲି ଅଭିଯୋଗରେ ଦର୍ଶାଯାଇଛି । ଅନ୍ୟପଟେ ଏହି ଦୁର୍ବୃତ୍ତମାନେ ଏଠାରୁ ଫେଲ ମାରିବା ପରେ ଧଳେଶ୍ୱର ପଞ୍ଚାୟତ ଅଙ୍ଗାରପଡ଼ା ଗ୍ରାମର ପ୍ରସନ୍ନ ବେହେରାଙ୍କ ଗୁହାଳରୁ ସମାନ ଢ଼ଙ୍ଗରେ ଗୋଟିଏ ଗର୍ଭିଣୀ ଗାଈକୁ ଚୋରି କରି ନେଇଛନ୍ତି । ଗତ ଦୁଇବର୍ଷ ତଳେ ପ୍ରସନ୍ନଙ୍କ ଗୁହାଳରୁ ୧୦ଟି ମେଣ୍ଢା ଚୋରି ହୋଇଥିବା ବେଳେ ଗତକାଲିର ଘଟଣା ନେଇ ପ୍ରସନ୍ନ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି ।

# ବୁଢ଼େଶ୍ୱର ମନ୍ଦିରରେ କାଉଡ଼ିଆଙ୍କ ଭିଡ



ଭୁବନ(ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଢ଼େଶ୍ୱରଙ୍କ ମନ୍ଦିରରେ ଶ୍ରାବଣ ମାସର ପ୍ରଥମ ସୋମବାରରେ ଜଳଲାଗି କରିବାକୁ କାଉଡ଼ିଆଙ୍କ ପ୍ରବଳ ଭିଡ ହୋଇଥିଲା । ରବିବାର ସନ୍ଧ୍ୟାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ଶୈବଭକ୍ତ ନିଜର ମାନସିକ ପୂରଣ ପାଇଁ ଆସି ପହଞ୍ଚିଥିଲେ । ପୂଣ୍ୟତୋୟା ବ୍ରାହ୍ମଣୀ ନଦୀରୁ ଜଳଆଣି ବାବା ବୁଢ଼େଶ୍ୱରଙ୍କୁ ଜଳ ଲାଗି କରିଥିଲେ । ଭୋଲା ବାବା ପାର କରେଗା, ହର ହର ମହାଦେବ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା । ପ୍ରଥମ ସୋମବାରରେ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଶୃଙ୍ଖଳିତ ଭାବେ ଧାଡ଼ିରେ ଯାଇ ବୁଢ଼େଶ୍ୱରଙ୍କୁ ଜଳ ଲାଗି କରିଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ତରଫରୁ କାଉଡ଼ିଆଙ୍କ ପାଇଁ ସେବା କେନ୍ଦ୍ର ଖୋଲା ଯାଇଥିଲା । ଜଳପାନ ଓ ଭୋଜନ ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ତରଫରୁ କାଉଡ଼ିଆଙ୍କ ସୁରକ୍ଷା ଓ ଶୃଙ୍ଖଳାର ସହ ଜଳଲାଗି ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭୁବନ ଥାନା ତରଫରୁ ମଧ୍ୟ ମନ୍ଦିର ପରିସରରେ ପୋଲିସ ମୁତୟନ କରାଯାଇ ସୁରକ୍ଷା ଯୋଗାଇ ଦିଆଯାଇଥିଲା ।

# ମିଳିତ ଜନଶୁଣାଣି ଶିବିରରେ ୮୭ ଅଭିଯୋଗ ଗ୍ରହଣ, ଦୁଇଟି ସମାଧାନ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକରେ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣୀ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ଦଶ ଘଟିକା ସମୟରେ ଅନୁଷ୍ଠିତ ହୋଇ ଯାଇଛି । ଶିବିରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ଥିବାବେଳେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନୁପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଏଡିଏମ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାତ କୁମାର ବେହେରା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ସଞ୍ଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ହୋଇ ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ତହସିଲାଦାର ସତ୍ୟଜିତ ମହାନ୍ତିଙ୍କ ପ୍ରତ୍ୟକ୍ଷ ସହଯୋଗ ରେପୋଲିସ ବିଭାଗର ଡିଏସପି (ଏଚଆରପିସି)ନିବେଦିତା ସୋରେନ୍, ଜଳେଶ୍ୱର ପୌରନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ପର୍ଯ୍ୟଟନ, ଏସଏଲଆର ଓ ଗ୍ରୀଭେନ୍ସ ଅଧିକାରୀ ଅମ୍ଳାନ ନାୟକ, ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଣୀ ସ୍ନିଗଧା ପଣ୍ଡା, ଡିଏସଡବ୍ଲ୍ୟୁ ଜ୍ୟୋସ୍ନା ମହାନ୍ତି, ଜିଲ୍ଲା ଯୋଗାଣ ଅଧିକାରିଣୀ ସ୍ମିତା ନାୟକ, ଜିଲ୍ଲା ସାମାଜିକ ଅଧିକାରିଣୀ ପ୍ରତିଭା ବେହେରା, ଜିଲ୍ଲା ମଙ୍ଗଳ ଅଧିକାରିଣୀ ବିଦ୍ୟୁତଲତା ମହାପାତ୍ର, ଡିଆରସିସି ସରୋଜିନି ନାୟକ, ଡ୍ରେନେଜ ବିଭାଗ ଏସଡିଓ ଇରାକ ଚନ୍ଦ୍ର ବେହେରା, ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ଜଳେଶ୍ୱର ସିଡିପିଓ ମିନତି ସିଂ, ଡ୍ରେନେଜ ବିଭାଗର ଅଧିକ୍ଷକ ଯନ୍ତ୍ରୀ ବିକ୍ରମ କେଶରୀ ମଲ୍ଲିକ, ବିଦ୍ୟୁତ ବିଭାଗର ଅଧିକ୍ଷକ ଯନ୍ତ୍ରୀ ରତିରଞ୍ଜନ ଦାସ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରେବତୀ କୁଅାଁର, ଏସଡିଓ ସେଶନାଗ ପ୍ରଧାନ, ଅତିରିକ୍ତ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ଦାଶ ଓ ଅତିରିକ୍ତ କୃଷି ଅଧିକାରିଣୀ ରଞ୍ଜିତା ପାତ୍ର, ଉଦ୍ୟାନ ବିଭାଗ ଅଧିକାରିଣୀ ସୌମ୍ୟା ରଥ, ଅବକାରୀ ଅଧିକାରୀ ଚନ୍ଦନ କୁମାର ନାୟକ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଅଭିଯୋଗ ମଧ୍ୟରେ ବିଶେଷ କରି ରାସ୍ତା, ପିଇବା ପାଣି, ମଧୁବାବୁ ପେନସନ ଯୋଜନା, ସ୍ୱାସ୍ଥ୍ୟ, ଶିକ୍ଷା, ଅଙ୍ଗନୱାଡ଼ି କେନ୍ଦ୍ରରେ ସହାୟିକା ନିଯୁକ୍ତିରେ ଚଞ୍ଚକତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା, ଶ୍ରମିକ କାର୍ଡ, ଘରବାରୀ ପଟ୍ଟା, ରାସନ୍ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ସମ୍ବନ୍ଧୀୟ ଅଭିଯୋଗ ହୋଇଥିଲା। ଶିବିରରେ ମୋଟ ୮୭ ଅଭିଯୋଗ ଆସିଥିବା ବେଳେ ୨ଟି ଅଭିଯୋଗର ସମାଧାନ ହୋଇଥିଲା। ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ସାହୁ, ବ୍ଲକ ମଙ୍ଗଳ ଅଧିକାରୀ ସଜତ ଅନୁପମ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ, ବ୍ଲକ ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ, ସେକଶନ ଅଫିସର ମନ୍ଦାକିନୀ ସିଂ, ବ୍ଲକ ଜୀବିକା ମିଶନ ପ୍ରକଳ୍ପ ଅଧିକାରୀ ନିରଞ୍ଜନ ନାୟକ, ମିଶନ ଶକ୍ତି ବ୍ଲକ ସଂଯୋଜକ ସନ୍ତୋଷ କୁମାର ପାତ୍ର, ସିପି ସୁଜିତ କୁମାର ଜେନା ଓ ବ୍ଲକର କର୍ମଚାରୀ ସହଯୋଗ କରିଥିଲେ।

# ସାପ କାମୁଡାରେ ମହିଳା ଗୁରୁତର

ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମେଣ୍ଟପୁର ଗ୍ରାମପଞ୍ଚାୟତ ଅଧୀନ ପଦନପୁର ଗ୍ରାମର ଜଣେ ମହିଳା ଘରୋଇ କାର୍ଯ୍ୟ ନିମନ୍ତେ ବାଡ଼ିକୁ ଯାଇଥିବା ବେଳେ ତାଙ୍କୁ ସେଠାରେ ଏକ ବିଷଧର ସାପ କାମୁଡି ଦେବା ଫଳରେ ସେ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି । ସୂଚନା ସୂତ୍ରରୁ ପ୍ରକାଶ ଯେ ଆଳି ଥାନା ଅଧୀନ ପଦନପୁର ଗ୍ରାମର ଏସକେ ନାଶିର ଉଦ୍ଦିନଙ୍କ ପତ୍ନୀ ଫିରୋଜା ବିବି(୫୫) ଅପରାହ୍ନରେ ନିଜସ୍ୱ କାର୍ଯ୍ୟ ପାଇଁ ଘର ବାଡ଼ି ପଟକୁ ଯାଇଥିଲେ । କାର୍ଯ୍ୟ କରିବା ସମୟରେ ହଠାତ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା । ସାପ କାମୁଡ଼ି ଦେବା ପରେ ତୁରନ୍ତ ତାଙ୍କୁ ପ୍ରଥମେ ଆଳି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ।

# ବିଦ୍ୟାଳୟରେ ଭୂତ ଛାତ୍ରଛାତ୍ରୀ, ମଧ୍ୟାହ୍ନଭୋଜନ ଓ ପୋଷାକ ଅର୍ଥ ଲୁଟ୍

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ଗ୍ରାମପଞ୍ଚାୟତ କାଜିହାଟସ୍ଥିତ ତବଲିକ୍ ନଗର ପ୍ରକଳ୍ପ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବହୁ ଭୂତ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକରଣ କରାଯାଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଏହି ଛାତ୍ରଛାତ୍ରୀଙ୍କ ନାମରେ ଆସୁଥିବା ମଧ୍ୟାହ୍ନ ଭୋଜନ ଓ ପୋଷାକ ବାବଦ ଅର୍ଥ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ସମ୍ମୁଖରେ ସ୍ଥାନୀୟ ମଦ୍ରାସା ରହିଛି। ମଦ୍ରାସାରେ ଅଧ୍ୟୟନ କରୁଥିବା ପ୍ରାୟ ୨୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀଙ୍କ ନାମ ଏହି ବିଦ୍ୟାଳୟ ଉପସ୍ଥାନ ଖାତାରେ ପଞ୍ଜିକରଣ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଥାଉକି ସରକାରଙ୍କ ନିୟମ ଦୃଷ୍ଟିକୋଣରୁ ମଦ୍ରାସାରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ସ୍ଥାନୀୟ ବିଦ୍ୟାଳୟରେ ନାମ ଲେଖାଇପାରିବେ ନାହିଁ। ମାତ୍ର ସରକାରଙ୍କ ଏହି ନିୟମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖୁଲମଖୁଲା ଉଲଘଂନ କରିଥିବା ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷକଙ୍କ ଜ୍ଞାତସାରରେ ମଦ୍ରାସାରେ ଅଧ୍ୟୟନ କରୁଥିବା ଏହି ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକରଣ କରାଯାଇ ମଧ୍ୟାହ୍ନ ଭୋଜନ ବାବଦରେ ଆସୁଥିବା ଅର୍ଥ ହଡପ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଛାତ୍ରଛାତ୍ରୀଙ୍କ ନିମନ୍ତେ ସରକାର ଯୋଗାଇ ଦେଉଥିବା ମାଗଣା ପୋଷାକ କୁଆଡେ ଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ବିଦ୍ୟାଳୟରେ ବହୁ ଭୂତ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକରଣ କରାଯାଇ ଲକ୍ଷ ଲକ୍ଷ ଟଙ୍କା ବାର୍ଷିକ ହରିଲୁଟ କରାଯାଉଥିଲେ ମଧ୍ୟ ଶିକ୍ଷା ବିଭାଗ କିପରି ଏ ସମ୍ପର୍କରେ ଅବଗତ ହୋଇପାରୁନାହିଁ ତାହା ତଦନ୍ତସାପେକ୍ଷ । ପ୍ରଶାସନ ତରଫରୁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଓ ପୋଷାକ ବଣ୍ଟନରେ ହେଉଥିବା ଅନିୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ରହସ୍ୟର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଭସ୍ମ

ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ମେଡିକାଲରେ ଥିବା ସମନିତ ପରୀକ୍ଷାଗାର ଏବଂ ନିଦାନ ଗୃହରେ ରବିବାର ବିଳମ୍ବିତ ରାତ୍ରୀରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ପୋଡିଯାଇଛି। ସୋମବାର ସକାଳେ ପରୀକ୍ଷାଗାର କର୍ମଚାରି ଗୃହ ଖୋଲିବା ପରେ ଯନ୍ତ୍ରାଂଶ ପୋଡ଼ିଥିବା ମେଡିକାଲ ଅଧିକାରୀଙ୍କୁ ସୂଚନା ଦେବା ପରେ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ରବିବାର ରାତିରେ ବର୍ଷା ସହ ଘଡଘଡି ମାରିବା ଦ୍ୱାରା ଏପରି ଘଟଣା ଘଟିଥାଏ ବୋଲି ମେଡିକାଲ ଅଫିସର ମନ୍ମୟ କୁମାର ସାମନ୍ତ ସିଂହାର କହିଛନ୍ତି। ତେବେ ଦାଇତ୍ୱରେ ଥିବା କର୍ମଚାରୀ ଯିବା ପୂର୍ବରୁ ପରୀକ୍ଷାଗାରର ଯନ୍ତ୍ରାଂଶ ଗୁଡ଼ିକରୁ ଲାଇନି କାଟିନଥିଲେ କାହିଁକି ? ଏହା କର୍ମଚାରୀଙ୍କ ଅବହେଳା ନୁହେଁ କି ? ତେବେ ସେ ପରୀକ୍ଷାଗାର ମଧ୍ୟରେ ଜାଣିଶୁଣି ଲଗାଇ ଦିଆଯାଇ ପାରିଥାଏ ବୋଲି ସାଧାରଣରେ ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି । ଏ ଦିଗରେ ବିଧିବଦ୍ଧ ତଦନ୍ତ କଲେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିବ।

# ଦିଗନ୍ତ ଆବାସିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ କସର୍ଦା ପଞ୍ଚାୟତସ୍ଥିତ ପତ୍ରକଣାରେ ଥିବା ସଂକଳ୍ପ ସେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ଦିଗନ୍ତ ଆବାସିକ ବିଦ୍ୟାଳୟର ଚତୁର୍ଦ୍ଦଶତମ ପ୍ରତିଷ୍ଠା ଦିବସ ଅନୁଷ୍ଠାନର ସଭାପତି ଚକ୍ରଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଲେଖକ ଅଧ୍ୟାପକ ତଥା ଗବେଷକ ଡଃ ସୁଶାନ୍ତ କୁମାର କର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅଡ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଅରୁଣ କୁମାର ନାଏକ, ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ଅକ୍ଷୟ ମହାନ୍ତି, ଉଚ୍ଚଶିକ୍ଷା ବିଭାଗର ସେକ୍ସନ ଅଫିସର ପ୍ରଦୀପ୍ତ କୁମାର ନନ୍ଦ, ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ସଂକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଗିତିକା ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା । ତତ୍‌ପରେ ସଭା ଆୟୋଜନ କରାଯାଇଥିଲା । ଦିଗନ୍ତ ଆବାସିକ ବିଦ୍ୟାଳୟର ଅଧକ୍ଷା ଏ ଜୟଲକ୍ଷ୍ମୀ ଅତିଥମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଶିକ୍ଷା ସମ୍ବନ୍ଧରେ ଅତିଥିମାନେ ନିଜ ନିଜର ମତବ୍ୟକ୍ତ କରିବା ସହିତ ଶିକ୍ଷାର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସଂକଳ୍ପ ସେଚ୍ଛାସେବୀ ଅନୁଷ୍ଠାନର ସଂପାଦକ ମିହିର କାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବକୁ ଜୟକୃଷ୍ଣ ଚମ୍ପତି, ବିଦ୍ୟାଳୟର ଶିକ୍ଷକ ସଂକଳ୍ପ ମହାନ୍ତି, ସଂଜୟ ପରିଡା, ସାରଥ ମଲ୍ଲିକ, କୁଞ୍ଜ ବିହାରୀ ଜେନା, ସ୍ମୃତିରଂଜନ କାରୁଣିକ, ଦୁର୍ଗା ପ୍ରସାଦ ମିଶ୍ର, ଶିକ୍ଷୟତ୍ରୀ ସ୍ମିତାରେଖା ମହାପାତ୍ର, ସୁଜ୍ଞାନୀ ପାଢୀ, ବର୍ଣ୍ଣପ୍ରଭା ଚୌଧୁରୀ, ବବିନା ସୁବୁଦ୍ଧି, ସୁଚିସ୍ମିତା ବିଶ୍ୱାଳ, ଗାୟତ୍ରୀ ନାୟକ ରୋନାଲି ମଧୁସ୍ମିତା ଆଚାର୍ଯ୍ୟ, ମମତା ମହାପାତ୍ର, ଜୟଶ୍ରୀ ରାଉରାୟ, ସୁଚିସ୍ମିତା ରେହେରା, ଷ୍ଟାଫ୍ ରବିନ୍ଦ୍ର ପ୍ରଧାନ, ବିଶ୍ୱରଂଜନ ବେହେରା ସୁଜନ ମୁଦୁଲି, ସଂଜୟ ମହାନ୍ତି, ସନ୍ତୋଷ ବେହେରା, ରମେଶ ନାୟକ।

# ଜାତୀୟ ରାଜପଥ-୫୫ ଶେଷ ହେବାର ନା ଧରୁନି, ୯ ବର୍ଷରେ କାମ ଅଧା ହୋଇନି

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଗତ ୨୦୧୭ ମସିହାରେ ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଜାତୀୟ ରାଜପଥ ୫୫କୁ ଓଏମପି ଛକରୁ ନୂଆଗାଁ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ୨୯ ଅଗଷ୍ଟ ୨୦୧୭ରେ ତତ୍କାଳୀନ ଜଗତସିଂହପୁର ଜିଲ୍ଲାପାଳ ଯାମିନି ଷଡ଼ଙ୍ଗୀଙ୍କର ଅଧ୍ୟକ୍ଷତାରେ ଜାତୀୟ ରାଜପଥ ୫୫ର ଚୂଡାନ୍ତ ପ୍ରସ୍ତାବକୁ ଆରକି ଟେକ୍ନୋ କନସେଲଟ ଆଣ୍ଡ ପ୍ରାଇଭେଟ ଲିମିଟେଡ଼ ଉପସ୍ଥାପନ କରିଥିଲା। ସେ ସମୟରେ ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ୨୦୧୭ ଶେଷ ସୁଦ୍ଧା ଜାତୀୟ ରାଜପଥ ୫୫ କାର୍ଯ୍ୟ ଆରମ୍ଭ ହୋଇ ୨୦୨୧ ମଧ୍ୟରେ ଶେଷ ହେବାର ପ୍ରସ୍ତାବ ଅନୁମୋଦିତ ହୋଇଥିଲା। ସେ ସମୟରେ ପ୍ରସ୍ତୁତ ହୋଇଥିବା ସମ୍ପୂର୍ଣ୍ଣ ପ୍ରୋଜେକ୍ଟ ରିପୋର୍ଟକୁ ଜାତୀୟ ରାଜପଥ ମନ୍ତ୍ରଣାଳୟର ମୁଖ୍ୟ ଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ଅନୁମୋଦନ କରିବା ସହ ବୈଠକରେ ଲୋକସଭା ଓ ରାଜ୍ୟସଭା ସାଂସଦ ବାଲିକୁଦା-ଏରସମା, ତିର୍ତ୍ତୋଲ, ଜଗତସିଂହପୁର ବିଧାୟକ ଓ ରାଜ୍ୟ ପ୍ଲାନିଂ ବୋର୍ଡ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ବିରିଡି, ଜଗତସିଂହପୁର, ଏରସମା ବ୍ଲକ ଅଧ୍ୟକ୍ଷ, ଜଗତସିଂହପୁର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଓ ଜଗତସିଂହପୁର, ବିରିଡି, ଜଗତସିଂହପୁର, ବାଲିକୁଦା-ଏରସମା ବ୍ଲକ ବିଡ଼ିଓ ଓ ତହସିଲଦାର ଜମି ଅଧିଗ୍ରହଣ ଅଧିକାରୀ, ଉପ ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ଇତ୍ୟାଦି ଉପସ୍ଥିତ ଥିଲେ। ମାତ୍ର ୨୯ ଅଗଷ୍ଟ ୨୦୧୭ର ଜନଶୁଣାଣି ବୈଠକ ପରେ ଜାତୀୟ ରାଜପଥ ୫୫ର ବିଶେଷ ଅଗ୍ରଗତି ଘଟିନଥିଲା। ସମ୍ବଲପୁରରୁ ଆରମ୍ଭ ହୋଇଥିବା ଜାତୀୟ ରାଜପଥ ୫୫ ମଙ୍ଗୁଳି ନିକଟରେ ଶେଷ ହୋଇଥିଲା ଓ ମଙ୍ଗୁଳି ଠାରୁ ଓଏମପି ପର୍ଯ୍ୟନ୍ତ ୧୧ କିଲୋମିଟର ରାସ୍ତାକୁ ନେଇ ବିବାଦ ଉପୁଜିବାରୁ ଚୂଡାନ୍ତ ପ୍ରକଳ୍ପ ରିପୋର୍ଟ ବିଳମ୍ବ ହୋଇଥିଲା ଓ ଅନେକ ବାଦ ବିବାଦ ପରେ ଏହି ୧୧ କିଲୋମିଟର ରାସ୍ତା ଏଏଚ(୧୫) ଏନଏଚ(୧୬)ଅଧୀନରେ ରହିଥିଲା। ତେବେ ଜାତୀୟ ରାଜପଥ ୫୫ କାର୍ଯ୍ୟ ଓଏମପି ଛକ ଠାରୁ ନୂଆଗାଁ ପର୍ଯ୍ୟନ୍ତ ହେବା ପାଇଁ ସ୍ଥିର କରାଯାଇଥିଲା। ଜାତୀୟ ରାଜପଥ ୫୫ ୧୦୬ କିଲୋମିଟର ଦୂରତା ଅତିକ୍ରମ କରିବ ଓ ସେଥି ମଧ୍ୟରୁ ୬୭.୯୫୦ କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତା ଓ ୩୭.୨୫୦ କିଲୋମିଟର ଗ୍ରାମ୍ୟ ଉନ୍ନୟନ ରାସ୍ତା ଅନ୍ତର୍ଭୁକ୍ତ ଥିଲା। ଜାତୀୟ ରାଜପଥ ୫୫ ନିମନ୍ତେ ୬ଟି ବାଇପାସ ରାସ୍ତା ଯଥା ଦଳେଇ ଘାଇ ବାଇପାସ, ଜଗତସିଂହପୁର ବାଇପାସ, ବାଲିକୁଦା ଇବ୍ରିସିଂ ବାଇପାସ, ଏରସମା ଜପାଭୁଆଁ ବାଇପାସ, ଚଟୁଆ ବାଇପାସ ଓ ବାଲିତୁଠ ବାଇପାସକୁ ମିଶାଇ ମୋଟ ୪୦.୨୩୦ କିଲୋମିଟର ବାଇପାସ ଓ ଅନ୍ୟାନ୍ୟ ୫୩.୯୦୯ କିଲୋମିଟର ରାସ୍ତାକୁ ଜାତୀୟ ରାଜପଥ ୫୫ ଭାବେ ଉନ୍ନତି କରଣ କରିବା ପାଇଁ ସ୍ଥିର କରାଯାଇଥିଲା। ଏଥି ନିମନ୍ତେ ରେଳ ଓଭର ବ୍ରିଜ ଓ ଅନ୍ୟାନ୍ୟ ଓଭର ବ୍ରିଜ ପାଇଁ ପ୍ରସ୍ତାବ ଅନୁମୋଦନ ହୋଇଥିଲା। ମାତ୍ର ଦୁର୍ଭାଗ୍ୟର ପ୍ରସଙ୍ଗ ଓଏମପି ଛକରୁ ନୂଆଗାଁ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ଜାତୀୟ ରାଜପଥ ୫୫, ୮ ବର୍ଷ ଭିତରେ ଅଧା କାମ ହୋଇପାରିନାହିଁ। ରେଳ ଓଭର ବ୍ରିଜ, କେନାଲ ଓଭର ବ୍ରିଜ ଇତ୍ୟାଦି କାର୍ଯ୍ୟ ଶେଷ ହୋଇନଥିବା ସମୟରେ କୌଣସି ବାଇପାସ ରାସ୍ତା ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏତଦଭିନ୍ନ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଠାରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିଗ୍ରହଣ କରିଥିବା ରାସ୍ତା ସମ୍ପ୍ରସାରିତ ହୋଇପାରିନାହିଁ ଓ କେତେକ ସ୍ଥାନରେ ଗମନାଗମନ ନିମନ୍ତେ ମରାମତି ମଧ୍ୟ କରାଯାଇନାହିଁ। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାତୀୟ ରାଜପଥ କାର୍ଯ୍ୟ ସମ୍ପର୍କରେ କୌଣସି ସୂଚନା ମିଳୁନଥିବା ସମୟରେ ଜିଲ୍ଲା ପ୍ରଶାସନ ଓ ରାଜନୈତିକ ବ୍ୟକ୍ତି ବିଶେଷ ମଧ୍ୟ ନୀରବତା ଅବଲମ୍ବନ କରୁଛନ୍ତି। ଏଭଳି ସ୍ଥିତିରେ ଜାତୀୟ ରାଜପଥ ୫୫ନଂ କାର୍ଯ୍ୟ ଜଗତସିଂହପୁର ଜିଲ୍ଲାରେ କେବେ ଶେଷ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



କରଞ୍ଜିଆ (ଭାସ୍କର ନ୍ୟୁଜ): ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମିତି କରଞ୍ଜିଆ ଶାଖାର ରଜତ ଜୟନ୍ତୀ ସ୍ଥାନୀୟ ଶକ୍ତି ମନ୍ଦିର ପରିସରରେ ସମିତିର ଅଧ୍ୟକ୍ଷା ସୁନୀତା ମିତ୍ତଲଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ରଜତ ଜୟନ୍ତୀ ସମାରୋହରେ ଅତିଥି ଭାବେ ମାରୱାଡ଼ି ସମାଜର ବରିଷ୍ଠ ସଦସ୍ୟ ଗୋପାଲ ଅଗ୍ରୱାଲା, ଦାମୋଦର ଅଗ୍ରୱାଲା,ଡାକ୍ତର ମୁରଲୀ ଧର ଅଗ୍ରୱାଲା, ମାରୱାଡି ଯୁବ ସମାଜର ପୂର୍ବତନ ସଭାପତି ବିଷ୍ଣୁ କୁମାର ଅଗ୍ରୱାଲା, ମହିଳା ସମିତିର ପୂର୍ବତନ ସଭାପତି ସାବିତ୍ରୀ ଅଗ୍ରୱାଲା, ମଞ୍ଜୁଦେବୀ ବୁବୁନା ପ୍ରମୁଖ ଯୋଗ ଦେଇ ମହିଳା ସମିତିର ଜନ କଲ୍ୟାଣ କାର୍ଯ୍ୟାବଳୀ ସଂପର୍କରେ ସୂଚନା ଦେବା ସହିତ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥିଲେ। ମହିଳା ସମିତିର ସଚିବ ସରିତା ଅଗ୍ରୱାଲ ପ୍ରାରମ୍ଭିକ ସୂଚନା ଦେବା ସହିତ, ବାର୍ଷିକ ବିବରଣୀ ପାଠ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ସଙ୍ଗଠନ ୧୯୯୭ ମସିହା ଏପ୍ରିଲ ମାସରେ ଗଠନ ହୋଇଥିଲା ବୋଲି ସଂଗଠନର ମଂଜୁ ଦେବୀ ଅଗ୍ରୱାଲା ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମହିଳା ସମିତି ପକ୍ଷରୁ ମାରୱାଡି ଯୁବା ମଞ୍ଚ କରଞ୍ଜିଆର କର୍ମକର୍ତ୍ତା, ଜାଗୃତି ମଞ୍ଚର କର୍ମକର୍ତ୍ତା ଓ ସାମ୍ବାଦିକମାନଙ୍କୁ ତୁଳସୀ ବୃକ୍ଷ ଓ ସାଲ ପ୍ରଦାନ କରି ସମ୍ମାନିତ କରିଥିଲେ । ସମିତିର କୁନି କୁନି କଳାକାରମାନେ ନୃତ୍ୟ ର ତାଳେ ତାଳେ ଅତିଥି ମାନଙ୍କୁ ମଞ୍ଚକୁ ପାଛୋଟି ନେଇଥିଲା। କାର୍ଯ୍ୟକ୍ରମକୁ ସୋଲୋନି ବୁବୁନା, ନିମିଶ ଅଗ୍ରୱାଲା, ରେଖା ଅଗ୍ରୱାଲା ପରିଚାଳନା କରିଥିବା ବେଳେ ସମିତିର ଅନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତି ରହି ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ନନ୍ଦାହାଣ୍ଡି ବ୍ଲକ ଦୁର୍ନୀତିର ସିବିଆଇ ତଦନ୍ତ ହେଉ : ବିଜେପି

## ୧୨୭ ପ୍ରକଳ୍ପ କାମ ନକରି ମିଛ ବିଲ୍ କରିଥିବା ଘଟଣା



ନବରଙ୍ଗପୁର (ଭାସ୍କର ନ୍ୟୁଜ): ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକରେ ବ୍ଲକ ପ୍ରଶାସନ, ବନବିଭାଗ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ(ଜଳ ବିଭାଜିକା) ଚାରି ବିଭାଗର ଅଧିକାରୀ, କର୍ମଚାରୀମାନେ ୧୨୭ ପ୍ରକଳ୍ପ କାମ ନ କରି ମିଛ ବିଲ୍ କରି ୧୨କୋଟି ୬୨ଲକ୍ଷ ଟଙ୍କାକୁ ହରିଲୁଟ କରିଥିବା ଅଭିଯୋଗ କରିଥିଲା ଜିଲ୍ଲା ବିଜୁ ଜନତା ଦଳ। ଏହାର ଦିନକ ପରେ ଏହି ବ୍ଲକର ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସରପଂଚ ଓ ସମିତି ସଭ୍ୟମାନେ ସେମାନଙ୍କ ବ୍ଲକରେ ଦୁର୍ନୀତି ହୋଇନଥିବା କହି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହି ଘଟଣାକୁ ନେଇ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାଶ, ରାଜ୍ୟ ଯୁବମୋର୍ଚ୍ଚାର କାର୍ଯ୍ୟକାରୀ ସଭ୍ୟ କାହ୍ନୁ ଦାସ , ପୂର୍ବତନ ସଭାପତି ଜଗଦୀଶ ବିଷୋଇ ଏକ ସାମ୍ବାଦିକ ସମ୍ମିଳନୀ କରି ଦୁର୍ନୀତିର ପର୍ଦ୍ଦାଫାସ ହେବାର ଆବଶ୍ୟକତା ରହିଛି , ସିବିଆଇ ଦ୍ୱାରା ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଜେଡି ମଧ୍ୟରେ ଅର୍ନ୍ତଦ୍ୱନ୍ଦ ରହିଛି। ଦଳର ମଙ୍ଗୁଆଳ, ଜିଲ୍ଲାସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଦୁର୍ନୀତି ହୋଇଥିବା କହୁଥିବାବେଳେ ତାଙ୍କରି ଦଳର ବ୍ଲକ ଅଧକ୍ଷ ଓ ଉପାଧକ୍ଷ ଆଦି ତାଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଫେରାଦ ହେବା ଦ୍ୱାରା ଜନସାଧାରଣରେ କାହାକୁ ଆସ୍ଥା ପ୍ରକଟ କରିବେ ବୋଲି ପ୍ରଶ୍ନ କରିଛନ୍ତି। ଗତ ୩ବର୍ଷ ହେବ ଦୁର୍ନୀତି ହେଉଥିବାବେଳେ ପୂର୍ବସରକାର କଣ କରୁଥିଲେ। ନୂଆ ବିଜେପି ସରକାର ଆସିବାର ବର୍ଷେ ହେବ। ଯଦି ଯାଂଚ ହେବ ତେବେ ୩ବର୍ଷର ହେଉ। ଯାଂଚରେ ଯଦି ପୂର୍ବରୁ ବିଜେଡି ଅମଳରେ ଦୁର୍ନୀତି ହୋଇଥିବା ପ୍ରମାଣିତ ହେଲେ ପୂର୍ବତନ ସାଂସଦ ଓ ଜିଲ୍ଲାସଭାପତି ରାଜନୀତିରୁ ସନ୍ୟାସ ନେବେ କି ବୋଲି ମଧ ପ୍ରଶ୍ନ କରିଥିଲେ। ନୂଆ ସରକାରଙ୍କ ଲୋକପ୍ରିୟତାକୁ ସହି ନପାରି ବଦନାମ କରିବାକୁ ଏଭଳି ଉଦ୍ୟମ କରାଯାଉଛି। ସରକାର ଶୂନ୍ୟ ସହିଷ୍ଣୁତାକୁ ବିଶ୍ୱାସ କରେ। ଦୁର୍ନୀତିକୁ କୌଣସି ମାତ୍ରାରେ ପ୍ରଶ୍ରୟ ଦିଆଯିବ ନି। ଆଇଏଏସ ଅଧିକାରୀ ହେଉନ୍ତୁ କି ରାଜନୈତିକ ନେତା। ଦୁର୍ନୀତିର ପ୍ରମାଣ ମିଳିଲେ ପଦକ୍ଷେପ ନିଆଯିବ। ମୃତ୍ତିକା ସଂରକ୍ଷଣ ବିଭାଗ ଏହି ବ୍ଲକରେ ୨୧ଟି ନୁହେଁ ୩୦ଟି ପୋଖରୀ ଖନନ୍ କରି ଜିଓ ଟ୍ୟାଗ ଫଟୋ ଛାଡିଛି। ସେହିପରି ଉଦ୍ୟାନ ବିଭାଗ ମଧ ସବୁ ସ୍ଥାନରେ ଗଛ ଲଗାଇବା ସହ ଗଛରେ ଫଳ ବି ଆସିସାରିଛି। ବ୍ଲକରେ ବି ବିଭିନ୍ନ ଉନ୍ନୟନମୂଳକ କାମ ହୋଇଛି। ଯଦି ମିଥ୍ୟାବିଲ କରିଥିବା ଅଭିଯୋଗ ହୋଇଛି, ତେବେ ନିଶ୍ଚିତ ରୂପେ ଏହି ସରକାର ଅମଳରେ ତଦନ୍ତ ହେବ। ଜିଲ୍ଲାପ୍ରଶାସନ ଏହାର ତଦନ୍ତ କରିବା ପ୍ରକ୍ରିୟା ବି ଆରମ୍ଭ କରିଛି। ଯାହା ନାଁରେ ପୂର୍ବରୁ ନନ୍ଦାହାଣ୍ଡି ବ୍ଲକରେ ସରକାରୀ ଅର୍ଥ ତୋଷାରପାତ କରିଥିବା ଅଭିଯୋଗ ହୋଇଥିଲା ସେହି ବ୍ୟକ୍ତି ଜଣକ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହୋଇପାରନ୍ତି। ତେବେ ଜନସାଧାରଣ ଠିକ୍ ଭାବେ ତାଙ୍କ ଦୁର୍ନୀତି ସମ୍ପର୍କରେ ଜାଣିଛନ୍ତି ବୋଲି କହିଛନ୍ତି ଶ୍ରୀ ଦାଶ। ତାଙ୍କ ମାମଲାର ବି ଫାଇଲ୍ ପୁନର୍ବାର ଖୋଲାଯାଇ ସିବିଆଇ ତଦନ୍ତ ହେବା ଆବଶ୍ୟକ ବୋଲି ଶ୍ରୀ ଦାଶ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସାଧାରଣ ସମ୍ପାଦକ ଦେବଦାସ ମହାଙ୍କୁଡ, ଅଚ୍ୟୁତାନନ୍ଦ ବିଷୋଇ, ମଣ୍ଡଳ ସଭାପତି ଭାବଗ୍ରାହୀ ବେନିୟା ଓ ଲକ୍ଷ୍ମଣ ନାୟକ ଉପସ୍ଥିତ ଥିଲେ।

# ଜୁଡିଆ ଓଭରବ୍ରିଜ ତଳ ରାସ୍ତା ପାଲଟିଛି ଗ୍ୟାରେଜ

## ଯାତାୟାତରେ ସମସ୍ୟା



କେନ୍ଦୁଝର(ଭାସ୍କର ନ୍ୟୁଜ୍):ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ସତ୍ତ୍ୱେ ପ୍ରଶାସନର ଚେତା ପଶୁନାହିଁ । କେନ୍ଦୁଝର ଜିଲ୍ଲାରେ ରାସ୍ତା ଦୁର୍ଘଟଣା ସ୍ଥିତି ଉଦ୍‌ବେଗଜନକ ସ୍ଥିତିରେ ରହିଛି। ବେଆଇନ ପାର୍କିଂ ସହ ରାସ୍ତା ପାର୍ଶ୍ୱରେ ଗ୍ୟାରେଜ ଭଳି ଟ୍ରକ ମରାମତି ହେଉଥିବାରୁ ଗାଡି ଚଳାଚଳରେ ସମସ୍ୟା ଦେଖାଦେଉଛି । ସାମଲ ଅଟୋ ଇଣ୍ଡିଆ ନିକଟ ଛକରେ ଓଭରବ୍ରିଜ ତଳେ ଦୈନନ୍ଦିନ ବହୁ ଟ୍ରକ ରାସ୍ତା ପାର୍ଶ୍ୱରେ ଛିଡା ହୋଇରହୁଛି । ଉକ୍ତ ସ୍ଥାନରେ ଅସ୍ଥାୟୀ ଗ୍ୟାରେଜ ଖୋଲି ଗାଡି ମରାମତି ହେଉଛି । ଫଳରେ ଟ୍ରାଫିକ୍ ସମସ୍ୟା ସହ ଦୁର୍ଘଟଣା ଘଟୁଛି । ଏହି ଛକ ଜାତୀୟ ରାଜପଥ ୪୯ ଏବଂ ୨୦ କୁ ସଂଯୋଗ କରୁଛି । ରାସ୍ତାରେ ଟ୍ରକ ଛିଡା ହୋଇ ରହୁଥିବାରୁ ଗାଡି ଚଳାଚଳରେ ସମସ୍ୟା ଦେଖାଦେବା ସହ ରାସ୍ତା ସଂକୀର୍ଣ୍ଣ ହେଉଛି । ଜାତୀୟ ରାଜପଥ ୨୦ ରୁ ଏହି ଛକ କୁ ସର୍ଭିସ ରୋଡ ହୋଇଥିବା ଯୋଗୁଁ ବହୁ ସମୟରେ ଗାଡି ଗୁଡିକ ଭିଡ ଜମାଉଛନ୍ତି । ପ୍ରକାଶ ଯେ, ୨୦୨୩ ଜୁନ ମାସ ୨୮ତାରିଖ ରାତିରେ ଷଠିଘର ସାହି ନିକଟରେ ଏକ ଟ୍ରକ ଧକ୍କାରେ ୫ ଜଣ ମୃତ୍ୟୁବରଣ କରିଥିବାବେଳେ ୯ ଜଣ ଆହତ ହୋଇଥିଲେ । ଏହି ଘଟଣା ପରେ ମଧ ଜାତୀୟ ରାଜପଥ ପ୍ରାଧିକରଣ ଜାତୀୟ ରାଜପଥ ରେ ରହୁଥିବା ସମସ୍ୟା ନେଇ ତତ୍ପର ନଥିବା ଅଭିଯୋଗ ହୋଇଥିଲା। କେବଳ ଲାଇଟ ସମସ୍ୟା ନୁହେଁ ଉକ୍ତ ସ୍ଥାନରେ ଜାତୀୟ ରାଜପଥ ପାର୍ଶ୍ୱରେ ରାସ୍ତାକୁ ଲାଗି ବହୁ ଘର ଥିବାବେଳେ ଜବର ଦଖଲ ସହ ରାସ୍ତାପାର୍ଶ୍ୱ ନିୟମିତ ସଫେଇ ହେଉନାହିଁ । ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଏନ୍‌ଏଚ୍‌ଏଆଇ ୩୦ ମିଟର ଜମି ରହିଥିଲେ ହେଁ ରାସ୍ତା ପାର୍ଶ୍ୱରେ ୧୦ ମିଟର ଜବରଦଖଲ ରହିଛି । ଦୀର୍ଘଦିନ ହେବ ଜବରଦଖଲ ସମସ୍ୟା ରହିଥିଲେ ହେଁ ଏନ୍‌ଏଚ୍‌ଏଆଇ ଏ ଦିଗର ପଦକ୍ଷେପ ନେଇନଥିବାରୁ ରାସ୍ତା ପାର୍ଶ୍ୱରେ ଯାତାୟତରେ ସମସ୍ୟା ଦେଖାଦେଇଛି । ଦୁର୍ଘଟଣା ପରେ ଷଠିଘର ସାହି ନିକଟରେ ଜାତୀୟ ରାଜପଥ ୨୦ ପାର୍ଶ୍ୱ ଡ୍ରେନରୁ ସାରୁ ବୁଦା ସଫେଇ କରାଯାଇଥିଲେ ମଧ ଏବେ ବି ଅନେକ ସ୍ଥାନରେ ବାଡ ବୁଜି ଲୋକମାନେ ଅବରୋଧ କରିଛନ୍ତି । ସାମଲ ଅଟୋ ଇଣ୍ଡିଆ ନିକଟରେ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ଛକ ଅଣ ଓସାରିଆ ଭାବେ ତ୍ରୁଟିପୂର୍ଣ୍ଣ ଭାବେ ନିର୍ମାଣ ହୋଇଥିବାବେଳେ ଅନେକ ସ୍ଥାନରେ ଡ୍ରେନ ସ୍ଲାବ ଭାଙ୍ଗି ଯାଇଥିବାରୁ ଦୁର୍ଘଟଣା ଆଶଙ୍କା ରହିଛି। ଉଭୟ ପାର୍ଶ୍ୱ ସର୍ଭିସ ରୋଡ ହୋଇଥିବାରୁ ଏହି ରାସ୍ତାରେ ଗାଡି ଯିବା ଆସିବା କରୁଥିବାରୁ ଉକ୍ତ ଛକ ବିପଦସଙ୍କୁଳ ହୋଇପଡିଛି । ଜାତୀୟ ରାଜପଥର ଏକ ପେଟ୍ରୋଲିଂ ଗାଡି ନିୟମିତ ଯାତାୟତ କରୁଥିଲେ ହେଁ ରାସ୍ତାରେ ଅବାଧ ଏବଂ ସୁରକ୍ଷିତ ଗାଡି ଚଳାଚଳ ପାଇଁ କୌଣସି ପଦକ୍ଷେପ ଏବଂ ସ୍ଥାନୀୟ ପୋଲିସର ସହାୟତା ନେଉନଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି । ଜାତୀୟ ରାଜପଥ ୪୯ର ଜୁଡିଆ ଘାଟିରେ ହାତୀ ଯାତାୟତ ସ୍ଥାନରେ ବେଆଇନ ଟ୍ରକ ପାର୍କିଂ ହେଉଛି । ଫଳରେ ହାତୀ ଏବଂ ବନ୍ୟପ୍ରାଣୀ ଯାତାୟତରେ ସମସ୍ୟା ଦେଖାଦେଉଛି । ବନ ବିଭାଗ ପକ୍ଷରୁ ହାତୀ ରାସ୍ତା ଅତିକ୍ରମ କରୁଥିବା ସ୍ଥାନ ମାନଙ୍କରେ ସୂଚନାଫଳକ ଲାଗିଥିଲେ ମଧ ଏହାକୁ ଟ୍ରକ ଚାଳକ ମାନୁନଥିବା ଅଭିଯୋଗ ହେଉଛି ।

# ପ୍ରେମତରୁ ସେବା ପକ୍ଷରୁ ଚାରାରୋପଣ

ରାଇଘର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ସତ୍ୟସାଇ ସମିତି ତରଫରୁ ପ୍ରେମତରୁ ସେବା ହୋଇଯାଇଛି। ଏହି ପ୍ରେମତରୁ ସେବାଦ୍ୱାରା ରାଇଘର ସଦର ମହକୁମା ସ୍ଥିତ ଅନ୍ୱେଷା ହଷ୍ଟେଲ ପରିସର ମଧ୍ୟରେ ଚାରାରୋପଣ କରାଯାଇଛି। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ସତ୍ୟସାଇ ସମିତି ପକ୍ଷରୁ ଲିମ୍ବଗଛ, ଜାମକୋଳି ଗଛ, ପିଜୁଳି ଗଛ, ସଜନାଗଛ, ପଣସଗଛ, ଆମ୍ବଗଛ, ଗଙ୍ଗଶିଉଳି, କାଜୁଗଛ, ଲେମ୍ବୁ , ଦେବଦାରୁ, ପିସ୍ତା, କମଳା , ଚମ୍ପା, ବେଲ ଗଛ ଆଦି ଲଗାଇ ଥିଲେ। ତାସହ ସତ୍ୟସାଇ ଅନୁଷ୍ଠାନ ତରଫରୁ ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର, ଡାବୁଗାଁ, ଝରିଗାଁ, ଉମରକୋଟ, କୋଷାଗୁମୁଡ଼ା ଆଦି ସ୍ଥାନରେ ୨୫୦ ରୁ ଅଧିକ ପ୍ରେମତରୁ ସେବା କରାଯାଇଥିବା ଜଣାପଡିଛି। ଅନ୍ୱେଷା ହଷ୍ଟେଲ ପରିସରରେ ରାଇଘର ସତ୍ୟସାଇ ସମିତିର ୮ ଜଣ ଭାଇ ଓ ଦୁଇ ଭଉଣୀଙ୍କ ସହ ଆହୁରି ଅନେକ ଜଣ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।



# ବୋଲ୍‌ବମ ଧ୍ୱନୀରେ କମ୍ପିଲା ଆଖଣ୍ଡଳମଣି ପୀଠ



ଚାନ୍ଦବାଲି(ଭାସ୍କର ନ୍ୟୁଜ୍): ଶ୍ରାବଣମାସର ପ୍ରଥମ ସୋମବାର ପାଇଁ ରବିବାର ଠାରୁ ଆଖଣ୍ଡଳ ମଣିଙ୍କ ପୀଠରେ ଲାଗିଥିଲା କାଉଡିଆଙ୍କ ଭିଡ। ଆଜି ଭୋର ୪ଟାରେ ମନ୍ଦିର ଦ୍ୱାରଫିଟା ଯିବା ପରେ ବୋଲ ବମ ହରହର ବମ ଧ୍ୱନି ଦେଇ ବାବାଙ୍କୁ ଜଳାଭିଷେକ କରିଥିଲେ। ହଜାର ହଜାର କାଉଡିଆ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ପୀଠରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହିପରି ବୈତରଣୀ ଓ ସାଳନ୍ଦୀ ନଦୀର ତିନିତର, ମୁଆଁ ଓ ଧାନଖଣିଆ ଘାଟ ଦେଇ ନଦୀପାରି ହୋଇ ଆସୁଥିବା କାଉଡିଆଭକ୍ତମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ନଦୀଘାଟର ଉଭୟ ପାର୍ଶ୍ୱରେ ପୋଲିସ ମୁତୟନ ରହିଥିବାବେଳେ ନଦୀରେ ପଇଁତରା ମାରୁଛନ୍ତି ଓଡ୍ରାଫ ଓ ଅଗ୍ନିଶମ ବାହିନୀ। ସେହିପରି ସ୍ଥଳପଥରେ ପୋଲିସ ପକ୍ଷରୁ ପେଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ଏପଟେ କାଉଡିଆ ଭକ୍ତମାନେ ଯେପରି ଭାବେ ଶୃଙ୍ଖଳିତ ଜଳଲାଗି କରିବେ ସେଥିପାଇଁ ସ୍ୱତନ୍ତ୍ର ବ୍ୟାରିକେଡ ସହ ମନ୍ଦିର ଭିତରେ ଓ ବାହାରେ ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ହେଲେ ଦୂର ଦୂରାନ୍ତରରୁ ଶହଶହ କିଲୋମିଟର ଖାଲିପାଦରେ ଚାଲିଚାଲି ଆସୁଥିବା କାଉଡିଆ ଭକ୍ତ ଆସୁଥିଲେ ମଧ ଭଦ୍ରକ ଆଖଣ୍ଡଳମଣି ମୁଖ୍ୟରାସ୍ତା ସହ ପୀଠକୁ ସଂଯୋଗ କରୁଥିବା ଅନ୍ୟ ରାସ୍ତାର ଖାଲଖମା ରହିଥିବାରୁ ବହୁ ଅସୁବିଧାରେ ଆସୁଥିବା କହିଛନ୍ତି ଭକ୍ତମାନେ। ଏହି ରାସ୍ତାର ମରାମତି ପାଇଁ ଏକମାସ ପୂର୍ବରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଲୋଚନା ହୋଇଥିଲେ ମଧ ମରାମତି ହୋଇ ପାରିଲାନାହିଁ। ତାହାସହ ରବିବାର ରାତିରେ ବସଷ୍ଟାଣ୍ଡ ଠାରୁ ମନ୍ଦିର ରାସ୍ତା ଓ ବାଇପାସ ରାସ୍ତା ସହ ନଦୀ ରାସ୍ତା ଅନ୍ଧକାରମୟ ହୋଇ ରହିଥିବାରୁ କାଉଡିଆ ଭକ୍ତ ଯାତାୟତ କରିବାରେ ନାନା ଅସୁବିଧା ଦେଖା ଦେଇଥିଲା।

# ବଳବନ୍ତଙ୍କ 'ଧାନଫୁଲ' କବିତା ସଂକଳନ ଉନ୍ମୋଚିତ

ମୁରିବାହାଲ /ବଙ୍ଗୋମୁଣ୍ଡା (ଭାସ୍କର ନ୍ୟୁଜ୍) : ସାହିତ୍ୟ ପତ୍ରିକା ସୃଜନ ସଳିତା 'ନବନୀତା' ପକ୍ଷରୁ ଆୟୋଜିତ ଯୁବ ସାହିତ୍ୟିକ ସମାବେଶ 'ପଲ୍ଲବନ' ଅବସରରେ ଯୁବକବି ବଳବନ୍ତ ସାହୁଙ୍କ କବିତା ସଂକଳନ 'ଧାନଫୁଲ' ଉନ୍ମୋଚିତ ହୋଇଯାଇଛି। ବଲାଙ୍ଗିର ସାମ୍ବାଦିକ ଭବନଠାରେ ପତ୍ରିକାର ସଂପାଦକ ରାଜେଶ ଝାଙ୍କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଶିଷ୍ଟ ସାହିତ୍ୟିକ ବାସୁଦେବ ସୁନାନୀ, ସାମାଜିକ କର୍ମୀ ତଥା ସାହିତ୍ୟିକ ସରୋଜ ମହାନ୍ତି ଅତିଥି ଭାବେ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ। କବି ଶ୍ରୀ ସାହୁ ଲେଖକୀୟ ବକ୍ତବ୍ୟରେ ସାହିତ୍ୟ ସମାଜରେ ପରବର୍ତ୍ତନର ମଞ୍ଜି ବୁଣିପାରେ ବୋଲି ଦୃଢୋକ୍ତି ପ୍ରକାଶ କରିଥିବା ବେଳେ ଅଧ୍ୟାପକ ଡ. କୌତୁକ ପନ୍ଦର ପୁସ୍ତକର ସଂକ୍ଷିପ୍ତ ସମୀକ୍ଷା ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ପତ୍ରିକାର ସୃଜନ ସହଯୋଗୀ ଡ. ଜଗନ୍ନାଥ ସାହୁ, ପରିଚାଳନା ସମ୍ପାଦକ ଯୁଜେଷ୍ଟି ମେହେର ପ୍ରମୁଖ ସହଯୋଗ କରିଥିଲେ। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଭୁଷଲାଡ଼ ନିବାସୀ ବଳବନ୍ତ ନବପ୍ରଜନ୍ମର ଜଣେ ପ୍ରତିଭାବାନ କବି। ତାଙ୍କ କବିତାରେ ସମାଜର ତମାମ୍ ଦୁଃଖ, ଅସହାୟତା, ଅପାରଗତା, ଅନ୍ଧବିଶ୍ୱାସ। ତାଙ୍କର ପ୍ରଥମ କବିତା ସଙ୍କଳନ ପାଠକମାନଙ୍କ ମନ ମୋହିବ, ତାଙ୍କ 'ଧାନଫୁଲ'ର ବାସ୍ନା ଚାରିଆଡ଼େ ଚହଟି ଯିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ।

## ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣା

# ଏସ୍‌ଏଫ୍‌ଆଇ ପକ୍ଷରୁ ପ୍ରତିବାଦ ଓ ବିକ୍ଷୋଭ




ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଜଣଙ୍କ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ଛାତ୍ର ସଂଗଠନ ସଫଳ ଦୀନକୃଷ୍ଣ କଲେଜ ଶାଖାର ଜିଲ୍ଲା ସଭାପତି ସୌରଭ ସାର୍ଥକ ସାହୁ ଓ ଛାତ୍ର ସଂଗଠନ ଏସ୍‌ଏଫ୍‌ଆଇ ଦୀନକୃଷ୍ଣ କଲେଜ ଜଳେଶ୍ୱରର ସଭାପତି ଅଚ୍ୟୁତାନନ୍ଦ ଜେନାଙ୍କ ନେତୃତ୍ୱରେ ସୋମବାର ଜଳେଶ୍ୱର ବ୍ଲକ ଗସ୍ତରେ ଆସିଥିବା ଜିଲ୍ଲାପାଳଙ୍କୁ ୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପୂର୍ବରୁ ଛାତ୍ର ନେତୃତ୍ୱମାନେ ବ୍ଲକ୍ ଅଫିସ୍ ସମ୍ମୁଖରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାର ବିଚାର ବିଭାଗୀୟ ତଦନ୍ତ, ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା, ଥାନା ଅଧିକାରୀ ଓ ପୋଲିସ ପ୍ରଶାସନ, କଲେଜର ଅଭ୍ୟନ୍ତରଣୀୟ କମିଟିର ଅଧ୍ୟାପକ ଓ ଅଧ୍ୟାପିକା ଯେଉଁମାନେ ଏ ଘଟଣା ଉପରେ ଅବଗତ ଥିଲେ ସେମାନଙ୍କୁ ଚାକିରିରୁ ନିଲମ୍ବିତ କରିବା, ସରକାରୀ କଲେଜରେ ବ୍ୟବସାୟିକ ପାଠ୍ୟକ୍ରମ ଯାହା ସକଳ, ଅନୈତିକତା ଓ ଅସାଧୁତାର ଭଣ୍ଡାର ହେତୁ ତାହା ବନ୍ଦ କରି ତାକୁ ସରକାରୀ ପାଠ୍ୟକ୍ରମରେ ପରିଣତ କରାଯିବା ଦାବିପତ୍ରରେ ଉଲ୍ଲେଖ କରିବା ସହିତ ଛାତ୍ର ସଂଗଠନକୁ ଅଭିଭାବକ, ବିଭିନ୍ନ ସଂଗଠନ ଓ ସାଧାରଣଲୋକ ସମର୍ଥନ ଜଣାଇ ସେଠାରେ ଉପସ୍ଥିତ ଥିଲେ। ଅନ୍ୟଛାତ୍ର ନେତୃତ୍ୱମାନଙ୍କ ମଧ୍ୟରେ ତନ୍ମୟ ମାଝି, ରୁଦ୍ର ରାମ, ଗୌତମ ସେନାପତି, କନକେଶ୍ୱରୀ ସେନାପତି ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରି ବକ୍ତବ୍ୟ ପ୍ରଦାନ ରଖିଥିବା ବେଳେ ଶ୍ରମିକ ସଂଗଠନର ନେତା ପଲଟୁ ଦାସ ଉପସ୍ଥିତ ରହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଦୀନକୃଷ୍ଣ ଛାତ୍ର ସଂଗଠନ ଏସ୍‌ଏଫ୍‌ଆଇ ପଦକ୍ଷେପ ନେଇ ଏସ୍‌ଏଫ୍‌ଆଇ ରାଜ୍ୟ ସଭାପତି ଚନ୍ଦନ କାମିଲା ସରକାର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଦୁର୍ବାର ସହ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେବା ସହିତ ଛାତ୍ରଛାତ୍ରୀଙ୍କ ପାଇଁ ଆହ୍ୱାନ ରଖିଥିଲେ।

# ୩ ନଦୀରୁ ଦଳ ସଫା କଲେ ବିଧାୟକ ଅନୁଧ୍ୟାନ କଲେ ସାଂସଦ

କଣାସ (ଭାସ୍କର ନ୍ୟୁଜ୍) : କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ଓ ତାହାର ଶାଖାନଦୀ ରାଜୁଆ, ମକରା ନଦୀରେ ପ୍ରବଳ କଳିକତି ଦଳ ଜମି ରହିଥିବାରୁ ବନ୍ୟାଜଳ ନିଷ୍କାସନରେ ଗୁରୁତ୍ୱର ବ୍ୟାଘାତ ସୃଷ୍ଟି କରୁଥିବାରୁ ସ୍ଥାନୀୟ ଲୋକମାନେ ବାରମ୍ବାର ଡ୍ରେନେଜ୍ ବିଭାଗର ଅଧିକାରୀମାନଙ୍କୁ ଦଳସଫା କରିବା ପାଇଁ ନିବେଦନ କରିଥିଲେ। ମାତ୍ର ସେମାନେ ଶୁଣିନଥିଲେ। ଫଳରେ ଜନସାଧାରଣ ସ୍ଥାନୀୟ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ମକରା ନଦୀର ଜଗନ୍ନାଥସଡକ ଚୁପୁରିଙ୍ଗି ବ୍ରିଜ୍ ନିକଟରେ ପ୍ରଚୁର କଳିକତିଦଳ ଜମା ହୋଇଥିବାରୁ ବନ୍ୟାଜଳ ନିଷ୍କାସନ ହେଉନଥିବା ଏବଂ ବ୍ରିଜ୍ ପାଇଁ ବିପଦ ଥିବା ଜଣାଇଥିଲେ। ବିଧାୟକ ଓମ୍ ପ୍ରକାଶ ମିଶ୍ର ଆଜି ଉପସ୍ଥିତ ରହି କର୍ମୀ ଏବଂ କେତେକ ମସ୍ଜୀବୀଙ୍କୁ ଲଗାଇ ଚୁପୁରିଙ୍ଗି ବ୍ରିଜ୍ ଠାରୁ ଦଳ ସଫା କରୁଥିବା ଦେଖିବାକୁ ମିଳିଛି। ଦଳସଫା ସମୟରେ ସେହିରାସ୍ତା ଦେଇ ପୁରୀ ସାଂସଦ ଡଃ ସମ୍ବିତ୍ ପାତ୍ର କାର ଯୋଗେ ଯାଉଥିବା ସମୟରେ ଦଳ ସଫା ହେଉଥିବା ଦେଖି ଓହ୍ଲାଇ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ସହିତ ନଦୀରୁ କିପରି ଦଳସଫା ହେବ ସେ ସଂପର୍କରେ ଆଲୋଚନା କରି ଫେରି ଯାଇଥିଲେ।



## ଚୋରି ଘଟଣାରେ ୩ ନାବାଳକ ଅଟକ

# ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଜବତ

କୋରାପୁଟ (ଭାସ୍କର ନ୍ୟୁଜ୍) : ସେମିଳିଗୁଡା ସହରର ନନ୍ଦପୁର ରାସ୍ତାରେ ଥିବା କୁଶଳା ଆଶ୍ରମ କଲୋନୀର ଏକ ଘରୁ ଚୋରି ମାମଲାରେ ପୋଲିସକୁ ସଫଳତା ମିଳିଛି। ଏହି ମାମଲାରେ ପୋଲିସ ୩ଜଣ ନାବାଳକଙ୍କୁ ବାଳ ସୁଧାରାଗୃହକୁ ପଠାଇବା ସହ ନଗଦ ୧୦ଲକ୍ଷ ଟଙ୍କା, ୧୫ ଲକ୍ଷ ଟଙ୍କାର ସୁନାଗହଣା, ଗୋଟିଏ କାର୍ ଓ ୩ଟି ମୋବାଇଲ ଜବତ କରିଛି। ସୂଚନା ଅନୁଯାୟୀ କୁଶଳା ଆଶ୍ରମରେ ରହୁଥିବା ସମୀର ପ୍ରଧାନ ମାଲକାନଗିରି ଜିଲ୍ଲା ବାଲିମେଳାର ଚାକିରି କରୁଛନ୍ତି। ଜୁନ ୭ତାରିଖରେ ଘରେ କେହି ନଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘର ଭିତରେ ପଶି ନଗଦ ୧୦ଲକ୍ଷ ଟଙ୍କା, ପ୍ରାୟ ୧୫ଲକ୍ଷ ଟଙ୍କାର ସୁନାଗହଣା, ୩ଟି ଦାମୀ ମୋବାଇଲ ଚୋରି କରି ଚମ୍ପଟ ମାରିଥିଲେ। ଜୁନ ୮ତାରିଖ ସମୀରଙ୍କ ଭାଇ ଘରକୁ ଆସି ଦେଖିବା ବେଳକୁ ଘର ତାଲା ଭଙ୍ଗା ଯାଇଥିଲା। ଘର ଭିତରକୁ ଯାଇ ଦେଖିବା ପରେ ଟଙ୍କା ଓ ସୁନାଗହଣା ଚୋରି ହେବା ଜାଣିବା ପରେ ସମୀରଙ୍କୁ ଖବର ଦେଇଥିଲେ। ସମୀର ବାଲିମେଳାରୁ ପହଞ୍ଚିବା ପରେ ଘରୁ ଚୋରି ହୋଇଥିବା ନେଇ ସୁନାବେଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ କେସ୍ ନଂ ୧୦୪/୨୫ଅନୁଯାଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଚୋରି ମାମଲାରେ ୩ଜଣ ନାବାଳକ ସଂପୃକ୍ତ ଥିବା ନେଇ କୌଣସି ସୂତ୍ରରୁ ପୋଲିସ ଖବର ପାଇଥିଲା। ପରେ ପୋଲିସ ୩ଜଣ ନାବାଳକଙ୍କୁ କାବୁ କରିବା ସହିତ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଉଦ୍ଧାର କରିଥିବା ଥାନା ଅଧିକାରୀ ସୁଷମା କଅଁର ସୂଚନା ଦେଇଛନ୍ତି। ଏଥିସହ ଏହି ୩ଜଣ ନାବଳକଙ୍କ ଠାରୁ ଗୋଟିଏ କାର୍ ଜବତ କରାଯାଇଥିବା ଜଣାପଡିଛି। ଏହି ତିନି ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିଷ ବୋର୍ଡରେ ହାଜର କରାଯିବା ପରେ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ଜଣାପଡିଛି।

# ସହଯୋଗ ଓଡ଼ିଶା ପକ୍ଷରୁ ପୂର୍ବତନ ଶିକ୍ଷକଙ୍କ ସ୍ମୃତିଚାରଣ

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ବାରଙ୍ଗ ବ୍ଲକ ମହୀଧର ପଡା ସରକାରୀ ଉଚ୍ଚ ବିଦ୍ୟାଳୟର ଆଦର୍ଶ ଶିକ୍ଷକ ଶିକ୍ଷାବିତ ସ୍ୱର୍ଗତ ଧୁଶାସନ ଜେନାଙ୍କ ଏକାଦଶାହ ଅବସରରେ ମହୀଧର ପଡା ଇୟୁନାଇଟେଡ଼ ୟୁଥ କ୍ଲବ ପରିସରରେ ସହଯୋଗ ଓଡ଼ିଶାର ସଭାପତି ଗଣେଶ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଦୁଃଶାସନ ଜେନା ଜଣେ ମିଷ୍ଟଭାଷୀ, ସ୍ନେହୀ, ପରୋପକାରୀ, ସମାଜସେବୀ ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। କିଭଳି ଜଣେ ଛାତ୍ର ଉଚିତ୍ ମାର୍ଗରେ ପରିଚାଳିତ ହୋଇ ଜଣେ ଭଲ ମଣିଷ ହୋଇପାରିବ ସେ ସର୍ବଦା ଚେଷ୍ଟିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳବାସୀ ଜଣେ ଆଦର୍ଶ ଶିକ୍ଷକଙ୍କୁ ହରେଇଲେ ବୋଲି ଉପସ୍ଥିତ ଅତିଥିମାନେ ମତପୋଷଣ କରିଥିଲେ।ଏହି ସ୍ମୃତିଚାରଣ ସଭାରେ ଅତୀତଭାବେ ସ୍ତମ୍ଭକାର ସନ୍ୟାସୀ ଜି, ଗାୟକ ଆଲ୍‌ହାଦ ସୁରେନ୍ଦ୍ର ଛୋଟରାୟ, ଇଂ ସୁଶାନ୍ତ କୁମାର ତ୍ରିପାଠୀ, ପାଲା ଗାୟକ ସୁଧାକର ଯୁଧିଷ୍ଠିର ପରିଜା, ଅବସରପ୍ରାପ୍ତ ପୋଲିସ ଅଧିକାରୀ, ସନ୍ତୋଷ କୁମାର ଦାସ ଉପସ୍ଥିତ ରହି ସ୍ୱର୍ଗତ ଧୁଶାସନ ଜଣେ ଉଚମନା ମଣିଷ ଥିଲେ ତାଙ୍କର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ପ୍ରଦ୍ୟୁମ୍ନ କୁମାର ପତି, ଶିକ୍ଷାବିତ ଚନ୍ଦ୍ରମଣୀ ପ୍ରଧାନ, ପଣ୍ଡିତ ଅଜୟ କୁମାର ପତି, ବିଶ୍ୱରଂଜନ ଦାସ, ଧୀରେନ୍ଦ୍ର ସାହୁ, ଉଷୁମା ସମିତି ସଭ୍ୟା ଶ୍ରୀମନ୍ତୀ ଶୁଭଲକ୍ଷ୍ମୀ ଦାସ, କିଶୋର ଚନ୍ଦ୍ର ଦାଶ, ବିଦ୍ୟାଧର ଓଝା ପ୍ରମୁଖ ଯୋଗଦେଇଥିଲେ।

# ଚମ୍ପି ହାଇସ୍କୁଲରେ ନୂତନ ପ୍ରଧାନଶିକ୍ଷକଙ୍କ ଯୋଗଦାନ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଚମ୍ପି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବି. ତିରୁପତି ରାଓ ଅବସର ନେବା ପରେ ଆଜି ତାଙ୍କ ସ୍ଥାନରେ ନୂତନ ପ୍ରଧାନଶିକ୍ଷକ ଭାବେ ହରିହର ଖସଲା ଯୋଗ ଦେଇଛନ୍ତି। ଏନେଇ ବିଦ୍ୟାଳୟର ଅନ୍ୟ ଶିକ୍ଷା ଓ ଶିକ୍ଷୟିତ୍ରୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ, ଖେଳ ଶିକ୍ଷକ, ଗଣିତ ଶିକ୍ଷକ ସ୍ଥାନ ଖାଲି ପଡିଛି। ଏସମସ୍ତ ପଦବୀ ଅତି ଶୀଘ୍ର ପୂରଣ ନିମନ୍ତେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜଣେଇବି ବୋଲି କହିଛନ୍ତି।

## ବଢୁଛି ମାଟି ମାଫିଆଙ୍କ ଉତ୍ପାତ

# ବନ୍ୟା ସମୟରେ ବି ନଦୀପଠାରୁ ମାଟି ଲୁଟ୍

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ତହସିଲ ଅଞ୍ଚଳରେ ମାଟି ମାଫିଆଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରିକି ମାଫିଆମାନେ ବନ୍ୟା ସମୟରେ ଭରା ନଈର ପଠାରୁ ମଧ ଜେସିବି ଲଗାଇ ମାଟି ଲୁଟି ନେଉଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଏହି ତହସିଲ ଅଧୀନ ଅଧୀନ ବେଣିପୁର ପଂଚାୟତର ବେଣିପୁର ସ୍ଥିତ ବିରୁପା ନଦୀ ପଠାରୁ । ବ୍ରାହ୍ମଣୀ ସିଷ୍ଟମରେ ବନ୍ୟା ଆସିବାରୁ ଏବେ ବିରୁପା ନଦୀରେ ବନ୍ୟାଜଳ ବିପଦ ସଙ୍କେତ ପାଖାପାଖି ବହିବାରେ ଲାଗିଛି। ଏପରିକି ନଦୀ ଫୁଲି ପାଣି ନଦୀ ପଠା ମଧ୍ୟକୁ ପ୍ରବେଶ କରିବା ସହ ମୁଖ୍ୟ ବନ୍ଧ ନିକଟରେ ପାଣି ପହଞ୍ଚି ଗଲାଣି । ଗତ କିଛିବର୍ଷ ତଳେ ନଦୀ ଘେରୀବନ୍ଧର ଯେଉଁ ସ୍ଥାନରେ ଘାଇ ହୋଇ ଘେରିବନ୍ଧ ମଧ୍ୟରେ ଥିବା ବେଣିପୁର ଗ୍ରାମର ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା ତା'ର ଅନତି ଦୂରରେ ନଦୀ ପଠାକୁ କେହି ଜେସିବି ଓ ଟ୍ରାକ୍ଟର ଲଗାଇ ଗତ ଦୁଇଦିନ ତଳେ ତାଡ଼ି ନେଇଛନ୍ତି । ସେତେବେଳର ପ୍ରଳୟଙ୍କର ବନ୍ୟାରେ ଯେଉଁ ପରିବାର ମାନେ ବନ୍ୟା ଜଳଘେରରେ ରହି ଅକଥନୀୟ ଦୁର୍ଦ୍ଦଶା ଭୋଗିଥିଲେ, ଆଜି ବି ସେକଥା ସେମାନଙ୍କର ମନେପଡ଼ିଲେ ସେମାନଙ୍କର ଦେହ ସିହରି ଉଠିଥାଏ । ଏହି ପରି ବନ୍ୟା ସମୟରେ ନଦୀପଠାକୁ ତାଡ଼ି ମାଟି ବିକ୍ରି କରିବା ଘଟଣାକୁ ଅଞ୍ଚଳବାସୀ ତିବ୍ର ନିନ୍ଦା କରିଛନ୍ତି। ତୁରନ୍ତ ମାଟି ମାଫିଆଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।





କଣାସ (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାର ଶିକ୍ଷାର ମାନ ଉନ୍ନତି ପାଇଁ ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟମାନ ଖୋଲିଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ଯାମଳଗୋଦା ଠାରେ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି। ଏହି ବିଦ୍ୟାଳୟରେ ଅନେକ ଶିକ୍ଷକ ନଥିବାବେଳେ ପାଠ୍ୟପୁସ୍ତକ ଛାତ୍ରଛାତ୍ରୀଙ୍କୁ ମିଳିନଥିବା ବେଳେ ପାନୀୟଜଳ ସମସ୍ୟା ମୁଖ୍ୟ ସମସ୍ୟା ସୃଷ୍ଟି କରିଛି। ଖବର ନେବାରେ ଜଣାପଡିଛି ଯାମଳଗୋଦା ଠାରେ ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ୮୦ଜଣ ଅଧ୍ୟୟନ କରୁଥିବା ବେଳେ ସପ୍ତମ ଶ୍ରେଣୀରେ ୮୦ଜଣ, ଅଷ୍ଟମ ଶ୍ରେଣୀରେ ୮୦ଜଣ, ନବମ ଶ୍ରେଣୀରେ ୮୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ଅଧକ୍ଷ, ଇଂରାଜୀ, ପୋଷ୍ଟଗ୍ରାଜୁଏଟେ ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ସଂସ୍କୃତ, ହିନ୍ଦୀ ପାଠ୍ୟ ପୁସ୍ତକ ଆଜି ପର୍ଯ୍ୟନ୍ତ ମିଳି ନଥିବାରୁ ଛାତ୍ରଛାତ୍ରୀ ଉକ୍ତ ପୁସ୍ତକର ପାଠ ପଢାରୁ ବଞ୍ଚିତ ହୋଇଛନ୍ତି । ବିଦ୍ୟାଳୟ ପରିସରରେ ଏକ ନଳକୂପ ଛାତ୍ରଛାତ୍ରୀଙ୍କ ପାନୀୟଜଳ ପାଇଁ ନିର୍ମାଣ କରାଯାଇଥିବା ବେଳେ ସେଥିରୁ ଅତ୍ୟଧିକ ଲୁଣିପାଣି ବାହାରୁଥିବାରୁ ଛାତ୍ରଛାତ୍ରୀମାନେ ବହୁଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଦିନ ଭାରପ୍ରାପ୍ତ ଅଧକ୍ଷ ସରୋଜ ନାୟକ ୩ଶହ ଟଙ୍କା ଦେଇ ଦଶ ବ୍ୟାରିଏଲ ପାନୀୟଜଳ କିଣି ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରୁଛନ୍ତି। ଭାରପ୍ରାପ୍ତ ଅଧକ୍ଷ ଶ୍ରୀନାୟକ ବାରମ୍ବାର ପାନୀୟଜଳ ପାଇଁ ଗ୍ରାମ୍ୟଜଳ ଯୋଗାଣ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସ୍ଥାୟୀ ପ୍ରତିକାର ହୋଇପାରିନାହିଁ। ତୁରନ୍ତ ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ଛାତ୍ର ଅଭିଭାବକ ମାନେ ଦାବି କରିଛନ୍ତି।

## ସୁଗୋ ଉନ୍ନୟନ ଓ ସୁରକ୍ଷା ମଞ୍ଚର ଗଣଧାରଣା



ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁଗୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଣିଦା ଗ୍ରାମରେ ସରକାରୀ ଉନ୍ନୟନ କାମ ଠପ୍ ହୋଇଥିବା ଅଭିଯୋଗ ହୋଇଛି। ସ୍ୱାଧୀନତାର ୭୬ ବର୍ଷ ପରେ ବି ଆଜି ଆଦିବାସୀ ଓ ହରିଜନ ସାହିକୁ ରାସ୍ତାଟିଏ ନାହିଁ। ୫ ଟି ୱାର୍ଡ଼ ବିଶିଷ୍ଟ ଗ୍ରାମରେ ବିଶେଷ କରି ୧୧, ୧୨, ୧୩ ନମ୍ବର ୱାର୍ଡ଼ର ଅଧିବାସୀ ରାସ୍ତା ନ ଥିବାରୁ ବହୁଥର ରୋଗୀ ଓ ପ୍ରସୂତୀମାନଙ୍କୁ ଦୋଳିଆ ଖଟରେ ବୋହିବାର ନଜିର ଅଛି। ପୂର୍ବରୁ ସମସ୍ୟା ଲାଗି ରହିଥିବା ଚଳିତ ବର୍ଷ ମଧ ବର୍ଷା ଦିନରେ ପିଲାମାନେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯିବାର ସମ୍ଭାବନା ନାହିଁ। ପିଇବା ପାଣି ଟିକେ ପାଇଁ ମାସ ମାସ ଧରି ଅପେକ୍ଷା କରିବାକୁ ପଡିଥାଏ। ସମସ୍ୟା ସମାଧାନ ପାଇଁ ଲୋକେ ମାଠିଆ ଧରି ଆଜି ଜଳେଶ୍ୱର ବ୍ଲକ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ଧାରଣା ଦେବା ସ୍ୱରୂପ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ୱଚ୍ଛ ଭାରତ ଅଭିଯାନରେ ଗାଁରେ ୮୦ ଭାଗ ଲୋକ ପାଇଖାନା ଗୃହ ପାଇନାହାନ୍ତି। ଦ୍ରୁତ ବିକାଶର ନାରା ଦେଉଥିବା ଡବଲ ଇଞ୍ଜିନ୍ ସରକାରକୁ କଡ଼ା ଭାଷାରେ ସମାଲୋଚନା କରିବା ସହିତ ପି.ସି. ମୁକ୍ତ ସରକାରୀ କାର୍ଯ୍ୟ ହେବାର ପ୍ରତିଶ୍ରୁତି ଦେଇଥିବା ବର୍ତ୍ତମାନର ସରକାରଙ୍କ ନିଜ ସ୍ୱପାର୍ଶ୍ୱରେ ମରା ଯାଇଥିବା ଏମପିଲେଡ୍‌ର ବସିଥିବା ପାଣିକଳ ଅଧା ବାଟମଣା ହୋଇଥିବା ସନ୍ଦେହ ସହ ସାଧାରଣରେ ପ୍ରଶ୍ନ ଉଠିଛି। ସେହିପରି ୩୧ ଶହ ଟଙ୍କାରେ ଚାଷୀଙ୍କ ଠାରୁ ସମସ୍ତ ଧାନ କିଣିବା କହି ଆନୁପାତିକ ଭାବେ ଧାନ ନେବାରେ ଚାଷୀ ହଟହଟା ହେବା ସହ ଟୋକନ୍ ପାଇଥିବା ଚାଷୀଙ୍କ ଠାରୁ ଧାନ ନ ନେବା, ଭତ୍ତା ସମସ୍ତଙ୍କୁ ୩୫ ଶହ ଟଙ୍କା ନ ଦେଇ ନିର୍ଦ୍ଦିଷ୍ଟଙ୍କ ପାଇଁ ଲାଗୁ କରିବା ଯେଉଁଥିରେ କି ଶତକଡ଼ା ୩/୪ଜଣ ପାଇଁ ସରକାର ସାଧାରଣ ଲୋକଙ୍କୁ ପ୍ରତାରଣା କରିଛି। ଉନ୍ନୟନ ଓ ସୁରକ୍ଷାମଞ୍ଚ ସୁଗୋ ଶାଖାର ସଭାପତି ପଲଟୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଧାରଣାରେ ସଂପାଦକ ବିନୟ ମହାନ୍ତି, ଆବାହକ ତନୋଜ ମହାନ୍ତି ସମେତ ମହିଳା ସମିତିର କର୍ମକର୍ତ୍ତା, ଆଦିବାସୀ ନେତା କୁନାଟୁଡୁ, ଅଜିତ୍ ଦାସ, ଗୌରୀକାନ୍ତ ମହାନ୍ତି, ଶରତ ମହାନ୍ତି, ବିଦ୍ୟାଧର ପାତ୍ର, ପ୍ରଦୀପମହାନ୍ତି, ସୁପ୍ରଭାଦାସ, ଜ୍ୟୋସ୍ନାରାଣୀ ମହାନ୍ତି, ସୁକାନ୍ତି ବାରିକ, ବାଞ୍ଛାନିଧି ମହାନ୍ତି, ପ୍ରାଣକୃଷ୍ଣ ମହାନ୍ତି, ଶ୍ରୀଧର ମହାନ୍ତି ପ୍ରମୁଖ ନେତୃତ୍ୱମାନେ ବକ୍ତବ୍ୟ ରଖିଥିବା ବେଳେ ତୁରନ୍ତ ପାଣି, ପାଇଖାନା ଓ ରାସ୍ତାକାମ ପାଇଁ ସରକାରୀ କ୍ଷେତ୍ରରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଦୁର୍ବାର ଲଢ଼େଇ, ଆନ୍ଦୋଳନ ହେବ ବୋଲି ମଞ୍ଚର ନେତୃତ୍ୱମାନେ ଚ଼େତାବନୀ ଦେବା ସହ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ସାଂସଦଙ୍କ ବ୍ଲକ ପ୍ରତିନିଧି ନିଯୁକ୍ତ



ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ଘୁମୁସର ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ତଥା ବରିଷ୍ଠ ନେତା ଅନିଲ କୁମାର ପଣ୍ଡା ପୁରୁଷୋତ୍ତମପୁର ବ୍ଲକ ପାଇଁ ସାଂସଦ ପ୍ରତିନିଧି ଭାବେ ନିଯୁକ୍ତି ହୋଇଛନ୍ତି । ଆସ୍କା ସାଂସଦ କ୍ଷେତ୍ର ଅଧିନସ୍ଥ ଖଲ୍ଲିକୋଟ ବିଧାନ ସଭା ମଣ୍ଡଳୀ ର ପୁରୁଷୋତ୍ତମପୁର ବ୍ଲକ ପାଇଁ ଆସ୍କା ସାଂସଦ ଅନିତା ଶୁଭ ଦର୍ଶିନୀ ତାଙ୍କ ପ୍ରତିନିଧି ଭାବେ ପୁରୁଷୋତ୍ତମପୁର ବ୍ଲକ ପାଇଁ ପ୍ରତିନିଧି ଭାବେ ନିଯୁକ୍ତି ଦେଇଛନ୍ତି । ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇ ଘୋଷଣା କରିଛନ୍ତି। ଏହି ଖବର ପାଇ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି । ସାଂସଦ ଅନିତା ଶୁଭ ଦର୍ଶନୀଙ୍କୁ ଧନ୍ୟବାଦ ଦେବା ସହ ବ୍ଲକରେ ସମସ୍ତ ଜନସାଧାରଣ ନବନିଯୁକ୍ତ ଶ୍ରୀ ପଣ୍ଡାଙ୍କୁ ଅଭିନନ୍ଦନ ଜଣାଛନ୍ତି ।

### ଶ୍ରାବଣ ପ୍ରଥମ ସୋମବାର

## ଗୋରେଖନାଥ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଶ୍ରାବଣ ପ୍ରଥମ ସୋମବାରରେ ଜଳାଭିଷେକ ପାଇଁ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ରାତ୍ର ୨ଟା ୩୦ ମିନିଟରେ ପହୁଡ଼ ଖୋଲିବା ପରେ ଶ୍ରଦ୍ଧାଳୁମାନେ ଲାଇନରେ ଆସି ପାଣି ଢାଳିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ରହଣି ପାଇଁ ଟେଣ୍ଟ କରାଯିବା ସହ ପର୍ଯ୍ୟାପ୍ତ ପାନୀୟଜଳ, ଆଲୋକ ଓ ଅସ୍ଥାୟୀ ଶୌଚାଳୟର ବ୍ୟବସ୍ଥା କରାଯାଇଥିଲା। ଏଥିସହ ଫାଷ୍ଟେଡେ ସୁବିଧା ମଧ୍ୟ କରାଯାଇଥିଲା। ଶୃଙ୍ଖଳାର ସହ ଶ୍ରଦ୍ଧାଳୁମାନେ ପାଣି ଢାଳିବା ପାଇଁ ବ୍ୟାରିକେଡ ବ୍ୟବସ୍ଥା ହୋଇଥିଲା। ଅନ୍ୟପକ୍ଷେ ପ୍ରଥମ ଥର ପାଇଁ ପ୍ରଭୁଙ୍କ ମନ୍ଦିର ସମ୍ମୁଖରୁ ଅଫିସ୍ ପର୍ଯ୍ୟନ୍ତ ବ୍ୟାରିକେଡ କରାଯାଇଥିଲା। ଭକ୍ତମାନେ ପାଣିଢାଳି ସାରି ଉକ୍ତ ବ୍ୟାରିକେଡ ଦେଇ ଚାଲିଯାଉଥିବାରୁ ପୀଠ ପକ୍ଷରୁ ନିଲାମ ପ୍ରାପ୍ତ ଭୋଗ ଓ ଦୀପ ଦୋକାନ ଫାଙ୍କା ପଡ଼ିଥିଲା। ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ନିଲାମ ନେଇଥିବା ଦୁଇ ଭୋଗ ଓ ଦୀପ ଦୋକାନୀ ଶ୍ରାବଣ ମାସ ଚାରି ପାଳିରେ କିଛି ବେପାର କରିବାକୁ ଆଶା ବାନ୍ଧିଥିବା ବେଳେ ବ୍ୟାରିକେଡ ହିଁ ସେମାନଙ୍କ ପାଇଁ ପ୍ରତିବନ୍ଧକ ସାଜିଲା ବୋଲି ନିଲାମଧାରି ସତ୍ୟବ୍ରତ ତ୍ରିପାଠୀ ଓ ରମେଶ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସେମାନେ ମନ୍ଦିର ଉପଦେଷ୍ଟା କମିଟି ଓ ବ୍ୟାରିକେଡ଼ ନିର୍ମାଣ ଦାୟିତ୍ୱରେ ଥିବା ତିର୍ତ୍ତୋଲ ପୋଲିସଙ୍କୁ ଜଣାଇଥିଲେ ସୁଦ୍ଧା କେହି ସେମାନଙ୍କ ଅଭିଯୋଗକୁ କର୍ଣ୍ଣପାତ କରିନଥିଲେ ବୋଲି ପ୍ରକାଶ କରିଛନ୍ତି। ପ୍ରଥମ ପାଳିରେ ଯେଉଁ କ୍ଷତି ହେଲା ତାହା କିପରି ଭରଣା ହେବ ବୋଲି ନିଲାମଧାରୀ ତ୍ରିପାଠୀ ଓ ସାହୁ ମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜାଙ୍କୁ ପଚାରିବାର ସେ ଅସୁସ୍ଥ ଥିବା ଏବଂ ବ୍ୟାରିକେଡ଼ ନିର୍ମାଣ ଦାୟିତ୍ୱ ପୋଲିସ ହାତରେ ନ୍ୟସ୍ତ ଥିବାର ପ୍ରକାଶ କରିଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ରଘୁନାଥପୁର ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ଓ ତିର୍ତ୍ତୋଲ ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ଥିଲେ। ଉପଦେଷ୍ଟା କମିଟି ସଦସ୍ୟ ରମେଶ ଚନ୍ଦ୍ର ମହାନ୍ତି, ଗ୍ରାମ୍ୟ କମିଟି ପକ୍ଷରୁ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି ଓ ପୀଠ କର୍ମଚାରୀ ସରୋଜ କୁମାର ସାହାଣୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ତୈଳ ଟର୍ମିନାଲ ଟ୍ୟାଙ୍କର ଡ୍ରାଇଭରଙ୍କ ପାଇଁ ସ୍ୱର ଉତ୍ତୋଳନ କଲା ପୂର୍ବ ଉପକୂଳ ଶ୍ରମିକ ସଙ୍ଘ




ପାରାଦୀପ (ଭାସ୍କର ନ୍ୟୁଜ୍) : ଦୀର୍ଘ ୩୫ ବର୍ଷ ହେବ ପାରାଦୀପ ସ୍ଥିତ ଆଇଓସିଏଲ, ଏଚପିସିଏଲ ଓ ବିପିସିଏଲ ଟର୍ମିନାଲରେ ତୈଳ ପରିବହନ ପାଇଁ ନିୟୋଜିତ ଟ୍ୟାଙ୍କର ଗାଡିର ଡ୍ରାଇଭର ମାନେ ସେମାନଙ୍କ ମୌଳିକ ଅଧିକାର ପାଇବାରୁ ବଞ୍ଚିତ ହୋଇଛନ୍ତି । ଦୀର୍ଘବର୍ଷ ପରେ ପ୍ରଥମ ଥର ପାଇଁ ଏ ସମସ୍ୟା ସମାଧାନ ଦିଗରେ ସ୍ୱର ଉତ୍ତୋଳନ କରିଛି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଙ୍ଘ। ଏବାବଦରେ ସୋମବାର ଦିନ ଟର୍ମିନାଲ ନିକଟସ୍ଥ ପଡିଆରେ ଡ୍ରାଇଭର ମାନଙ୍କ ଦ୍ୱାରା ଆୟୋଜିତ ଏକ ସଭାରେ ପୂର୍ବ ଉପକୂଳ ଶ୍ରମିକ ସଙ୍ଘର ସଭାପତି ପ୍ରକାଶ ତ୍ରିପାଠୀ ଓ ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା ଯୋଗଦେଇ ଡ୍ରାଇଭର ମାନେ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ପିଏଫ, ଇଏସ୍ଆଇ ପାଇବା ସହ ବିଶ୍ରାମ ଆଶ୍ରୟ ସ୍ଥଳ, କ୍ୟାଣ୍ଟିନ ବ୍ୟବସ୍ଥା, ଶୌଚାଳୟ ନିର୍ମାଣ, ଟ୍ରାଫିକ ନିୟନ୍ତ୍ରଣ ପାଇଁ ପାରାଦୀପ ବନ୍ଦର ଯୋଗାଇ ଦେଇଥିବା ଜମିରେ ଗାଡି ପାର୍କିଙ୍ଗ ସ୍ଥଳ ନିର୍ମାଣ ଇତ୍ୟାଦି ସମସ୍ୟା ସମାଧାନ ଦିଗରେ ତିନୋଟି ତୈଳ ଟର୍ମିନାଲ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଡ୍ରାଇଭର ମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଶ୍ରମିକ ତଥା ଡ୍ରାଇଭର ସଂଘର ସଭାପତି ପ୍ରକାଶ ତ୍ରିପାଠୀ ଚେତାବନୀ ଦେଇଛନ୍ତି। ସଂଘର ସହ ସମ୍ପାଦକ ଦିଲୀପ ବଳିୟାରସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ସୁବ୍ରତ କୁମାର ପ୍ରଧାନ, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ, ଉପସଭାପତି ରତ୍ନାକର ଜେନା ପ୍ରମୁଖ ଉପସ୍ଥିତ ରହି ଡ୍ରାଇଭର ମାନଙ୍କ ଉନ୍ନତି ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ହଜାରରୁ ଉର୍ଦ୍ଧ୍ୱ ଡ୍ରାଇଭର ଉତ୍ସାହର ସହ ଉପସ୍ଥିତ ହୋଇଥିବା ଦେଖିବାକୁ ମିଳିଥିଲା।

## ଲାଲବାହାଦୁର ଶାସ୍ତ୍ରୀ ଉଚ୍ଚବିଦ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଗଣେଶପୁର ସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ସରକାର ଉଚ୍ଚବିଦ୍ୟାଳୟ ସତ୍ୟବିହାରରେ ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ପକ୍ଷରୁ ଆଜି ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭୁବନେଶ୍ୱରର ସ୍ୱର୍ଣ୍ଣ ହସ୍ପିଟାଲ ଓ ପାରାଦ୍ୱୀପର ସାଇ ହସ୍ପିଟାଲର ଅଭିଜ୍ଞ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଏହି ଶିବିରରେ ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ଟର ରାଜକିଶୋର ମଲିକ, ଶିଶୁ ରୋଗ ବିଶେଷଜ୍ଞ ଡକ୍ଟର ସ୍ୱାତୀ ସାହୁ, ଭେଷଜ ବିଶେଷଜ୍ଞ ଡକ୍ଟର ଗୀତାଞ୍ଜଳି, ଶଲ୍ୟ ରୋଗ ବିଶେଷଜ୍ଞ ଡକ୍ଟର ଗୌରବ ସେଠୀ, ନାସା, କର୍ଣ୍ଣ ଓ ଗଳା ବିଶେଷଜ୍ଞ ଡକ୍ଟର ଗୋପବନ୍ଧୁ ଦାସ, ଦନ୍ତରୋଗ ବିଶେଷଜ୍ଞ ଡକ୍ଟର ଅରବିନ୍ଦ ନାୟକ ଓ ଡକ୍ଟର ପ୍ରଗତି ପ୍ରିୟା ଏବଂ ଚକ୍ଷୁରୋଗ ବିଶେଷଜ୍ଞ ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ପ୍ରମୁଖ ୫୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବହୁ ରୋଗୀଙ୍କୁ ମାଗଣାରେ ଡାକ୍ତରୀ ଚଷମା, ଅଣ୍ଟା ବେଲ୍ଟ ଇତ୍ୟାଦି ସହାୟକ ଉପକରଣ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଏହି ଶିବିରକୁ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ଶିକ୍ଷାବିତ୍ ପଞ୍ଚାନନ ଶତପଥି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ରସଂସଦର ବରିଷ୍ଠ ସଦସ୍ୟ ଡକ୍ଟର ରାଜକିଶୋର ମଲିକଙ୍କ ନେତୃତ୍ୱରେ ସାଥି ପୁରାତନ ଛାତ୍ର ଅବନୀ କୁମାର ବରାଳ, ଅଦ୍ୱୈତାନନ୍ଦ ବରାଳ, ସୁନାକର ବିହାରୀ, ପ୍ରସନ୍ନ କୁମାର ବେହେରା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହି ଶିବିର ସୁପରିଚାଳନାର ଦାୟିତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଦେବାଶିଷ ଶତପଥି, ଅମରେନ୍ଦ୍ର ବରାଳ, ରଞ୍ଜନ ପାତ୍ର, ରଞ୍ଜନ କୁମାର ଗିରି, ମନୋଜ ମଲିକ, ଜୟନ୍ତ ଶତପଥି, ଗୁରୁଚରଣ ସେଠୀ, ମଳୟ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ପରିବା ମାର୍କେଟରେ ଅଗ୍ନିକାଣ୍ଡ, ୫ଟି ଦୋକାନ ଭସ୍ମ
### ସ୍ଥାୟୀ ପିଣ୍ଡି ନିର୍ମାଣ ପାଇଁ ବଣିକ ସଂଘର ଦାବି

ପାରାଦୀପ (ଭାସ୍କର ନ୍ୟୁଜ୍) : ବନ୍ଦର ସହର ପାରାଦୀପର ବଡପଡିଆରେ ଥିବା ଅସ୍ଥାୟୀ ପରିବା ମାର୍କେଟ୍‌ରେ ଅଗ୍ନିକାଣ୍ଡ ଘଟି ୫ଟି ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ରବିବାର ବିଳମ୍ବିତ ରାତି ସାଢେ ୩ଟାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଖବର ପାଇ ପାରାଦୀପ ବନ୍ଦର ଓ କୁଜଙ୍ଗ ଅଗ୍ନିଶମ ବିଭାଗର ଗାଡି ଓ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏହି ଅଗ୍ନିକାଣ୍ଡ ଯୋଗୁଁ ୫ ଲକ୍ଷ ଟଙ୍କାର ସମ୍ପତ୍ତି ଜଳିଯାଇଥିବା କୁହାଯାଉଛି। ପାରାଦୀପ ବନ୍ଦର ତରଫରୁ ପରିବା ଦୋକାନ ପାଇଁ ଅସ୍ଥାୟୀ ପିଣ୍ଡି ଯୋଗାଇ ଦିଆଯାଇଥିବା ବେଳେ ପ୍ରତ୍ୟେକ ବ୍ୟବସାୟୀ ପଲିଥିନ ଓ ପାଲ ବାନ୍ଧି ପରିବା ବ୍ୟବସାୟ କରିଥାନ୍ତି। ରବିବାର ବିଳମ୍ବିତ ରାତିରେ କୌଣସି କାରଣରୁ ପଲିଥିନ ପାଲରେ ନିଆଁ ଲାଗି ୫ଟି ଦୋକାନ ଜଳି ଯାଇଛି। ଦୋକାନୀ ବାବୁନି ସାହୁ, ଟାବୁନି ସାହୁ, ଜୟଦେବ ମହାପାତ୍ର, ମଣ୍ଟୁ ନାୟକ, ସୁରେନ୍ଦ୍ର ସାହୁଙ୍କ ଦୋକାନ ପୋଡ଼ି ଯାଇଥିବା ଜଣାପଡିଛି। ଦୋକାନରେ ଥିବା ପନିପରିବା, କ୍ୟାସ ବାକ୍ସ, ଇଲେକ୍ଟ୍ରୋନିକ୍ସ କମ୍ପ୍ୟୁଟର କଣ୍ଟା, ପରିବା, ଫ୍ୟାନ ଆଦି ପୋଡ଼ି ପାଉଁଶ ହୋଇଯାଇଛି। ତେବେ ଅସ୍ଥାୟୀ ପରିବା ଦୋକାନ ପିଣ୍ଡିରେ କୌଣସି ବିଦ୍ୟୁତ ସଂଯୋଗ ନଥିବା ବେଳେ କେଉଁ କାରଣରୁ ନିଆଁ ଲାଗଛି ତାହା ସ୍ପଷ୍ଟ ହୋଇ ପାରିନାହିଁ। ମଶା ଧୂପରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ସକାଳେ ପାରାଦୀପ ବନ୍ଦର ବଣିକ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ ପହଞ୍ଚି ସ୍ଥିତି ସମୀକ୍ଷା କରି ଏହି ମାର୍କେଟରେ ସ୍ଥାୟୀ ପିଣ୍ଡି ନିର୍ମାଣ ପାଇଁ ବନ୍ଦର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ବଣିକ ସଂଘର ଉପଦେଷ୍ଟା ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ। ପ୍ରକାଶ ଥାଉକି, ବଡ଼ପଡିଆ ପରିବା ମାର୍କେଟରେ ସବୁ ଜିନିଷ ମିଳିଥାଏ। ପାରାଦୀପ ସହରର ପ୍ରାୟ ସମସ୍ତ ଲୋକେ ଏହି ପରିବା ମାର୍କେଟ ଉପରେ ନିର୍ଭରଶୀଳ।

## ପରିମଳ ସମସ୍ୟା ଶୁଣିବାକୁ କେହି ନାହିଁ, କାଗଜପତ୍ରରେ ୱାର୍ଡ କମିଟି




କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସହରରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। କେନ୍ଦୁଝରଗଡ ପୌରପାଳିକାର ୨୧ଟି ୱାର୍ଡରେ ସଫେଇ ଠିକ୍ ଭାବରେ ହେଉନଥିବାରୁ ଲୋକଙ୍କ ସମସ୍ୟା ବଢିବାରେ ଲାଗିଛି। ମୁଖ୍ୟ ରାସ୍ତାରେ ଯଦିଓ ଅଳିଆ ଉଠୁଛି କିନ୍ତୁ ଗଳିକନ୍ଦିରେ ଆବର୍ଜନା ଠିକ୍ ଭାବେ ଉଠୁନି। ସଫେଇ ଠିକାଦାର ୱାର୍ଡରେ ଠିକ୍ ଭାବରେ ସଫେଇ କରୁନଥିଲେ ମଧ ଅନେକ ୱାର୍ଡ କାଉନସିଲର ସଫେଇ ଠିକ୍ ଭାବରେ ହେଉଥିବା ରିପୋର୍ଟ କରୁଛନ୍ତି। ୱାର୍ଡରେ କୁଢ କୁଢ ଅଳିଆ ଆବର୍ଜନା ନିୟମିତ ସଫେଇ ହେଉନଥିବାରୁ ପରିବେଶ ପୂତିଗନ୍ଧମୟ ହେଉଛି। ବର୍ଷା ଦିନରେ ଡେଙ୍ଗୁ, ମ୍ୟାଲେରିଆ ଭୟ ଲୋକଙ୍କୁ ଘାରିଲାଣି। ୱାର୍ଡରେ ରାସ୍ତା ପାଶ୍ୱର୍ ଘାସ କଟା, ଅଳିଆ ଆବର୍ଜନା ସଫେଇ ହେଉନଥିବାରୁ ଗଳିକନ୍ଦିରେ ସଫେଇ ସମସ୍ୟା ବଢିବାରେ ଲାଗିଛି। ୱାର୍ଡସ୍ତରରେ ସଫେଇ କାର୍ଯ୍ୟ ତଦାରଖ ପାଇଁ ପ୍ରତ୍ୟେକ ୱାର୍ଡରେ ଏକ କମିଟି ଗଠନ ହୋଇଛି। ମାତ୍ର ଏହି କମିଟି ନାମକୁ ମାତ୍ର ଥିବାବେଳେ ଏହାର ବୈଠକ ବସୁନଥିବାରୁ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରୁନାହିଁ। ୱାର୍ଡ କମିଟି କେବଳ କାଗଜପତ୍ରରେ ସୀମିତ ରହିଛି ବୋଲି ଆଇନଜୀବୀ ଅଶୋକ ଦାସ ଅଭିଯୋଗ କରିଛନ୍ତି। ଏହି କମିଟିରେ ସ୍ୱଚ୍ଛ ସାଥି, ସ୍ୱଚ୍ଛ ସୁପର ଭାଇଜର, ୱାର୍ଡ ଅଫିସର ଏବଂ ସାନିଟାରୀ ଇନ୍ସପେକ୍ଟର ଅଛନ୍ତି। ଏହି କମିଟିର ସଦସ୍ୟଙ୍କ ନାମ ଏବଂ ମୋବାଇଲ ନମ୍ବର ସହିତ ୱାର୍ଡର ବିଭିନ୍ନ ସ୍ଥାନରେ କାନ୍ଥରେ ଲେଖାଯିବ। ୱାର୍ଡବାସୀ ନିଜର ସମସ୍ୟା ନେଇ କମିଟି ସଦସ୍ୟମାନଙ୍କୁ ଜଣାଇବେ। ଏହି କମିଟି ଦ୍ୱାରା ଦୈନନ୍ଦିନ ଦେଖା ଦେଉଥିବା ଛୋଟବଡ଼ ସଫେଇ ସଂକ୍ରାନ୍ତ ସମସ୍ୟାକୁ କମିଟି ପୌର ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରି ସମାଧାନ କରାଯିବ। ମାତ୍ର ଏହି ୱାର୍ଡ କମିଟି ଗଠନ ହେବା ଦିନ ଠାରୁ ଅଧିକାଂଶ ୱାର୍ଡରେ ବୈଠକ ବସିନାହିଁ। ୱାର୍ଡକୁ ସ୍ୱଚ୍ଛ, ସୁନ୍ଦର ଭାବେ ଗଢି ତୋଳିବାକୁ ଏହି କମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତା। ମାତ୍ର ଏହି କମିଟି ଠିକ୍ ଭାବରେ କାମ କରୁନଥିବାରୁ ପରିମଳକୁ ନେଇ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ସଫେଇ ଠିକାଦାର ନିଜ ଇଚ୍ଛାରେ କାମ କରୁଥିବାବେଳେ ସହରବାସୀ ଅସହାୟ ହୋଇ ପଡିଛନ୍ତି। କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ଲେକଙ୍କୁ ଉନ୍ନତ ସେବା ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର ଖସଡା ପ୍ରସ୍ତୁତ କରାଯାଇଥିଲା। ପରିମଳ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବାକୁ ଏହି କମିଟି ପୌରପାଳିକାର କାର୍ଯ୍ୟକଳାପ ଉପରେ ନଜର ରଖିବା ସହିତ ଘରକୁ ଘର ଆବର୍ଜନା ସଂଗ୍ରହ ଠିକ୍ ଭାବେ ହେଉଛି କି ନାହିଁ ତା'ର ବିବରଣୀ ପ୍ରତିଦିନ ପୌରପାଳିକାକୁ ଜଣାଇବା ପାଇଁ ଗଠିତ ହୋଇଥିବା ୱାର୍ଡ କମିଟି ଏକ ପ୍ରକାର ପଙ୍ଗୁ ଅବସ୍ଥାକୁ ଚାଲି ଆସିଛି। ଏହି କମିଟିର ସ୍ୱୟଂ ସହାୟକ ଗୋଷ୍ଠିର ମହିଳା, ସ୍ଥାନୀୟ ଲୋକ ଓ ମହିଳାଙ୍କୁ ଯୋଡା ଯାଇଥାନ୍ତା। ମାତ୍ର ତାହା ମଧ ହୋଇ ପାରିନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପୌରପାଳିକାର ଏକ ସ୍ୱଚ୍ଛ ସବାରୀ ଗାଡି ଘରକୁ ଘର ଯାଇ ଶୁଖିଲା ଓ ଓଦା ଆବର୍ଜନା ସଂଗ୍ରହ କରିଥାଏ। ଅନେକ ଲୋକ ସ୍ୱଚ୍ଛ ସବାରୀ ଗାଡିରେ ଓଦା ଶୁଖିଲା ଆବର୍ଜନା ନ ଦେଇ ରାସ୍ତାରେ ପାଶ୍ୱର୍ରେ ପକାଉଛନ୍ତି। ଫଳରେ ପରିବେଶ ପ୍ରଦୂଷିତ ହେଉଛି। ଏହି ଲୋକମାନଙ୍କୁ ଚିହ୍ନଟ କରି ଏହି କାର୍ଯ୍ୟରୁ ବାରଣ କରିବାକୁ ୱାର୍ଡ କମିଟି କାମ କରୁନାହିଁ। ସକାଳୁ ୱାର୍ଡର ଗଳିକନ୍ଦିରେ ଆବର୍ଜନା ସଂଗ୍ରହ ଗାଡି ବୁଲୁଛି। ଗାଡି ଠିକ୍ ଭାବେ ଆବର୍ଜନା ସଂଗ୍ରହ କରୁଛି କି ନାହିଁ ତା' ଉପରେ କମିଟି ନଜର ରଖିବା କଥା। ତାହା ମଧ୍ୟ ଠିକ୍ ଭାବରେ ତଦାରଖ ହେଉନଥିବାରୁ ସଫେଇ କାର୍ଯ୍ୟ ଠିକ୍ ଭାବରେ ହେଉନାହିଁ। ଗଳି ରାସ୍ତାରୁ ଆବର୍ଜନା ଉଠୁଛି କି ନାହିଁ, ଅଳିଆ ସଂଗ୍ରହ ଗାଡି ଠିକ୍ ସମୟରେ ଆସୁଛି ନା ନାହିଁ ଏବଂ କର୍ମଚାରୀମାନେ ଠିକ୍ ଭାବେ ସଫେଇ କରୁଛନ୍ତି କି ନାହିଁ ପ୍ରଭୃତିକୁ ଅନୁଧ୍ୟାନ କରିବା ପରେ ଦୈନିକ ପୌରପାଳିକାର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବିବରଣୀ ପ୍ରଦାନ କରିଥାନ୍ତା। ଆବର୍ଜନା ସଂଗ୍ରହ କରୁଥିବା କର୍ମଚାରୀ ଉକ୍ତ ୱାର୍ଡ କମିଟିର ସଦସ୍ୟଙ୍କ ଠାରୁ ଦସ୍ତଖତ ଆଣିବାକୁ ବାଧ ହେବେ। ଯଦି ସଫେଇ ଠିକ୍ ଭାବେ ଓ ଠିକ୍ ସମୟରେ ହୁଏ ତେବେ କମିଟି ସକରାତ୍ମକ ବିବରଣୀ ପ୍ରଦାନ କରିବ ନଚେତ୍ ନକରାତ୍ମକ ବିବରଣୀ ଦେଲେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୱାର୍ଡ କମିଟି ଗୁଡ଼ିକୁ ଯୋଡିବା ନିମନ୍ତେ ଏକ ହ୍ୱାଟସଆପ୍ ଗ୍ରୁପ୍ ତିଆରି କରାଯିବାର ଯୋଜନା ରହିଥିଲା। ଏହି ଗ୍ରୁପ ଜରିଆରେ ସେମାନଙ୍କ ଗଳିରେ ନାଳ, ସଫେଇ, ରାସ୍ତା ଆଲୋକ ପ୍ରଭୃତି ପୌରପାଳିକା ଅନ୍ତର୍ଭୁକ୍ତ ସମସ୍ୟା ଗୁଡିକୁ ନଜର ଦିଆଯାଇଥାନ୍ତା। ଅଭିଯୋଗ ଆସିବା କ୍ଷଣି ବିଭାଗୀୟ ଅଧିକାରୀଙ୍କ ନିକଟକୁ ୱାର୍ଡ କମିଟିର ଅଭିଯୋଗକୁ ପଠାଇ ଦିଆଯିବ। ଫଳରେ ପ୍ରତି ଗଳିକନ୍ଦିରେ ଉପୁଜୁଥିବା ସମସ୍ୟା ବିଳମ୍ବ ନହୋଇ ତୁରନ୍ତ ସମାଧାନ ହୋଇପାରିଥାନ୍ତା ବୋଲି ଯୋଜନା ହୋଇଥିଲା। କିନ୍ତୁ ପୌରପାଳିକା କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବ ଯୋଗୁଁ କମିଟି ପ୍ରହସନରେ ପରିଣତ ହୋଇଛି। ଲୋକଙ୍କ ସମସ୍ୟା ଦିନକୁ ଦିନ ବଢୁଥିବାବେଳେ ଶୁଣିବାକୁ କେହି ନାହିଁ। କେନ୍ଦୁଝରଗଡ ପୌରପାଳିକା ଲୋକଙ୍କ ଠାରୁ ହୋଲ୍ଡିଂ ଟ୍ୟାକ୍ସ ଏବଂ ୟୁଜର ଫି ବାବଦରେ ହଜାର ହଜାର ଟଙ୍କା ଆଦାୟ କରୁଥିବାବେଳେ ଲୋକଙ୍କୁ ମୌଳିକ ସବୁିଧା ଦେବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି।


## ବିଦ୍ୟୁତ୍ ସମସ୍ୟା ନେଇ ଅଞ୍ଚଳବାସୀଙ୍କ ବୈଠକ

ଫୁଲନଖରା (ଭାସ୍କର ନ୍ୟୁଜ୍) : ବୟାଳିଶମୌଜା ସ୍ଥିତ ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଣେକ୍ଷେଣ୍ଣ ମହାବୀରଙ୍କ ପ୍ରାଙ୍ଗଣରେ ୪୨ ମୌଜା ସ୍ତରୀୟ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ବିଭୂତି ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କଟକ ସଦର ୟୁନିୟନ୍ ଫର୍ ଡେଭଲପମେଣ୍ଟ ଅଧ୍ୟକ୍ଷ ପ୍ରଫେସର୍ ଇଂ.ମନୋଜ କୁମାର ନାୟକ, ସମ୍ମାନୀୟ ଅତିଥି ଭାବେ ଝିଙ୍କୀରିଆ ଗ୍ରାମ୍ୟ ଅଧିକାରୀ ଚିନ୍ମୟ ଦେବତା, ମହନ୍ତ ଦୁଷ୍ମନ୍ତ ନନ୍ଦ, ଉନ୍ନୟନ କମିଟି ଉପଦେଷ୍ଟା ସୁଜିତ୍ ଦେବତା, ଅଶୋକ ଦେବତା, ଆନନ୍ଦ ଦେବତା, ନରହରି ଦେବତା, ଉପ ସଭାପତି ଗୌତମ ସ୍ୱାଇଁ, ବରିଷ୍ଠ ନାଗରିକ ଶାନ୍ତ କୃଷ୍ଣ ଦେବତା, ମଧୁସୂଦନ ଦେବତା, ବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ରବି ନାରାୟଣ ପ୍ରଧାନ, ଦଧିବାମନପୁର ସରପଞ୍ଚ ପ୍ରତିନିଧି ପଦ୍ମଲାଭ ଗୋଚ୍ଛାୟତ, ବଉଳକୁଦ ଗ୍ରାମ୍ୟ କମିଟି ସଭ୍ୟ ରବୀନ୍ଦ୍ର ଦେବତା, ୪୨ ମୌଜା ଯାଦବ ମହାସଭା ସଭାପତି ସାମ୍ବାଦିକ ବୁଲେଇ ବେହେରା, ସମ୍ପାଦକ ପ୍ରସନ୍ନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଦୀର୍ଘ ସମୟ ଧରି ବିନା ସୂଚନାରେ ବିଦ୍ୟୁତ୍ ସରବରାହ ବନ୍ଦ ରହିବା ସମସ୍ୟାକୁ ବୈଠକରେ ଦୃଢ଼ ପ୍ରତିବାଦ କରାଯାଇଥିଲା । ୪୨ ମୌଜାରେ ଆଉ ଏକ ଗ୍ରିଡ୍ ବସାଇବା ସହ ନିରବଚ୍ଛିନ୍ନ ଭାବେ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କ ଠାରେ ଦୃଢ଼ ଦାବୀ ଉପସ୍ଥାପନ କରାଗଲା । ଅନ୍ୟମାନଙ୍କ ମଧ୍ୟରେ ଦୀପକ ଆଚାର୍ଯ୍ୟ, ସୁକାନ୍ତ ବେଉରା, ସୁଧୀର ଶତପଥୀ, ଅଶୋକ ପତି, ସ୍ମୃତୀରଞ୍ଜନ ମହାନ୍ତି, ସସ୍ମିତା ମହାରଣା, ପୁନମ ଦାଶ, କାଦମ୍ବିନୀ ଦେବତା, ମାମିନା ଆଚାର୍ଯ୍ୟ, ମମତା ନନ୍ଦ, ମମତା ଦେବତା, ରେବତୀ ଦେବତା, ବିଶ୍ୱ ରଞ୍ଜନ ଦାସ, ଚନ୍ଦ୍ର ଶେଖର ପତି, ବିଷ୍ଣୁ ଚରଣ ଦାଶ, ପ୍ରକାଶ ଚନ୍ଦ୍ର ମାଝୀ, ସୁଦର୍ଶନ ଜେନା, ଉଦୟ ସାସମଲ, ବିଜୟ ନାୟକ, କିଶୋର ପଲେଇ, ନିରଂଜନ ଆଚାର୍ଯ୍ୟ, ଆନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ରାଶିଫଳ
ମଙ୍ଗଳବାର, ୧୫ ଜୁଲାଇ ୨୦୨୫



**ମେଷ:** ଆଜି ଶୁଭ ଦିନ ହେବ। ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ। ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି।




**ବୃଷ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ଆର୍ଥିକ ବିନିଯୋଗ ଲାଭଦାୟକ ହେବ। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ । ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି ।




**ମିଥୁନ:** ଆଜି ମିଶ୍ରିତ ଦିନ ହେବ। ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ ଅଧିକ ମଧ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ।



**କର୍କଟ:** ଆଜି ଏକ ସାଧାରଣ ଦିନ ହେବ । ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।



**ସିଂହ :** ଆଜି ମିଶ୍ରିତ ଦିନ ହେବ । ବ୍ୟବସାୟରେ ଲାଭ ହେବ । ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ । ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ।




**କନ୍ୟା:** ଆଜି ଶୁଭ ଫଳପ୍ରଦ ଦିନ ହେବ । ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ । ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ । ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି । ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ ।



**ତୁଳା:** ଆଜି ମିଶ୍ରିତ ଦିନ ହେବ । ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ ହେବ । ପରିବାରରେ ଖୁସିର ବାତାବରଣ ରହିବ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ବକ୍ତବ୍ୟକୁ ମଧ ନିୟନ୍ତ୍ରଣ କରନ୍ତୁ।




**ବିଛା:** ଆଜି ଏକ ସାଧାରଣ ଦିନ ହେବ । କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ।




**ଧନୁ :** ଆଜି ଏକ ସାଧାରଣ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ । କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ । ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ ।



**ମକର :** ଆଜି ଏକ ଭଲ ଦିନ ହେବ । ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ । ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ ।



**କୁମ୍ଭ:** ଆଜି ମିଶ୍ରିତ ଦିନ ହେବ । ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ । ପରିବାର ସହିତ ସମୟ ଭଲ ବ୍ୟବହାର ହେବ । ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ।



**ମୀନ:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି ।



ଶ୍ରୀପତି ଜ୍ୟୋ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକରେ କାର୍ଯ୍ୟରତ ଏଚ୍ କ୍ୟାଡର ଶିକ୍ଷକ ସଂଘର ଏକ ସାଙ୍ଗଠନିକ ବୈଠକ ଜହ୍ନାପଙ୍କ ବିଦ୍ୟାସାଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ରବିବାର ଦିନ ବ୍ଲକ ସଭାପତି ସୁଶାନ୍ତ ଅମାତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ସଭାପତି ବିରେନ ଦାସିଆ ଯୋଗ ଦେଇଥିଲେ। ଜିଲ୍ଲା ଉପସଭାପତି ଜୟରାମ ମେହେର, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ଥାପା ପ୍ରମୁଖ ସଂଗଠନ କିପରି ସୁଦୃଢ଼ ହେବ,ଦୀର୍ଘଦିନ ହେବ ପଡିରହିଥିବା ଏନପିଏସ ଶିକ୍ଷକ ସଂଘକୁ ସକ୍ରିୟ କରିବା, ବକେୟା ଏରିଅର ଅର୍ଥ କିପରି ମିଳିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲା ସଭାପତି ବିରେନ ଦାସିଆ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ତ ସମସ୍ୟା ଯେପରି ଶୀଘ୍ର ସମାଧାନ ହେବ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଥିଲେ। ଶ୍ରୀ ଦାସିଆ ଅଫିସ ସହ ଯୋଗାଯୋଗ କରି ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ। ଆଗାମୀ ଦିନରେ ସଂଗଠନକୁ ସୁଦୃଢ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ବ୍ଲକର ଶହେରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

# ନିର୍ମାଣର ମାସେ ନପୁରୁଣୁ ଉଠିଗଲା ପିଚୁ



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ - ଖମାରିପଡା ରାସ୍ତା ଉପରେ ଆଖପାଖ ୬ଟି ପଞ୍ଚାୟତର ପ୍ରାୟ ୪୦ ହଜାର ଲୋକ ଯାତାୟତ କରିଥାନ୍ତି। ରାସ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ପୂର୍ବ ସରକାର ଏହି ରାସ୍ତାର ଉନ୍ନତିକରଣ କରିଥିଲେ। ରାସ୍ତା ନିର୍ମାଣ ସରିଲା। ହେଲେ କମିରା ଓ ଦାମୋଦରପୁର ମଝିରେ ଥିବା ଜାମୁନାଳ ପୋଲ କାମ ବିଳମ୍ବରେ ସରିଲା। ତେବେ ୨୦୨୩ ମସିହାରେ ଏହି ପୋଲ ଦେଇ ଯାତାୟତ ହୋଇଥିଲା। କିନ୍ତୁ ପୋଲର ସୁରକ୍ଷା ବାଡ ଓ ଉଭୟ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ହୋଇନଥିଲା।ଗତ ମେ ମାସରେ ଏହାର ନିର୍ମାଣ କାମ ସରିଛି। ତେବେ ନିମ୍ନମାନର କାମ ଯୋଗୁଁ ନିର୍ମାଣର ମାସେ ପରେ ପିଚୁ ଉଠି ଯାଇ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଦେଇ ପ୍ରତିଦିନ ଏକ ସରକାରୀ ଓ ବେସରକାରୀ ବସ ଚଳାଚଳ କରୁଛି। ପ୍ରତ୍ୟେହ ଏହି ରାସ୍ତା ଦେଇ ଲୋକମାନେ ବଘିଆପଡା, ମୁଣ୍ଡାପଡା, ଖଜୁରୀପଡା ସାପ୍ତାହିକ ହାଟକୁ ଯାଇଥାନ୍ତି। ଏହା ସହିତ ଛାତ୍ର ଛାତ୍ରୀମାନେ ଜହ୍ନାପଙ୍କ କଲେଜକୁ ଯାଇଥାନ୍ତି।ଏନେଇ କନିଷ୍ଠ ଯନ୍ତ୍ରୀ ପଞ୍ଚାନନ ସାହୁଙ୍କୁ ଯୋଗାଯୋଗ କରିବାରୁ ସମ୍ପୃକ୍ତ ଠିକାଦାରଙ୍କୁ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ। ତୁରନ୍ତ ଏହାର ମରାମତି ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି।

## ବିଭିନ୍ନ ଶୈବପୀଠରେ ବୋଲବମ୍ ଭକ୍ତଙ୍କ ଗହଳି

କନ୍ଧମାଳ (ଭାସ୍କର ନ୍ୟୁଜ୍): ଆଜି ଶ୍ରାବଣ ମାସ ପ୍ରଥମ ସୋମବାର ହୋଇଥିବାରୁ କନ୍ଧମାଳ ବ୍ଲକର କନ୍ଧମାଳ, ଘଣ୍ଟାପଡ଼ା, ପଲସାଗୋରା, ଲୋକାପଡ଼ା ଖୁଣ୍ଟିଗୋରା, ଟପର୍ଣା, ଖଟଖଟିଆ, ଗୋହିପିଟା, ମନମୁଣ୍ଡା ପ୍ରମୁଖ ସ୍ଥାନମାନଙ୍କରେ ଥିବା ଶୈବପୀଠରେ ବୋଲବମ ଭକ୍ତମାନଙ୍କ ପ୍ରବଳ ଗହଳି ଲାଗିଥିଲା । ନଦୀ ହେଉ କିମ୍ବା ପୋଖରୀରୁ ପ୍ରାତଃ ସ୍ନାନ ସାରି ଉକ୍ତ ଜଳାଶୟରୁ ପୂର୍ଣ୍ଣକୁମ୍ଭରେ ଜଳ ଭର୍ତ୍ତି କରି ଖାଲି ପାଦରେ ଚାଲି ଚାଲି ମୁଖରେ ଦେବଦେବ ମହାଦେବଙ୍କ ପଞ୍ଚାକ୍ଷରୀ ମନ୍ତ୍ର ଧ୍ୟାନ ଓ ଗାନ କରି ବୋଲବମ୍ ଭକ୍ତମାନେ ନିକଟସ୍ଥ ଶିବମନ୍ଦିର ଗୁଡ଼ିକୁ ଆସିଥାନ୍ତି । ଶିବଙ୍କ ଶିରରେ ଜଳ ଅର୍ପଣ କରି ପାଦୁକା ସେବନ କରି ନିଜ ନିଜ ଘରକୁ ଫେରିଥାନ୍ତି ।



# ବୋଲବମ୍ ଯାତ୍ରୀଙ୍କ ଉପରେ ମାଡ଼ିଗଲା ଦମକଳ ଗାଡି

## ଜଣେ ମୃତ, ତିନି ଗୁରୁତର

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ଗୁପ୍ତେଶ୍ୱରଙ୍କ ନିକଟସ୍ଥ ସୁକନାଳ ଘାଟିରେ ଅଘଟଣ ଘଟିଛି। ଘଟଣାରେ ଜଣେ ନାବାଳକର ମୃତ୍ୟୁ ହୋଇଥିବା ବେଳେ ତିନି ଗୁରୁତର ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ବୈପାରିଗୁଡା ବ୍ଲକ ଅନ୍ତର୍ଗତ କନ୍ଦଗୁଡାର ବୋଲବମ୍ ଭକ୍ତମାନେ ଶ୍ରାବଣ ମାସର ପ୍ରଥମ ସୋମବାରରେ ଜଳାଭିଷେକ ପାଇଁ ବାବା ଗୁପ୍ତେଶ୍ୱରଙ୍କ ଶୈବପୀଠକୁ ପାଣି ଢାଳିବା ପାଇଁ ପଦଯାତ୍ରା କରୁଥିଲେ । ବାବା ଶୈବପୀଠରେ ପହଞ୍ଚିବାର ଆଉ କିଛି ବାଟ ଅଛି ସୁକନାଳ ଡକରି ଘାଟିରେ ହଠାତ୍ ପଛପଟୁ ଗୋଟିଏ ଦମକଳ ଗାଡି ଆସି ଧକ୍କା ଦେଲା । ଫଳରେ ଘଟଣା ସ୍ଥଳରେ ଜଣେ ନାବାଳକ ମୃତ୍ୟୁ ହୋଇଥିବାବେଳେ ଦୁଇଜଣ ବାଳକ ଗୁରୁତର ଏବଂ ଜଣେ ବାଳିକାର ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଘଟଣାରେ ଗୋଟିଏ ପରିବାରର ତିନିଭାଇ ରହିଥିବା ଜଣାପଡିଛି । ମୃତ ନାବାଳକ ସାନଭାଇ ଜଣକ କନ୍ଦଗୁଡାର ୭ବର୍ଷୀୟ ପୁଶୁରାମ ଦୁରିଆ ଅନ୍ୟ ଦୁଇଜଣ ମଧ୍ୟରେ ମୃତକର ବଡଭାଇ ବୁଦ୍ରା ଦୁରିଆ ସ୍ଥାନୀୟ ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବାବେଳେ ଅନ୍ୟ ଜଣେ ଭାଇଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ବାଳିକା ଜଣକ ନନ୍ଦପୁର ବ୍ଲକ ପାଡୁଆର ରଶ୍ମି ଖିଲ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ମଧ୍ୟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ଅଣାଯାଇଛି । ଘଟଣା ବିଷୟରେ ଖବର ପାଇ ବୈପାରିଗୁଡା ଥାନା ଅଧିକାରୀ ରଶ୍ମି ପ୍ରଧାନ ସଦଳବଳକୁ ନେଇ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବା ସହିତ ତଦନ୍ତ ପ୍ରକ୍ରିୟା ଜାରି ରଖିଛନ୍ତି ।

# ଓୟୁଜେର ନୂତନ କର୍ମକର୍ତ୍ତା ଚୟନ

## ମନୋରଞ୍ଜନ ସଭାପତି, ହୃଦାନନ୍ଦ ସମ୍ପାଦକ




ବୌଦ୍ଧ(ଭାସ୍କର ନ୍ୟୁଜ୍): ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ବୌଦ୍ଧ ଜିଲ୍ଲା ଶାଖାର ଏକ ସାଧାରଣ ବୈଠକ ବୌଦ୍ଧ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଦିନ ୧୨ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଓଡିଶା କର୍ମଜୀବି ସାମ୍ବାଦିକ ସଂଘର ରାଜ୍ୟ ଉପସଭାପତି ତଥା ନିର୍ବାଚନ ଅଧିକାରୀ ପରମାନନ୍ଦ ମିଶ୍ର ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରେମାନନ୍ଦ ମହାପାତ୍ର ଯୋଗ ଦେଇଥିଲେ । ସଂଘର ସୁପରିଚାଳନା ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ସଭାପତି ଭାବରେ ମନୋରଞ୍ଜନ ଦାସ ,ସମ୍ପାଦକ ଭାବରେ ହୃଦାନନ୍ଦ ମେହେର ,ସହ ସମ୍ପାଦକ ଭାବରେ ଅଭିମନ୍ୟୁ ନାଏକ,ଉପସଭାପତି ଭାବରେ ଜଗାନନ୍ଦ ମହାପାତ୍ର ଓ କୋଷାଧ୍ୟକ୍ଷ ଭାବରେ ବାସୁଦେବ ଶାଣ୍ଢଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଏହି ସଭାରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ସ୍କୁଲ ଗାଡ଼ି ପାର୍କିଂ ଯୋଗୁ ବଢୁଛି ଦୁର୍ଘଟଣା

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ସ୍ଥିତ ବମ୍ଲେଛକରୁ ସେଣ୍ଟ ମେରୀ ସ୍କୁଲ ଦେଇ ଓଭରବ୍ରିଜ ଓ ରେଳବାଇ କଲୋନୀକୁ ଯାଇଥିବା ରାସ୍ତା ସକାଳ ୭ଟା ରୁ ୮ଟା ଏବଂ ଦିନ ୧ଟରୁ ୨ଟା ପର୍ଯ୍ୟନ୍ତ ପ୍ରବଳ ଭିଡ ବିଷୟରେ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା । ଏହା ମଧ୍ୟରେ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଛି। ବମ୍ଲେଛକ ନିକଟରେ ଜାତୀୟ ରାଜପଥରେ ସେଣ୍ଟ ମେରି ଜୁନିୟର ସ୍କୁଲକୁ ପିଲାମାନଙ୍କୁ ନେବାପାଇଁ ବସ, ଅନ୍ୟ ଗାଡି ଗୁଡିକ ରହିବା ଫଳରେ ମୁଖ୍ୟ ଯାତାୟତରେ ଅସୁବିଧାର ସମ୍ମୁଖିନ ହେବା ସହିତ ଜାତୀୟ ରାଜପଥରେ ଭିଡଯୋଗୁଁ ଦୁର୍ଘଟଣା ହେଉଛି। କିନ୍ତୁ ପ୍ରଶାସନ କୌଣସି ପଦକ୍ଷେପ ନେଇନାହିଁ। ସେଣ୍ଟ ମେରୀ ସ୍କୁଲ ରାସ୍ତାରେ ସାଧାରଣ ଲୋକ ଚାଲିକରି ଯିବା କିମ୍ବା ଦୁଇଚକିଆ, ୪ଚକିଆ ଗାଡିରେ ୫୦୦ମିଟର ଯିବାପାଇଁ ସଂପୂର୍ଣ୍ଣ କଷ୍ଟକର। ଏହି ରାସ୍ତା ଦେଇ ନିକଟରେ ଥିବା ସେଣ୍ଟ ରୋନାଲଟ୍ , ଗର୍ଡଅର୍ଫ ଆସେମ୍ବ୍ଲି ସ୍କୁଲ ପିଲା, କଲେଜ ପିଲାମାନେ ଯିବା ଆସିବା କରନ୍ତି । ରେଳବାଇ ଷ୍ଟେସନରୁ ବ୍ରଜରାଜନଗର, ବେଲପାହାଡ ଯାତ୍ରୀ ଓ ପଞ୍ଚପଡାରୁ ଲୋକମାନେ ଯିବା ଆସିବା ଏହି ରାସ୍ତାରେ କରନ୍ତି । ସେଣ୍ଟ ମେରୀ ସ୍କୁଲକୁ ଆସୁଥିବା ବସଗୁଡିକ ରାସ୍ତାର ପାର୍ଶ୍ୱରେ ରହୁଛି । ରାସ୍ତାର ଅନ୍ୟ ପାର୍ଶ୍ୱରେ ସେଣ୍ଟ ମେରୀ ସ୍କୁଲର ବାଲି, ଗୋଡି ଜମା ହୋଇ ରହିଛି। ଏହାଫଳରେ ସାଧାରଣ ଲୋକମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସେଣ୍ଟ ମେରୀ ସିନିୟର ସ୍କୁଲର ଅନ୍ୟପାର୍ଶ୍ୱ ରାସ୍ତାରେ ଏବର୍ଷ ସ୍କୁଲ ନୂତନ ଗେଟ୍ ଖୋଲିବା ଫଳରେ ସଂକୀର୍ଣ୍ଣ ରାସ୍ତା ମଧ୍ୟ ଭିଡ ହେଉଛି । ଏହି ରାସ୍ତାରେ ସେଣ୍ଟ ମେରୀ ସିନିୟର ସ୍କୁଲ ମଧ୍ୟ ନିଜସ୍ୱ ୪ଟି ଦୋକାନ ଖୋଲିଛି ଯାହାଫଳରେ ଦୋକାନ ଆଗରେ ଗ୍ରାହକମାନଙ୍କର ଗାଡି ରହିବା ଫଳରେ ସେ ରାସ୍ତା ମଧ୍ୟ ଭିଡ ହେଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଆସା ସଂସ୍ଥା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ



ମୁରିବାହାଲ /ବଙ୍ଗୋମୁଣ୍ଡା,(ଭାସ୍କର ନ୍ୟୁଜ ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ପଞ୍ଚାୟତ ବରତୁଣ୍ଡା ଗାଁରେ ଆସା ସଂସ୍ଥା ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଟିମ ଲିଡ଼ର ସଙ୍ଗମ କୁମାରୀଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ କପିଳାଭଟା ପଞ୍ଚାୟତର ସରପଞ୍ଚ ତୁଳସେ ଭୋଇ ଯୋଗ ଦେଇ ଚାରାରୋପଣ କରିଥିଲେ। ପରିବେଶ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଆବଶ୍ୟକ। ବୃକ୍ଷ ରୋପଣ କରି ପରିବେଶର ସୁରକ୍ଷା ନେବା ଆମର ମୁଖ୍ୟ ଉଦ୍ଦେଶ୍ୟ ଓ କର୍ତ୍ତବ୍ୟ । ତେଣୁ କରି ଏହି ଗ୍ରାମରେ ଚାଷୀମାନଙ୍କୁ ବୃକ୍ଷ ଲଗାଇ ତାର ସୁରକ୍ଷା ନେବା ଉପରେ ସଚେତନତା କରାଯାଇଛି ।ଏଥିପାଇଁ ୩ ଏକର ଜାଗାରେ ବିଭିନ୍ନ ଧରଣର ୯୧୫ ଗୋଟି ବୃକ୍ଷଚାରା ଲଗାଯାଇଥିଲା । ଏଥିରେ ମହିଳା ଓ ପୁରୁଷ ଚାଷୀମାନଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଆସା ସଂସ୍ଥା ର ହେରାମ ହଂସ, ଯୋଗୀନ୍ଦ୍ର ମେହେର, ଯୋଗୀନ୍ଦ୍ର ପୁଟେଲ ଓ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ରାସ୍ତା କାମକୁ ନେଇ ସରପଞ୍ଚଙ୍କ ବୈଠକ

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଲୋଇସିଂହା ଗ୍ରାମପଞ୍ଚାୟତର ବାରଖଣ୍ଡିଆ କଦଳୀମୁଣ୍ଡା ରାସ୍ତା ସମସ୍ୟାର ସମାଧାନ ପାଇଁ ଲୋଇସିଂହ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ସରପଞ୍ଚ ସନାତନ ରୋହିଦାସଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଗ୍ରାମ ପଞ୍ଚାୟତ ତରଫରୁ ଉକ୍ତ ରାସ୍ତାର କାଦୁଅକୁ ସଫା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ଏବଂ ରାସ୍ତାର ଯାତାୟାତ ସମ୍ଭବ ହେଉ ନଥିବାରୁ ମରାମତି ସକାଶେ ଆବଶ୍ୟକୀୟ ଅର୍ଥ ପାଇଁ ବ୍ଲକ ଏବଂ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯିବା ପାଇଁ ସ୍ଥିର କରାଯାଇଛି । ଅପରପକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ରାସ୍ତା ନିର୍ମାଣ ସକାଶେ ଡିପିଆର୍ ପ୍ରସ୍ତୁତ ପାଇଁ ଆର୍ ଡି ବିଭାଗ କୁ ଅନୁରୋଧ କରାଯାଇଥିଲା । ଆର୍ ଡି ବିଭାଗ ପକ୍ଷରୁ ଡିପିଆର୍ ପ୍ରସ୍ତୁତ କରି ଜିଲ୍ଲା ପ୍ରଶାସନ କୁ ଦିଆଯାଇଥିଲା ଯାହାର ପ୍ରଶାସନିକ ଅନୁମୋଦନ ମଧ୍ୟ ମିଳିଯାଇଛି । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ଟ. ୪,୯୧,୬୬,୦୨୧ ବ୍ୟୟ ରେ ଏହି ରାସ୍ତା ବାରଖଣ୍ଡିଆ PWD ରାସ୍ତା ଠାରୁ କଦଳୀମୁଣ୍ଡା ଦେଇ କୋଇଲଗା, ତିଲେଇମାଲ ହନୁମାନ ମନ୍ଦିର ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ କରାଯିବ ଫ ଏହି ରାସ୍ତା ନିର୍ମାଣ ଦ୍ୱାରା ଗ୍ରାମ ପଞ୍ଚାୟତ ତଥା ଆଖପାଖ ଅଂଚଳର ୧୦ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣ ଉପକୃତ ହୋଇପାରିବେ। ବର୍ତ୍ତମାନ ଆର୍‌ଡି ବିଭାଗ ପକ୍ଷରୁ ହେବାକୁ ଥିବା ଟେଣ୍ଡର ଏବଂ ଯଥାଶୀଘ୍ର ରାସ୍ତା ନିର୍ମାଣ କାମ ଆରମ୍ଭକୁ ଜନସାଧାରଣ ଅପେକ୍ଷା କରିଛନ୍ତି । ରାସ୍ତା ନିର୍ମାଣ ସକାଶେ ମିଳିଥିବା ପ୍ରଶାସନିକ ଅନୁମୋଦନ ପାଇଁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ସରପଞ୍ଚଙ୍କ ପ୍ରଚେଷ୍ଟା ପାଇଁ ଏହି ସଭାରେ ଉପସ୍ଥିତ କଦଳୀମୁଣ୍ଡା ବାସୀ ଧନ୍ୟବାଦ ଏବଂ କୃତଜ୍ଞତା ଜଣାଇଛନ୍ତି । ଏହି ବୈଠକରେ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚେତାନନ୍ଦ ନାଏକ, ଏଡିଇଓ ପ୍ରକାଶ ପ୍ରଧାନ, ୱାର୍ଡ ସଭ୍ୟ ସୁରେନ୍ଦ୍ର ପ୍ରଧାନ, ୱାର୍ଡ ସଭ୍ୟ ମଦନ ରୋହିଦାସ , କ୍ଷୀରୋଦ ସିଂ, ସମେତ କଦଳୀମୁଣ୍ଡାବାସୀ ଉପସ୍ଥିତ ଥିଲେ ।



# ଭାଜପାର ବିଧାନସଭାସ୍ତରୀୟ ସାଙ୍ଗଠନିକ ବୈଠକ




ଉମରକୋଟ(ଭାସ୍କର ନ୍ୟୁଜ୍): ଶନିବାର ନବରଙ୍ଗପୁର ଜିଲ୍ଲା ଉମରକୋଟ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ଠାରେ ସମସ୍ତ ମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ସାଂଗଠନିକ ବୌଠକ ଆୟୋଜନ ହୋଇଥିଲା । ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବର୍ତ୍ତମାନ ଓଡିଶାରେ ରାଜ୍ୟ ସଭାପତି ନିର୍ବାଚନ ସରିଛି। ଏଥିରେ ମନମୋହନ ସାମଲ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇ ପୁନହ ରାଜ୍ୟ ଭାର ଗ୍ରହଣ କରିଛନ୍ତି । ରାଜ୍ୟବାସୀଙ୍କ ଆଶା ଓ ଭରସା ଅଛି ଆଗାମୀ ଦିନରେ ମଧ୍ୟ ତାଙ୍କରି ନେତୃତ୍ୱରେ ପୁନଃ ସରକାର ଗଢିବ । କିଛି ଦିନ ପୂର୍ବରୁ ମଣ୍ଡଳ ସ୍ତରରୁ ନେଇ ପ୍ରତି ବିଧାନସଭା ସ୍ତରରେ ଏହି ସାଂଗଠନିକ ନିର୍ବାଚନ ସରିସାରିଛି ମଣ୍ଡଳ ବୁଥ୍ କମିଟି ଠାରୁ ମଣ୍ଡଳ କମିଟି ଗଢା ହୋଇସାରିଛି। ଆଗାମୀ ଭବିଷ୍ୟତରେ ଦଳର କଣ ରଣନୀତି ରହିବ ସମସ୍ତ ମଣ୍ଡଳର ତୃଣମୂଳ ସ୍ତରର କାର୍ଯ୍ୟକର୍ତ୍ତା ତଥା ମଣ୍ଡଳ ସ୍ତରରେ ନେତୃତ୍ୱ ନେଉଥିବା ନେତୃ ମଣ୍ଡଳୀକୁ କିଭଳି ଗ୍ରାଉଣ୍ଡ ସ୍ତରରୁ ସଂଗଠନ କୁ ଆହୁରି ମଜବୁତ କରିବାକୁ ହେବ ଏସମସ୍ତ ବିଷୟରେ ଗୁରୁମନ୍ତ୍ର ଦେଇଥିଲେ ଉମରକୋଟ ବିଧାୟକ ତଥା ଓଡିଶା ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏହି ବୈଠକରେ ଉପସ୍ଥିତ ଥିଲେ ଭାଜପାର ଓଡିଶା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, ସାଂସଦ ପ୍ରତିନିଧି ରାମ ନାୟକ, ସାଂସଦଙ୍କ ପଞ୍ଚାୟତ ପ୍ରତିନିଧି ବାସନ୍ତୀ ମାଝୀ, ମନ୍ତ୍ରୀଙ୍କ ପଞ୍ଚାୟତ ପ୍ରତିନିଧି ସନା ମାଝୀ, ରାଜ୍ୟ ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ର, ସୁଦର୍ଶନ ମାଝୀ ଏଭଳି ସମସ୍ତ ନେତୃ ବୃନ୍ଦଙ୍କ ସହ ସାତଟି ମଣ୍ଡଳର ଦେଢଶହରୁ ଉର୍ଦ୍ଧ୍ୱ କମିଟି ସଦସ୍ୟ ଉପସ୍ଥିତ ରହି ଏହି ସାଂଗଠନିକ ତାଲିମକୁ ହୃଦୟଙ୍ଗମ କରିଥିଲେ ।

# ମରଣଯନ୍ତା ପାଲଟିଛି ଡଙ୍ଗାକଟାରୁ ବଡବାହାଲ ରାସ୍ତା



କନ୍ଧମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଘଣ୍ଟାପଡା ଗ୍ରାମପଞ୍ଚାୟତ ଡ଼ଙ୍ଗାକଟାରୁ ବଡବାହାଲ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି । ଅନେକ ଲୋକ ଯାତାୟାତ ସମୟରେ ପଡ଼ି ଯିବା ସହ ଆହତ ମଧ୍ୟ ହୋଇଥିବା ଅଞ୍ଚଳବାସୀ କହିଛନ୍ତି । ଏହି ରାସ୍ତାରେ ବଡବାହାଲ, ଡଙ୍ଗାକଟା, ବିରାମୁଣ୍ଡି, ମହିବିଲା, ଗଦଗୁଭା, କାକେନଜୁର, କୁନା ସିଲା,ଖେମୁଡି ଗଡ଼,ଓ ସିଲେଟପଡା ଆଦି ଅନେକ ଗ୍ରାମର ଶହ ଶହ ଲୋକଙ୍କ ସହ ଛାତ୍ରଛାତ୍ରୀ ମାନେ ଯାତାୟାତ କରିଥାନ୍ତି । ରାସ୍ତାରେ ଯିବା ସମୟରେ ଅନେକ ଗାଡ଼ି ଭାଙ୍ଗିବା ସହ ଅନେକ ଜିନିଷପତ୍ର ମଧ୍ୟ ନଷ୍ଟ ହେଉଛି। ରାସ୍ତା ଖରାପ ଯୋଗୁଁ ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇ ପଡେ ।ଏହା ସହିତ ଆମ୍ବୁଲାନ୍ସ ମଧ୍ୟ ଗ୍ରାମକୁ ଆସି ପାରେ ନାହିଁ । ଏହି ରାସ୍ତାରେ ପ୍ରତିଦିନ ଶହ ଶହ ଲୋକ ଯିବା ଆସିବା କରନ୍ତି ।ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତାର କାରଣ ପାଲଟେ । ବର୍ଷା ଦିନ ହେଲେ ଏହି ରାସ୍ତାରେ ଚାରିଚକିଆ ଯାନ ତ ଦୂରର କଥା ଚାଲି କି ଯିବା ମଧ୍ୟ ବହୁତ କଷ୍ଟକର ହୋଇ ପଡୁଛି। ରାଜ୍ୟ ସରକାର ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତ ମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ସ୍ଥାନୀୟ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେଲା କୌଣସି କାମ ହୋଇ ନ ଥିବାରୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବା ବେଳେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ରାସ୍ତାକୁ ଖୁବ୍ ଶୀଘ୍ର ନିର୍ମାଣ କରିବା ପାଇଁ ଅଞ୍ଚଳ ବାସି ଦାବି କରିଛନ୍ତି।

# ନାକାମାମୁଡି ପଞ୍ଚାୟତରେ ଏସ୍‌ବିଆଇ ସେବା ଆରମ୍ଭ

ମାଲକାନଗିରି/ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ଦୁର୍ଗମ ଅଞ୍ଚଳରେ ଥିବା ନାକାମାମୁଡି ପଞ୍ଚାୟତରେ ଦୀର୍ଘ ବର୍ଷ ପରେ ରବିବାର ଦିନ ଷ୍ଟେଟ ବ୍ୟାଙ୍କ ଓର୍କେଲ ଶାଖା ପକ୍ଷରୁ ନାକାମାମୁଡି ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀ ମୁଦୁଲୀଙ୍କ ନେତୃତ୍ୱରେ ବ୍ୟାଙ୍କ ସେବା ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ବ୍ଲକର ସାଂସଦ ପ୍ରତିନିଧି ଅକ୍ଷୟ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିଜେପିର ବାଲିମେଳା ଏନଏସି ନଗର ସଭାପତି ସୀମାଞ୍ଚଳ ପ୍ରଧାନ, କାଉନସିଲର ମନୋଜ ଦେବ ପାଙ୍ଗି, ସମିତି ସଭ୍ୟା ଲକ୍ଷ୍ମୀ ଖିଲ, ପଞ୍ଚାୟତର ନାୟବ ସରପଞ୍ଚ ବାସନ୍ତୀ ଖିଲ, ପୂର୍ବତନ ସରପଞ୍ଚ ବିଶ୍ୱନାଥ ହନ୍ତାଳଙ୍କ ସମେତ ନାକାମାମୁଡି ପଞ୍ଚାୟତର ଅର୍ଜୁନ ଗୋଲରୀ ଶୁକ୍ରା ମାଟାମଙ୍କ ସମେତ ପଞ୍ଚାୟତର ଶତାଧିକ ଲୋକେ ଉପସ୍ଥିତ ଥିଲେ। ପ୍ରଥମେ ସରପଞ୍ଚ ପୂଜାର୍ଚ୍ଚନା କରି ନଡ଼ିଆ ଭାଙ୍ଗିବା ପରେ ସାଂସଦ ପ୍ରତିନଧି ଶ୍ରୀ ବିଶ୍ୱାଳଙ୍କ ଦ୍ୱାରା ରିବନ ଫିତା କଟାଯାଇ ବ୍ୟାଙ୍କ ଗୃହର ଉଦ୍‌ଘାଟନ କରାଯାଇଥିଲା। ସୂଚନାଯୋଗ୍ୟଯେ, ପଞ୍ଚାୟତରେ ୧୯ ଟି ୱାର୍ଡକୁ ନେଇ ମୋଟ ୫୩ ଗୋଟି ଛୋଟ ବଡ଼ ଗ୍ରାମ ରହିଛି। ଏହି ପଞ୍ଚାୟତରେ ମୋଟ ୮ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ବ୍ୟାଙ୍କ ସେବା ପୂର୍ବରୁ ନଥିବାରୁ ଏହି ପଞ୍ଚାୟତବାସୀ ଦୀର୍ଘବର୍ଷ ଧରି ବାଲିମେଳା ସହରରେ ଥିବା ଓର୍କେଲ ଷ୍ଟେଟବ୍ୟାଙ୍କ ଶାଖା ସମେତ କୋରୁକୋଣ୍ଡା ଏବଂ ମାଲକାନଗିରି ସହରରେ ଥିବା ବିଭିନ୍ନ ବ୍ୟାଙ୍କ ଉପରେ ନିର୍ଭର କରି ଚଳି ଆସୁଥିଲେ। ବ୍ୟାଙ୍କରେ ଥିବା ବିଭିନ୍ନ କାମ ନେଇ କାମ ନେଇ ପଞ୍ଚାୟତବାସୀଙ୍କୁ ପ୍ରତିଦିନ ଗାଡି ଭଡା କରି ଏତେ ଦୂର ବାଧହୋଇ ଯିବାକୁ ପଡୁଥିଲା। ବର୍ତ୍ତମାନ ପଞ୍ଚାୟତରେ ବ୍ୟାଙ୍କ ସେବା ଖୋଲା ଯିବା ହେତୁ ପଞ୍ଚାୟତବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି।



# ବଜାରରେ ବଢୁଛି ଶ୍ରାବଣ ଛତୁର ଚାହିଦା

ମାଲକାନଗିରି (ଭାସ୍କର ନ୍ୟୁଜ୍): ଛତୁ ଏମିତି ଗୋଟିଏ ଅମୂଲ୍ୟ ପଦାର୍ଥ ଯେ, ଆମ୍ବୁଲ ଖଣ୍ଡେ ପକେଇ ଜୁକୁଜୁକିଆ କରି ରାନ୍ଧି ଦେଲେ ଜିଭ ଟାକରା ମାରିଦିଏ। ପାଳଛତୁ ହେଉ କିମ୍ବା ବାଲିଛତୁ ସୋରିଷ ମସଲା ଜୁକୁଜୁକିଆ ଟିକିଏ ହେଲେ , ତାହା ଆଗରେ ଚିକେନ ମଟନ୍ ମଧ୍ୟ ଫେଲ ମାରିଯାଏ। ଏ ହେଉଛି ଛତୁ ବଜାର ମାଲକାନଗିରି ସହରରେ ଏବେ ବିକ୍ରି ହେଉଛି ଭଳିକି ଭଳି ଛତୁ। ଆପଣଙ୍କ ଅଞ୍ଚଳରେ ମଧ୍ୟ ଏମିତି ଛତୁ ମିଳୁଥିବ। ଭିନ୍ନ ଭିନ୍ନ ସ୍ଥାନରେ ଏସବୁର ନାଁ ଭିନ୍ନ ଭିନ୍ନ, କେଉଁଠି ନାଡ଼ି ଛତୁ କୁହାଯାଏ ତ ଆଉ କେଉଁଠି ମୋଉଡ଼ା ଛତୁ। କିନ୍ତୁ ଲମ୍ବା ଲମ୍ବା ନାଡ଼ି ଥିବା ଏହି ଛତୁ କୁ ମାଲକାନଗିରି ଜିଲ୍ଲାରେ କୁହାଯାଏ ଶ୍ରାବଣ ଛତୁ, ଆଉ ଏହି ଶ୍ରାବଣ ଛତୁର ବିଶେଷତ୍ୱ ହେଲା ଏହାର ଦାମ୍, ଯାହା ଶୁଣିଲେ ଆପଣଙ୍କର ଆଖି ତରାଟି ହୋଇଯିବ। ବର୍ତ୍ତମାନ ଶ୍ରାବଣ ଛତୁର କେଜି ପିଛା ଦାମ ମାଲକାନଗିରି ସହରରେ ହେଉଛି ହଜାରେ ଟଙ୍କା। ଦେଶି ଚିକେନ କିଲୋ ପିଛା ପାଞ୍ଚଶହ ଟଙ୍କା ସେହିପରି ମଟନ୍ କିଲୋ ପିଛା ଆଠଶହ ଟଙ୍କା ରହିଥିବା ବେଳେ, ଶ୍ରାବଣ ଛତୁର ମୂଲ୍ୟ କିନ୍ତୁ ସବୁଠାରୁ ଅଧିକ। ଆକାଶ ଛୁଆଁ ଦର ହୋଇଥିଲେ ମଧ୍ୟ, ଲୋକେ କିନ୍ତୁ ଶ୍ରାବଣ ଛତୁକୁ ବେଶ୍ ପସନ୍ଦ କରନ୍ତି। କାରଣ ବର୍ଷା ସରିଗଲେ ଏହି ଛତୁ ଆଉ ମିଳି ପାରିବ ନାହି ଏବଂ ଲୋକେ ଏହାର ସ୍ୱାଦ ଆଉ ଚାଖି ପାରିବେ ନାହିଁ। ଯେଉଥି ପାଇଁ ମାଲକାନଗିରି ସହରରେ ଏବେ ଏହି ଶ୍ରାବଣ ଛତୁର ବେଶ୍ ଚାହିଦା। ଏବେ ନପାଇଲେ ପୁଣି ଯାଇ ଅପେକ୍ଷା କରିବାକୁ ପଡ଼ିବ ଆର ବର୍ଷକୁ। ଚିକେନ ମଟନ୍ ସିନା ବାରମାସୀ କିନ୍ତୁ ଏହି ଦେଶୀ ଆଇଟମ ଋତୁ ଅନୁଯାୟୀ। ତେଣୁ ବର୍ଷକୁ ଥରେ ଆସୁଛି ଯଦି ତେବେ ଆଉ ଛାଡୁଛି କିଏ। ଅନ୍ୟପଟେ ଦେଖିବାକୁ ଗଲେ ଏ ଛତୁ ସୁଆଦିଆ ସିନା ଏଥିରେ ବିପଦ ମଧ୍ୟ ରହିଛି। ଲଟା ଜଙ୍ଗଲରେ ଫୁଟୁଥିବା କାରଣରୁ ବେଳେ ବେଳେ ଲୋକେ ଛତୁ ଚିହ୍ନିବା ରେ ଭୁଲ୍ ମଧ୍ୟ କରିଦେଇ ଥାଆନ୍ତି। ଫଳରେ ବେଳେ ବେଳେ ବିଷାକ୍ତ ଛତୁ ଖାଇ ଲୋକଙ୍କ ଜୀବନ ଯିବାର ଖବର ମଧ୍ୟ ଶୁଣିବାକୁ ମିଳିଥାଏ।



# ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ପାଞ୍ଚଦିନିଆ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାରେ ବୁଥ୍ ସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କ ପାଇଁ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିସ୍ତାରିତ ଭାବରେ ଚାଲିଛି, ଯାହା ତା ୦୮.୦୭.୨୦୨୫ ରୁ ନେଇ୧୧.୦୭.୨୦୨୫ ଏବଂ ୧୪.୦୭.୨୦୨୫ ଅନୁଷ୍ଠିତ ହେବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୌଦ୍ଧ ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ସୁବ୍ରତ କୁମାର ପଣ୍ଡା, ଭା.ପ୍ର.ସେଙ୍କ ସିଧାସଳଖ ନିର୍ଦ୍ଦେଶ ଓ ଅଭିପ୍ରେରଣା ରେ ଚାଲିଛି। ଏହା ଦୁଇଟି ପ୍ରମୁଖ ସ୍ଥାନରେ ଅନୁଷ୍ଠିତ ହେଉଛି— ୮୫-କନ୍ଧମାଳ ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ ଓ ସୁପରଭାଇଜର ମାନଙ୍କ ପାଇଁ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଓ ୮୬-ବୌଦ୍ଧ ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ ଓ ସୁପରଭାଇଜର ମାନଙ୍କ ପାଇଁ ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ— ଯେଉଁଠି ଆଧୁନିକ ଡିଜିଟାଲ୍ ଉପକରଣ, ଇ-ଲର୍ଣ୍ଣିଂ ଟୁଲ୍ ଇତ୍ୟାଦି ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଉଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ୮୫-କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୮୬-ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ଯଥା ଅତିରିକ୍ତ ଜିଲ୍ଲାପାଳ, ବୌଦ୍ଧ ଅନିରୁଦ୍ଧ ପଧାନ ଓ ଉପଜିଲ୍ଲାପାଳ, ବୌଦ୍ଧ ପ୍ରବୀଣ କୁମାର ବାଣୁଆଁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି। ତ୍ରୁଟିଶୂନ୍ୟ, ବିଶ୍ୱସନୀୟ ଓ ସଂଶୋଧିତ ଭୋଟର ତାଲିକା ପ୍ରସ୍ତୁତି କ୍ଷେତ୍ରରେ ବୁଥ୍ ସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବୁଥ୍‌ସ୍ତରରେ ସେମାନେ ଯେପରି ଦକ୍ଷତାର ସହ ନିର୍ଭୁଲ ଭାବେ ନିଜ ଦାୟିତ୍ୱ ନିର୍ବାହ କରିପାରିବେ ସେଥିପାଇଁ ଗତ ୮ ତାରିଖରୁ ଆରମ୍ଭ ହୋଇଛି ଏବଂ ଆସନ୍ତା ୧୪ ଜୁଲାଇ ୨୦୨୫ ରେ ସମାପ୍ତ ହେବ । ଏଥିରେ ୮୫-କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୧୯ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଓ ୧୭ ଜଣ ସୁପରଭାଇଜ ପ୍ରଶିକ୍ଷଣ ନେବାକୁ ବ୍ୟବସ୍ଥା କରାଯାଇଛି । ସେହିଭଳି ୮୬-ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୯୬ ଜଣ ବୁଥ୍‌ସ୍ତରୀୟ ଅଧିକାରୀ ଓ ୨୫ ଜଣ ସୁପରଭାଇଜ ପ୍ରଶିକ୍ଷଣ ନେବାକୁ ବ୍ୟବସ୍ଥା କରାଯାଇଛି । ଏହି ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ହରଭଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀ, ତହସିଲଦାର ବଳଦେବ ବେହେରା, ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳ, ବୌଦ୍ଧ ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା,ମହମ୍ମଦ୍ ରଜାଏ ରସୁଲ୍, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେର, ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ, କନ୍ଧମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାମି ରେଡ୍ଡି ଜୟଶ୍ରୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ, ଡେପୁଟି କଲେକ୍ଟର ଶୁଭେନ୍ଦୁ ଜେନା, ସହକାରୀ ଜିଲ୍ଲାପାଳ ଶରତ ମିଶ୍ର ଓ ସୁଦାମ ଚରଣ ସ୍ୱାଇଁ ଯୋଗଦେଇଥିଲେ । ସେହିପରି ସହାୟକ ପ୍ରଶିକ୍ଷକ ଭାବରେ ୮୫-କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଶ୍ରୀ ସୁରେନ୍ଦ୍ର ବାସ୍କେ ଓ ଚକ୍ରଧର ମେହେର ଯୋଗ ଦେଇଥିଲେ। ୮୬-ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀର ସହାୟକ ପ୍ରଶିକ୍ଷକ ଭାବରେ ସମୀର କୁମାର ନାୟକ ଓ ଶ୍ରୀ ପଦ୍ମନାଭ ପ୍ରଧାନ ନିୟୋଜିତ ହୋଇଥିଲେ । ଏହି ପ୍ରଶିକ୍ଷଣ ଶିବିରକୁ ଯାଞ୍ଚ କରିବା ନିମନ୍ତେ ଜିଲ୍ଲାର ବିଭିନ୍ନ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଏବଂ ଅତିରିକ୍ତ ନିର୍ବାହୀ ଅଧିକାରୀ ଚାର୍ଲ୍ସ ନାୟକ ଉଭୟ ପ୍ରଶିକ୍ଷଣ ଶିବିର ପରିଦର୍ଶନ କରି ଯେପରି ଭାବରେ ସଠିକ ଭାବରେ ଏବଂ ସୁଚାରୁ ରୂପେ ଆୟୋଜିତ ହେବ ଯାଞ୍ଚ କରିଥିଲେ ।



ନୂଆଦିଲ୍ଲୀ,୧୪।୭: ବହୁ ଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୂତୀ ଘଟଣାରେ ବିଜେପି ଓ ଆରଏସଏସ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେଉଥିବା ନେଇ ଅଭିଯୋଗ ଆଣିଛନ୍ତି ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ। ସୋମବାର ଏଆଇସିସି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାନେତ୍ରୀ ଅଳକା ଲାମ୍ବା ଏବଂ ବିଧାୟିକା ସୋଫିଆ ଫିର୍ଦୋସ କହିଥିଲେ ଯେ ଫକୀର ମୋହନ କଲେଜର ଜଣେ ଛାତ୍ରୀ ତାଙ୍କୁ ହାରସ କରାଯାଉଥିବା ନେଇ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ସମୀର କୁମାର ସାହୁଙ୍କ ନାମରେ ସେ ଅଭିଯୋଗ ଆଣିଥିଲେ। ଏହି ଘଟଣାରେ ବାଲେଶ୍ୱର ସାଂସଦ ଅଭିଯୁକ୍ତ ବିଭାଗୀୟ ମୁଖ୍ୟଙ୍କୁ ତଦନ୍ତ ଶେଷ ପର୍ଯ୍ୟନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନଥିଲା। ମହିଳା କଂଗ୍ରେସ ସଭାନେତ୍ରୀ ଆହୁରି କହିଛନ୍ତି ଯେ ପୀଡ଼ିତା ଜଣକ ଏବିଭିପିର ସମର୍ଥକ। ବାରମ୍ବାର ଅଭିଯୋଗ ପରେ କୌଣସି ପଦକ୍ଷେପ ନିଆନଯିବାରୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମାହୂତି ନିଷ୍ପତ୍ତି ନେଇଥିଲେ। ଅନ୍ୟପକ୍ଷରେ ସୋଫିଆ କହିଥିଲେ, ପୀଡ଼ିତା ଜଣକ ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଚାହିଁଥିଲେ ମଧ୍ୟ ତାଙ୍କୁ ଅନୁମତି ଦିଆଯାଇ ନଥିଲା। ଯଦି ବିଜେପି ଶାସନରେ ଥିବା ସମୟରେ ଜଣେ ଏବିଭିପି କାର୍ଯ୍ୟକର୍ତ୍ତା ନ୍ୟାୟ ପାଇପାରୁ ନାହାନ୍ତି, ତେବେ ରାଜ୍ୟର ସାଧାରଣ ନାରୀମାନେ କି ନ୍ୟାୟ ପାଉଥିବେ ଏଥିରୁ ସ୍ପଷ୍ଟ ହେଉଛି।

## ବଡ଼ ବନ୍ୟା ସ୍ଥିତି ସୃଷ୍ଟି ସମ୍ଭାବନା

ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ): ଗତ କିଛିଦିନ ହେବ ସାରା ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ୨୦ ଦିନରୁ ଅଧିକ ସମୟ ଧରି ବର୍ଷା ଲାଗି ରହିଥିବାରୁ ଜନଜୀବନ ଦୁର୍ବିସହ ହୋଇପଡ଼ିଛି। ଏପରିକି ନିକଟରେ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ହୀରାକୁଦ ଜଳଭଣ୍ଡାରର ଜଳଧାରଣା କ୍ଷମତା ବୃଦ୍ଧି ପାଇବା ପରେ ଜଳ ନିଷ୍କାସନ ପାଇଁ ୨୦ଟି ଗେଟ୍‌କୁ ଏକାସମୟରେ ଖୋଲା ଯାଇଥିଲା। ତେବେ ମହାନଦୀରେ ବିଶେଷ ବନ୍ୟା ହୋଇନଥିଲା। ସେହିପରି ସୁବର୍ଣ୍ଣରେଖା, ବୈତରଣୀ, ବ୍ରାହ୍ମଣୀ ପ୍ରମୁଖ ନଦୀସମୂହର ଜଳସ୍ତର ବୃଦ୍ଧି ପାଇଥିଲେ ବି ବନ୍ୟାସ୍ଥିତି ସୃଷ୍ଟି ହୋଇନଥିଲା। କିନ୍ତୁ ଯୋଡ଼ା ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବାରୁ ବଡ଼ବନ୍ୟା ହେବା ନେଇ ଆଶଙ୍କା କରିଛନ୍ତି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର। ସେ ଏଥିନେଇ ସତର୍କ ଚେତାବନୀ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି, ଯୋଡ଼ା ଲଘୁଚାପ ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ନେଇ ଆଇଏମ୍‌ଡି ପୂର୍ବାନୁମାନ କରିଛି। ଏପରିକି ଓଡ଼ିଶାରେ ବଡ଼ ଧରଣର ବନ୍ୟାସ୍ଥିତି ଉପୁଜିପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। ସେ କହିଛନ୍ତି, ଅବପାତଜନିତ ବର୍ଷା ବନ୍ୟାସ୍ଥିତି ସୃଷ୍ଟି କରିବ। ଉତ୍ତର ଓଡ଼ିଶା ସାଙ୍ଗକୁ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ଏପରିକି କେତେକ ସ୍ଥାନରେ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ଅତି ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଇଛି। ଶ୍ରୀ ମହାପାତ୍ର କହିଛନ୍ତି, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ମହାନଦୀ ଓ ବ୍ରାହ୍ମଣୀ ଅବବାହିକାରେ ବର୍ଷା ହେବ। ଏପରିକି ଉପକୂଳରେ ପାରାଦୀପଠାରୁ ଆରମ୍ଭ କରି ପଶ୍ଚିମରେ ସମ୍ବଲପୁର ପର୍ଯ୍ୟନ୍ତ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ବାରଣ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହାରିଗଲେ...

ସମବେଦନା ଜଣାଇଛନ୍ତି । ଖବର ପାଇବା ପରେ ବିଜେଡି, କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ କର୍ମୀ ଏମ୍ସରେ ପହଞ୍ଚିଛନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏମ୍ସରେ ପହଞ୍ଚିଥିବା ଜଣାପଡ଼ିଛି । ରାତିରେ ମୃତା ଛାତ୍ରୀଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି । ହସ୍ପିଟାଲ ବାହାରେ କଡ଼ା ସୁରକ୍ଷା ମଧ୍ୟରେ ଏହା କରାଯାଇଥିବା କୁହାଯାଇଛି । ସାରା ଏମ୍ସ ପରିସର ପୋଲିସ ଛାଉଣିରେ ପରିଣତ ହୋଇଛି । ସୂଚନାଯୋଗ୍ୟ ଯେ, ଫକୀରମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ସମୀର ସାହୁ ଛାତ୍ରୀଙ୍କ ପ୍ରତି ଅସଦାଚରଣ କରୁଥିବାର ସେ ନିଜେ ବିଭିନ୍ନ ଫୋରମ୍‌ର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ । ହେଲେ ତାଙ୍କ ଅଭିଯୋଗ ପ୍ରତି କେହି କର୍ଣ୍ଣପାତ କରିନଥିଲେ । ଫଳରେ ସେ ମାନସିକ ଭାରସାମ୍ୟ ହରାଇ ଗତ ଶନିବାର କଲେଜ ସମ୍ମୁଖରେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ । ତାଙ୍କ ଶରୀରର ୯୫ ଭାଗ ପୋଡ଼ିଯାଇଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି କରାଯାଇଥିଲା । ଏହି ଘଟଣାରେ ବିଭାଗୀୟ ମୁଖ୍ୟ ଶ୍ରୀ ସାହୁ ଏବଂ କଲେଜର ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଉଭୟଙ୍କୁ ଗିରଫ କରାଯାଇ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଉଚ୍ଚଶିକ୍ଷା ବିଭାଗର ଏକ ତିନିଜଣିଆ କମିଟି ଏହି ଘଟଣାର ତଦନ୍ତ କରୁଛନ୍ତି । ତେବେ ଏହି ଘଟଣାକୁ ନେଇ ରାଜନୈତିକ ମାହୋଲ ବେଶ୍ ସରଗରମ ହୋଇଉଠିଛି । କମିଶନରେଟ୍ ପୋଲିସ ପକ୍ଷରୁ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି । ରାତ୍ରି ଯେତିକି ବଢୁଥିଲା ଏମ୍ସ ହସ୍ପିଟାଲ ପରିସରରେ ପୋଲିସଙ୍କ ସଂଖ୍ୟା ମଧ୍ୟ ବଢୁଥିଲା । ଠିକ୍ ଏହି ସମୟରେ ସ୍ଥିତି ନିୟନ୍ତ୍ରଣାଧୀନ କରିବା ନିମନ୍ତେ ଡିସିପି ଜଗନ ମୋହନ ମୀନା ଘଟଣାସ୍ଥଳରେ ପହଞ୍ଚିଥିଲେ । ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣାଧୀନ ରଖିବା ନିମନ୍ତେ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା ।

### ଡାକ୍ତରୀ ଏକ...

ସଚେତନତା ଓ ଜୀବନଶୈଳୀରେ ପରିବର୍ତ୍ତନ ଆବଶ୍ୟକ। ଯୋଗ ଓ ପ୍ରାଣାୟାମ ମାନସିକ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇପାରେ ଏବଂ ଡାକ୍ତରମାନେ ଏହି ଦିଗରେ ସମାଜକୁ ସଚେତନ କରିବା ଉଚିତ। ସେ ମୋଟାପା ପରି ଜୀବନଶୈଳୀ ସଂପୃକ୍ତ ରୋଗମାନେ ଉପରେ ମଧ୍ୟ ଗୁରୁତ୍ୱ ଦେଇ କହିଥିଲେ ଯେ, ନିୟମିତ ଅଭ୍ୟାସ, ସନ୍ତୁଳିତ ଖାଦ୍ୟ ଓ ଶିଷ୍ଟ ଦିନଚର୍ଯ୍ୟା ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ଏହି ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ଓଡ଼ିଶା ପାଲଟିବ ଚିକିତ୍ସାର କେନ୍ଦ୍ର। ସେ କହିଥିଲେ, ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ପ୍ରଣୀତ ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ କରିଛନ୍ତି। ରାଜ୍ୟରେ ନୂଆ ମେଡ଼ିକାଲ କଲେଜମାନ ଖୋଲାଯାଉଛି। ଲୋକଙ୍କୁ ଉନ୍ନତମାନର ସେବା ଯୋଗାଇ ଦେବାପାଇଁ ମୋ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ମାଝୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି ୬୪୩ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଭବ୍ୟ ସ୍ୱାଗତ ଜଣାଇଥିଲେ। ସୋମବାର ରାତିରେ ରାଷ୍ଟ୍ରପତି ରାଜଭବନରେ ରାତ୍ରୀଯାପନ କରିବେ। ୧୫ ତାରିଖ ପୂର୍ବାହ୍ନରେ ସେ କଟକରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ ଓ ସନ୍ଧ୍ୟାରେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଭୋପାଳ ବିଧାନସଭାରେ କମିଟି ବ୍ୟବସ୍ଥା ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଲେ ବାଚସ୍ପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଦୁଇଦିନିଆ ଭୋପାଳ ଗସ୍ତରେ ଯାଇ ସେଠାରେ 'ବିଧାନସଭାରେ କମିଟି ବ୍ୟବସ୍ଥାର କାର୍ଯ୍ୟକାରିତା ଓ ଏହାକୁ କିପରି ଅଧିକ ପ୍ରଭାବୀ କରାଯାଇପାରିବ' ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଇଛନ୍ତି। ମଧ୍ୟପ୍ରଦେଶ ବିଧାନସଭାର ବାଚସ୍ପତି ନରେନ୍ଦ୍ର ସିଂ ତୋମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବାଚସ୍ପତି ସମ୍ମିଳନୀରେ ପଶ୍ଚିମବଙ୍ଗ, ରାଜସ୍ଥାନ, ଉତରପ୍ରଦେଶ, ସିକିମ୍, ହିମାଚଳ ପ୍ରଦେଶ ସମେତ ଓଡ଼ିଶା ଭଳି ସାତଟି ରାଜ୍ୟର ବାଚସ୍ପତି ଯୋଗଦେଇଛନ୍ତି । ମଧ୍ୟପ୍ରଦେଶର ରାଜଧାନୀ ଭୋପାଳର ବିଧାନସଭାଠାରେ ଆୟୋଜିତ ଏହି ସମ୍ମିଳନୀ ଅବସରରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ କହିଲେ ଯେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ବିଧାନସଭା କମିଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଧାନସଭାର କମିଟିଗୁଡ଼ିକ ଶାସନ ବ୍ୟବସ୍ଥାର ସଠିକ୍ କାର୍ଯ୍ୟକାରିତାକୁ ସମ୍ପୂର୍ଣ୍ଣ ଭାବେ ତର୍ଜମା କରୁଥିବାବେଳେ ରାଜ୍ୟର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥାଆନ୍ତି ଓ ଅନ୍ୟ ପକ୍ଷରେ ସରକାରୀ ନୀତିନିୟମର ସଠିକ ପାଳନ ବ୍ୟବସ୍ଥାର ଯାଞ୍ଚ କରିବା ସହ ବ୍ୟତିକ୍ରମ କ୍ଷେତ୍ରରେ ସୁଚିନ୍ତିତ ପରାମର୍ଶ ମାଧ୍ୟମରେ ସେଥିରେ ସୁଧାର ଆଣିବାରେ ସହାୟକ ହୋଇଥାଆନ୍ତି ।


**AFFIDAVIT**

By virtue of an affidavit sworn before the Executive Magistrate, Marshaghai, dated: 23.06.2025, I Sebati Behera, Address: village-Jadupur, Po- Jadupur, Ps-Marshaghai, Dist-Kendrapara, Odisha, PIN-754213, declare that I have changed my name from Minati Swain to Sebati Behera. Henceforth, I shall be known as Sebati Behera for all purposes.

**Sd/- Sebati Behera**

**AFFIDAVIT**

By virtue of an affidavit sworn before the Executive Magistrate, Khondmals, Phulbani, dated: 23.06.2025, I Dipti Ranjan Ghatal, Address: At- Dakapala, Po-Dakapala, Ps- Phulbani Town, Dist- Kandhamal, Odisha, PIN-762001, declare that I have changed my daughter's name from Madhusmita Ghatal to Soumyashree Ghatal. Henceforth, She shall be known as Soumyashree Ghatal for all purposes.

**Sd/- Dipti Ranjan Ghatal**

**AFFIDAVIT**

By virtue of an affidavit sworn before the Executive Magistrate, Jagatsinghpur, dated: 09.07.2025, I Jyotirmayee Sahoo, Address: village-Budhapada, Po- Anakhia, Ps- Biridi, Dist-Jagatsinghpur, Odisha, PIN-754102, declare that I have changed my name from Jyoti Sahoo to Jyotirmayee Sahoo. Henceforth, I shall be known as Jyotirmayee Sahoo for all purposes.

**Sd/- Jyotirmayee Sahoo**

**AFFIDAVIT**

By Virtue an affidavit sworn before Notary public ,Tangi ,dated 10/07/2025 ,I Rajeswari Gour ,Address at/po/ps-Tangi,dist -Khordha ,pin-752023 declare that I have changed my name from Rajeswari Prusty to Rajeswari Gour . Henceforth , I shall be known as Rajeswari Gour for all purposes .

**Sd/-Rajeswari Gour**

**NOTICE**

By virtue of an affidavit No.15, sworn before Executive Magistrate, Nimapara, Dated 14.07.2025, I, Ranjit Kumar Behera, S/o-Kailash Behera permanent resident of Vill-Tadhana, Po-Viligram, Ps-Nimapara, Dist-Puri, Odisha, Pin-752106, declare that I have change my name from Ranjita Behera to Ranjit Kumar Behera. Henceforth I shall be known as Ranjit Kumar Behera for all purpose.

**Sd/- Ranjit Kumar Behera**

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ମାଧ୍ୟମରେ କାର୍ଯ୍ୟ କରୁଥିବା ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନର ସିନିଅର କୋଚିଂ ଡିପୋ ଅଧିକାରୀ, www.ireps.gov.in ୱେବସାଇଟରେ ଇ-ଟେଣ୍ଡରିଂ ମାଧ୍ୟମରେ ଏକ ଖୋଲା ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି, ଯାହା ନିମ୍ନରେ ଉଲ୍ଲେଖ କରାଯାଇଛି : ଟେଣ୍ଡର ନୋଟିସ ନମ୍ବର: ସିଆରସି-ସି-ସେଟ୍‌ଲ୨-ଡିଟି-୧୧-୦୭-୨୫; କାର୍ଯ୍ୟର ନାମ: ସାନ୍ତାଗାଚି କୋଚିଂ ଡିପୋରେ ଯାନ୍ତ୍ରିକ ବିଭାଗୀୟ ଲଣ୍ଡ୍ରି ସ୍ଥାପନ; ଟେଣ୍ଡର ମୂଲ୍ୟ: ଟ.୯,୯୨,୨୯,୩୯୪.୫୧; ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୬,୪୬,୨୦୦.୦୦; ଟେଣ୍ଡର ଶେଷ ତାରିଖ: ୦୬.୦୮.୨୦୨୫ ଦିନ ୧୨.୦୦ ଘଣ୍ଟା; ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ଟ.୧୦,୦୦୦.୦୦। ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ନିମ୍ନରେ ଉଲ୍ଲେଖ କରାଯାଇଥିବା ବିବରଣୀ ଅନୁଯାୟୀ କେବଳ www.ireps.gov.in ୱେବସାଇଟ୍ ମାଧ୍ୟମରେ ଅନଲାଇନ୍ ମାଧ୍ୟମରେ ଆବେଦନ କରିବାକୁ ଅନୁରୋଧ କରାଯାଉଛି। କୌଣସି ଅଫଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ବିଭାଗରେ ଅପଲୋଡ୍ ହୋଇଥିବା ଟେଣ୍ଡର ଡକ୍ୟୁମେଣ୍ଟ ପଢ଼ନ୍ତୁ। **(PR-387)**

HDB Financial Services Limited
**ଏଚଡିବି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ୍**
ପଞ୍ଜୀକୃତ କାର୍ଯ୍ୟାଳୟ : ରାଧିକା, ଦ୍ୱିତୀୟ ମହଲା, ଲ ଗାର୍ଡେନରୋଡ୍, ନଭରଙ୍ଗପୁରା, ଅହମ୍ମଦାବାଦ, -୩୮୦୦୦୯, ଶାଖା କାର୍ଯ୍ୟାଳୟ: ପ୍ଲଟ ନଂ.୩୫୭/୩୪୭୭ ଓ ୩୫୮/୩୪୭୮, ତଳମହଲା, ଜୟଦେବ ବିହାର, ବିଜୁ ପଟ୍ଟନାୟକ କଲେଜ ନିକଟ,ଭୁବନେଶ୍ୱର, ଓଡ଼ିଶା-୭୫୧୦୧୩

**ଦଖଲ ନୋଟିସ୍** ସର୍ଫେସି ଆଇନ,୨୦୦୨ର ଧାରା ୧୩(୨) ଅଧୀନ

ନିମ୍ନରେ ପ୍ରଦତ୍ତ ଋଣକର୍ତ୍ତା, କୋ-ଋଣକର୍ତ୍ତା ଓ ଗ୍ୟାରଣ୍ଟରମାନେ ଏଚଡିବି ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍‌ରୁ ଆପଣ ସ୍ଥାବର ସମ୍ପତ୍ତି (ସିକ୍ୟୁରିଟିଜ) ବନ୍ଧକ ଦେଇ ଋଣ (ଏସ୍) ଫାସିଲିଟି (ଲେସ୍) ଉପଲବ୍ଧ କରିଥିଲେ । ଆପଣ ନିଜର ଫାଇନାନ୍ସିଆଲ ଶୃଙ୍ଖଳା ମେନ୍‌ଟେନ୍ କରିନଥିବା ବେଳେ ଋଣ ପୈଠ କରିବାରେ ବିଫଳ ହୋଇଛନ୍ତି । ତେଣୁ ଫଳସ୍ୱରୂପ ଆପଣଙ୍କର ଋଣ ନନ୍-ପରଫର୍ମିଂ ଆସେଟ୍ ଭାବେ କ୍ଲାସିଫାଇଡ୍ ହୋଇଛି । ଆପଣ ଋଣ (ଏସ୍) ଆଭେଲ୍ କରିବା ସହିତ ଋଣ ପୈଠ ପାଇଁ ସିକ୍ୟୁରିଟିଜ୍‌ର ନିମ୍ନଲିଖିତ ସିକ୍ୟୁରିଟି ଇଣ୍ଟରେଷ୍ଟ କ୍ରିଏଟେଡ୍ ହୋଇଛି । ତେଣୁ ଏଚଡିବି ଆଉଟ୍‌ଷ୍ଟାଣ୍ଡିଂ ବକେୟା ଦେୟ ଆଦାୟ କରିବା ପାଇଁ ଅଧିକାର ପ୍ରାପ୍ତ । ସିକ୍ୟୁରାଇଜେସନ୍ ଧାରା ୧୩(୨) ଓ ରିକନଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଓ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅଧୀନରେ ଡିମାଣ୍ଡ ନୋଟିସ ଜାରି କରିଛି । ଏହାର ବିଷୟବସ୍ତୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ (୧)ର ଧାରା ୧୩(୨) ଅନୁଯାୟୀ ଏହା ପ୍ରକାଶ କରାଯାଇଛି । ଏହାସହିତ ଆପଣଙ୍କ ଉପରେ ଅଲ୍‌ଟରନେଟ୍ ସର୍ଭିସ୍ ମାଧ୍ୟମରେ ସେକ୍ସନ୍ ୧୩(୨) ଅଧୀନରେ ଋଣକର୍ତ୍ତା, କୋ-ଋଣକର୍ତ୍ତା, ଗ୍ୟାରେଣ୍ଟର, ସିକ୍ୟୁରିଟିଜ୍, ଆଉଟ୍‌ଷ୍ଟାଣ୍ଡିଂ ଦେୟ ନିମ୍ନରେ ସବିଶେଷ ବିବରଣୀ ପ୍ରଦତ୍ତ କରାଯାଇଛି ।

୧. ଋଣକର୍ତ୍ତା ଓ କୋ-ଋଣକର୍ତ୍ତାଙ୍କ ନାମ- ମାନ୍ୟତା କେକ୍ ସପ୍, ପ୍ଲଟ୍ ନଂ ୧୪୬୬, ଲୁଇସ୍ ରୋଡ୍, ରାଜାରାଣୀ କଲୋନୀ, ଭୁବନେଶ୍ୱର-୭୫୧୦୦୨, ଓଡ଼ିଶା। ପର୍ଶୁରାମ ବେହେରା, ସା- ୨/୩୪୪, କପାସଡଙ୍ଗା କଲୋନୀ, ପୋ- ଚୌକ ବଜାର, ପିଏସ୍-ଚିନସୁରା, ହୁଗୁଳି-୭୧୨୧୦୧। ବିଷ୍ଣୁ ଘୋଷ, ସୁନୀଲ ଘୋଷ ଏବଂ ବାବୁଲାଲ ଘୋଷ ଏବଂ ଶ୍ରୀଧର ବେହେରା, ସା-ପ୍ଲଟ ନଂ ୧୪୬୬, ଗ୍ୟାରେଜ ଛକ, ଲୁଇସ୍ ରୋଡ, ପୁରୁଣା ଭୁବନେଶ୍ୱର-୭୫୧୦୦୨, ଓଡ଼ିଶା। ଲୋନ୍ ଆକାଉଣ୍ଟ ନଂ ୬୮୭୯୭୮୨, ଋଣ ମଞ୍ଜୁରିର ସଂପୂର୍ଣ୍ଣ ବିବରଣୀ- ଟ.୨୫୦୦୦୦୦/- (ପଚିଶ ଲକ୍ଷ ଟଙ୍କା ମାତ୍ର) ଲୋନ ଆକାଉଣ୍ଟ ନଂ ଦ୍ୱାରା ୬୮୭୯୭୮୨, ବନ୍ଧକର ବିବରଣୀ- ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ, ପ୍ଲଟ ନଂ ୪୦୭/୧୪୬୬/୨୯୬୭, ଖାତା ନଂ-୬୦୪/୧୨୩୦, ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ ୩୬, ରାଜାରାଣୀ, ତହସିଲ- ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୦୨, ମୋଟ ଏରିଆ-୧୩୦୭ ବର୍ଗଫୁଟ, ବାଉଣ୍ଡରୀ ନିମ୍ନରେ: ଉତ୍ତର- ଏସ.ଏନ. ଷଡ଼ଙ୍ଗୀ, ଦକ୍ଷିଣ- କ୍ରେତା, ପୂର୍ବ- ରାସ୍ତା, ପଶ୍ଚିମ- ସରକାରୀ ରାସ୍ତା, ଏନପିଏ ତାରିଖ: ୦୪.୦୩.୨୦୨୫, ଡିମାଣ୍ଡ ନୋଟିସ ତାରିଖ: ୦୩.୦୭.୨୦୨୫, ଦାବି ପରିମାଣ: ଟ.୧୭,୨୨,୫୬୯/- (ସତର ଲକ୍ଷ ବାଇଶି ହଜାର ପାଞ୍ଚଶହ ଅଣସ୍ତରୀ ଟଙ୍କା)। ଯାହାକି ୦୩.୦୭.୨୦୨୫ ସୁଦ୍ଧା ସହିତ ଭବିଷ୍ୟତ ଚୁକ୍ତିନାମା ଅନୁଯାୟୀ ସୁଧ ଏବଂ ଅନ୍ୟାନ୍ୟ ଆବଶ୍ୟକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦାବି ଇତ୍ୟାଦି।

ଏତଦ୍ୱାରା ସଚେତନ କରିଦିଆଯାଉଛି କି, ଆପଣ କୌଣସି ମାର୍ଗରେ ଉପରଲିଖିତ ସିକ୍ୟୁରିଟି/ଆଇଇଏସ୍ ନିମ୍ନଲିଖିତ ଆଇନ ଅଧୀନରେ ଟ୍ରାନ୍ସଫର୍ କରିବା ପାଇଁ ବାରଣ କରାଯାଉଛି । ଏହା ସହିତ ଏଚ୍‌ଡିବିର ଲିଖିତ ସମ୍ମତି ବିନା କୌଣସି ମତେ କୌଣସି ବ୍ୟକ୍ତିବିଶେଷ ଉପରୋକ୍ତ ଆଇନ ଓ ରୁଲ୍ ଉଲ୍ଲଙ୍ଘନ କଲେ ନିମ୍ନ ପ୍ରଦତ୍ତ ରୁଲ୍ ଦ୍ୱାରା ଜେଲଦଣ୍ଡ ଓ/କିମ୍ବା ଆଇନ ଅନୁଯାୟୀ ଦଣ୍ଡ ଭୋଗିବାକୁ ପଡ଼ିବ । ପରବର୍ତ୍ତୀ ସମୟରେ ଆପଣ ଯଦି ଏଚ୍‌ଡିବିର ଉପରୋକ୍ତ ଦେୟ ପୈଠ କରିବାରେ ବିଫଳ ହେବେ ତେବେ ଉପରଲିଖିତ ସିକ୍ୟୁରିଟି (ଆଇଇଏସ୍) ଆଇନର ଧାରା ୧୩ (୪) ଅଧୀନରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିପାଇଁ ପରିଣତି ପ୍ରତି ଆପଣ ରିସ୍କ ନେବାକୁ ପଡ଼ିବ । ଋଣକର୍ତ୍ତା/କୋ-ଋଣକର୍ତ୍ତା ବନ୍ଧକ ଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି, ଆଇନର ଧାରା ୧୩ର ଉପଧାରା (୮) ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତିକୁ ଉଦ୍ଧାର କରିପାରିବେ । ପରବର୍ତ୍ତୀ କୌଣସି ଅନୁସନ୍ଧାନ ଓ ସେଟେଲ୍‌ମେଣ୍ଟ ପାଇଁ ଦୟାକରି ଯୋଗାଯୋଗ କରନ୍ତୁ: ବିଦ୍ୟୁତ ମଜମ୍‌ଦାର:୯୦୦୭୧୬୭୭୪୬ କିମ୍ବା ପୂଜା ସୋର: LA1.Maniktala@HDBFS.com HDB Financial services Limitedଙ୍କ ସହିତ ଯୋଗାଯୋଗ କରନ୍ତୁ।

ସ୍ଥାନ: ଓଡିଶା
ତାରିଖ: ୧୫.୦୭.୨୦୨୫

ସ୍ୱା/- ଏଚଡିବି ଫାଇନାନ୍‌ସିଆଲ୍ ଲିମିଟେଡ ପାଇଁ
ପ୍ରାଧିକୃତ ଅଧିକାରୀ

**OFFICE OF THE NOTIFIED AREA COUNCIL, NIMAPARA**
At/Po/Ps- Nimapara, Dist-Puri, Odisha, Pin-752106
eMail ID- nimapadanac@gmail.com, eo-nacnimapada.od@gov.in,
Website- nimaparanac.in . Phone-06758-454167

C-670

**Letter No.1316/ Date 13.07.2025**

**CORRIGENDUM**

With Reference to the e-Procurement Notice No. 2132/Date 26.06.2025, Bid Reference No: NP-NAC-01/2025-26 and Bid Identification No: 2025_ORULB_114915_1 to 9, the Tender will be extended for submission of Bid Online till Dt.18.07.2025 upto 5.00 P.M and Bids received online shall be opened at 11.00 AM on Dt.19.07.2025 for Technical Qualification due to unavoidable circumstances. Further details can be seen from the procurement portal i.e www.tendersodisha.gov.in.

Sd/-Executive Officer
Nimapara N.A.C.

OIPR 13112/11/0029/2526

**OFFICE OF THE SUPERINTENDING ENGINEER**
**RWS&S DIVISION, NAYAGARH**
Khandapada Road, Near Fire Station, Pin-752069
E-Mail: eerwss_nay@nic.in&eerwssnayagarh@gmail.com
(06753) 252173

O-418

**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., NAYAGARH–04/RWSS/2025-26**

1. Name of the work : Solar Dual Pump works
2. Total Number of works : 04 Nos
3. Approx. Estimated cost : Rs. 20.35 to Rs. 30.53 lakhs
4. Class of Contractor : "B" & " C" Class of Contractor
5. Period of Completion : 01(One) months
6. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date and time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, RWS&S Division, Nayagarh | Online Tender / 04/RWSS/2025-26 | Dt. 15.07.2025 at 11.00 hrs. | Dt. 30.07.2025 up to 15.00 hrs. | Dt. 22.07.2025 up to 17.00 hrs. | Dt. 30.07.2025 at 16.00 hrs. |

Further details can be seen from the website www.tendersodisha.gov.in

Sd/-Superintending Engineer
RWS&S Division, Nayagarh

OIPR 25042/11/0005/2526

Email ID: se_nerwkjr@rediffmail.com

O-422

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE: KEONJHAR**

**Identification No. NCB-07 / RWCKJR / 2025-26**

No. 2897 // Date: 10-07-2025

1. Name of the work :- Repair / Maintenance of the Rural roads Constructed under Pradhan Mantri Gram Sadak Yojana in the District of Keonjhar.
2. Total No. of Packages :- 02 (Two) Nos.
3. Estimated Cost (Approx.) :- From Rs.126.03 lakh to Rs.283.47 lakh (Approximately).
4. Period of completion :- 60 Calendar Months.
5. Other details :-

| Procurement Officer | Bid Identification No. | No. of Work | Availability of tender Online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief Construction Engineer, Rural Works Circle, Keonjhar | NCB-07 / RWCKJR / 2025-26 | 02 Nos. | 17.07.2025 at 11.00 A.M. | 31.07.2025 Upto 5.00 P.M. |

- Further details can be seen from the website: www.pmgsytenders.gov.in

Sd/- Chief Construction Engineer,
R.W. Circle, Keonjhar.

OIPR 25177/11/0078/2526

**ODISHAHYDROPOWERCORPORATIONLTD.**
OFFICEOFTHESENIORGENERALMANAGER(ELECTRICAL),BALIMELAHYDROELECTRICPROJECT,
AT/POST:BALIMELA,DIST.MALKANGIRI,PIN-764051(ODISHA)
E-mail:unit head_balimela@yahoo com/bhep.balimela@gmail.com

CAD-1098

**'e'-Procurement Notice**

**NOTICE INVITING TENDER NO.BHEP/21/2025-26 DATED 09.07.2025**

The Unit Head, Balimela Hydro Electric Project, Balimela, Dist- Malkangiri invites percentage rate bids in **double cover** system i.e. Cover-I (Technical Bid) & Cover II (Price bid) for the work through e-procurement from eligible contractors as detailed in the table below.

| Sl. No. | NameoftheWork | Approx.Estimatedcostin Rs. | EMD inRs. | ClassofContractor | Costofbid documents in Rs. | PeriodofCompletion |
|---|---|---|---|---|---|---|
| 01 | Replacement of old GCI sheets of Sub-Division and Section office, 05nos. store room including painting of switchyard control room, new switchgear building, storerooms and Lavatory room and some repair work of store and lavatory room at Switchyard, BHEP, Balimela | 9,24,238.00 | 9,500.00 | 'C' &'D' class Civil Contractors registered with the state Govt./Central Govt./MES/ Railways | 4,000/- +GST@ 18%= 4,720/- | 90days |

*Availability of bid document in the portal:* ***From 10:00 Hrs of 16.07.2025 to 28.07.2025 (Upto12:00Hrs)***
*Last date & time of submission of bid:* ***Up to12:00Hrsof 28.07.2025***
*The date & Time of opening of the bid:* ***12:00 Hrs onwards of 29.07.2025***
*(Only Technical bid)*

***Further details can be seen from the e-procurement portal https://tendersodisha.gov.in***

Sd/-Unit Head,
BHEP, Balimela

OIPR 04019/11/0099/2526

ପଂଚାୟତସମିତିକାର୍ଯ୍ୟାଳୟ, ପୁରୁଷୋତ୍ତମପୁର, ଗଂଜାମ
**OFFICE OF THE PANCHAYAT SAMITI, PURUSHOTTAMPUR**

Sri Sarat Kumar Patro,OASI,JBEmailID:oripurusottampur@nic.in
bdoppur@gmail.com
Telephone No:- 0680-275323

Letter No 4168 /Dev    Date:- 14.07.2025

**DETAIL TENDER CALL NOTICE- 01/2025-26 OF BDO PURUSHOTTAMAPUR**

The Block Development Officer, Purushottamapur invites sealed percentage rate tenders in single cover system on behalf of Governor of Odisha from registered eligible class of civil contractor of the state PWD(R&B)/Water Resource/Rural Works/M.I/C.P.W.D for the following works eventually to be drawn up in the PWD F-2 form in conformity with the detail tender call notice.

| Sl No | Name of the work | Value of Work (In Rs.) | Bid Security @ 1 % (In Rs.) | Cost of bid Document (InRs.) | Class of Bidder | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction for the new Auditorium Building | 7970176 | 79702 | Rs.12,000/- (Rupees Twelve Thousand) | Class– 'B' | 9(Six) Calendar Month |

**Term & Conditions:**

1.Cost of Tender paper: The tenders specification can be obtained from the office of the Block Development Officer, ***Purushottamapur*** on payment towards the cost of tender paper as mentioned above.(Non-Refundable) in shape of bank draft or Demand draft (No other modes will be entertained) drawn in favour of Block Development Officer, ***Purushottamapur*** in any nationalized bank having its branch at ***Purushottamapur*** block area on any working day from 16.07.2025 to 04.08.2025 for the above works.2.**Sale of Tender Papers:** The tender document will be sold from 16.07.2025 to 04.08.2025 at Block Office ***Purushottamapur*** between 10:30 AM to 3:30 PM on working days.3.**Date of receipt & Mode of submission of tender papers:** The bidders have to submit the sealed tender papers in complete shape through Registered Post/Speed Post/Tender Box (Available at Block Office) to by directly sending it to the Block Development Officer, ***Purushottamapur***. The last date of receipt of tender paper 04.08.2025 up to 03:30 PM. The undersigned will not be responsible for postal delay if any or non receipt of papers in time. **The tender must super scribe the name of the work/project on the sealed envelope. 4.Date of opening of tender papers:** The tender paper shall be opened on 05.08.2025 at 11:00 AM in the presence of bidders or their authorized representative having written authorization for the purpose & the members of the tender committee. 5.**Earnest Money Deposit:**1 % (One Percent) of the bid value in shape of NSC / Postal saving pass book / Post Office TiDeposit / KishanVikashPatra/Deposit receipt in schedule bank only, duly pledged in favour of Block Development Officer, ***Purushottamapur***. The tender papers without required amount of E.M.D will not be considered & transfer or adjustment of E.M.D is also inadmissible. 6.**Documents to be attached:** The following document should be furnished with the tender papers failing which the tender will be liable to rejection.

(a) E.M.D pledged in favour of the Block Development Officer, ***Purushottamapur.***
(b) Attested copy of contractor registration certificate.
(C) Attested copy of PAN Card & Certificate of GSTIN.
(d) Original money receipt/Demand Draft granted by BDO, ***Purushottamapur*** towards cost of tender paper.
(e) Attested copy of Caste certificate issued by competent authority in case of SC/ST Contractor desirous of availing preference
(f) The bidders have to produce an original affidavit in support of the authenticity of documents including EMD, etc attached with the tender papers.
(g) Affidavit as regards the facts of availing award of the work without submission of EMD/ISD during the current financial year in case of Engineer contractors desirous of availing exemption of EMD otherwise their tender paper will be liable for rejection.
(h) Joint venture consortium agreements are not allowed to participate in tender.

7.Shortfall of any required document(s) & EMD, the tender paper will be liable for rejection.
8.**Additional Performance Security Deposit:**The affidavit in lieu of APS will be submitted by the successful bidder for the cost of less quoted percentage of the amount put to tender before the signing of the agreement of the contract. (Vide Works Department letter No- 4559 date-05.04.2021,Govt. of Odisha, Works Department)
9. **Forfeiture:** The EMD amount will be forfeited, if the bidders backs out from the offer acceptance of tender, by the competent authority.
10.Submission of more than one tender paper by a bidder for a single work will be liable for rejection of all such tender papers.
11.The Block Development Officer, ***Purushottamapur*** reserves the right to reject any or all the tenders without assigning any reasons thereof.Other details can be seen in the bidding document.

Sd/- Block Dev. Officer,Purushottamapur

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार**

**अल्पकालीन ई-निविदा आमंत्रण सूचना (डी०एम०एफ०टी० मद)**
संख्या – EE/RDSD/LATEHAR/14/2025-26(2ND CALL)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिला के नगर पंचायत अन्तर्गत ए०एन०एम० ट्रेनिंग स्कूल, धर्मपुर, लातेहार का जीर्णोद्धार कार्य। | 39568000 | 792000 | 10000 | 12 माह |

2. वेबसाइट में निविदा प्रकाशन की तिथि – 15.07.2025
3. ई–निविदा प्राप्ति की तिथि एवं समय – दिनांक 15.07.2025 से दिनांक 29.07.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –31.07.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार

PR 357220 Rural Development (25-26)_D

**कार्यपालक अभियंता का कार्यालय**
**पेयजल एवं स्वच्छता प्रमंडल, झुमरीतिलैया**
प्रपत्र संख्या–1

**ई– निविदा**

निविदा संख्या :- 19/JMT/2025-26    दिनांक 14-07-2025

| क्र० स० | विवरणी: कार्य का नाम | विस्तृत विवरणी: प्राक्कलित राशि (लाख में) | अग्रिम जमानत की राशि (लाख में) | परिमाण विपत्र का मूल्य | कार्य पूर्ण करने का समय |
|---|---|---|---|---|---|
| 1 | Left out work of detailed survey, designing and drawing, Construction of 10.0 M dia R.C.C. Intake well cum pump house, Gangway 75.1 mtr. length and 3.95 mtr. wide, Pipe Bridge 70.0 mtr. length and 2.00 mtr. wide, Pipe Bridge 50 mtr. length and 2 mtr. wide, Pipe Bridge 100 mtr. length and 2 mtr. wide Pipe Bridge 60 mtr. length and 2 mtr. wide. 19.50 MLD capacity Water Treatment Plant, Compound wall, Supplying and laying Raw/Clear Water rising main & Laying Distribution Network, , Supplying and Installation of Vertical turbine and Centrifugal pump motor, and Five years Operation and Maintenance with allied works etc. all complete job for work of Jainagar ,Domchanch & Koderma Block MVS Rural Water Supply Scheme under Drinking Water & Sanitation Division, Jhumritelaiya on turnkey basis. Year 2025-2026. | 18488.12 | 184.89 | 10,000/- | 27 Months + 3 months (trial and run) |
| 2 | वेबसाइट पर निविदा प्रकाशन की तिथि :– | 18-07-2025 at 5.00 बजे अपराह्न | | | |
| 3 | निविदा के पूर्व बैठक की तिथि एवं समय | 22-07-2025 at 1.00 अपराह्न, अभियंता प्रमुख, पेयजल एवं स्वच्छता विभाग, झारखंड, राँची | | | |
| 4 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय :– | 05-08-2025 को 5.00 बजे अपराह्न | | | |
| 5 | सरकार के सचिव, सूचना प्रौद्योगिकी एवं ई– गवर्नेस, झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 05-08-2025 को 5.00 बजे अपराह्न | | | |
| 6 | तकनीकी बीड खोलने की तिथि एवं समय :– | 07-08-2025 को 3.00 बजे अपराह्न | | | |
| 7 | तकनीकी बीड खोलने का स्थान :– | कार्यपालक अभियंता, पेयजल एवं स्वच्छता प्रमंडल, झुमरीतिलैया | | | |
| 8 | निविदा आमंत्रित करने वाले पदाधिकारी का नाम एवं पदनाम :– | ई0 अनुज कुमार सिन्हा, कार्यपालक अभियंता, पेयजल एवं स्वच्छता प्रमंडल, झुमरीतिलैया | | | |
| 9 | निविदा आमंत्रित करनेवाले कार्यालय का :– | 08002536460, Email-id eedwsd.jhumaritellaiya@gmail.com | | | |
| 10 | ई प्रोक्युरमेंट सेल का हेल्प लाईन नं0 | 0651-2480345 | | | |

- विस्तृत विवरणी बेबसाईट http://jharkhand tenders.gov.in पर देखा जा सकता है।

जल ही जीवन है !स्वच्छता प्राण है !

(ई0 अनुज कुमार सिन्हा)
कार्यपालक अभियंता,
पेयजल एवं स्वच्छता प्रमंडल, झुमरीतिलैया

PR 357238 Drinking Water and Sanitation(25-26)#D



ନୂଆଦିଲ୍ଲୀ: ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କର ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇଛି। ଜଷ୍ଟିସ ପାଠକଙ୍କ ଓଡ଼ିଶା ହାଇକୋର୍ଟକୁ ବଦଳି ପାଇଁ ମେ' ୨୬ରେ ସୁପ୍ରିମକୋର୍ଟ କଲେଜିୟମ ସୁପାରିଶ କରିଥିଲେ। ସୋମବାର କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ତରଫରୁ ତାଙ୍କ ବଦଳି ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଷ୍ଟିସ ପାଠକ ୧୯୬୫, ଅଗଷ୍ଟ ୨୮ରେ ଗୌହାଟୀ ଠାରେ ଜନ୍ମଗ୍ରହଣ କରିଥିଲେ। ଗୌହାଟୀ ବିଶ୍ୱବିଦ୍ୟାଳୟରୁ ଏଲ୍.ଏଲ୍.ବି. ପାସ୍ କରିବା ପରେ ୧୯୯୦ରେ ସେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଜଣେ ଦକ୍ଷ ଆଇନଜୀବୀ ଭାବେ ସେ ସୁନାମ ଅର୍ଜନ କରିଥିଲେ। ସେ ଗୌହାଟୀ ହାଇକୋର୍ଟ ଓ ଆସାମ ସରକାରଙ୍କ ଶିକ୍ଷା ବିଭାଗର ଷ୍ଟାଣ୍ଡିଂ କାଉନସିଲ ଭାବେ କାର୍ଯ୍ୟ କରୁଥିବା ବେଳେ ଗୌହାଟୀ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୦୪ରୁ ତିରୋଳ ପର୍ଯ୍ୟନ୍ତ ସେ ତ୍ରିପୁରା ରାଜ୍ୟର ଷ୍ଟାଣ୍ଡିଂ କାଉନସିଲ୍ ଥିଲେ। ସେ ଆସାମ ଲ' କମିସନ୍‌ର ସଦସ୍ୟ ଓ ଇଣ୍ଡିଆନ୍ ଲ' ଇନଷ୍ଟିଚ୍ୟୁଟର ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

## ନାଇଜେରିଆର ପୂର୍ବତନ ରାଷ୍ଟ୍ରପତିଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଶୋକ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଇଜେରିଆର ପୂର୍ବତନ ରାଷ୍ଟ୍ରପତି ମହାମଦୁ ବୁହାରୀଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶ୍ରୀ ମୋଦୀ ନାଇଜେରିଆର ପୂର୍ବତନ ରାଷ୍ଟ୍ରପତି ମହାମଦୁ ବୁହାରୀଙ୍କ ସହ ବିଭିନ୍ନ ସମୟରେ ତାଙ୍କର ସାକ୍ଷାତ ଏବଂ ଆଲୋଚନାକୁ ମନେ ପକାଇଛନ୍ତି। ଶ୍ରୀ ମୋଦୀ କହିଛନ୍ତି ଯେ, ମହାମଦୁ ବୁହାରୀଙ୍କ ଜ୍ଞାନ ଏବଂ ଗଣତନ୍ତ୍ର ପ୍ରତି ଅଟଳ ପ୍ରତିବଦ୍ଧତା ଅଦ୍ଭୁତ ଥିଲା। ଶ୍ରୀ ମୋଦୀ ଆହୁରି ମଧ୍ୟ କହିଛନ୍ତି ଯେ, ସେ ଭାରତର ୧୪୦ କୋଟି ଲୋକଙ୍କ ସହ ତାଙ୍କ ପରିବାର, ନାଇଜେରିଆର ଜନତା ଏବଂ ସରକାରଙ୍କ ପ୍ରତି ସମବେଦନା ଜଣାଉଛନ୍ତି। ଏ ନେଇ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି- ନାଇଜେରିଆର ପୂର୍ବତନ ରାଷ୍ଟ୍ରପତି ମହାମଦୁ ବୁହାରୀଙ୍କ ବିୟୋଗରେ ମୁଁ ଗଭୀର ଦୁଃଖିତ। ବିଭିନ୍ନ ସମୟରେ ଆମର ସାକ୍ଷାତ ଏବଂ ଆଲୋଚନାକୁ ମୁଁ ସ୍ନେହରେ ମନେ ପକାଉଛି। ତାଙ୍କର ଜ୍ଞାନ ଏବଂ ଭାରତ-ନାଇଜେରିଆ ବନ୍ଧୁତା ପ୍ରତି ତାଙ୍କର ଅଟଳ ପ୍ରତିବଦ୍ଧତା ଅଦ୍ଭୁତ ଥିଲା। ମୁଁ ଭାରତର ୧୪୦ କୋଟି ଲୋକଙ୍କ ସହ ତାଙ୍କ ପରିବାର, ଜନତା ଏବଂ ନାଇଜେରିଆ ସରକାରଙ୍କ ପ୍ରତି ଆମର ସମବେଦନା ଜଣାଉଛି।

## ୧୮ ଦିନିଆ ଯାତ୍ରା ଶେଷ
# ମହାକାଶରୁ ବିଦାୟ ନେଲେ ଶୁଭାଂଶୁ



ନୂଆଦିଲ୍ଲୀ,୧୪।୭: ମହାକାଶରେ ୧୮ ଦିନର ବୈଜ୍ଞାନିକ ପ୍ରୟୋଗ ପରେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଓ ତାଙ୍କର ଅନ୍ୟ ୩ ସାଥୀଙ୍କୁ ମହାକାଶରୁ ବିଦାୟ ଦିଆଯାଇଛି। ଆକ୍ସିଅମ-୪ ମିଶନର ଏହି ଟିମ୍ ସୋମବାର ପୃଥିବୀକୁ ଫେରୁଛନ୍ତି। ସେମାନେ ମଙ୍ଗଳବାର ଅପରାହ୍ନ ୩ଟାରେ କାଲିଫର୍ଣ୍ଣିଆ ଉପକୂଳରେ ଅବତରଣ କରିବେ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ଭାରତକୁ ଦେଇଥିବା ବାର୍ତ୍ତାରେ ଶୁଭାଂଶୁ କହିଛନ୍ତି ଯେ ଏବେ ବି ଭାରତ ସାରେ ଯାହାଁସେ ଅଚ୍ଛା। ଶୁଭାଂଶୁଙ୍କ ସହ କ୍ରୁ କମାଣ୍ଡର ପେଗି ହ୍ୱିଟସନ୍ (ଆମେରିକା), ମିଶନ ସ୍ପେଶାଲିଷ୍ଟ ସଓଜ୍ ଉଜନାନ୍‌ସ୍କି ୱିସନିୟେସ୍କି (ପୋଲାଣ୍ଡ) ଏବଂ ଟିବୋର କପୁର (ହଙ୍ଗେରୀ) ସାମିଲ ହେଉଛନ୍ତି। ଜୁନ୍ ୨୬ ତାରିଖରେ ସେମାନେ ନାସାର କେନେଡି ସ୍ପେଶ ସେଣ୍ଟରରୁ ଅନ୍ତର୍ଜାତୀୟ ସ୍ପେଶ ଷ୍ଟେସନକୁ ଯାଇଥିଲେ। ସୋମବାର ଭାରତୀୟ ସମୟ ଅନୁସାରେ ଅପରାହ୍ନ ୪.୩୫ରେ ଅନଡକିଂ ପ୍ରକ୍ରିୟାକୁ ସଫଳତାର ସହ ସମାପନ କରାଯାଇଥିଲା। ଅନଡକିଂରୁ ସ୍ପ୍ଲାସଡାଉନ ପର୍ଯ୍ୟନ୍ତ ୧୨ରୁ ୧୬ ଘଣ୍ଟା ଲାଗିବ ବୋଲି କୁହାଯାଇଛି। ଗତ ଶୁକ୍ରବାର ଓ ଶନିବାର ୪ ମହାକାଶଚାରୀ ଆଇଏସଏସରେ ସ୍ୱତନ୍ତ୍ର ଭୋଜିର ଆୟୋଜନ କରିଥିଲେ। ସ୍ପେଶ କ୍ୟାପସୁଲ ପୃଥିବୀର ବାୟୁମଣ୍ଡଳରେ ପଶିବା କ୍ଷଣି ଉଚ୍ଚ ତାପମାତ୍ରା ଓ ଶକ୍ତିଶାଳୀ ଘର୍ଷଣର ସାମ୍ନା କରିବ। ଏହି ସମୟରେ କ୍ୟାପସୁଲର ଗତି ଘଣ୍ଟାପ୍ରତି ୨୮ ହଜାର କିମି ରହିବ। ପରେ ଧୀରେ ଧୀରେ ତାହାକୁ ହ୍ରାସ କରାଯିବ। ନିର୍ଦ୍ଦିଷ୍ଟ ସମୟରେ ପାରାସୁଟ୍ ଖୋଲିବ। ପୃଥିବୀରେ ଅବତରଣ କରିବା ପରେ ଶୁଭାଂଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଛି ତାଙ୍କୁ ମାଧ୍ୟାକର୍ଷଣ ଶକ୍ତି ସହ ଖାପ ଖୁଆଇବା ପାଇଁ ୭ଦିନ ପୁନର୍ବାସ କେନ୍ଦ୍ରରେ ରଖାଯିବ।

## ହରିଆଣା, ଗୋଆକୁ ମିଳିଲା ନୂଆ ରାଜ୍ୟପାଳ



ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଦୁଇଟି ରାଜ୍ୟର ରାଜ୍ୟପାଳ ଏବଂ ଏକ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କୁ ନିଯୁକ୍ତ କରିଛନ୍ତି। ପୂର୍ବତନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ପୁଷାପତି ଅଶୋକ ଗଜପତି ରାଜୁଙ୍କୁ ଗୋଆର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିବାବେଳେ ଜମ୍ମୁ-କାଶ୍ମୀରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ କବିନ୍ଦର ଗୁପ୍ତାଙ୍କୁ ଲଦାଖର ନୂଆ ଉପରାଜ୍ୟପାଳ ନିଯୁକ୍ତ କରାଯାଇଛି। ସେହିପରି ପ୍ରଫେସର ଅସୀମ କୁମାର ଘୋଷଙ୍କୁ ହରିୟାଣାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତିଗୁଡ଼ିକ ସେମାନଙ୍କ କାର୍ଯ୍ୟାଳୟର ଦାୟିତ୍ୱ ଗ୍ରହଣ କରିବା ତାରିଖରୁ କାର୍ଯ୍ୟକାରୀ ହେବ। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଜୈନ ସମାଜ ପ୍ରତିନିଧିମଣ୍ଡଳୀଙ୍କୁ ଭେଟିଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ବିଧାନସଭା ପରିସରରେ ଦୁର୍ଗ ଜିଲ୍ଲାରୁ ଆସିଥିବା ଜୈନ ସମାଜର ପ୍ରତିନିଧିମଣ୍ଡଳୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଜୈନ୍ୟ ସମାଜ ଦ୍ୱାରା ମାନସ ସେବା ଓ ସାମାଜିକ ଉତ୍ଥାନ କ୍ଷେତ୍ରରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ବିଧାନସଭା ପରିସର ବୁଲିବା ସହ ସଦନର କାର୍ଯ୍ୟାବଳୀକୁ ଅବଲୋକନ କରିଥିଲେ। ସେମାନେ କହିଥିଲେ ଯେ, ଏହା ଆମ ପାଇଁ ଏକ ପ୍ରେରଣାଦାୟକ ଅବସର। ଗଣତନ୍ତ୍ରର ବ୍ୟବସ୍ଥା ଅନୁଯାୟୀ ଛତିଶଗଡରେ ସମସ୍ତ କାର୍ଯ୍ୟ ଚାଲୁଥିବାରୁ ଏହା ଏକ ଗୌରବର କଥା ବୋଲି ସେମାନେ କହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ମଧ୍ୟ ଜୈନ ସମାଜର ସେବାକୁ ନେଇ ଭୂରିଭୂରି ପ୍ରଶଂସା କରିଥିଲେ। ସେ କହିଥିଲେ ଛତିଶଗଡର ସମାବେଶୀ ଉତ୍ଥାନରେ ଜୈନ ସମାଜର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହିସବୁ ସାମାଜିକ କାର୍ଯ୍ୟ ପାଇଁ ସେ ଜୈନ ସମାଜର ଶୁଭକାମନା କରିଥିଲେ। ଏହି ଅବସରରେ ଦୁର୍ଗ ବିଧାୟକ ଗଜେନ୍ଦ୍ର ଯାଦବ ମଧ୍ୟ ଉପସ୍ଥିତ ଥିଲେ।

## ଧାର୍ଯ୍ୟ ସମୟର ପାଞ୍ଚ ବର୍ଷ ପୂର୍ବରୁ ୫୦% ସ୍ୱଚ୍ଛ ଶକ୍ତି କ୍ଷମତା ହାସଲ କଲା ଭାରତ

ନୂଆଦିଲ୍ଲୀ: ଭାରତ ଏହାର ସ୍ୱଚ୍ଛ ଶକ୍ତି ଦିଗରେ ପରିବର୍ତ୍ତନର ଯାତ୍ରାରେ ଏକ ଐତିହାସିକ ସଫଳତା ହାସଲ କରିଛି । ପ୍ୟାରିସ ଚୁକ୍ତିନାମାରେ ଜାତୀୟ ନିର୍ଦ୍ଧାରିତ ଅବଦାନ ଅନୁଯାୟୀ ଧାର୍ଯ୍ୟ ଲକ୍ଷ୍ୟଠାରୁ ପାଞ୍ଚ ବର୍ଷ ପୂର୍ବରୁ ଭାରତ ଅଣ-ଜୀବାଶ୍ମ ଇନ୍ଧନ ଉତ୍ସରୁ ସ୍ଥାପିତ ବିଦ୍ୟୁତ୍ କ୍ଷମତାର ୫୦% ହାସଲ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଜଳବାୟୁ କାର୍ଯ୍ୟ ଏବଂ ଦୀର୍ଘସ୍ଥାୟୀ ବିକାଶ ପ୍ରତି ଦେଶର ଦୃଢ଼ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ସ୍ୱଚ୍ଛ ଶକ୍ତି ଦିଗରେ ପରିବର୍ତ୍ତନର ଯାତ୍ରା ତ୍ୱରାନ୍ୱିତ ହେଉଥିବା ଏଥିରୁ ପ୍ରମାଣିତ ହୋଇଛି । କେନ୍ଦ୍ର ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ଖୋଜୁଥିବା ବିଶ୍ୱରେ, ଭାରତ ମାର୍ଗ ଦେଖାଉଛି। ୨୦୩୦ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟଠାରୁ ପାଞ୍ଚ ବର୍ଷ ପୂର୍ବରୁ ୫୦% ଅଣ-ଜୀବାଶ୍ମ ଇନ୍ଧନ କ୍ଷମତା ହାସଲ କରିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଭାରତର ସବୁଜ ପରିବର୍ତ୍ତନକୁ ଆଗକୁ ବଢ଼ୁଛି । ଦେଶ ଏକ ଆତ୍ମନିର୍ଭରଶୀଳ ଏବଂ ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରୁଛି। ଏହି ସଫଳତା ଦୂରଦୃଷ୍ଟିପୂର୍ଣ୍ଣ ନୀତି ପ୍ରଣୟନ, ଏହାର ଦୃଢ଼ କାର୍ଯ୍ୟକାରିତା ଏବଂ ସମାନତା ତଥା ଜଳବାୟୁ ଦାୟିତ୍ୱ ପ୍ରତି ଦେଶର ଗଭୀର ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରେ। ପିଏମ-କୁସୁମ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍ତ ବିଜଳି ଯୋଜନା, ସୌର ପାର୍କ ବିକାଶ ଏବଂ ଜାତୀୟ ପବନ-ସୌର ହାଇବ୍ରିଡ୍ ନୀତି ଭଳି ପ୍ରମୁଖ କାର୍ଯ୍ୟକ୍ରମ ଏହି ପରିବର୍ତ୍ତନ ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିଛି। ଦେଶ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅଣ-ଜୀବାଶ୍ମ କ୍ଷମତା ଏବଂ ୨୦୭୦ ସୁଦ୍ଧା ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଥିବାରୁ ଭବିଷ୍ୟତର ମାର୍ଗ ଦୃଢ଼, ସମାବେଶୀ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ହେବା ଆବଶ୍ୟକ।

## ଟ୍ରକ୍ ଓଲଟି ୯ ମୃତ, ୧୧ ଆହତ



ବିଜୟୱାଡା: ଆନ୍ଧ୍ରପ୍ରଦେଶର ଅନ୍ନମାୟା ଜିଲ୍ଲାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଏକ ଆମ୍ବ ବୋଝେଇ ଟ୍ରକ୍ ଓଲଟି ପଡ଼ିବାରୁ ଏହି ଦୁର୍ଘଟଣାରେ ଅତି କମରେ ୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୫ ଜଣ ମହିଳା ଅଛନ୍ତି । ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି। ଅନ୍ନମାୟା ଜିଲ୍ଲାର ପୁଲମପେଟା ମଣ୍ଡଳର ରେଡ୍ଡୀ ଚେରୁଭୁ କଟ୍ଟା ନିକଟରେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଟି ଆମ୍ବ ବୋଝେଇ ହୋଇଥିଲା । ଲୋକମାନେ ଆମ୍ବ ବସ୍ତା ଉପରେ ମଧ୍ୟ ବସିଥିଲେ । ଏହି ଟ୍ରକରେ ୨୦ ରୁ ଅଧିକ ଲୋକ ଚଢ଼ିଥିଲେ । କଡପା ସହରରୁ ପ୍ରାୟ ୬୦ କିଲୋମିଟର ଦୂର ପୁଲମପେଟା ମଣ୍ଡଳର ରେଡ୍ଡୀ ଚେରୁଭୁ କଟ୍ଟାରେ ଏହି ଦୁର୍ଘଟଣା ଘଟିଛି। ପୋଲିସର ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା । ଜଣେ ପୋଲିସ ଅଧିକାରୀ କହିଛନ୍ତି, ଏହା ସେତେବେଳେ ଘଟିଥିଲା ଯେତେବେଳେ ଏକ ଲରିର ପଛ ଚକ ବାଲିରେ ଫସି ଯାଇଥିଲା ଏବଂ ଏହା ଭାରସାମ୍ୟ ହରାଇ ଏକ ମିନି ଟ୍ରକ୍ ଉପରେ ପଡ଼ିଯାଇଥିଲା। ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଶୋକ ପ୍ରକାଶ କରିଛନ୍ତି ଏବଂ ଦୁର୍ଘଟଣାର କାରଣ ବିଷୟରେ ଅଧିକାରୀମାନଙ୍କୁ ପଚାରିଛନ୍ତି।ସିଏମଓ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ବୋଲି ମଧ୍ୟ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ସରକାର ମୃତକଙ୍କ ପରିବାରକୁ ପୂର୍ଣ୍ଣ ସହାୟତା ଯୋଗାଇ ଦେବେ। ଦୁର୍ଘଟଣାରେ ଆହତଙ୍କ ପାଇଁ ଗୁଣାତ୍ମକ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବାଣିଜ୍ୟ




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ପ୍ରତିଭୂତି ନିଲାମ କରି ୧୫୦୦ କୋଟି ଟଙ୍କା ସଂଗ୍ରହ କରିବେ। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁସାରେ ଓଡ଼ିଶା ସରକାର ୩ ବର୍ଷିଆ ଅବଧିର ୫୦୦ କୋଟି ଟଙ୍କା ଏବଂ ୧୨ ବର୍ଷିଆ ଅବଧିର ୧୦୦୦ କୋଟି ଟଙ୍କାର ପ୍ରତିଭୂତି ନିଲାମ କରିବେ। ଦେଶର ଯେଉଁ ୧୨ଟି ରାଜ୍ୟ ପ୍ରତିଭୂତି ନିଲାମ କରିବାକୁ ପ୍ରସ୍ତାବ ଦେଇଛନ୍ତି, ସେଥିରେ ଓଡ଼ିଶା ନାମ ରହିଛି। ଅନ୍ୟ ରାଜ୍ୟଗୁଡ଼ିକ ହେଉଛି ଆନ୍ଧ୍ରପ୍ରଦେଶ, ବିହାର, ଗୋଆ, ଗୁଜରାଟ, ଜମ୍ମୁ ଓ କାଶ୍ମୀର, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ। ଏହି ସମସ୍ତ ରାଜ୍ୟ ମିଳିତ ଭାବେ ୨୬,୯୦୦ କୋଟି ଟଙ୍କାର ପ୍ରତିଭୂତି ଉପଲବ୍ଧ କରାଇବେ। ରିଜର୍ଭ ବ୍ୟାଙ୍କର ଇ-କୁବେର ବ୍ୟବସ୍ଥାରେ ଏହି ନିଲାମ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ସାଧାରଣ ନିବେଶକମାନେ ରିଟେଲ୍ ଡାଇରେକ୍ଟ ପୋର୍ଟାଲ୍‌ରେ ବିଡ୍ ମଧ୍ୟ ଦାଖଲ କରିପାରିବେ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ନିବେଶକମାନେ ସର୍ବନିମ୍ନ ୧୦ ହଜାର ଟଙ୍କାର ବିଡ୍ ଦାଖଲ କରିପାରିବେ ଏବଂ ଏହାପରେ ସେଥିରେ ୧୦ ହଜାର ଟଙ୍କା ଲେଖାଏଁ ଯୋଡ଼ିପାରିବେ। ନିଲାମ ସମୟରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରତିଭୂତିର ସୁଧ ନିର୍ଦ୍ଧାରଣ କରାଯିବ।

## ବନ୍ଧନ ଏଏମ୍‌ସିର ୨୫ ବର୍ଷ ପୂର୍ତ୍ତି ପାଳିତ

ନୂଆଦିଲ୍ଲୀ: ଦେଶର ଅନ୍ୟତମ ପ୍ରମୁଖ ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ବନ୍ଧନ ଏଏମସି ଲିମିଟେଡ ଭାରତୀୟ ମ୍ୟୁଚୁଆଲ ଫଣ୍ଡ ଶିଳ୍ପରେ ୨୫ ବର୍ଷ ପୂର୍ତ୍ତି ପାଳନ କରିଛି । ଯାହାକି ବିଶ୍ୱାସ, ଉଦ୍ଭାବନ ଓ ସଂଚୟକାରୀଙ୍କୁ ନିବେଶକରେ ପରିଣତ ହେବାରେ ସାହାଯ୍ୟ କରିବା ପାଇଁ ଦୃଢ ପ୍ରତିବଦ୍ଧତା ଉପରେ ନିର୍ମିତ । ନିବେଶକ ଓ ପାର୍ଟନରଙ୍କ ସହ ଏହି ସଫଳତାକୁ ପାଳନ କରିବା ପାଇଁ ବନ୍ଧନ ଏଏମସି ପକ୍ଷରୁ ସଙ୍ଗୀତ-ଭିତିକ କାହାଣୀ 'ରାଜୁ ଭୈୟା କୀ କାହାନି' ଉପସ୍ଥାପନ କରାଯାଇଛି। ଯାହା ସଂଚୟଠାରୁ ଆରମ୍ଭ କରି ଆତ୍ମବିଶ୍ୱାସର ସହ ନିବେଶ କରିବା ପର୍ଯ୍ୟନ୍ତ ଅନେକ ନିବେଶକଙ୍କ ପରିଚିତ ଯାତ୍ରା ସହ ପ୍ରତିଫଳିତ ହେଉଛି। ଏକ ହୃଦୟସ୍ପର୍ଶୀ ଜିଙ୍ଗଲ ଓ ଆକର୍ଷଣୀୟ ଆନିମେଶନ ମାଧ୍ୟମରେ ବ୍ୟାଖ୍ୟା କରାଯାଇଥିବା ଏହି ଫିଲ୍ମ ବିଗତ ବର୍ଷଗୁଡିକରେ ସାଧାରଣ ନିବେଶକଙ୍କ ପ୍ରଗତିକୁ ସେଲିବ୍ରେଟ କରିଛି। ଏହି ଅବସରରେ ବନ୍ଧନ ଏଏମସିର ସିଇଓ ବିଶାଲ କପୁର କହିଛନ୍ତି, 'ଆମ ଯାତ୍ରାର ୨୫ ବର୍ଷ ପାଳନ କରୁଥିବାରୁ ଆମେ ଲକ୍ଷ ଲକ୍ଷ ସଂଚୟକାରୀଙ୍କୁ ନିବେଶକରେ ପରିଣତ କରିବାରେ ସାହାଯ୍ୟ କରିବା କ୍ଷେତ୍ରରେ ଗ୍ରହଣ କରିଥିବା ଆମର ଭୂମିକାକୁ ନେଇ ଗର୍ବିତ। ଏଏନଜେଡ ଗ୍ରିଣ୍ଡଲେଜ ମ୍ୟୁଚୁଆଲ ଫଣ୍ଡ ଭାବେ ଆମର ଉତ୍ପତିରୁ ଆରମ୍ଭ କରି ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ମ୍ୟୁଚୁଆଲ ଫଣ୍ଡ, ଆଇଡିଏଫସି ଏଏମସି ଏବଂ ବର୍ତମାନ ବନ୍ଧନ ଏଏମସିରେ ପରିଣତ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ସଫଳତା ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଉଦ୍ଭାବନ ଓ ନିବେଶକ-କୈନ୍ଦ୍ରିକତା ପ୍ରତି ଆମର ପ୍ରତିବଦ୍ଧତାର ଏକ ପ୍ରମାଣ ରହିଆସିଛି। ଏହି ବିରାସତକୁ ପାଳନ କରିବା ସହିତ ଆମେ ଭବିଷ୍ୟତର ମାର୍ଗ ଉପରେ ଗୁରୁତ୍ୱ ଦେଉଛୁ। ଆମେ ଆମର ନିବେଶକ, ସହଯୋଗୀ, କର୍ମଚାରୀ ଓ ସମସ୍ତ ହିତାଧିକାରୀଙ୍କ ପ୍ରତି ସେମାନଙ୍କର ଦୃଢ ବିଶ୍ୱାସ ଓ ସହଯୋଗ ପାଇଁ ଗଭୀର ଭାବେ କୃତଜ୍ଞ ଅଟୁ। ବିଗତ ୨୫ ବର୍ଷରେ ଏହି ସଂସ୍ଥା ଉଦ୍ଭାବନ କ୍ଷେତ୍ରରେ ଅଗ୍ରଣୀ ରହିଆସିଛି ଯାହା ପ୍ରଥମ ସଂସ୍ଥା ଭାବେ ସର୍ଟ-ଟର୍ମ ଫଣ୍ଡ, ଗଭର୍ଣ୍ଣମେଂଟ ସିକ୍ୟୁରିଟିଜ ଫଣ୍ଡ, ଡାଇନାମିକ ବଣ୍ଡ ଫଣ୍ଡ, ମିଡିଅନ ଟର୍ମ ଫଣ୍ଡ ଓ ଋଣ ସ୍କିମରେ ରୋଲ-ଡାଉନ ଷ୍ଟ୍ରକ୍‌ଚର ଭଳି ଉତ୍ପାଦଗୁଡିକର ଶୁଭାରମ୍ଭ କରିଛି। ୨୦୨୫ରେ ବନ୍ଧନ ଏଏମସି ୧୦୦ତମ ବ୍ରାଞ୍ଚ, ୩ଟି ଭାରତ-କୈନ୍ଦ୍ରିତ ଫଣ୍ଡ ସହ ଗିଫ୍ଟ ସିଟିରେ ୩ଟି ନୂଆ ପରିଚାଳନା ଏବଂ ନିବେଶକଙ୍କ ପାଇଁ ସମ୍ପତି ସୃଷ୍ଟି ଲାଗି ଏକ ଉତ୍ସର୍ଗୀକୃତ ପ୍ଲାଟଫର୍ମ ବେଦାର୍ଥର ଲଂଚ ସହ ନିଜର ପହଂଚ ବିସ୍ତାର କରିବା ଜାରି ରଖିଛି। ବନ୍ଧନ ଏଏମସି ଭବିଷ୍ୟତ ଆଡକୁ ଅଗ୍ରସର ହେଉଥିବାରୁ ପ୍ରତ୍ୟେକ ଭାରତୀୟଙ୍କ ଆର୍ଥିକ ଯାତ୍ରାରେ ଏକ ବିଶ୍ୱସନୀୟ ସହଯୋଗୀ ହେବା ଏବଂ ସଂଚୟକାରୀଙ୍କୁ ନିବେଶକରେ ପରିଣତ କରିବା ପାଇଁ ସାହାଯ୍ୟ ଜାରି ରଖିବାର ଏହାର ଲକ୍ଷ୍ୟ ସ୍ପଷ୍ଟ ରହିଛି।


## ପ୍ରିପେମେଣ୍ଟ୍ ଓ ଫୋରକ୍ଲୋଜର ଚାର୍ଜ ଉଚ୍ଛେଦ

ନୂଆଦିଲ୍ଲୀ: ଡିବିଏସ ବ୍ୟାଙ୍କ ଇଣ୍ଡିଆ ଉଦ୍ୟମ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ସମସ୍ତ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଲାଗି ପ୍ରିପେମେଂଟ ଓ ଫୋରକ୍ଲୋଜର ଚାର୍ଜ ଉଚ୍ଛେଦ କରିଛି। ଏମଏସଏମଇ ଦିବସରେ ଘୋଷଣା କରାଯାଇଥିବା ଏହି ପଦକ୍ଷେପ ଭାରତର ଏମ୍ଏସଏମଇଗୁଡ଼ିକୁ ସହଯୋଗ କରିବା ଲାଗି ବ୍ୟାଙ୍କର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଉଚ୍ଛେଦ ପ୍ରଭାବୀ ଭାବେ ଲାଗୁ ହୋଇଥିବା ବେଳେ ତାହା ବ୍ୟାଙ୍କର ଉଭୟ ନୂଆ ଓ ପୁରୁଣା ସକ୍ରିୟ ଗ୍ରାହକଙ୍କ ଲାଗି ଲାଗୁ ହୋଇଛି। ଏ ସମ୍ପର୍କରେ ଡିବିଏସ ବ୍ୟାଙ୍କ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଓ ଏସ୍ଏମ୍ଇ ବ୍ୟାଙ୍କିଂର ମୁଖ୍ୟ ସୁଦର୍ଶନ ଚାରି କହିଛନ୍ତି ଯେ, 'ନମନୀୟ ସୁଲଭ ଋଣ ହାସଲ କରିବା ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଅଟେ। ପ୍ରିପେମେଂଟ ଓ ଫୋରକ୍ଲୋଜର ଚାର୍ଜ ଉଚ୍ଛେଦ କରି ଆମେ ଏକ ସାଧାରଣ ଅସୁବିଧାର ସମାଧାନ କରିଛୁ ଯାହା ମୁଖ୍ୟତଃ ଆର୍ଥିକ କ୍ଷମତାକୁ ସୀମିତ କରିଦେଉଥିଲା। ଏହି ପରିବର୍ତ୍ତନ ଦ୍ୱାରା ବ୍ୟାବସାୟିକ ସଂସ୍ଥାଗୁଡ଼ିକ ବିନା ଜୋରିମାନାରେ ଆଗୁଆ ଋଣ ପରିଶୋଧ କରିପାରିବେ ଏବଂ ପାଣ୍ଠିକୁ ତୁରନ୍ତ ପ୍ରାଥମିକତା କିମ୍ବା ଇନଭେଂଟୋରି, ପ୍ରଯୁକ୍ତି ଓ ସମ୍ପ୍ରସାରଣ ପାଇଁ ପୁନଃ ଆବଂଟନ କରିପାରିବେ। ଏମଏସଏମଇମାନଙ୍କୁ ଆବଶ୍ୟକତା ଭିତ୍ତିକ ସମାଧାନ ପ୍ରଦାନ କରି ସମର୍ଥନ କରିବାକୁ ଆମର ରହିଥିବା ବ୍ୟାପକ ଉଦ୍ୟମ ସହ ଏହାର ସମନ୍ୱୟ ରହିଛି ଯାହା ସେମାନଙ୍କ ସ୍ଥିରତାକୁ ବଢ଼ାଇବ ଏବଂ ଦୀର୍ଘକାଳୀନ ଅଭିବୃଦ୍ଧିର ସମ୍ଭାବନା ଖୋଲିବ। ଅନଲାଇନ ଖାତା ଖୋଲିବା ସୁବିଧା ସହିତ ଉଦ୍ୟୋଗୀମାନେ ସେମାନଙ୍କ ଚଳନ୍ତି ଖାତାକୁ ଶୀଘ୍ର ଓ ନିରବଚ୍ଛିନ୍ନ ଭାବେ ଖୋଲିପାରିବେ ଏବଂ ଜଟିଳ କାଗଜପତ୍ର କାମକୁ ଏଡ଼ାଇପାରିବେ। ବ୍ୟାଙ୍କ ତରଫରୁ ଚିନ୍ତାମୁକ୍ତ ବ୍ୟବସାୟ ଋଣ ପ୍ରଦାନ କରାଯାଉଛି ଯାହା ଅଭିବୃଦ୍ଧି ପାଇଁ ଫାଇନାନ୍ସ ଓ କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତାକୁ ଶୀଘ୍ର ପହଂଚାଇବ।

## ୭୩% ଲୋକ ବେଆଇନ ମଶା ଘଉଡ଼ାଇବା ଧୂପ କାଠି ବ୍ୟବହାର କରୁଛନ୍ତି: ଗୁଡ୍ ନାଇଟ୍ ସର୍ବେକ୍ଷଣ

ନୂଆଦିଲ୍ଲୀ: ଗୋଦରେଜ କଂଜ୍ୟୁମର ପ୍ରଡକ୍ଟସ ଲିମିଟେଡର ମଶା ଘଉଡ଼ାଇବା ଉତ୍ପାଦ ବ୍ରାଣ୍ଡଗୁଡ ନାଇଟ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପୂର୍ବ ଭାରତରେ ୭୩ ପ୍ରତିଶତ ଲୋକ ବେଆଇନ ମଶାଘଉଡ଼ାଇବା ଧୂପ କାଠି ବ୍ୟବହାରବେଳେ ନିଜକୁ ଅସହଜ ଓ ଚିଡ଼ିଚିଡ଼ାମନେ କରନ୍ତି। 'ଗୋଟିଏ ମଶା, ଅସଂଖ୍ୟ ବିପଦ' ନାମକ ଏହି ରିପୋର୍ଟରେ ମଶା ଘଉଡ଼ାଇବା ଉତ୍ପାଦ ଓ ମଶା ବାହିତ ରୋଗ ସହ ଜଡ଼ିତ ବିପଦ ଜାଣିବାକୁ ଉଦ୍ୟମ କରାଯାଇଥିଲା। ପୂର୍ବ ଭାରତରେ ପଶ୍ଚିମବଙ୍ଗ, ଆସାମ, ବିହାର ଓ ଝାଡ଼ଖଣ୍ଡ ଭଳି ରାଜ୍ୟର ଲୋକମାନେ ବେଆଇନ ମଶା ଘଉଡ଼ାଇବା ଧୂପକାଠିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଜାତୀୟସ୍ତରରେ ୬୯ ପ୍ରତିଶତ ଲୋକ ବେଆଇନ ମଶା ଘଉଡ଼ାଇବା ଧୂପକାଠିକୁ ନେଇ ଅସହଜ ମନେ କରୁଥିବାବେଳେ ପୂର୍ବଭାରତରେ ସେହି ହାର ସର୍ବାଧିକ ୭୩ ପ୍ରତିଶତ, ଉତ୍ତରରେ ୬୯ ପ୍ରତିଶତ, ଦକ୍ଷିଣରେ ୬୭ ପ୍ରତିଶତ ଓ ପଶ୍ଚିମରେ ୬୭ ପ୍ରତିଶତ ରହିଛି। ଲିଙ୍ଗଗତ ଦୃଷ୍ଟିରୁ ୭୦ ପ୍ରତିଶତ ପୁରୁଷ ଓ ୬୭ ମହିଳା ଅସହଜମନେ କରୁଥିବା କହିଛନ୍ତି। ଗୋଦରେଜ କଂଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଜିସିପିଏଲ)ର ମାର୍କେଟିଂ ମୁଖ୍ୟ -ହୋମ କେୟାର ଶିଲ୍ପା ସୁରେଶ କହିଛନ୍ତି ଯେ, ଆମର ସର୍ଭେର ଫଳାଫଳ ପୂର୍ବାଂଚଳରେ ନାଗରିକମାନଙ୍କ ମଧ୍ୟରେ ବେଆଇନ ମଶା ଘଉଡ଼ାଇବା ଧୂପକାଠିର ବଢୁଥିବା ବ୍ୟବହାର ବିଷୟରେ ଚିନ୍ତା ପ୍ରକଟ କରାଯାଇଛି। ହୋମ ଇନସେକ୍ଟସ କଂଟ୍ରୋଲ ଆସୋସିଏସନର ସମ୍ପାଦକ ଜୟନ୍ତ ଦେଶପାଣ୍ଡେ କହିଛନ୍ତି ଯେ, ବେଆଇନ ଏବଂ ଚାଇନିଜ୍ ରାସାୟନିକ ଯୁକ୍ତ ମଶା ଘଉଡ଼ାଇବା ଧୂପକାଠି ଭାରତର ଘରେଘରେ ପ୍ରବେଶ କରୁଥିବା ଏକ ନୀରବ ହତ୍ୟାକାରୀ ଅଟେ। ପ୍ରତାରଣା ମୂଳକ ନାମରେ ବିକ୍ରି ହୋଇଥିବା ଏହି ଧୂପକାଠି ଅସ୍ଥାୟୀ ଉତ୍ପାଦକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି ଏବଂ ଏଗୁଡ଼ିକ ନିୟମ ଅନୁସାରେ ଯାଂଚ କରାଯାଏ ନାହିଁ ଏବଂ ଅଣ-ପଞ୍ଜୀକୃତ ରାସାୟନିକ ପଦାର୍ଥ ବ୍ୟବହାର କରାଯାଇଥାଏ। ସରକାରୀଭାବେ ଅନୁମୋଦିତ ଉତ୍ପାଦ ଗୁଡ଼ିକର ପ୍ୟାକେଜିଂରେ ସେଂଟ୍ରାଲ ଇନସେକ୍ଟିସାଇଡସ ବୋର୍ଡ ଆଣ୍ଡ ରେଜିଷ୍ଟ୍ରେସନ କମିଟି (ସିଆଇବିଆରସି)ର ଅନୁମୋଦିତ ସଂଖ୍ୟା ଥାଏ, ଯାହା ଲୋକଙ୍କୁ କ୍ରୟ ସମୟରେ ସେଗୁଡ଼ିକର ପ୍ରାମାଣିକତା ଯାଂଚ କରିବାର ସୁଯୋଗ ଦେଇଥାଏ।

## ଓଡ଼ିଶାରେ ଖୋଲିବ ଡ୍ରୋନ୍ ପରୀକ୍ଷଣ କେନ୍ଦ୍ର



ଭୁବନେଶ୍ୱର (ନୂଆଦିଲ୍ଲୀ) ଡ୍ରୋନ୍ ବିକାଶ କରିବାରେ ରାଜ୍ୟର ଷ୍ଟାର୍ଟଅପ୍‌ଗୁଡ଼ିକ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ବେଳେ ଏହି କ୍ଷେତ୍ରରେ ସେଭଳି ସଂସ୍ଥାଗୁଡ଼ିକୁ ସାହାଯ୍ୟ କରିବା ଲାଗି ରାଜ୍ୟ ସରକାର ଏକ ଡ୍ରୋନ୍ ପରୀକ୍ଷଣ, ତାଲିମ ଓ ପ୍ରସାର କେନ୍ଦ୍ର ଖୋଲିବାକୁ ଯାଉଛନ୍ତି। ବ୍ରହ୍ମପୁରର ଗୋପାଳପୁର ଅଧୀନସ୍ଥ ରଙ୍ଗେଇଲୁଣ୍ଡା ବିମାନବନ୍ଦରରେ ଏହି ବ୍ୟବସ୍ଥା ସ୍ଥାପନ କରିବା ଯୋଜନା ରହିଛି। ଭାରତ ସରକାରଙ୍କ ଅଧୀନରେ ପରିଚାଳିତ ହେଉଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ରହିଥିବା ସମସ୍ତ ନିୟମକୁ ପାଳନ କରି ଏହି ପରୀକ୍ଷଣ ଓ ତାଲିମ କେନ୍ଦ୍ର ସ୍ଥାପନ କରାଯିବ। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଡ୍ରୋନ୍ ପରୀକ୍ଷଣ ଓ ତାଲିମ ବ୍ୟବସ୍ଥା ଲାଗି ଲିଜ୍‌ରେ ଜମି ପ୍ରଦାନ କରିବାକୁ ରିକ୍ୱେଷ୍ଟ ଫର ପ୍ରୋପୋଜାଲ୍ (ଆରପିଏଫ୍) ଆହ୍ୱାନ କରାଯାଇଛି। ଡ୍ରୋନ୍ ନିର୍ମାଣ କରୁଥିବା ଅସଲି ଉପକରଣ ନିର୍ମାତା (ୟୁଏଭି) ଓ ଆରପିଟିଓମାନେ ଏଥିପାଇଁ ଆବେଦନ କରିପାରିବେ। ଚଳିତ ମାସ ଶେଷ ସୁଦ୍ଧା ଆବେଦନ ପଠାଇବା ଲାଗି ସେମାନଙ୍କୁ ବିଭାଗ ପକ୍ଷରୁ କୁହାଯାଇଛି।

## ଆର୍‌ଏସ୍‌ପିରେ ବହୁବିଧ ଉତ୍ପାଦନ ରେକର୍ଡ ହାସଲ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍ ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍ ଜୁଲାଇ ୧୦ ତାରିଖରେ ବିବିଧ ଉତ୍ପାଦନ ରେକର୍ଡ ହାସଲ କରିଛି। ଆରଏସପି ତଥା ଦୁର୍ଗାପୁର ଇସ୍ପାତ କାରଖାନା ଓ ଇସ୍କୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଜୁଲାଇ ୧୨ ତାରିଖରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତାଙ୍କ ଗହଣରେ ନୂତନ ପ୍ଲେଟ ମିଲ ଗସ୍ତ କରି ସାମୁଦାୟିକଙ୍କୁ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଡିଆଇସି ଆଗାମୀ ଦିନରେ ରେକର୍ଡର ଧାରା ବଜାୟ ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସେ ସେମାନଙ୍କୁ ବଡ଼ ଉଲ୍ଲେଖନୀୟ ସଫଳତା ହାସଲ କରିବା ପାଇଁ ପ୍ରତିଦିନ ଛୋଟ ଛୋଟ ଉନ୍ନତିମୂଳକ ପଦକ୍ଷେପ ନେବାକୁ ମଧ୍ୟ ପ୍ରେରଣା ଦେଇଥିଲେ। ନୂତନ ପ୍ଲେଟ ମିଲ ବିଭାଗର ସିଜିଏମ ଆର କେ ବିସାରେ ଶୀର୍ଷ ପ୍ରବନ୍ଧନ ତଥା ସହଯୋଗୀ ବିଭାଗ ଯଥା ପିପିସି, ଇଏମଡି, ଆର ଆଣ୍ଡ ସି ଏଲ୍, ଟି ଆଣ୍ଡ ଆରଏମ୍, ଇଡି ୱାର୍କସ ସଚିବାଳୟ, ଡ଼ିଆଇସି ସଚିବାଳୟ, ରୋଲ୍ ସପ , ସେଣ୍ଟ୍ରାଲାଇଜଡ୍ ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ ମରାମତି ବିଭାଗଙ୍କୁ ରେକର୍ଡ ହାସଲରେ ନିରନ୍ତର ସମର୍ଥନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପିରେ ଗୁଣବତ୍ତା ମଣ୍ଡଳୀ ଦଳଙ୍କ ଉଜ୍ଜ୍ୱଳ ପ୍ରଦର୍ଶନ




ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଗୁଣବତ୍ତା ମଣ୍ଡଳୀଗୁଡ଼ିକ ଜୁଲାଇ ୧୩ ତାରିଖରେ ସେଲ ଭିଲାଇ ଇସ୍ପାତ କାରଖାନାରେ କ୍ୱାଲିଟି ସର୍କଲ୍ ଫୋରମ୍ ଅଫ୍ ଇଣ୍ଡିଆ (କ୍ୟୁସିଏଫଆଇ), ଭିଲାଇ ଚାପ୍ଟର ଦ୍ୱାରା ଆୟୋଜିତ ୧୬ତମ ଚାପ୍ଟର ସ୍ତରୀୟ ଗୁଣବତ୍ତା ଧାରଣା ଉପରେ ସମ୍ମିଳନୀରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି । ଆରଏସପିର ଛଅଟି ଗୁଣବତ୍ତା ମଣ୍ଡଳୀ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପୁରସ୍କାର ଜିଣି ଥିବା ବେଳେ ଗୋଟିଏ ଦଳ ରୌପ୍ୟ ପୁରସ୍କାର ଲାଭ କରିଥିଲା। ଆରଏସପିର ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର 'ଉତ୍କର୍ଷ' ଗୁଣବତ୍ତା ମଣ୍ଡଳୀ ଦଳକୁ ଏହି ସମ୍ମିଳନୀରେ ଉପବିଜେତା ଭାବରେ ବିବେଚିତ କରାଯାଇଥିଲା। ପୁରସ୍କାର ଉତ୍ସବରେ ସେଲର ନିର୍ଦ୍ଦେଶକ (କାର୍ମିକ) କେ କେ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦଳଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କ୍ୟୁସିଏଫଆଇ ଭିଲାଇ ଚାପ୍ଟରର ଉପାଧ୍ୟକ୍ଷ ଜି ପି ସିଂହ ଏବଂ ସେଲର ବିଭିନ୍ନ ୟୁନିଟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆରଏସପି ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଅବକାଶ ବେହେରା କାର୍ଯ୍ୟକ୍ରମରେ ଆରଏସପିର ଦଳଗୁଡ଼ିକର ନେତୃତ୍ୱ ନେଇଥିଲେ। କେ କେ ସିଂହ ସମ୍ମିଳନୀରେ ଆରଏସପିର ପ୍ରୟାସର ପ୍ରଶଂସା କରିଥିଲେ ଏବଂ ଭବିଷ୍ୟତରେ ଅଧିକ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିଥିଲେ। ସ୍ୱର୍ଣ୍ଣ ପୁରସ୍କାର ଜିଣି ଥିବା ଆରଏସପିର ଗୁଣବତ୍ତା ମଣ୍ଡଳୀ ଦଳଗୁଡ଼ିକ ମଧ୍ୟରେ ବ୍ଲାଷ୍ଟ ଫର୍ଣ୍ଣେସର 'ଉତ୍କର୍ଷ', ନୂତନ ପ୍ଲେଟ୍ ମିଲର 'ସମ୍ଭବ' ଏବଂ 'ତେଜସ', ନୂତନ ପ୍ଲେଟ୍ ମିଲର 'ସୁରକ୍ଷା ପ୍ରହରୀ', ଆଇ ଏଡ଼ି ଏ ବିଭାଗର 'ପ୍ରଗତି' ଏବଂ ସିଣ୍ଟର ପ୍ଲାଣ୍ଟ-୧ର 'ସୁରକ୍ଷା ସେତୁ' ଅନ୍ତର୍ଭୁକ୍ତ ଥିଲା। ଆରଏମଏଚପିର 'ପିନାକଲ୍' ରୌପ୍ୟ ପୁରସ୍କାର ହାସଲ କରିଥିଲା। ଉଲ୍ଲେଖନୀୟ ଯେ ସେଲର ସମସ୍ତ ୟୁନିଟ୍ ସମେତ ବିଭିନ୍ନ ସଂଗଠନର ୯୯ଟି ଦଳ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ।



ନୂଆଦିଲ୍ଲୀ: ଲର୍ଡସ କ୍ରିକେଟ ଗ୍ରାଉଣ୍ଡରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଉଥିବା ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶୁଭମନ ଗିଲ୍ କେବଳ ୬ ରନ କରିଥିଲେ, ଯାହା ଟିମ ଇଣ୍ଡିଆ ଉପରେ ଚାପ ବୃଦ୍ଧି କରିଥିଲା। ତଥାପି, ଏହି ଛୋଟ ଇନିଂସରେ ଅଧିନାୟକ ରାହୁଲ ଦ୍ରାବିଡଙ୍କ ୨୩ ବର୍ଷର ପୁରୁଣା ରେକର୍ଡ ଭାଙ୍ଗି ଦେଇଛନ୍ତି। ଏବେ ଶୁଭମନ ଗିଲ ଇଂଲଣ୍ଡରେ ଏକ ଟେଷ୍ଟ ସିରିଜରେ ସର୍ବାଧିକ ରନ କରିଥିବା ଭାରତୀୟ ଖେଳାଳି ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡରେ ଦ୍ରାବିଡଙ୍କ ନାଁ ଥିଲା। ଶୁଭମନ ଗିଲ ବ୍ରାଇଡନ କାର୍ସେଙ୍କ ବଲରେ ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ, ସେ ୬ ରନ କରିଥିଲେ। ଏହା ସହିତ, ଏହି ଟେଷ୍ଟ ସିରିଜରେ ତାଙ୍କର ମୋଟ ରନ ୬୦୭ ହୋଇଯାଇଛି। ଗିଲ୍ ଇଂଲଣ୍ଡରେ ଏକ ଟେଷ୍ଟ ସିରିଜରେ ସର୍ବାଧିକ ରନ କରିଥିବା ଭାରତୀୟ ବ୍ୟାଟସମ୍ୟାନ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ରାହୁଲ ଦ୍ରାବିଡଙ୍କ ନାମରେ ଥିଲା, ଯିଏ ୨୦୦୨ ରେ ଇଂଲଣ୍ଡରେ ୪ ମ୍ୟାଚର ୬ ଇନିଂସରେ ମୋଟ ୬୦୨ ରନ କରିଥିଲେ। ଏବେ ଶୁଭମନ ଗିଲଙ୍କ ନଜର ଭାରତ ବନାମ ଇଂଲଣ୍ଡ ଟେଷ୍ଟ ସିରିଜରେ ସର୍ବାଧିକ ରନ କରିବାର ରେକର୍ଡ ଉପରେ ଅଛି, ଯାହା ସେ ଆଗାମୀ ଟେଷ୍ଟରେ କରିପାରିବେ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଏହି ରେକର୍ଡ ଗ୍ରାହାମ ଆଲାନ ଗୁଚଙ୍କ ନାମରେ ଅଛି, ଯିଏ ୧୯୯୦ ରେ ୭୫୨ ରନ କରିଥିଲେ। ଗିଲ୍‌ଙ୍କୁ ତାଙ୍କ ରେକର୍ଡ ଭାଙ୍ଗିବା ପାଇଁ ପରବର୍ତ୍ତୀ ୪ ଇନିଂସରେ ୧୪୬ ରନ କରିବାକୁ ପଡିବ।


## ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍

# ୨୨ରନ୍‌ରେ ହାରିଲା ଭାରତ



ଲର୍ଡ୍ସ: ବହୁ ରୋମାଞ୍ଚକର ଓ ନାଟକୀୟ ମୋଡ଼ ପରେ ଶେଷରେ ଲର୍ଡ୍ସ ଟେଷ୍ଟରେ ବାଜି ମାରି ନେଇଛି ଇଂଲଣ୍ଡ। ଭାରତକୁ ଘରୋଇ ଦଳ ୨୨ ରନରେ ହରାଇଛି। ରବୀନ୍ଦ୍ର ଜାଡ଼େଜାଙ୍କ ୬୧ ରନର ସଂଘର୍ଷପୂର୍ଣ୍ଣ ଇନିଂସ ବୃଥା ହୋଇଛି। ବିଜୟ ସହ ଇଂଲଣ୍ଡ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ୨-୧ରେ ଅଗ୍ରଣୀ ହାସଲ କରିଛି। ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ ୧୯୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୧୭୦ ରନରେ ଅଲଆଉଟ୍ ହୋଇଛି। ଜାଡ଼େଜା ଓ କେଏଲ ରାହୁଲଙ୍କ ବ୍ୟତୀତ ଅନ୍ୟ ବ୍ୟାଟରଙ୍କ ନିରାଶଜନକ ପ୍ରଦର୍ଶନ କାରଣରୁ ଭାରତ ଛୋଟ ବିଜୟ ଲକ୍ଷ୍ୟକୁ ବି ପିଛା କରି ପାରିନି। ପ୍ରଥମ ଇନିଂସରେ ଇଂଲଣ୍ଡ ଓ ଭାରତ ସମାନ ୩୮୭ ରନ କରିଥିଲେ। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ୧୯୨ ରନରେ ଅଲଆଉଟ୍ ହୋଇଥିଲା। ଚତୁର୍ଥ ଦିନର ଅସମାପ୍ତ ଖେଳ ୫୮/୪ରୁ ଭାରତ ବ୍ୟାଟିଂ ଆରମ୍ଭ କରିଥିଲା। ଶେଷ ଦିନରେ ଭାରତକୁ ଜିତିବା ପାଇଁ ଦରକାର ଥିଲା ୧୩୫ ରନ ଏବଂ ଇଂଲଣ୍ଡକୁ ଦରକାର ଥିଲା ୬ ଓ୍ୱିକେଟ୍। କେଏଲ ରାହୁଲ ଓ ଋଷଭ ପନ୍ତଙ୍କଠୁ ଦଳ ବହୁତ ଆଶା ରଖିଥିଲା। ହେଲେ ଆରମ୍ଭରୁ ଦଳ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। ପନ୍ତ ୯ ରନ କରି ଆଉଟ୍ ହୋଇଥିବା ବେଳେ ନିର୍ଭରଯୋଗ୍ୟ ବ୍ୟାଟର କେଏଲ ରାହୁଲ ଆଉଟ୍ ହେବା ଭାରତକୁ ବହୁତ ବଡ଼ ଝଟକା ଲାଗିଥିଲା। କେଏଲ ୩୯ ରନ କରି ପାଭିଲିୟନ ଫେରିଥିଲେ। ଓ୍ୱାଶିଂଟନ ସୁନ୍ଦର ଖାତା ଖୋଲି ପାରି ନ ଥିଲେ। ୮୨ ରନରେ ୭ ଓ୍ୱିକେଟ୍ ହରାଇବା ପରେ ଭାରତର ପରାଜୟ ନିଶ୍ଚିତ ଲାଗୁଥିଲା। ତେବେ ରବୀନ୍ଦ୍ର ଜାଡ଼େଜା ଗୋଟିଏ ପଟେ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳି ଭାରତର ଆଶା ଉଜ୍ଜିବୀତ ରଖିଥିଲେ। ଜାଡେଜା ଓ ନୀରଶ କୁମାର ରେଡ୍ଡୀ ୩୦ ରନ ଯୋଡ଼ି ଦଳର ସ୍କୋରକୁ ୧୧୨ ରନରେ ପହଞ୍ଚାଇଥିଲେ। ନିମ୍ନକ୍ରମରେ ବୁମରା ଓ ସିରାଜ ଦୀର୍ଘ ସମୟ ଜାଡ଼େଜାଙ୍କ ସହ ଲଢ଼ିଥିଲେ। ଏହା ପରେ ଜାଡେଜା ଓ ବୁମରା ଧୈର୍ଯ୍ୟର ସହ ବ୍ୟାଟିଂ କରି ଲଢେଇ ଜାରି ରଖିଥିଲେ। ଉଭୟ ନବମ ଓ୍ୱିକେଟ୍ ପାଇଁ ୩୫ ରନ ଯୋଡ଼ିଥିଲେ। ବୁମରା ବଡ ସଟ୍ ଖେଳିବା ପ୍ରୟାସରେ ନିଜର ଓ୍ୱିକେଟ୍ ଫିଙ୍ଗିଥିଲେ। ଜାଡେଜା ଅର୍ଦ୍ଧଶତକ ହାସଲ କରିବା ସହ ମହମ୍ମଦ ସିରାଜଙ୍କ ସହ ମିଶି ଦଳ ପାଇଁ ଲଢେଇ ଜାରି ରଖିଥିଲେ। ତେବେ ମହମ୍ମଦ ସିରାଜ(୪)ଙ୍କ ଆଉଟ୍ ହେବା ସହ ଭାରତର ଦ୍ୱିତୀୟ ଇନିଂସ ସ୍କୋର ୧୭୦ ରନରେ ଅଟକିଥିଲା। ଘରୋଇ ଇଂଲଣ୍ଡ ମ୍ୟାଚ୍‌କୁ ୨୨ ରନରେ ଜିତି ନେଇଛି। ବୋଲିଂରେ ଇଂଲଣ୍ଡ ପକ୍ଷରୁ ବେନ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ପ୍ରତ୍ୟେକ ୩ଟି ଲେଖାଏଁ ଓ୍ୱିକେ୍ ନେଇଥିବା ବେଳେ ବ୍ରାଇଡନ କାର୍ସ ୨ ଓ୍ୱିକେଟ୍ ନେଇଛନ୍ତି। ସିରିଜ୍ ?ର ଚତୁର୍ଥ ଟେଷ୍ଟ ଜୁଲାଇ ୨୪ରେ ଓଲ୍ଡ ଟ୍ରାଫର୍ଡରେ ଖେଳାଯିବ।


## ୨୯ ବଲରେ ଶତକ ମାରି ଚର୍ଚ୍ଚାରେ ମହମ୍ମଦ ଫହଦ



ନୂଆଦିଲ୍ଲୀ: ଟି୨୦ କ୍ରିକେଟରେ ତୁର୍କୀର ମହମ୍ମଦ ଫହଦ ମାତ୍ର ୨୯ ବଲରେ ଶତକ ମାରିଛନ୍ତି। ଟି୨୦ କ୍ରିକେଟର ଏହା ଦ୍ୱିତୀୟ ଦ୍ରୁତ ଶତକ। ଇଷ୍ଟୋନିଆର ସାହିଲ ଚୌହ୍ୱାନ ୨୭ ବଲରେ ଶତକ ହାସଲ କରିଥିଲେ। ବୁଲଗେରିଆରେ ଚାଲିଥିବା ଟି୨୦ ତ୍ରିରାଷ୍ଟ୍ରୀୟ ମୁକାବିଲାରେ ତୁର୍କୀ ଫହଦଙ୍କ ଶତକ ବଳରେ ବୁଲଗେରିଆ ବିପକ୍ଷ ମ୍ୟାଚରେ ଦଳ ୧୯.୩ ଓଭରରେ ୨୩୭ ରନ କରିଥିଲା। ୧୧.୫ ଓଭରରେ ତୁର୍କୀ ୨୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରି ନେଇଥିଲା ଯାହାକି ଟି୨୦ କ୍ରିକେଟରେ ଏକ ରେକର୍ଡ। ଏହା ପୂର୍ବରୁ ଏତେ କମ ଓଭରରେ କୌଣସି ଟିମ ୨୦୦ ଅଙ୍କ ଛୁଇଁ ପାରି ନ ଥିଲା। ୧୨.୧ ଓଭରରେ ଗୋଟିଏ ଓ୍ୱିକେଟ ହରାଇ ୨୦୫ ରନ କରିଥିବା ତୁର୍କୀର ଓ୍ୱିକେଟ ନାଟକୀୟ ଢ଼ଙ୍ଗରେ ପଡିଥିଲା। ବୁଲଗେରିଆ ଟିମ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରିଥିଲେ ମଧ୍ୟ ୫୯ ରନରେ ମ୍ୟାଚ ହାରି ଯାଇଥିଲା।

# ସିନ୍ନର ଜିତିଲେ ଓ୍ୱିମ୍ବଲଡନ୍ ଓପନ୍

## କଟିଯିବ ୧୩ କୋଟି ଟଙ୍କା



ପ୍ୟାରିସ୍: ଇଟାଲୀର ଯାନିକ ସିନର ସ୍ପେନର କାର୍ଲୋସ ଆଲାକରାଜଙ୍କୁ ପରାସ୍ତ କରି ଓ୍ୱିମ୍ବେଲଡେନ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଏହା ତାଙ୍କର ପ୍ରଥମ ଓ୍ୱିମ୍ବେଲଡେନ ଟାଇଟଲ। ରବିବାର ବହୁ ପ୍ରତୀକ୍ଷିତ ପୁରୁଷ ଏକକ ଫାଇନାଲ୍‌ରେ ୨୩ ବର୍ଷୀୟ ଇଟାଲୀୟ ତାରକା ଯାନିକ୍ ସିନ୍ନର ଦୁଇ ଥର ବିଜେତା ତଥା ୨୨ବର୍ଷୀୟ ସ୍ପେନ୍‌ର କାର୍ଲୋସ୍ ଆଲକାରାଜଙ୍କୁ ୪-୬, ୬-୪, ୬-୪, ୬-୪ ସେଟ୍‌ରେ ପରାସ୍ତ କରି ଅଲ୍‌ଇଂଲଣ୍ଡ ଲନ୍‌ରେ ପ୍ରଥମ ଥର ଟ୍ରଫି ଧରିବାର ଗୌରବ ଅର୍ଜନ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ସିଡ୍‌ଙ୍କ ମଧ୍ୟରେ ହୋଇଥିବା ଏହି ମହାଲଢ଼େଇର ପ୍ରଥମ ସେଟ୍‌କୁ ସିନ୍ନର ହାରିଯାଇଥିଲେ। ତେବେ ପରବର୍ତ୍ତୀ ତିନିଟି ସେଟ୍‌କୁ ସମାନ ୨ ପଏଣ୍ଟ ବ୍ୟବଧାନରେ ଜିତି ଇତିହାସ ରଚିଥିଲେ। ଓ୍ୱିମ୍ବଲଡନ୍ ଓପନ୍ ଜିତିବାରେ ସେ ମଧ୍ୟ ପ୍ରଥମ ଇଟାଲୀୟ ଏବଂ ୧୯୬୮ରେ ଓପନ୍ ଏରା ଆରମ୍ଭ ହେବା ପରଠାରୁ ୨୩ତମ ଖେଳାଳି ହୋଇଥିଲେ। ଅନ୍ୟପକ୍ଷରେ ଗତ ଦୁଇ ବର୍ଷ ଏଠାରେ ବିଜେତା ହୋଇଥିବା ଆଲ୍ ?କାରାଜ ଓ୍ୱିମ୍ବଲଡନ୍ ଓପନ୍‌ରେ ଲଗତାର ୧୮ ବିଜୟ ପରେ ପ୍ରଥମ ପରାଜୟ ବରଣ କରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲେ। ଏହା ପୂର୍ବରୁ ପୋଲାଣ୍ଡର ଇଗା ସ୍ୱିଟେକ ମହିଳା ବର୍ଗରେ ଆମେରିକାର ଅମଣ୍ଡା ଆନିସସିମୋଭାଙ୍କୁ ୬-୦, ୬-୦ ସିଧାସଳଖ ସେଟ୍‌ରେ ପରାସ୍ତ କରି ପ୍ରଥମ ଥର ବିଜେତା ହୋଇଥିଲେ। ସେ ମଧ୍ୟ ଓ୍ୱିମ୍ବଲଡନ୍ ଓପନ୍ ଜିତିବାରେ ପୋଲାଣ୍ଡର ପ୍ରଥମ ଖେଳାଳି ହେବାର ରେକର୍ଡ କରିଥିଲେ। ସୂଚନାଯୋଗ୍ୟ ଯେ, ଟାଇଟଲ ଜିତିବା ପରେ ସିନରଙ୍କ ୧୩ କୋଟି ପୁରସ୍କାର ରାଶି କଟିଯାଇଛି। ଓଏଏସ ଓ୍ୱେଲଥର ଟ୍ୟାକ୍ସ ଡାଇରେକ୍ଟର ଶେନ ପ୍ୟାକର୍ଡଙ୍କ କହିବା ଅନୁସାରେ ଓ୍ୱିମ୍ବେଲଡେନ ଜିତିଲେ ପୁରସ୍କାର ରାଶି ବାବଦକୁ ୩୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମିଳିଥାଏ। ପରେ ଏହା ଉପରେ ୩୬.୫୨ ପ୍ରତିଶତ ପ୍ରଭାବୀ କର ଲଗା ଯାଇଥାଏ। ଫଳରେ ସିନରଙ୍କୁ ମାତ୍ର ୨୧ ଟଙ୍କା ମିଳିବ। ଇଟାଲୀର ଏହି ଖେଳାଳିଙ୍କ ବ୍ୟତୀତ ଅନ୍ୟମାନଙ୍କୁ ପୁରସ୍କାର ରାଶି ବାବଦକୁ ଅତିରିକ୍ତ କର ଦେବାକୁ ପଡି ନ ଥାଏ। ନୋଭାକ ଜୋକୋଭିଚ, ଡେନିୟଲ ମେଡେଡେଭ, ହୋଲଗର ରୁନ ଓ ଷ୍ଟିଫେନ ସିପିସିଶିଙ୍କ ପରି ଖେଳାଳି ମନାକୋରେ ରହିଥାନ୍ତି। ଯାହାକି ଏକ କରମୁକ୍ତି ସ୍ଥାନ। ଏଠାରେ ପୁରସ୍କାର ରାଶି ବାବଦକୁ କୌଣସି ଅର୍ଥ କଟା ଯାଇ ନ ଥାଏ।

# ୧୬ରୁ ସାହାଣୀ କପ୍ ଫୁଟବଲ୍



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା କ୍ରୀଡ଼ାସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଓ ରାଜ୍ୟ କ୍ରୀଡ଼ା, ଯୁବସେବା ବିଭାଗ ସହାୟତାରେ ରାଜ୍ୟର ମର୍ଯ୍ୟାଦାପୂର୍ଣ୍ଣ ତଥା ସମ୍ମାନଜନକ ୬୪ତମ ସାହାଣୀ କପ ସିନିଅର ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ ପ୍ରତିଯୋଗିତା ଚଳିତ ୧୬ ତାରିଖ ବୁଧବାର ଠାରୁ କେନ୍ଦୁଝର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଲିଗ୍ କମ ନକ ଆଉଟ୍ ପଦ୍ଧତିରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଟୁର୍ଣ୍ଣାମେଣ୍ଟ କେନ୍ଦୁଝର, କେନ୍ଦ୍ରାପଡ଼ା, ବୌଦ୍ଧ ଓ ବ୍ରହ୍ମପୁର ଠାରେ ଚାରୋଟି ସ୍ଥାନରେ ୧୬ ତାରିଖ ଠାରୁ ୨୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଗତକାଲି ସନ୍ଧ୍ୟାରେ କେନ୍ଦୁଝର ସେଣ୍ଟ୍ରାଲ କୋପେରେଟିଭ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜକ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜୋନରେ ଗ୍ରୁପ ଏ ରେ ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବାଲେଶ୍ୱର ଏବଂ ଢେଙ୍କାନାଳ ସ୍ଥାନ ପାଇଥିବା ବେଳେ ଗ୍ରୁପ ବି ରେ ଘରୋଇ କେନ୍ଦୁଝର ସହ ଯାଜପୁର, ରାଉରକେଲା ଷ୍ଟିଲପ୍ଲାଣ୍ଟ ଏବଂ ଅନୁଗୋଳ ଦଳ ସ୍ଥାନ ପାଇଛନ୍ତି। ପ୍ରତ୍ୟେକ ଦିନ ଦୁଇଟି ଲେଖାଏଁ ଖେଳ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ମ୍ୟାଚଟି ଅପରାହ୍ନ ୨ଟାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚଟି ଅପରାହ୍ନ ୪ଟାରେ ଅନୁଷ୍ଠିତ ହେବ। ଆସନ୍ତା ୨୩ ତାରିଖରେ ଅପରାହ୍ନ ୪ଟାରେ ଜୋନାଲ ଫାଇନାଲ ରାଉଣ୍ଡରେ ଗ୍ରୁପ ଏ ର ବିଜେତା ଗ୍ରୁପ ବିର ବିଜେତାକୁ ଭେଟିବ।ଏହି ଟୁର୍ଣ୍ଣାମେଣ୍ଟର ସୁପରିଚାଳନା ପାଇଁ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ସ୍ୱୀକୃତିପ୍ରାପ୍ତ ରେଫରୀ ସୁବ୍ରତ ପୁରୋହିତ, ଆଶୀର୍ବାଦ କାନୁନଗୋ, ଉତ୍କଳମଣି ବେହେରା, ଶୁଭମ ପାତ୍ର ଜିତେନ୍ଦ୍ରିୟ ଥାନପତି, ଅରୁଣ ନାୟକ, ଦେବରାଜ ସ୍ୱାଇଁ, ଜଗନ୍ନାଥ କହ୍ନର, ରତ୍ନାକର ସୋରେନ, ବାପୁନ ମହାନ୍ତ, ସନ୍ତୋଷ ମହାକୁଡ଼ ଏବଂ ରାଇମୋହନ ମୁର୍ମୁ ପ୍ରମୁଖ ୧୨ ଜଣ ସ୍ଥାନ ପାଇଥିବା ବେଳେ ବରଗଡ଼ର ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇବେ ବୋଲି ଜଣାଯାଇଛି। ଏହି ପ୍ରତିଯୋଗିତାର ପ୍ରଦର୍ଶନକୁ ଭିତ୍ତିକରି ଜାତୀୟ ପ୍ରତିଯୋଗିତା ସନ୍ତୋଷ ଟ୍ରଫି ପାଇଁ ଖେଳାଳି ଚୟନ କରାଯିବ।ଗତକାଲି ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡ଼ା ସଂସ୍ଥା ପକ୍ଷରୁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର କୁମାର ପାଢ଼ୀ, କୋଷାଧକ୍ଷ ସରୋଜ କୁମାର ରଣା, କାଉନସିଲ ସଦସ୍ୟ ସୁରେଶ ଚନ୍ଦ୍ର ରଣା ଓ ସନାତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିବାହ ବନ୍ଧନରୁ ମୁକ୍ତ ହେଲେ ସାଇନା



ନୂଆଦିଲ୍ଲୀ: ଭାରତର ବ୍ୟାଡମିଣ୍ଟନ ରାଣୀ ସାଇନା ନେହୱାଲ ଏବଂ ତାଙ୍କ ସ୍ୱାମୀ ପରୁପଲ୍ଲୀ କଶ୍ୟପ ଏବେ ବିବାହ ବନ୍ଧନରୁ ମୁକ୍ତ ହେଉଛନ୍ତି। ଏନେଇ ସାଇନା ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଏହି ନିଷ୍ପତ୍ତି ସମ୍ପର୍କରେ ଏକ ଅପଡେଟ୍ ମଧ୍ୟ ସେୟାର କରିଛନ୍ତି। ଏନେଇ ସାଇନା ଲେଖିଛନ୍ତି, ଜୀବନ କେତେବେଳେ ଆମକୁ ଭିନ୍ନ ଦିଗରେ ନେଇଯାଏ। ବହୁତ ଚିନ୍ତା କରିବା ପରେ, କଶ୍ୟପ ପରୁପଲ୍ଲୀ ଏବଂ ମୁଁ ପୃଥକ ହେବାକୁ ନିଷ୍ପତ୍ତି ନେଇଛୁ। ଆମେ ନିଜ ପାଇଁ ଏବଂ ପରସ୍ପର ପାଇଁ ଶାନ୍ତି, ବିକାଶ ଏବଂ ଆରୋଗ୍ୟ ବାଛିଛୁ। ମୁଁ ସେହି ସ୍ମୃତି ପାଇଁ କୃତଜ୍ଞ ଏବଂ ଭବିଷ୍ୟତ ପାଇଁ ଆପଣଙ୍କୁ ଶୁଭକାମନା ଜଣାଉଛି। ଏହି ସମୟରେ ଆମର ଗୋପନୀୟତାକୁ ବୁଝିବା ଏବଂ ସମ୍ମାନ କରିବା ପାଇଁ ଧନ୍ୟବାଦ। ତେବେ ସାଇନା ନେହୱାଲ ଏବଂ ପରୁପଲ୍ଲୀ କଶ୍ୟପ ୭ ବର୍ଷ ପୂର୍ବେ ବିବାହ କରିଥିଲେ। ସାଇନା ଏବଂ ପରୁପଲ୍ଲୀ ହାଇଦ୍ରାବାଦର ପୁଲେଲା ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଏକାଡେମୀରେ ତାଲିମ ସମୟରେ ପରସ୍ପରକୁ ଭେଟିଥିଲେ। ଦୀର୍ଘ ସମୟ ଧରି ସମ୍ପର୍କରେ ରହିବା ପରେ, ଉଭୟ ୨୦୧୮ରେ ବିବାହ କରିଥିଲେ। କିନ୍ତୁ, ବିବାହ ପର୍ଯ୍ୟନ୍ତ ଲୋକମାନଙ୍କୁ ସେମାନଙ୍କ ସମ୍ପର୍କ ବିଷୟରେ କୌଣସି ସୂଚନା ନଥିଲା। ବ୍ୟାଡମିଣ୍ଟନରେ ନୂଆ ମାଇଲଖୁଣ୍ଟ ସେଟ୍ କରିଥିବା ସାଇନା ନେହୱାଲ ୨୦୧୨ରେ ଅନୁଷ୍ଠିତ ଲଣ୍ଡନ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ସେ ୨୦୧୫ରେ ବିଶ୍ୱ ବ୍ୟାଡମିଣ୍ଟନ ରାଙ୍କିଙ୍ଗରେ ପ୍ରଥମ ସ୍ଥାନରେ ପହଞ୍ଚିଥିଲେ। ସାଇନା ଏପରି କରିବାରେ ପ୍ରଥମ ଭାରତୀୟ ମହିଳା ଥିଲେ। ପରୁପଲ୍ଲୀ କଶ୍ୟପ ୨୦୧୪ରେ ଅନୁଷ୍ଠିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ ସ୍ଥିର ଭଲ ପ୍ରଦର୍ଶନ ସହିତ ନିଜର ଛାପ ସୃଷ୍ଟି କରିଥିଲେ। ପରୁପଲ୍ଲୀ ବିଶ୍ୱ ରାଙ୍କିଙ୍ଗରେ ଷଷ୍ଠ ସ୍ଥାନରେ ପହଞ୍ଚିଥିଲେ।

## ହରିକ୍ରିଷ୍ଣନ୍‌ଙ୍କୁ ୮୭ତମ ଗ୍ରାଣ୍ଡମାଷ୍ଟର



ଚେନ୍ନାଇ: ଭାରତର ୮୭ତମ ଗ୍ରାଣ୍ଡମାଷ୍ଟର୍ ଟାଇଟଲ୍ ଅର୍ଜନ କରିଛନ୍ତି ୨୪ ବର୍ଷୀୟ ତାମିଲନାଡ୍ରୁ ଖେଳାଳି ହରିକ୍ରିଷ୍ଣନ୍ ଏ' ରା। ଫ୍ରାନ୍ସରେ ଅନୁଷ୍ଠିତ ଲା' ପ୍ରାଗ୍ନ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ୍‌ରେ ନିଜ ତୃତୀୟ ତଥା ଅନ୍ତିମ ଜିଏମ୍ ନର୍ମ ଅର୍ଜନ କରିବା ସହ ଗ୍ରାଣ୍ଡମାଷ୍ଟର୍ ଟାଇଟଲ୍ ଔପଚାରିକତା ପୂର୍ଣ୍ଣ କରିଛନ୍ତି। କିଛି ବର୍ଷ ତଳେ ସେ ନିଜ ପ୍ରଥମ ଜିଏମ୍ ନର୍ମ ପାଇଥିବାବେଳେ ଦ୍ୱିତୀୟଟି ସ୍ପେନ୍‌ର ଆଣ୍ଡୁଜାର ଓପନ୍‌ରେ ଅର୍ଜନ କରିଥିଲେ। ୨୦୨୨ରେ ଚେନ୍ନାଇର ଚେସ୍ ଥୁଲିରରେ ଥିବା ଏକାଡେମୀରେ ଯୋଗ ଦେଇ ଗ୍ରାଣ୍ଡମାଷ୍ଟର୍ ଶ୍ୟାମ ସୁନ୍ଦର ମୋହନରାଜଙ୍କଠାରୁ ପ୍ରଶିକ୍ଷଣ ନେଇ ଦ୍ରୁତ ଅଗ୍ରଗତି କରିଥିଲେ।

# ସିରାଜଙ୍କ ଉପରେ ଜରିମାନା



ମୁମ୍ବାଇ : ଭାରତ-ଇଂଲଣ୍ଡ ମଧ୍ୟରେ ଚାଲିଛି ଟେଷ୍ଟ ସିରିଜ୍‌ର ତୃତୀୟ ମ୍ୟାଚ୍ ଏକ ବିବାଦ ଦେଖିବାକୁ ମିଳିଛି। ଇଂଲଣ୍ଡର ଦୁଇ ଓପନର ବେନ୍ ଡକେଟ୍ ଏବଂ ଜ୍ୟାକ୍ କ୍ରୋଲି ଖେଳୁଥିବା ସମୟରେ ୨ୟ ପାଳିର ୬ଷ୍ଠ ଓଭରରେ ବୋଲିଂ କରିବାକୁ ଆସିଥିଲେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ। ତାଙ୍କର ୫ମ ବଲ୍‌ରେ ମହମ୍ମଦ ସିରାଜ ବେନ୍ ଡକେଟ୍‌ଙ୍କୁ ପ୍ୟାଭିଲିୟନର ରାସ୍ତା ଦେଖାଦେଇଥିଲେ। ବେନ୍ ଡକେଟ୍ ଆଉଟ୍ ହୋଇ ପ୍ୟାଭିଲିୟନ ଫେରୁଥିଲେ। ଏହି ସମୟରେ ସିରାଜ ଡକେଟ୍‌ଙ୍କ ପାଖକୁ ଆସି କାନ୍ଧରେ ଧକ୍କା ମାରିଥିଲେ। ଯାହାର ଭିଡିଓ ଲାଇଭ୍ କ୍ୟାମେରାରେ ରେକର୍ଡ ହୋଇଥିଲା। ଏହି ଓଭର ପୂର୍ବରୁ ବେନ୍ ଡକେଟ୍ ଓ ସିରାଜଙ୍କ ମଧ୍ୟରେ ପଡ଼ିଆରେ କିଛି ବିବାଦ ହୋଇଥିବାର ଆଭାସ ମିଳିଥିଲା। ତେବେ ଲାଇଭ ମ୍ୟାଚ୍‌ରେ ଏପରି କରିଥିବାରୁ ଆକ୍ସନମୋଡ଼କୁ ଆସିଛି ଆଇସିସି। ତୁରନ୍ତ ବିବାଦର ଭିଡିଓ ଫୁଟେଜ୍‌କୁ ଯାଞ୍ଚ କରିଛି। ଯେଉଁଥିରେ ମହମ୍ମଦ ସିରାଜ ଦୋଷୀ ଥିବାର ପ୍ରମାଣ ମିଳିଛି। ଏହାପରେ ଆଇସିସିର ଆଚାର ସହିଂତା ଅନୁଚ୍ଛେଦ ୨.୫ ଉଲ୍ଲଘନ କରିଥିବା ଅଭିଯୋଗରେ ମହମ୍ମଦ ସିରାଜଙ୍କ ଉପରେ ୧୫ ପ୍ରତିଶତର ଜରିମାନା ଲଗାଇଛନ୍ତି। ଜରିମାନା ସହିତ ଏକ ଡିମେରିଟ୍ ପଏଣ୍ଟ ମଧ୍ୟ ଦିଆଯାଇଛି।

## ରାଜ୍ୟସ୍ତରୀୟ ଓ୍ୱାକୋ କିକ୍ ବକ୍ସିଙ୍ଗ

# ଜଗତସିଂହପୁର ଜିଲ୍ଲାକୁ ୨୦ ସ୍ୱର୍ଣ୍ଣ ସହ ୫୦ ପଦକ




ପାରାଦୀପ (ଭାସ୍କର ନ୍ୟୁଜ୍) : ଓଡିଶା ସରକାରଙ୍କ କ୍ରୀଡା ଯୁବ ସେବା ବିଭାଗ ଏବଂ ଓ୍ୱାକୋ ଓଡିଶା ତରଫରୁ ଆୟୋଜିତ ରାଜ୍ୟ ସ୍ତରୀୟ କିକ ବକ୍ସିଙ୍ଗ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା ସଭାପତି ଅମର ଜ୍ୟୋତି ରାଉତଙ୍କ ନେତୃତ୍ୱରେ ୩୭ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରି ବିଭିନ୍ନ ବିଭାଗରୁ ୫ଟି ପଦକ ଅର୍ଜନ କରିଛନ୍ତି। ସେଥିରୁ ୨୦ ଟି ସ୍ୱର୍ଣ୍ଣ ପଦକ ଏବଂ ୧୬ ଟି ରୌପ୍ୟ ପଦକ ରହିଛି। ପ୍ରତିଯୋଗୀ ମାନଙ୍କ ସଫଳତା ପାଇଁ ଶିକ୍ଷ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଆଇନଜୀବୀ ସଞ୍ଜୟ ବେହେରା ପ୍ରମୁଖ ଶୁଭେଚ୍ଛା ଜଣେଇଛନ୍ତି। ସୂଚନା ଥାଉକି ଜିଲ୍ଲାର ଏହି ଟିମ ରେଫେରୀ କାହ୍ନୁ ମଲିକ ଏବଂ ମ୍ୟାନେଜେର ମୋନାଲିସା ସ୍ୱାଇଁଙ୍କ ନେତୃତ୍ୱରେ ଏହି କ୍ରୀଡ଼ାବିତ ମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ କ୍ଷ ଏହି ପ୍ରତିଯୋଗିତାରେ ବର୍ଷା ପ୍ରିୟଦର୍ଶନୀ ରାଉତ ୨ ଟି ସ୍ୱର୍ଣ୍ଣ, ଲବିତ୍ରା ଦାସ ୨ ସ୍ୱର୍ଣ୍ଣ, ଆୟୁଷ ସାହୁ ୨ ସ୍ୱର୍ଣ୍ଣ , ମାନସ ଦୋରା ୧ ସ୍ୱର୍ଣ୍ଣ, ଶୁଭଶ୍ରୀ ପ୍ରଧାନ ୧ ସ୍ୱର୍ଣ୍ଣ, ଅର୍ଚିତା ସେଠି ୧ ସ୍ୱର୍ଣ୍ଣ, ୧ ରୌପ୍ୟ , ଈଶନ ମହାନ୍ତି ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ସୌମ୍ୟା ରାଉତ ୧ ସ୍ୱର୍ଣ୍ଣ, ଆକାଂକ୍ଷା ସାହୁ ୧ ସ୍ୱର୍ଣ୍ଣ, ହାର୍ଦ୍ଦିକ ମହାନ୍ତି ୧ ସ୍ୱର୍ଣ୍ଣ, ଅମିତ ୧ ସ୍ୱର୍ଣ୍ଣ, ସୁମେଶ ଦୋରା ୧ ସ୍ୱର୍ଣ୍ଣ, ଶୁଭଙ୍କର ୧ ସ୍ୱର୍ଣ୍ଣ,ଅରିଆ ଅମୃତା ୨ ରୌପ୍ୟ, ସୋମାଳିନ ୨ ରୌପ୍ୟ,ସୋନାକ୍ଷୀ ୧ ରୌପ୍ୟ, ପ୍ରଭାତ ୧ ରୌପ୍ୟ, ବ୍ରୋଞ୍ଜ, ଶୁଭମ ୧ ରୌପ୍ୟ, ସାଇ ସ୍ୱରୂପ ୧ ରୌପ୍ୟ, ବ୍ରୋଞ୍ଜ, ସୋହନଦୀପ ୧ ରୌପ୍ୟ, କହ୍ନେଇ ବେହେରା ୧ ରୌପ୍ୟ, ସୁବାଶିଷ ୧ ରୌପ୍ୟ, ମନସ୍ୱିନି ରାଉତ ୧ ରୌପ୍ୟ, ଜଗଦୀଶ ୧ ରୌପ୍ୟ, ସିଦ୍ଧାର୍ଥ ୨ ବ୍ରୋଞ୍ଜ, ତାରିଣୀ ୨ ବ୍ରୋଞ୍ଜ, ଅସୀମି ଆଦ୍ୟାଶା, ବିସ୍ମୟ ପରିଡା, ଅର୍ପିତରାଜ, ପ୍ରିୟାଂଶୁ, ସୌମ୍ୟ ରଞ୍ଜନ, ସୋହାଗ, ପ୍ରଜ୍ଞା ମଲିକ, ସନ୍ତୋଷ ପଟନାୟକ, ଶଶିକାନ୍ତ ସୁତାର ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ପାଇ ଜଗତସିଂହପୁର ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି।

**Muthoot Mercantile Limited**
Regd.Office: 'Muthoot Floors',Opp:W & C Hospital, Thycaud,Trivandrum,Kerala - 695014

**GOLD AUCTION NOTICE**

Notice is hereby given for the information of all concerned that Gold ornaments pledged with the under mentioned branches of the company in different branches of **ODISHA** for the period which were overdue for redemption and have not been redeemed so far in spite of repeated notices, will be auctioned on **24.07.2025** at respective branches. Bidders/customers can participate for auction by remitting EMD. In case successful bidding does not take place on this date, pending packets will be auctioned through Online platform via M/s Shriram Automall India Limited (SAMIL) post auction date. Contact details: Ph: 9037953164.

**PLEDGE NOS: ODISHA: Mahanadhi Vihar:-** 4948, 4950, 4955, 4971, 4974, **Jagatpur:-** 9026, 9081, 9227, 9260, 9267, 9304, **Mahatab Road:-** 6600, 6628, 6642, 6700, 6702, 6703, 6709, 6710, 6713, 6746, 6754, 6764, 6770, 6773, 6779, 6780, 6805, 6855, **Chowdwar:-** 11682, 11686, 11687, 11689, 11691, 11692, 11693, 11703, 11713, 11715, 11722, 11727, 11728, 11729, 11735, 11739, 11744, 11745, 11748, 11759, 11763, 11772, 11774, 11785, 11789, 11790, 11791, 11794, 11800, 11810, 11814, 11818, 11823, 11824, 11825, 11830, 11839, 11841, 11842, 11844, 11847, 11852, 11853, 11854, 11855, 11856, 11857, 11860, 11864, 11868, 11870, 11876, 11879, 11887, 11891, 11896, 11898, 11899, 11900, 11903, 11905, 11906, 11914, 11918, 11923, 11927, 11928, 11931, 11932, 11933, 11934, 11935, 11936, 11937, 11938, 11939, 11941, 11943, 11945, 11946, 11953, 11956, 11957, 11958, 11959, 11961, 11963, 11964, 11966, 11967, 11973, 11974, 11975, 11977, 11978, 11980, 11983, 11984, 11985, 11989, 11990, 11993, 11996, 11999, 12007, 12008, 12012, 12013, 12016, 12017, 12019, 12021, 12023, 12024, 12029, 12034, 12046, 12049, 12055, 12059, 12067, 12069, 12073, 12080, 12083, 12085, 12087, 12092, 12094, 12098, 12099, 12103, 12104, 12113, 12114, 12117, 12129, 12135, 12140, 12148, 12149, 12156, 12169, 12170, 12171, 12173, 12179, 12181, 12185, 12194, 12196, 12200, 12202, 12203, 12211, 12212, 12213, 12220, 12241, 12243, 12249, 12250, 12260, 12267, 12271, 12277, 12279, 12280, 12286, 12291, 12292, 12302, 12304, 12308, 12313, 12318, 12332, 12339, 12342, 12345, 12349, 12350, 12356, 12359, 12364, 12388, 12390, 12400, 12405, 12410, 12411, 12414, 12417, 12418, 12423, 12424, 12427, 12428, 12432, 12434, 12438, 12440, 12442, 12446, 12447, 12448, 12451, 12452, 12455, 12456, 12460, 12470, 12471, 12472, 12475, 12476, 12480, 12486, 12487, 12492, 12496, 12497, 12501, 12506, 12508, 12510, 12513, 12517, 12518, 12519, 12522, 12524, 12525, 12526, 12531, 12536, 12538, 12539, 12541, 12543, 12545, 12546, 12548, 12554, 12556, 12558, 12559, 12563, 12573, 12578, 12579, 12581, 12582, 12584, 12585, 12586, 12587, 12592, 12597, 12598, 12599, 12604, 12606, 12608, 12609, 12612, 12613, 12614, 12619, 12621, 12624, 12626, 12629, 12630, 12634, 12636, 12641, 12643, 12645, 12651, 12659, 12661, 12664, 12665, 12666, 12669, 12673, 12676, 12678, 12679, 12682, 12683, 12687, 12692, 12695, 12698, 12707, 12708, 12709, 12710, 12713, 12721, **Choudhury Bazar:-** 6483, 6500, 6514, 6516, 6523, 6527, 6531, 6532, 6538, 6540, 6556, 6559, 6575, 6586, 6592, 6595, 6596, 6599, 6600, 6612, 6613, 6615, 6618, 6632, 6633, 6634, 6639, 6640, 6649, 6651, 6658, 6660, 6661, 6668, 6680, 6682, 6684, 6689, 6703, 6706, 6708, 6709, 6721, 6724, 6725, 6728, 6742, 6752, 6755, 6756, 6757, 6763, 6764, 6765, 6767, 6769, 6770, 6771, 6772, 6773, 6780, 6783, 6785, 6795, 6796, 6801, 6803, 6804, 6809, 6810, 6812, 6814, 6817, 6822, 6835, 6838, 6840, 6843, 6845, 6848, 6849, 6855, 6856, 6857, 6858, 6859, 6862, 6865, 6869, 6872, 6873, 6884, 6885, 6887, **Khordha:-** 7421, 7426, 7454, 7471, 7472, 7474, 7484, 7485, 7505, 7510, 7524, 7543, 7555, 7566, 7570, 7571, 7589, 7594, 7599, 7600, 7604, 7605, 7608, 7609, 7631, 7634, 7640, 7649, 7651, 7653, 7654, 7659, 7663, 7671, 7684, 7687, 7693, 7705, 7716, 7726, 7727, 7730, 7733, 7739, 7746, 7747, 7750, 7753, 7765, 7766, 7768, 7769, 7775, 7777, 7778, 7780, 7782, 7787, 7792, 7794, 7795, 7796, 7797, 7807, 7811, 7813, 7815, 7819, 7820, 7826, 7828, 7842, **Raghunathpur:-** 12695, 12719, 12743, 12744, 12745, 12776, 12792, 12796, 12832, 12849, 12852, 12856, 12862, 12894, 12896, 12902, 12937, 12985, 13001, 13044, 13054, 13104, 13107, 13109, 13121, 13133, 13143, 13199, 13202, 13219, 13235, 13240, 13260, 13265, 13277, 13281, 13292, 13306, 13311, 13321, 13330, 13334, 13335, 13339, 13343, 13347, 13352, 13371, 13372, 13373, 13398, 13400, 13403, 13416, 13420, 13422, 13423, 13424, 13427, 13437, 13444, 13449, 13455, 13460, 13465, 13467, 13469, 13473, 13479, 13482, 13483, 13484, 13497, 13509, 13516, 13519, 13536, 13549, 13561, 13570, 13576, 13582, 13584, 13585, 13599, 13601, 13607, 13637, 13642, 13655, 13657, 13665, 13667, 13676, 13678, 13680, 13682, 13693, 13694, 13698, 13700, 13704, 13705, 13706, 13708, 13712, 13713, 13716, 13719, 13722, 13727, 13728, 13731, 13740, 13742, 13745, 13746, 13748, 13750, 13751, 13763, 13768, 13769, 13770, 13773, 13778, 13779, 13781, 13786, 13791, 13793, 13798, 13799, 13802, 13834, 13837, 13846, 13848, 13850, 13851, 13859, 13860, 13868, 13869, 13870, 13875, 13877, 13878, 13879, 13883, 13885, 13897, 13921, 13922, 13925, 13927, 13933, 13934, 13938, 13941, 13945, 13954, 13956, 13973, 13992, 13999, 14004, 14006, 14007, 14008, 14009, 14011, **Jajpur Town:-** 15471, 15494, 15499, 15504, 15512, 15519, 15526, 15543, 15562, 15587, 15598, 15610, 15628, 15649, 15654, 15664, 15672, 15688, 15690, 15708, 15711, 15716, 15720, 15727, 15732, 15737, 15738, 15739, 15751, 15782, 15783, 15802, 15808, 15810, 15814, 15840, 15854, 15856, 15880, 15881, 15883, 15886, 15909, 15937, 15940, 15945, 15951, 15954, 15955, 15960, 15966, 15969, 15979, 15991, 16000, 16007, 16012, 16020, 16022, 16023, 16034, 16042, 16044, 16045, 16048, 16050, 16062, 16083, 16086, 16090, 16092, 16094, 16096, 16100, 16101, 16108, 16110, 16116, 16127, 16129, 16135, 16140, 16146, 16149, 16153, 16156, 16157, 16160, 16161, 16165, 16166, 16173, 16174, 16175, 16177, 16179, 16185, 16191, 16192, 16196, 16197, 16215, 16218, 16227, 16230, 16231, 16233, 16235, 16237, 16245, 16254, 16257, 16258, 16259, 16262, 16263, 16265, 16267, 16268, 16269, 16273, 16277, 16278, 16280, 16281, 16282, 16293, 16299, 16300, 16307, 16310, 16318, 16321, 16324, 16325, 16330, 16331, 16334, 16336, 16337, 16339, 16343, 16344, 16346, 16347, 16348, 16349, 16350, 16357, 16363, 16364, 16368, 16371, 16373, 16379, 16380, 16384, 16391, 16399, 16404, 16409, 16422, 16424, 16425, 16430, 16431, 16433, 16437, 16439, 16445, 16446, 16448, 16450, 16452, 16461, 16462, 16466, 16468, 16471, 16474, 16475, 16478, 16479, 16481, 16482, 16483, 16488, 16490, 16491, 16493, 16496, 16497, 16498, 16501, 16504, 16507, 16508, 16509, 16513, 16514, 16517, 16524, 16525, 16527, 16529, 16530, 16540, 16541, 16542, 16546, 16547, 16548, 16549, 16552, 16553, 16556, 16562, 16571, 16574, **Pattamundi:-** 8686, 8714, 8722, 8736, 8737, 8744, 8767, 8775, 8777, 8783, 8786, 8800, 8801, 8810, 8811, 8813, 8822, 8829, 8834, 8838, 8847, 8874, 8879, 8880, 8884, 8891, 8892, 8920, 8924, 8942, 8944, 8965, 8975, 9002, 9003, 9012, 9015, 9034, 9036, 9038, 9061, 9062, 9067, 9072, 9080, 9082, 9086, 9092, 9095, 9103, 9106, 9110, 9120, 9124, 9126, 9131, 9133, 9147, 9150, 9154, 9156, 9157, 9163, 9166, 9167, 9168, 9170, 9171, 9174, 9176, 9183, 9187, 9191, 9196, 9197, 9198, 9199, 9204, 9208, 9210, 9212, 9225, 9226, 9229, 9230, 9232, 9233, 9236, 9257, 9258, 9260, 9264, 9266, 9268, 9283, 9286, 9290, 9293, 9294, 9299, 9300, 9302, 9305, 9313, 9315, 9320, 9323, 9324, 9325, 9327, 9332, 9338, 9339, 9343, 9347, 9353, 9361, 9363, 9365, 9370, 9375, 9377, 9378, 9382, 9383, 9387, 9388, 9395, 9399, 9400, 9401, 9403, 9404, 9405, 9409, 9410, 9411, 9412, 9413, 9423, 9426, 9427, 9430, 9431, 9434, 9436, 9439, 9444, 9446, 9448, 9451, 9454, 9461, 9463, 9469, 9470, 9472, 9476, 9477, 9480, 9487, 9488, 9489, 9490, 9491, 9493, 9496, 9497, 9498, 9499, 9502, 9504, **Kendrapara-NH:-** 7556, 7881, 7887, 7895, 7896, 7933, 7969, 7979, 7987, 8076, 8106, 8107, 8114, 8121, 8123, 8134, 8135, 8168, 8179, 8205, 8224, 8234, 8240, 8253, 8254, 8255, 8257, 8259, 8273, 8279, 8281, 8284, 8285, 8292, 8303, 8306, 8316, 8320, 8330, 8331, 8340, 8344, 8348, 8349, 8357, 8358, 8361, 8364, 8368, 8369, 8377, 8381, 8383, 8398, 8399, 8401, 8403, 8414, 8415, 8416, 8418, 8423, 8430, 8431, 8433, 8434, 8440, **Kendrapara K-CHK:-** 6857, 6866, 6887, 6902, 6926, 6929, 6954, 6964, 6990, 6991, 6996, 7020, 7023, 7059, 7066, 7083, 7088, 7096, 7102, 7113, 7121, 7122, 7125, 7128, 7143, 7150, 7157, 7176, 7189, 7194, 7198, 7204, 7207, 7208, 7209, 7212, 7220, 7224, 7233, 7244, 7248, 7249, 7257, 7264, 7265, 7266, 7269, 7287, 7294, 7297, 7311, 7320, 7335, 7337, 7339, 7354, 7358, 7365, 7369, 7379, 7380, 7381, 7382, 7383, 7394, 7403, 7404, 7410, 7411, 7413, 7423, 7433, 7435, **Cuttack Link Road:-** 6220, 6244, 6254, 6297, 6310, 6316, 6317, 6324, 6337, 6341, 6342, 6351, 6352, 6361, 6366, 6384, 6389, 6397, 6407, 6413, 6414, 6419, 6425, 6433, 6440, 6450, 6451, 6454, 6456, 6466, 6472, 6475, 6481, 6483, 6487, 6488, 6495, 6502, 6503, 6514, 6517, 6521, 6526, 6527, 6538, 6543, 6548, 6551, 6555, 6565, **Pipli:-** 8991, 9058, 9124, 9129, 9170, 9204, 9221, 9247, 9254, 9273, 9279, 9296, 9302, 9303, 9307, 9309, 9316, 9333, 9337, 9341, 9345, 9350, 9356, 9373, 9384, 9387, 9390, 9398, 9402, 9405, 9416, 9424, 9427, 9434, 9446, 9458, 9466, 9468, 9481, 9483, 9487, 9506, 9511, 9521, 9522, 9523, 9527, 9539, 9543, 9544, 9545, 9547, 9551, 9554, 9555, 9570, 9575, 9588, 9590, 9592, 9593, 9594, 9604, 9610, 9617, 9618, 9628, 9630, 9634, 9638, 9641, 9645, 9646, 9647, 9658, 9666, 9679, 9702, 9704, **Salipur:-** 9237, 9238, 9245, 9247, 9290, 9300, 9318, 9372, 9373, 9383, 9384, 9402, 9403, 9414, 9418, 9459, 9487, 9511, 9532, 9544, 9546, 9552, 9563, 9570, 9580, 9581, 9585, 9587, 9596, 9599, 9615, 9620, 9632, 9635, 9642, 9652, 9657, 9663, 9671, 9700, 9712, 9714, 9735, 9738, 9744, 9757, 9764, 9767, 9768, 9771, 9772, 9776, 9777, 9778, 9782, 9787, 9791, 9795, 9797, 9801, 9806, 9809, 9816, 9817, 9822, 9828, 9830, 9832, 9842, 9850, 9854, 9858, 9861, 9865, 9868, 9871, 9872, 9873, 9882, 9888, 9890, 9892, 9895, 9896, 9897, 9899, 9900, 9904, 9905, 9906, 9908, 9909, 9910, 9911, 9914, 9932, 9934, 9938, 9942, 9946, 9947, 9956, 9959, 9960, 9962, 9967, 9968, 9969, 9970, 9971, 9974, 9977, 9979, 9983, 9987, 9989, 9990, 9992, 9993, 9994, 10002, 10003, 10005, 10011, 10016, 10018, 10020, 10021, 10024, 10026, 10029, 10035, 10039, 10042, 10053, 10055, 10056, 10057, 10058, 10061, 10063, 10067, 10069, 10070, 10071, 10073, 10078, 10081, 10085, 10087, 10089, 10091, 10092, 10095, 10097, **Nimapara:-** 7447, 7451, 7492, 7503, 7504, 7516, 7542, 7562, 7580, 7585, 7586, 7587, 7605, 7610, 7626, 7635, 7644, 7646, 7648, 7657, 7658, 7665, 7667, 7669, 7673, 7675, 7676, 7680, 7693, 7701, 7710, 7711, 7714, 7718, 7722, 7724, 7726, 7728, 7736, 7738, 7754, 7757, 7758, 7763, 7765, 7766, 7769, 7772, 7776, 7780, 7784, 7798, 7801, 7806, 7807, 7817, 7820, 7821, 7822, 7833, 7834, 7842, 7844, 7845, 7849, 7850, 7854, 7856, 7860, 7862, 7864, 7872, 7874, 7875, 7878, 7884, 7905, 7909, 7914, 7915, 7921, 7925, 7928, 7930, 7936, 7940, 7950, **Jagatsinghpur:-** 7655, 7656, 7682, 7692, 7696, 7700, 7706, 7723, 7725, 7742, 7744, 7771, 7795, 7813, 7836, 7845, 7850, 7857, 7863, 7865, 7867, 7870, 7878, 7879, 7889, 7905, 7907, 7908, 7919, 7928, 7933, 7934, 7939, 7952, 7961, 7963, 7970, 7971, 7980, 7987, 7989, 7995, 8000, 8004, 8006, 8007, 8009, 8015, 8016, 8018, 8019, 8021, 8022, 8033, 8039, 8045, 8046, 8047, 8051, 8053, 8055, 8056, 8069, 8071, 8075, 8084, 8087, 8092, 8093, 8094, 8095, 8099, 8100, 8101, 8102, 8104, 8106, 8107, 8109, 8116, 8118, 8119, 8121, 8122, 8124, 8125, 8130, 8131, 8132, 8134, 8137, 8148, 8149, 8150, 8151, 8152, 8153, 8154, 8158, 8161, 8163, 8166, 8169, 8171, 8172, 8175, 8179, 8182, 8183, 8184, 8186, 8187, 8188, 8192, 8193, 8196, 8198, 8205, 8207, 8209, 8217, 8218, 8220, 8221, 8222, 8224, 8225, 8228, 8230, 8232, 8233, 8239, 8241, 8243, 8245, 8248, 8250, 8251, 8264, 8268, 8269, 8274, 8276, 8287, 8288, 8290, 8293, **Balasore Remuna:-** 5955, 5967, 5968, 5975, 5997, 6010, 6021, 6028, 6031, 6052, 6082, 6086, 6090, 6103, 6116, 6139, 6171, 6177, 6182, 6184, 6194, 6208, 6217, 6218, 6220, 6226, 6245, 6251, 6252, 6253, 6258, 6262, 6273, 6284, 6285, 6291, 6292, 6297, 6303, 6309, 6312, 6325, 6367, 6371, 6385, 6392, 6401, 6408, 6411, 6414, 6415, 6416, 6419, 6424, 6425, 6428, 6433, 6436, 6437, 6439, 6445, 6448, 6450, 6458, 6459, 6465, 6467, 6481, 6483, 6486, 6506, 6514, 6517, 6518, 6520, **Balasore FM Square:-** 5853, 5889, 5941, 6055, 6060, 6158, 6205, 6227, 6237, 6243, 6248, 6252, 6269, 6271, **Behrampur Kamapalli:-** 6156, 6168, 6181, 6232, 6241, 6242, 6254, 6255, 6257, 6306, 6309, 6332, 6336, 6337, 6338, 6343, 6344, 6347, 6356, 6364, 6367, 6372, 6381, 6385, 6386, 6391, 6396, 6398, 6403, 6409, 6417, 6423, 6430, 6435, 6450, 6453, 6454, 6504, 6505, 6506, 6508, 6511, 6513, 6521, 6528, 6531, 6532, 6540, 6544, 6545, 6548, 6555, 6565, 6592, 6595, 6597, 6600, 6602, 6620, 6625, 6626, 6635, 6636, **Behrampur Aska Road:-** 7993, 8026, 8041, 8052, 8093, 8103, 8113, 8133, 8165, 8181, 8191, 8204, 8207, 8215, 8218, 8223, 8227, 8238, 8246, 8250, 8268, 8274, 8276, 8278, 8279, 8303, 8305, 8306, 8310, 8313, 8315, 8339, 8341, 8343, 8344, 8346, 8347, 8359, 8370, 8410, 8486, 8502, 8504, 8517, 8523, 8526, 8545, 8552, 8557, 8562, 8564, 8577, 8578, 8585, 8611, 8614, **Chandikhol:-** 6505, 6610, 6640, 6676, 6692, 6710, 6713, 6732, 6752, 6757, 6786, 6788, 6820, 6822, 6823, 6825, 6833, 6835, 6841, **Jatni:-** 7149, 7154, 7160, 7178, 7186, 7226, 7227, 7234, 7245, 7250, 7262, 7308, 7365, 7370, 7375, 7382, 7384, 7388, 7403, 7412, 7415, 7418, 7420, 7425, 7440, 7450, 7464, 7465, 7473, 7496, 7500, 7514, 7533, 7537, 7546, 7572, 7573, 7575, 7579, 7588, 7591, 7592, 7617, 7628, 7630, 7631, 7637, 7639, 7641, 7653, 7660, 7665, 7669, 7672, 7673, 7674, 7677, 7692, 7695, 7701, 7709, 7716, 7720, 7727, 7729, 7730, 7733, 7752, 7754, 7758, 7767, 7780, 7781, 7786, 7795, 7803, 7811, 7816, 7822, 7826, 7831, 7832, 7835, 7851, 7852, 7853, 7867, 7876, 7886, **Cuttack Puri Road:-** 3730, 3761, 3765, 3786, 3817, 3885, **Khandagiri:-** 5279, 5282, 5290, 5314, 5333, 5336, 5373, 5376, 5390, 5395, 5426, 5435, 5451, 5467, 5472, 5474, 5482, 5487, 5491, 5513, 5515, 5519, 5521, 5530, 5533, 5537, 5539, 5542, 5552, 5554, 5556, 5557, 5561, 5566, 5567, 5568, 5585, 5592, 5603, 5604, 5607, 5609, 5613, 5622, 5627, 5632, 5635, 5637, 5639, 5641, 5647, 5650, 5651, 5652, 5653, 5665, 5667, 5672, 5682, 5695, 5712, 5713, 5719, 5722, 5725, 5733, 5742, 5743, 5756, 5768, 5769, 5777, 5783, **Aska:-** 3025, 3028, 3033, 3039, 3074, 3087, 3088, 3104, 3110, 3111, 3114, 3115, 3131, 3133, 3135, 3138, 3144, 3146, 3152, 3158, 3182, 3183, 3195, 3208, 3210, 3225, 3234, 3236, 3240, 3243, 3245, 3255, 3259, 3264, 3265, 3267, 3268, 3270, 3271, 3272, 3276, 3277, 3278, 3282, 3299, 3302, 3303, 3306, 3308, 3309, 3310, 3315, 3316, **Jajpur Road:-** 4046, 4110, 4165, 4167, 4207, 4280, 4287, 4301, 4303, 4316, 4353, 4356, 4362, 4363, 4368, 4381, 4386, 4387, 4388, 4395, 4401, 4417, 4421, 4427, 4428, 4429, 4433, 4446, 4453, 4479, 4484, 4516, 4520, 4521, 4522, 4523, **Bhadrak:-** 4618, 4644, 4647, 4657, 4658, 4668, 4669, 4675, 4685, 4697, 4699, 4701, 4711, 4759, 4763, 4765, 4769, 4777, 4799, 4829, 4831, 4834, 4867, 4871, 4877, 4880, 4895, 4896, 4907, 4914, **Dhenkanal:-** 3897, 3902, 3924, 3929, 3945, 3950, 3952, 3959, 3961, 3966, 3969, 3977, 3989, 3993, 3995, 3998, 4021, 4025, 4035, 4042, 4050, 4062, 4065, 4069, 4080, 4082, 4105, 4124, 4127, 4131, 4133, 4158, 4171, 4186, 4187, 4188, 4201, 4205, 4207, 4208, 4209, 4230, 4237, 4240, 4244, 4249, 4250, 4255, 4256, 4260, 4262, 4271, 4274, 4275, 4284, 4300, 4302, 4306, 4307, 4308, 4321, 4341, 4342, 4344, 4353, 4355, 4357, 4359, 4367, 4373, 4392, 4393, 4402, 4405, 4406, 4417, 4423, 4425, 4427, 4429, 4433, 4440, 4441, 4445, 4446, 4449, 4456, 4460, 4461, 4462, 4467, 4470, 4477, 4482, 4483, 4485, 4490, 4496, 4501, 4507, 4509, 4519, 4520, 4521, 4522, 4524, 4525, 4532, 4535, 4537, 4538, 4539, 4543, 4556, 4557, 4562, 4564, 4567, 4568, 4572, 4582, 4588, 4589, 4590, 4592, 4593, 4598, 4599, 4600, 4601, 4603, 4608, 4610, 4613, 4615, 4621, 4622, 4623, 4624, 4628, 4629, 4630, 4634, 4635, 4636, 4656, 4667, 4670, **Balugaon:-** 2066, 2105, 2120, 2173, 2192, 2201, 2203, 2206, 2209, 2213, 2219, 2223, 2226, 2234, 2235, 2241, 2247, 2248, 2251, 2259, 2262, 2275, 2277, 2278, 2280, 2283, 2297, 2299, 2326, 2327, 2336, 2337, 2347, 2349, 2350, **Baripada:-** 3298, 3349, 3442, 3448, 3449, 3458, 3462, 3496, 3497, 3559, 3571, 3581, 3608, 3611, 3634, 3635, 3640, 3643, 3652, 3657, 3658, 3674, **Hinjlicut :-** 3535, 3536, 3558, 3563, 3587, 3589, 3597, 3601, 3602, 3623, 3629, 3644, 3650, 3653, 3660, 3675, 3677, 3699, 3712, 3713, 3722, 3734, 3736, 3740, 3744, 3745, 3768, 3773, 3779, 3788, 3795, 3797, 3804, 3811, 3813, 3823, 3841, 3843, 3845, 3848, 3854, 3858, 3865, 3867, 3869, 3878, 3883, 3885, 3887, 3894, 3898, 3902, 3903, 3905, 3912, 3913, 3918, 3925, 3935, 3937, 3952, 3954, 3955, 3960, 3963, 3968, 3970, 3971, 3972, 3976, 3978, 3982, 3983, 3985, 3987, 3989, 3990, 3993, 3995, 4000, 4008, 4012, 4016, 4018, 4022, 4023, 4027, 4029, 4030, 4034, 4037, 4043, 4044, 4045, 4051, 4052, 4054, 4056, 4058, 4060, 4063, 4064, 4065, 4067, 4073, 4080, 4086, 4087, 4089, 4090, 4092, 4093, 4096, 4100, 4109, 4113, 4117, 4119, 4121, 4125, 4126, 4130, 4132, 4137, 4139, 4140, 4142, 4144, 4145, 4147, 4149, 4150, 4151, 4154, 4156, 4157, 4158, **Gosaninuagaon:-** 2487, 2631, 2690, 2745, **Digapahandi:-** 1926, 1933, 1937, 1939, 1946, 1955, 1959, 1960, 1967, **Jharsuguda:-** 2287, 2289, 2371, 2383, 2483, 2503, 2584, 2593, **Bargarh:-** 2631, 2669, 2680, 2694, 2705, 2731, 2732, 2734, 2737, 2751, 2756, 2757, 2768, 2776, 2784, 2790, 2798, 2803, 2805, 2806, 2818, 2819, 2822, 2823, 2830, 2841, 2843, 2846, 2851, 2853, 2855, 2861, 2864, 2865, 2867, 2868, 2876, 2881, 2882, **Talcher:-** 2115, 2120, 2133, 2136, 2143, 2152, 2201, 2239, 2260, 2274, 2304, 2309, 2311, 2317, 2321, 2325, 2329, 2333, 2358, 2362, 2363, 2364, 2372, 2373, 2381, 2383, 2392, 2397, 2400, 2417, 2419, 2427, 2428, 2429, 2430, 2439, 2442, 2447, 2448, 2450, 2458, 2482, 2486, 2489, 2495, 2499, 2501, **Sambalpur:-** 2032, 2035, 2059, 2100, 2108, 2115, 2120, 2122, 2138, 2154, 2156, 2163, 2164, 2169, 2177, 2181, 2190, 2191, 2194, 2212, 2216, 2218, 2226, 2228, 2230, 2233, 2236, 2242, 2244, 2258, 2276, 2287, 2296, 2300, 2301, 2306, 2307, 2311, 2312, 2315, 2318, 2319, 2320, 2330, 2332, 2336, 2338, 2339, 2340, 2344, 2348, 2353, 2359, 2360, 2362, 2364, 2365, **Sakhigopal:-** 2076, 2084, 2098, 2127, 2136, 2178, 2200, 2206, 2224, 2242, 2244, 2246, 2251, 2254, 2263, 2265, 2268, 2278, 2279, 2284, 2285, 2298, 2307, 2308, 2329, 2335, 2337, 2338, 2348, 2351, 2353, 2357, 2360, 2361, 2363, 2372, 2376, 2377, 2378, 2387, 2388, 2389, 2396, 2400, 2401, 2405, 2408, 2414, 2418, 2422, 2429, 2434, 2436, 2448, 2453, 2459, 2462, **Anandpur:-** 1664, 1704, 1716, 1720, 1722, 1738, 1765, 1767, 1769, 1803, 1848, 1859, 1862, 1874, 1878, 1886, 1888, 1901, 1922, **Niali:-** 1479, 1515, 1517, 1526, 1532, 1556, 1557, 1582, 1585, 1614, 1628, 1629, 1643, 1660.

Place: Trivandrum, Date: 15-07-2025 for Muthoot Mercantile Limited, Chairman



ଛତୁ ଖାଇବା ଆମ ଦେହ ପକ୍ଷେ ବହୁତ ଉପକାରୀ। ଆଜିକାଲି ଛତୁରେ ବିଭିନ୍ନ ଆଇଟମ୍ ତିଆରି ହୋଇଛି। ହୋଟେଲଠୁ ନେଇ ରେଷ୍ଟୁରାଣ୍ଟରେ ଛତୁର ଭିନ୍ନ ଭିନ୍ନ ଟେଷ୍ଟି ଛତୁ ଆଇଟମ୍ ଖାଇବାକୁ ବେଶ୍ ପସନ୍ଦ କରୁଛନ୍ତି ଲୋକମାନେ। ଛତୁ ହେଉଛି ଏକ ସୁପରଫୁଡ ଯେଉଁଥିରେ କମ୍ ଗ୍ଲାଇସେମିକ ଇଣ୍ଡେକ୍ସ ଏବଂ ଗ୍ଲାଇସେମିକ, ଲୋଡ କମ୍ ଥାଏ। ଯାହା ବ୍ଲଡ ସୁଗାର ଲେଭଲକୁ କଣ୍ଟ୍ରୋଲ କରେ। ଅର୍ଥାତ ଏହା ମାଧ୍ୟମରେ ଆପଣ ଗ୍ଲୁକୋଜ ସ୍ତରକୁ ନିୟନ୍ତ୍ରଣ କରିପାରିବେ। ଛତୁର ଅଳ୍ପ ପରିମାଣର ସୁଗାର ଏବଂ କାର୍ବୋହାଇଡ୍ରେଟ୍ ଥାଏ। କେତେକ ଅଧ୍ୟୟନରୁ ଜଣାପଡ଼ିଛି ଯେ, କମ୍ କାର୍ବ ଡାଏଟ୍ ମଧୁମେହକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଛତୁରେ ପଲିସାକାରାଇଡ ରହିଥାଏ। ଯେଉଁଥିରେ ଆଣ୍ଟି-ଡାଇବେଟିସର ପ୍ରଭାବ ରହିଥାଏ। ଏହା ମଧୁମେହ ରୋଗର ପ୍ରତିରକ୍ଷା ପାଇଁ ସୁରକ୍ଷା କବଚ ସୃଷ୍ଟି କରେ। ଯାହା ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ଯେଉଁମାନେ ନିୟମିତଭାବେ ଛତୁ ଖାଆନ୍ତି ସେମାନଙ୍କ ଓଜନକୁ କଣ୍ଟ୍ରୋଲ କରିବା ସହଜ ହୋଇଥାଏ। ମୋଟାପଣକୁ ମଧୁମେହ ରୋଗର ପ୍ରଥମ ପାହାଚ କୁହାଯାଏ। ଏହା ବ୍ୟତୀତ, ଅଧିକ ଓଜନ ବଢ଼ିବା ଦ୍ୱାରା ହୃତରୋଗ ହେବାର ଆଶଙ୍କା ବଢ଼ିଯାଏ। ଛତୁ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ହ୍ରାସ କରି ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସହାୟକ ହୋଇଥାଏ।



# ବର୍ଷା ଦିନେ ବି ମାସ ମାସ ଧରି ଖରାପ ହେବ ନାହିଁ ଆଳୁ-ପିଆଜ

*ବର୍ଷା ଦିନେ ଆଳୁ-ପିଆଜ ସଢ଼ିଯିବାର ଭୟ ଥାଏ। ଏଥିପାଇଁ କୃଷକମାନେ ଏହାକୁ ଶୀଘ୍ର ବିକ୍ରି କରିଦେଇଥାନ୍ତି। ଫଳରେ ତାଙ୍କୁ କମ୍ ଦାମ ମିଳିଥାଏ। କ୍ଷତି ସହିବାକୁ ପଡ଼ିଥାଏ। ଏଥିରୁ ରକ୍ଷା ପାଇବାକୁ ଏକ ଘରୋଇ ଉପାୟ ରହିଛି, ଯାହାକୁ କମ୍ ଖର୍ଚ୍ଚରେ ଆପଣ କରିପାରିବେ। ଜାଣନ୍ତୁ...*

- ଘରେ କିଛି ଉଚ୍ଚତାରେ ବାଉଁଶର ଏକ ର୍ୟାକ୍ ତିଆରି କରନ୍ତୁ। ଏଠାରେ ଆଳୁ ପିଆଜକୁ ସାଇତି ରଖନ୍ତୁ।
- ଆଳୁ-ପିଆଜକୁ ଏମିତି ରଖନ୍ତୁ ଯେମିତିକି ସେଠାରେ ବାୟୁ ସହଜରେ ଯା'ଆସ ଗକରୁଥିବା। ଫଳରେ ଏଥିରେ ସଢ଼ିଯିବା ନଚେତ ଆଦ୍ରତା ଆସିବ ନାହିଁ।
- ର୍ୟାକ୍ ଉଚ୍ଚରେ ଥିବା କାରଣରୁ ବର୍ଷା ଯୋଗୁ ଫସଲରେ ଆଦ୍ରତା ପହଞ୍ଚି ନ ଥାଏ। ହେଲେ ଆଖପାଖରେ ପଙ୍ଖା ଲଗାନ୍ତୁ , ଯାହାଦ୍ୱାରା ପବନ ଲଗାତାର ଯା'ଆସ କରିପାରିବ। ଫସଲ ଖରାପ ହେବ ନାହିଁ।
- ଏହି ର୍ୟାକ୍‌କୁ ମଲ୍ଟିଷ୍ଟୋରେଜ୍ ସିଷ୍ଟମ୍ ଭାବେ ଉପରକୁ କିମ୍ବା ତଳକୁ ବଢ଼ାଇପାରିବେ। ଫଳରେ ଏହା ଏକ ଭଣ୍ଡାର ଘର ଭଳି ହୋଇପାରିବ।
- ଏଭଳି ଉପାୟ ଆପଣାଇ ୪ ମାସ ଯାଏ ଆଳୁ-ପିଆଜ ସୁରକ୍ଷିତ ରହିପାରିବ। ଦାମ୍ ବଢ଼ିଲେ ଏହାକୁ ବିକି କୃଷକ ଲାଭ ରୋଜଗାର କରିପାରିବେ।
- ଥରେ ଏଭଳି ବ୍ୟବସ୍ଥା ଆପଣାଇଲେ ଅନେକ ବର୍ଷ ଯାଏ ଏହାକୁ ବ୍ୟବହାର କରିହେବ। ଏଥିପାଇଁ ଅଧିକ ଟଙ୍କା ଲାଗିବ ନାହିଁ।



## ବିଶ୍ୱର ସବୁଠୁ ଛୋଟ ପକ୍ଷୀ

### ଜାଣି ଆଶ୍ଚର୍ଯ୍ୟ ହେବେ... 



ବିଶ୍ୱର ସବୁଠାରୁ ଛୋଟ ପକ୍ଷୀର ନାମ ହେଉଛି ବି ହମିଂବାର୍ଡ। କାରବିଆନ୍ ଦେଶ କ୍ୟୁବାର ଘନ ଜଙ୍ଗଲରେ ମାତ୍ର ୫ରୁ ୬ ସେଣ୍ଟିମିଟର ଲମ୍ବ ବିଶିଷ୍ଟ ଏହି ପକ୍ଷୀକୁ ଦେଖିବାକୁ ମିଳିଥାଏ। ଏହି ପକ୍ଷୀଟି ଆକାରରେ ଏତେ କ୍ଷୁଦ୍ର ଯେ ଏହା କୌଣସି ମଣିଷର କାଣି ଆଙ୍ଗୁଠିଠାରୁ ମଧ ଛୋଟ ହେବ। ବି ହମିଂବାର୍ଡର ଓଜନ ମାତ୍ର ୧.୫ରୁ ୨ ଗ୍ରାମ୍ ମଧ୍ୟରେ ହେବ। ଏହି କାରଣରୁ ଅନେକେ ଏହି ପକ୍ଷୀକୁ ମହୁମାଛି ବୋଲି ଭାବି ଦେଇଥାନ୍ତି। ଉଡ଼ିବା ସମୟରେ ବି ହମିଂବାର୍ଡ ମହୁମାଛି ପରି ଶବ୍ଦ କରିଥାଏ ଏବଂ ଏହାର ଆକାର ମଧ ମହୁମାଛି ପରି ହୋଇଥିବାରୁ ଏହି ପକ୍ଷୀକୁ ମହୁମାଛି ବୋଲି ଭାବି ଅନେକେ ଭ୍ରମରେ ପଡ଼ିଥାନ୍ତି। ଏହି କ୍ଷୁଦ୍ର ପକ୍ଷୀର ଅନେକ ଆଶ୍ଚର୍ଯ୍ୟଜନକ ବିଶେଷତ୍ୱ ରହିଛି। ସାଧାରଣତଃ ଅଧିକାଂଶ ପକ୍ଷୀ କେବଳ ଆଗକୁ ଉଡ଼ିପାରନ୍ତି, କିନ୍ତୁ ବି ହମିଂବାର୍ଡ ପକ୍ଷୀ ଆଗ ସହ ପଛକୁ ମଧ ଉଡ଼ିପାରିଥାଏ। ଏହି ପକ୍ଷୀ ଫୁଲ ଭିତରେ ନିଜ ଥଣ୍ଟ ଭର୍ତ୍ତି କରି ଶୋଷିବା ପରେ ତୁରନ୍ତ ପଛକୁ ଫେରିଯାଇ ପରବର୍ତ୍ତୀ ଫୁଲ ପାଖକୁ ଯାଇପାରିଥାଏ। ଏହି ପକ୍ଷୀର ଡେଣା ଫଡ଼ଫଡ଼ ଏତେ ଦ୍ରୁତ ଯେ, ଏହାକୁ ଖାଲି ଆଖିରେ ଦେଖି ହୋଇ ନ ଥାଏ। ପ୍ରତି ସେକେଣ୍ଡ୍ ?ରେ ଏହି ପକ୍ଷୀ ୮୦ରୁ ଅଧିକ ଥର ନିଜ ଡେଣାକୁ ଫଡ଼ଫଡ଼ କରିପାରିଥାଏ। ତେବେ କେବେ କେବେ ଉଡ଼ିବା ସମୟରେ ବି ହମିଂବାର୍ଡର ଡେଣା ଫଡ଼ଫଡ଼ କରିବାର ଗତି ସେକେଣ୍ଡ୍ ପ୍ରତି ୨୦୦ରୁ ଅଧିକ ଥର ହୋଇଯାଇଥାଏ, ଫଳରେ ଏହି ଶବ୍ଦ ଠିକ୍ ମହୁମାଛିର ଗୁଞ୍ଜରଣ ପରି ଶୁଭିଥାଏ।

## ବୁଲା କୁକୁରଙ୍କୁ ପୁଷ୍ଟିକର ଖାଦ୍ୟ



ଦେଶରେ ପ୍ରଥମ । ଏହି ରାଜ୍ୟରେ ବୁଲା କୁକୁରଙ୍କୁ ପୁଷ୍ଟିକର ଖାଦ୍ୟ ମିଳିବ। ଏଣିକି ଭୋକିଲା ରହିବେନି ବୁଲା କୁକୁର । କି ହିଂସ୍ର ଆଚରଣ ବି କରିବେନି । ପ୍ରତିଦିନ ଖାଇବେ ପୃଷ୍ଟିକର ଖାଦ୍ୟ । ଦିନକୁ ପାଖାପାଖି ୬-୭ ଶହ କୁକୁରଙ୍କ ପାଇଁ ଖାଦ୍ୟ ରନ୍ଧାଯିବ। ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ପ୍ରଶୁପ୍ରେମୀ । ଏଣିକି ବୁଲା କୁକୁରଙ୍କୁ ପ୍ରତିଦିନ ଖୁଆଇବ ବୃହତ୍ ବେଙ୍ଗାଲୁରୁ ମହାନଗର ପାଳିକା ବୁଲା କୁକୁରଙ୍କୁ ଦୈନିକ ରନ୍ଧାଖାଦ୍ୟ ପ୍ରଦାନ କରାଯିବ । ବିବିଏମ୍‌ପି ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ହେଉଛି ଦେଶରେ ପ୍ରଥମ । ଭୋକ କି ଶୋଷ ହେଲେ ନା ମୁହଁ ଖୋଲି କହିପାରିବେ ନା ଏହି ବୁଲା କୁକୁରଙ୍କୁ ଆଣି କିଏ ଖାଦ୍ୟ ଦେବ । ଯେଉଁଥି ପାଇଁ ଭୋକରେ ରହିବା ଫଳରେ ସେମାନେ ଦିନକୁ ଦିନ ହିଂସ୍ର ହେବାରେ ଲାଗିଛନ୍ତି। ଯାହାକୁ ଦେଖିଲେ ଗୋଡେଇ ଗୋଡେଇ ଆକ୍ରମଣ କରିବାକୁ ପଛାଉ ନାହାନ୍ତି । ପ୍ରତିଦିନ ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯିବା ଦ୍ୱାରା କୁକୁରମାନେ ଭୋକିଲା ରହିବେ ନାହିଁ କି ହିଂସ୍ର ଆଚରଣ କରିବେ ନାହିଁ। ଏଥିପାଇଁ ୨.୭୦ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରିଛି ବିବିଏମ୍‌ପି। ସବୁଠୁ ବଡ଼ କଥା ହେଉଛି କୁକୁରମାନଙ୍କୁ ପୃଷ୍ଟିକର ଖାଦ୍ୟ ଦିଆଯିବ । ମାଂସ, ଚିକେନ୍, ଅଣ୍ଡା ଓ ଭାତ ଆଦି ରୋଷେଇ କରି ଦିଆଯିବ । ୫ ଜୋନରେ ଦିନକୁ ପାଖାପାଖି ୬-୭ ଶହ କୁକୁରଙ୍କ ପାଇଁ ଖାଦ୍ୟ ରନ୍ଧାଯିବ । ସେପଟେ ସ୍ଥାନୀୟ ପ୍ରଶାସନର ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ପ୍ରଶୁପ୍ରେମୀ ।

## ସୁଟିଂସେଟରେ ଷ୍ଟଣ୍ଟମ୍ୟାନ୍ ଏସ.ଏମ. ରାଜୁଙ୍କ ମୃତ୍ୟୁ





ଫିଲ୍ମ ସୁଟିଂ ଏବଂ ଷ୍ଟଣ୍ଟ ଦୃଶ୍ୟ ସୁଟିଂ ବିପଦମୁକ୍ତ ନୁହେଁ। ଫିଲ୍ମ ଅଭିନେତାଙ୍କ ବଦଳରେ ଷ୍ଟଣ୍ଟମ୍ୟାନମାନେ ବିପଦପୂର୍ଣ୍ଣ ଷ୍ଟଣ୍ଟ ଦୃଶ୍ୟ ଫିଲ୍ମ କରିବା ପାଇଁ ନିଜ ଜୀବନକୁ ବାଜିରେ ଲଗାଇ ଦିଅନ୍ତି। ଏହାକୁ ନେଇ ଦକ୍ଷିଣ ଭାରତରୁ ଏକ ଦୁଖଦ ଖବର ଆସୁଛି, ଯେଉଁଥିରେ ସୁପରଷ୍ଟାର ଆର୍ଯ୍ୟଙ୍କ ଆଗାମୀ ଚଳଚ୍ଚିତ୍ର ଭେଟ୍ଟାଭମର ସୁଟିଂ ସମୟରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି, ଯେଉଁଥିରେ ଷ୍ଟଣ୍ଟମ୍ୟାନ ଏସଏମ ରାଜୁଙ୍କ ମୃତ୍ୟୁ ହୋଇଛି। ଏହି ବିଷୟରେ ସୂଚନା ଭେଟ୍ଟାଭମ ପ୍ରଯୋଜକ ଏବଂ ଲୋକପ୍ରିୟ ଦକ୍ଷିଣ ସିନେମା ଅଭିନେତା ବିଶାଲ ସୋସିଆଲ ମିଡିଆରେ ଦେଇଛନ୍ତି। ଜଣେ ଷ୍ଟଣ୍ଟମ୍ୟାନଙ୍କ ଜୀବନ ବିପଦମୁକ୍ତ ନୁହେଁ। ସେ ପ୍ରତ୍ୟେକ ଦୃଶ୍ୟକୁ ନିଖୁଣ ଭାବେ ଦେବା ପାଇଁ ନିଜର ଜୀବନକୁ ଏକ ପ୍ରକାର ବାଜି ଲଗାଇ ଦିଅନ୍ତି। ଷ୍ଟଣ୍ଟମ୍ୟାନ ରାଜୁ ମଧ ଭେଟ୍ଟାଭମ ପାଇଁ ସମାନ କିଛି କରିଥିଲେ, କିନ୍ତୁ ତାଙ୍କୁ ଜୀବନ ହରାଇ ଏହାର ମୂଲ୍ୟ ଦେବାକୁ ପଡିଲା। କୁହାଯାଉଛି ଯେ ରବିବାର ସକାଳେ ଆର୍ଯ୍ୟ ଏବଂ ନିର୍ଦ୍ଦେଶକ ପା. ରଞ୍ଜିତଙ୍କ ଆଗାମୀ ଚଳଚ୍ଚିତ୍ର ଭେଟ୍ଟାଭମର ସୁଟିଂ ତାମିଲନାଡୁର ନାଗାପଟ୍ଟିନମରେ ଚାଲିଥିଲା ଏବଂ ଏକ କାର ସହିତ ଏକ ଷ୍ଟଣ୍ଟ ଦୃଶ୍ୟ ସୁଟିଂ କରିବା ସମୟରେ ଏକ ଦୁଃଖଦ ଦୁର୍ଘଟଣା ଘଟିଥିଲା ଯେଉଁଥିରେ ଷ୍ଟଣ୍ଟମ୍ୟାନ ରାଜୁ ପ୍ରାଣ ହରାଇଥିଲେ। ଏହି ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯେଉଁଥିରେ ଏକ କଳା କାର ଖୁବ ଉପକୁ ଉଠି ତଳେ ପଡୁଥିବାର ଦେଖାଯାଉଛି, ରାଜୁ ଏହି କାର ସହିତ ଷ୍ଟଣ୍ଟ କରୁଥିଲେ ବୋଲି କୁହାଯାଇଛି। ଏହାକୁ ନେଇ ଭେଟ୍ଟାଭମ ପ୍ରଯୋଜକ ବିଶାଲ ତାଙ୍କ ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଏକ ସଦ୍ୟତମ ଟୁଇଟ କରିଛନ୍ତି ଏବଂ ଲେଖିଛନ୍ତି। ମୁଁ ଦୁଃଖର ସହ କହୁଛି ଯେ ଆର୍ଯ୍ୟ ଏବଂ ରଞ୍ଜିତଙ୍କ ଫିଲ୍ମର ସୁଟିଂ ସମୟରେ ଏକ କାର ଓଲଟି ପଡ଼ିବା ଫଳରେ ଷ୍ଟଣ୍ଟମ୍ୟାନ ରାଜୁଙ୍କ ମୃତ୍ୟୁ ହୋଇଛି। ମୁଁ ରାଜୁଙ୍କୁ ବହୁତ ଦିନ ଧରି ଜାଣିଥିଲି, ସେ ମୋର ଅନେକ ସିନେମାରେ ବିପଦପୂର୍ଣ୍ଣ ଷ୍ଟଣ୍ଟ ଦୃଶ୍ୟ କରିଥିଲେ। ସେ ଜଣେ ସାହସୀ ଏବଂ ବହୁତ ପରିଶ୍ରମୀ ମଣିଷ ଥିଲେ। ଏହି ଦୁଃଖର ସମୟରେ, ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ଏବଂ ତାଙ୍କ ପରିବାରକୁ ଶକ୍ତି ଦିଅନ୍ତୁ। ଷ୍ଟଣ୍ଟମ୍ୟାନ ରାଜୁଙ୍କ ମୃତ୍ୟୁରେ ବିଶାଲ ଏହିପରି ଶୋକ ପ୍ରକାଶ କରିଛନ୍ତି।

## ଛାଡ଼ପତ୍ରକୁ ନେଇ ମୁହଁ ଖୋଲିଲେ ନୟନତାରା



ଦକ୍ଷିଣ ସିନେମାର ସୁପରଷ୍ଟାର ନୟନତାରା କେବଳ ସିନେମା ପାଇଁ ନୁହେଁ ବରଂ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ମଧ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଗତ କିଛି ଦିନ ହେବ ନୟନତାରା ସ୍ୱାମୀ ଭିଗ୍ନେଶ ଶିବନଙ୍କୁ ଛାଡପତ୍ର ଦେଇ ଅଲଗା ହେବାକୁ ଯାଉଥିବା ଖବର ଚର୍ଚ୍ଚାରେ ରହିଛି। ଅନେକ ଦିନ ପରେ ଅଭିନେତ୍ରୀ ଏହି ଛାଡ଼ପତ୍ର ଖବର ପ୍ରସଙ୍ଗରେ ମୁହଁ ଖୋଲି ନିଜର ମତାମତ ଦେଇଛନ୍ତି। ନୟନତାରା ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟର ଷ୍ଟୋରିରେ ଏକ ପୋଷ୍ଟ ସେୟାର କରିଛନ୍ତି। ଯେଉଁଥିରେ ସେ ସ୍ୱାମୀ ଭିଗ୍ନେଶଙ୍କ ସହିତ ନଜର ଆସିଛନ୍ତି। ଏହି ଫଟୋକୁ ସେୟାର କରିବା ସମୟରେ, ଅଭିନେତ୍ରୀ କ୍ୟାପସନରେ ଲେଖିଛନ୍ତି, 'ଆମର ପ୍ରତିକ୍ରିୟା... ଯେତେବେଳେ ଆମେ ନିଜ ବିଷୟରେ ଅଜବ ଖବର ଦେଖୁ । ଯାହା ବିଷୟରେ ଆମେ ନିଜେ ବି ଜାଣି ନଥାଉ କି ଆମ ନାମରେ କେଉଁ ଖବର ଘୁରି ବୁଲୁଛି।' ନୟନତାରା ୨୦୨୨ ମସିହାରେ ଭିଗ୍ନେଶ ଶିବନଙ୍କୁ ବିବାହ କରିଥିଲେ। ବିବାହ ପରେ ଏହି ଦମ୍ପତି ଯମଜ ପୁତ୍ର ସନ୍ତାନର ବାପା ଓ ମା' ହେବାର ସୌଭାଗ୍ୟ ପାଇଥିଲେ। ।ନୟନତାରା କେବଳ ଯେ ଦକ୍ଷିଣ ସିନେମାର ସୁପରଷ୍ଟାର ତାହା ନୁହନ୍ତି ସେ ବଲିଉଡରେ ମଧ ଜଣେ ଲୋକପ୍ରିୟ ଅଭିନେତ୍ରୀ।

## ଦର୍ଶକଙ୍କୁ ପସନ୍ଦ ଆସୁନି ସନାୟାଙ୍କ ଅଭିନୟ



ଅଭିନେତ୍ରୀ ସନାୟା କପୁରଙ୍କର ଡେବ୍ୟୁ ଫିଲ୍ମ ଆର୍ଜେ କି ଗୁମ୍ନାଖ୍ୟା ୧୧ ତାରିଖରେ ରିଲିଜ୍ ହୋଇଛି । ତେବେ ନିଜର ପ୍ରଥମ ଫିଲ୍ମରୁ ଝୁଣ୍ଟିଛନ୍ତି ସନାୟା । ଦର୍ଶକଙ୍କୁ ତାଙ୍କ ଅଭିନୟ ପସ୍ନନ୍ଦ ଆସୁନଥିବା ଦେଖିବାକୁ ମିଳୁଛି । ସନାୟାଙ୍କୁ ନେପୋକିଡ୍ କହି ଲୋକମାନେ ଟ୍ରୋଲ କରୁଥିବା ଦେଖ ?ିବାକୁ ମିଳୁଛି । ଅଭିନୟ ନଆସି ମଧ୍ଯ କେବଳ ନିଜର ବାପା ସଞ୍ଜୟ କପୁରଙ୍କ ପାଇଁ ତାଙ୍କୁ ଫିଲ୍ମରେ ସୁଯୋଗ ମିଳିଛି ବୋଲି ଦର୍ଶକ ମତ ଦେଉଛନ୍ତି । କେବଳ ସନାୟା ନୁହେଁ ଏଥରେ ବିକ୍ରାନ୍ତଙ୍କୁ ମଧ ଲୋକ ଟ୍ରୋଲ କରୁଥିବା ଦେଖିବାକୁ ମିଳୁଛି । କାହାଣୀ ମଧ୍ୟ ସେଭଳି କିଛି ଦମଦାର ନୁହେଁ ବୋଲି ଦର୍ଶକ ମତ ଦେଉଥିବା ଦେଖିବାକୁ ମିଳିଛି । ଫିଲ୍ମଟି ରସ୍କିନ୍ ବଣ୍ଡଙ୍କ ସର୍ଟ ଷ୍ଟୋରୀ ଦି ଆଇଜ୍ ହାଭ ଟେକୁ ନେଇ ନିର୍ମାଣ କରାଯାଇଛି । ଫିଲ୍ମର ନିର୍ଦ୍ଦେଶନା ସନ୍ତୋଷ ସିଂ ଦେଇଥ ?ିବା ଜଣା ପଡିଛି । ସେହିଭଳି ଏହା ପୂର୍ବରୁ ସନାୟାଙ୍କର ଗୁରୁ ରନ୍ଧାୱାଙ୍କ ସହିତ ଏକ ମ୍ୟୁଜିକ୍ ଭିଡିଓ ମଧ ଲଞ୍ଚ ହୋଇଥିଲା । ଏହା ମଧ ଦର୍ଶକଙ୍କୁ ପସନ୍ଦ ଆସିନଥିଲା ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ପ୍ରେମୀ ଯୁଗଳଙ୍କ ବେକରେ ଲଙ୍ଗଳ ପକେଇ ବୁଲାଇବା ଘଟଣା ଏବେ ସମଗ୍ର ଜିଲ୍ଲାରେ ଚହଳ ପକେଇଛି । ଘଟଣାଟି ଶନିବାର ଦିନ ଘଟିଥିବା ବେଳେ କେହି ଏହାର ଭିଡିଓ ନିଜ ମୋବାଇଲରେ ଉତ୍ତଳନ କରି ଭାଇରଲ କରିବା ପରେ ପୋଲିସ ପ୍ରଶାସନ ଆକ୍ସନ ମୋଡ୍‌କୁ ଆସି ଦୁଇଟି ଯାକ ଗ୍ରାମକୁ ଯାଇ ତଦନ୍ତ କରି ଫେରି ଆସିଥିଲା । ପରେ ରାତିରେ ବର୍ଗୀ ପଞ୍ଚାୟତର ସରପଞ୍ଚ ପହଞ୍ଚି ନାରାୟଣପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ଆଜି ବିଡ଼ିଓ ବିକ୍ରମ କେଶରୀ ଦୋରା,ତହସିଲଦାର ପାର୍ବତୀ ଝଡ଼ିଆ, ଆଇଆଇସି ପ୍ରମୋଦ ନାୟକ ଓ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ ପ୍ରେମୀ ଯୁଗଳଙ୍କ ଗ୍ରାମରେ ପହଞ୍ଚି ଲୋକଙ୍କୁ ସଚେତନ କରାଇ ଭବିଷ୍ୟତରେ କେବେ ଏମିତି କୁପ୍ରଥା ଗ୍ରହଣ କରିବ ନାହିଁ ବୋଲି କହି ଗ୍ରାମବାସୀଙ୍କୁ ଶପଥ ପାଠ କରାଇଥିଲେ । ଏଥିରେ ବହୁ ସଂଖ୍ୟାରେ ଗ୍ରାମବାସୀ ଯୋଗ ଦେଇଥିବା ବେଳେ ପ୍ରଶାସନର ଏଇଭଳି ପଦକ୍ଷେପକୁ ସବୁ ମହଲରେ ପ୍ରଶଂସା କରାଯାଇଛି । ବର୍ତ୍ତମାନ ଆଗକୁ ଏଇ ଶପଥ ପାଠ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକିରହିଲା ।

## ୪୨ ତମ ଖଣି ସୁରକ୍ଷା ସପ୍ତାହ ସମାରୋହ

# କାଶିଆ ଓ ଟେନ୍ସା ମାଇନ୍ସକୁ ଏକାଧିକ ପୁରସ୍କାର




କେନ୍ଦୁଝର, (ଭାସ୍କର ନ୍ୟୁଜ୍): କାର୍ଯ୍ୟ କ୍ଷେତ୍ରରେ ସର୍ବୋଚ୍ଚ ନିରାପତ୍ତା ପାଇଁ ସୁପରିଚିତ ଜିନ୍ଦଲ ଷ୍ଟିଲର କାଶିଆ ଓ ଟେନ୍ସା ମାଇନ୍ସକୁ ୪୨ତମ ଧାତୁ ସମ୍ପନ୍ନ ଖଣି ସୁରକ୍ଷା ସପ୍ତାହ ସମାରୋହ- ୨୦୨୪ରେ ଏକାଧିକ ପୁରସ୍କାର ମିଳିବା, ପୁଣି ଥରେ ସୁରକ୍ଷା ପ୍ରତି ଜିନ୍ଦଲ ଷ୍ଟିଲର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି । ଖଣି ନିରାପତ୍ତା ନିର୍ଦ୍ଦେଶାଳୟ (ଡିଜିଏମଏସ) ପକ୍ଷରୁ ବଡ଼ବିଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ମୋଟ ୧୧୩ଟି ଖଣି ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ଷେତ୍ରରେ ଉଚ୍ଚ ନିରାପତ୍ତା ମାନକକୁ ବଜାୟ ରଖିବା ଏବଂ ଏବଂ ନିରାପଦ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ଜିନ୍ଦଲ ଷ୍ଟିଲର ନିରନ୍ତର ଉଦ୍ୟମକୁ ଏହି ପୁରସ୍କାର ଦ୍ୱାରା ସ୍ୱୀକୃତି ମିଳିଛି । ଏହି ସମ୍ମାନ କମ୍ପାନିର ମୂଲ୍ୟବୋଧକୁ ସଶକ୍ତ କରିବା ଏବଂ ନିୟମର ଅନୁପାଳନ ପ୍ରତି ପ୍ରତିବଦ୍ଧତାକୁ ଆହୁରି ମଜଭୁତ କରିଛି । ଗ୍ରୁପ୍ ଏ-୨ରେ କାଶିଆ ମାଇନ୍ସକୁ ଏକାଧିକ ବର୍ଗରେ ପୁରସ୍କାର ମିଳିଛି । ସାମଗ୍ରିକ ପ୍ରଦର୍ଶନ ପାଇଁ ପ୍ରଥମ ପୁରସ୍କାର, ତାଲିମ, ସ୍ୱାସ୍ଥ୍ୟ ଓ କଲ୍ୟାଣ ବର୍ଗରେ ପ୍ରଥମ ପୁରସ୍କାର, ସାଧାରଣ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର (କାଶିଆ ମାଇନ୍ସ ଅଧୀନ ଏମଡିଓ) ପାଇଁ ଦ୍ୱିତୀୟ ପୁରସ୍କାର ଏବଂ ସୁରକ୍ଷା ପରିଚାଳନା ଯୋଜନା, ନିରାପତ୍ତା ଓ ବୈଧାନିକ ନିୟମ ଅନୁପାଳନ ବର୍ଗରେ ମଧ୍ୟ ଦ୍ୱିତୀୟ ପୁରସ୍କାର ମିଳିଛି । ସେହିପରି ବୃତ୍ତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ତୃତୀୟ ପୁରସ୍କାର ଏବଂ ଆଗୁଆ ସୂଚନା ବ୍ୟବସ୍ଥା, ଆପତକାଳୀନ ପ୍ରସ୍ତୁତି, ଆପତକାଳୀନ ଅଭ୍ୟାସ ବ୍ୟବସ୍ଥା ଓ ଦୁର୍ଘଟଣା ପରିସଂଖ୍ୟାନ ବର୍ଗରେ ମଧ ତୃତୀୟ ପୁରସ୍କାର ମିଳିଛି । ଗ୍ରୁପ ବି-୧ ଅଧୀନରେ ଟେନ୍ସା ମାଇନ୍ସକୁ ମଧ୍ୟ ଏକାଧିକ ବର୍ଗରେ ପୁରସ୍କାର ମିଳିଛି । ତାଲିମ, ସ୍ୱାସ୍ଥ୍ୟ ଓ କଲ୍ୟାଣ ବର୍ଗରେ ଟେନ୍ସା ମାଇନ୍ସକୁ ପ୍ରଥମ ପୁରସ୍କାର ମିଳିଥିବା ବେଳେ, ଅନ୍ୟ ୩ଟି ବର୍ଗ ଯଥା ବାରୁଦର ନିରାପଦ ବ୍ୟବହାର, ଖଣି ନିରାପତ୍ତାର ଡିଜିଟାଇଜେସନ, ଶ୍ରେଷ୍ଠ କଣ୍ଟ୍ରାକ୍ଟର (ଏମ/ଏସ ମା ସାରଳା ପ୍ରାଇଭେଟ ୱାର୍କ) ବର୍ଗରେ ଦ୍ୱିତୀୟ ପୁରସ୍କାର ମିଳିଛି । ଏହି ସଫଳତା ପାଇଁ କାଶିଆ ଓ ଟେନ୍ସା ଟିମକୁ ଅଭିନନ୍ଦନ ଜଣାଇବା ଅବସରରେ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ପଙ୍କଜ ମହ୍ଲାନ କହିଛନ୍ତି, 'ଆମେ ଡିଜିଏମସଙ୍କ ପକ୍ଷରୁ ଏହି ସମ୍ମାନଜନକ ସ୍ୱୀକୃତି ପ୍ରାପ୍ତ କରି ଗର୍ବିତ ଅନୁଭବ କରୁଛୁ । ଏକ ସୁରକ୍ଷିତ ଓ ସୁସ୍ଥ କାର୍ଯ୍ୟକ୍ଷେତ୍ର ପ୍ରତିଷ୍ଠା କରିବା କ୍ଷେତ୍ରରେ ଆମ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ନିରନ୍ତର ଉଦ୍ୟମ ଏହି ପୁରସ୍କାରରେ ପ୍ରତିଫଳିତ ହେଉଛି । ନିରାପଦ କର୍ମସଂସ୍କୃତିର ବିକାଶ ସହ ଆମର ସମସ୍ତ କାର୍ଯ୍ୟରେ ସୁରକ୍ଷାର ଉଚ୍ଚମାନକକୁ ବଜାୟ ରଖିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ' । ଏହି ସଫଳତା ନିରାପତ୍ତା ଓ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ତଥା ଏଥିରେ କ୍ରମାଗତ ଉନ୍ନତି ପାଇଁ ଜିନ୍ଦଲ ଷ୍ଟିଲର ଉଦ୍ୟମକୁ ପ୍ରମାଣିତ କରୁଛି ।

# ୧୦କ୍ୱିଣ୍ଟାଲ ବାତରା ଚେର ଜବତ, ଦୁର୍ବୃତ୍ତ ଫେରାର



ରାଜନଗର, (ଭାସ୍କର ନ୍ୟୁଜ୍): ବାତରା ଓ ଗରାଣି ଛାଲିର ବାହାର ରାଜ୍ୟ ଏବଂ ଦେଶରେ ଚାହିଦା ମାତ୍ରାଧିକ ଅଧିକ ଥିବାରୁ ବହୁ ମୂଲ୍ୟରେ ବିକ୍ରି ଚାଲୁଅଛି । ଏହା ପ୍ରାୟତଃ ସବୁ ଜଙ୍ଗଲରେ ଦେଖାଦେଉ ନଥିବା ବେଳେ ରାଜନଗର ବନଖଣ୍ଡ ଅଧୀନସ୍ଥ ଭିତରକନିକା ଅଭୟାରଣ୍ୟରେ ଭରପୁର ରହିଛି ।ଯାହାକୁ ଦେଖି ମାଫିଆମାନେ ଭିତରକନିକା ଅଭୟାରଣ୍ୟର କେତେକ ଜଙ୍ଗଲରୁ ଗରାଣି ଛାଲି ଓ ବାତରା ଚେରକୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ନେଇ ମୋଟା ଅଙ୍କରେ ବିକ୍ରିକରି ଲକ୍ଷଲକ୍ଷ ଟଙ୍କା ରୋଜଗାର କରିବାକୁ ପଛାନ୍ତି ନାହିଁ । କନିକା ରେଞ୍ଜର ଏସିଏଫ ମାନସ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ବହୁ ମାଫିଆଙ୍କୁ ଏଥିପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ବହୁ ଗରାଣି ଛାଲି ଓ ବାତରା ଚେର ଜବତ କରି ମାଫିଆଙ୍କୁ କୋକୁଆ ଭୟରେ ଭିତରକନିକା ଜଙ୍ଗଲକୁ ବାରଣ କରି ରହି ଯାଇଥିଲେ । କିଛିଦିନ ନିରବତା ପରେ ଏହି ମାଫିଆ ମାନେ ଏବେ ସକ୍ରୀୟ ହୋଇ ଉଠିଛନ୍ତି । ମାଫିଆମାନେ 'ଡାଳେ ଡାଳେ ଗଲେ ବନ ବିଭାଗ କର୍ମଚାରୀ ପତ୍ର ପତ୍ର ଯାଉଛନ୍ତି' । ଗତକାଲି ରବିବାର ବିଳମ୍ବିତ ରାତିରେ ଏହି ଛାଲି ମାଫିଆମାନେ ବାଉଁଶ ଗଡ଼ ନଦୀ ନିକଟସ୍ଥ ଜଙ୍ଗଲରେ ବାତରା ଚେର କାଟୁଥିବାର କୌଣସି ସୂତ୍ରରୁ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପିନାଥ ଯାଦବ ଖବର ପାଇଥିଲେ । ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ରାଜନଗର ଓ କନିକା ରେଞ୍ଜର ବନ କର୍ମଚାରୀମାନଙ୍କ ମିଳିତ ସହଯୋଗରେ ଏସିଏଫ ମାନସ ରଞ୍ଜନ ଦାସ, ଗଗନ ବିହାରୀ ମଲ୍ଲିକ, ଓ ରେଞ୍ଜର ଚିତ୍ତରଞ୍ଜନ ବେହୁରା ଙ୍କ ପ୍ରତ୍ୟେକ୍ଷ ନେତୃତ୍ୱରେ ଏକ ଟିମ୍ ପ୍ରସ୍ତୁତି ହୋଇଥିଲେ । ଜୀବନକୁ ବାଜୀ ଲଗାଇ ଏହି ବନ ବିଭାଗ ଟିମ୍ ଘନ ଅନ୍ଧାରରେ ଚତୁରତା ସହିତ ଜଙ୍ଗଲରେ ପହଞ୍ଚି ଘେରିଯାଇ ଥିଲେ । ୨୫/୩୦ ଜଣ ବନ କର୍ମଚାରୀ ଦଳ ଦେଖି ମାଫିଆମାନେ ଅନ୍ଧାରର ସୁଯୋଗ ନେଇ ବାତରା ଚେର ଛାଡି କୌଶଳ କ୍ରମେ ଫେରାର ହୋଇ ଯାଇଥିଲେ । ହେଲେ ବିଳମ୍ବିତ ରାତିରେ ବନ କର୍ମଚାରୀ ୩୮ ବସ୍ତା (୧୦କ୍ୱିଟାଲ) ବାତରା ଚେରକୁ ଜବତ କରି ରାତି ୧ଘଣ୍ଟା ୩୦ ମିନିଟରେ ଡିଙ୍ଗି ସାହାଯ୍ୟରେ ଗୁପ୍ତି ସେକ୍ସନ ଆଣି ମାମଲା ରୁଜୁ କରିଥିବା ରେଞ୍ଜର ଚିତ୍ତରଞ୍ଜନ ବେଉରା ସୂଚନା ଦେଇଛନ୍ତି ।

## ରାଜପଥରେ ଓଲଟିଲା ଟ୍ରକ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ନୁଆନଈ ସେତୁ ଉପରେ ଏକ ବିଲାତିବାଇଗଣ ବୋଝେଇ ଟ୍ରକ ଓଲଟି ପଡିଛି । କର୍ଣ୍ଣାଟକରୁ କଲିକତା ଯାଉଥିବା ଟ୍ରକର ବ୍ରେକ ରବିବାର ବିଳମ୍ବିତ ରାତ୍ରରେ ଅଚଳ ହୋଇଯିବାରୁ ରାସ୍ତାବାଡରେ ପିଟିହୋଇ ଓଲଟି ପଡିଥିଲା । ଗାଡି ଚାଳକ



ରାଜୁ ସିଂ ଓ ସହାୟକ ବୀର ପାଲ ଆହତ ହୋଇଥିଲେ । ସ୍ଥାନୀୟ ପାଟ୍ରୋଲିଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ ।

# ବିଦ୍ୟୁତ୍ ସଟ୍‌ସର୍କିଟ ଯୋଗୁଁ ଶ୍ରମିକଙ୍କ ମୃତ୍ୟୁ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଛୁରିଆନା ପଞ୍ଚାୟତ ଆଇସିଣିଆ ଗ୍ରାମରେ କାମ କରୁଥିବା ବେଳେ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ସୁନ୍ଦରଗଡ଼ ଜିଲ୍ଲା ଅଞ୍ଚଳର ଶ୍ରମିକ ଶିବ ଲାଲ ଜୋଜ ଙ୍କ ମୃତ୍ୟୁ । ମୃତ୍ୟୁ ର କାରଣ ଖୋଜୁଛି ପୋଲିସ । ଖବର ମୁତାବକ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ କୁରୁମୋଇ ଅଞ୍ଚଳର ୨୩ବର୍ଷୀୟ ଯୁବକ ଦୀର୍ଘ ଦିନ ହେବ ଅସ୍ତରଙ୍ଗ ଥାନା ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରିଆନ୍ତି । କିନ୍ତୁ ଦୀର୍ଘ ୨୦ଦିନରୁ ଉର୍ଦ୍ଧ୍ୱ ହେବ ସ୍ଥାନୀୟ ଅଞ୍ଚଳ ଜିଲୁ ରଞ୍ଜନ ବିଶ୍ୱାଳଙ୍କର ସୋମବାର ଅପରାହ୍ନ ସମୟରେ ବିଲରେ ୨୩ବର୍ଷୀୟ ଶ୍ରମିକ ଶିବ ଲାଲ ଜୋଜ କାମ କରୁଥିବା ବେଳେ ବିଲରେ ପାଣି ମଡ଼ାଇବା ପାଇଁ ମଟର ଲଗାଇବା ସମୟରେ ସଟ ସର୍କିଟରେ ଆଘାତ ହେବାରୁ ଘଟଣା ସ୍ଥଳରେ ଅଚେତ ହେବାରୁ ସମ୍ପର୍କୀୟ ଭାଇ ଓ ସ୍ଥାନିୟ ଲୋକେ ନିକଟସ୍ଥ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ, କିନ୍ତୁ ଚିକିତ୍ସାଧିନ ଡାକ୍ତର ଶ୍ରମିକ ଶିବ ଲାଲ ଜୋଜକୁ ମୃତ ଘୋଷଣା କରିଥିଲେ । ପରେ ସମ୍ପର୍କୀୟ ଭାଇ ଜୁଲିଆନ ଜୋଜ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି । ଘଟଣା ସ୍ଥଳରେ ପୋଲିସ ମୃତ୍ୟୁ ଦେହକୁ ଜବତ କରିବା ସହ ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲ୍ଲୀ ଘଟଣାର ତଦନ୍ତ କରୁଥିବା ବେଳେ କିପରି ପ୍ରକୃତରେ ମୃତ୍ୟୁ ହେଲା ପୋଲିସ ତାର ପାରିପାର୍ଶ୍ୱିକ ସ୍ଥିତି ଅନୁଧାନ କରି ମୃତ୍ୟୁ କାରଣ ଖୋଜୁଛି । ଏ ନେଇ ଅସ୍ତରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ୭/ ୨୫ରେ ମାମଲା ରୁଜୁ କରିଥିବା ବେଳେ ସୋମବାର ସନ୍ଧ୍ୟା ସମୟରେ ଶବ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଠାଯାଇଛି । ଅନ୍ୟପଟେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଅନେକ ବେଆଇନି ଚିଙ୍ଗୁଡ଼ି ଘେରି କରୁଥିବା ବ୍ୟକ୍ତି ବିଶେଷ ଶ୍ରମିକ ଭାବେ କାମ କରିବା ପାଇଁ ବିଭିନ୍ନ ଜିଲ୍ଲାରୁ ଅର୍ଥ ଲୋଭ ଦେଖାଇ ବିଭିନ୍ନ କାମରେ ଗରିବ ଶ୍ରମିକ ମାନଙ୍କୁ ଆଣି କାମରେ ଲଗାଉଥିବା ବେଳେ ସେମାନଙ୍କ କୌଣସି ସମସ୍ୟା ହେଲେ ବୁଝୁ ନଥିବା ସ୍ଥାନୀୟ ଅଂଚଳରେ ଆଲୋଡନ ସୃଷ୍ଟି କରିଛି । ପ୍ରକୃତରେ ଶ୍ରମିକଙ୍କ କିପରି ମୃତ୍ୟୁ ହେଲା ବିଭିନ୍ନ ଦିଗକୁ ନେଇ ଅସ୍ତରଙ୍ଗ ପୋଲିସ ତଦନ୍ତ ଜାରୀ ରଖିଛି । ଏ ନେଇ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ଶ୍ରମ ବିଭାଗ ଘଟଣାକୁ ଗୁରୁତର ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଆବଶ୍ୟକ ।

## ତହସିଲ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବେତନଟୀ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ବେତନଟୀ ମୁଖ୍ୟ ବଜାର ଧର୍ମଶାଳା ସମ୍ମୁଖ ବାସଭବନରୁ ସୋମବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମିଳିଥିବା ସୂଚନା ମୁତାବକ ବେତନଟୀର ବିଶ୍ୱଜିତ ପରିଡା ରବିବାର ସନ୍ଧ୍ୟାରେ ଘରକୁ ଫେରି ନିଜ ରୁମରେ କବାଟ ବନ୍ଦକରି ଶୋଇଥିଲେ । ସୋମବାର ସକାଳେ ଉଠିବାରେ ବିଳମ୍ବ ହେବାରୁ ଅଫିସ ଯିବା ସମୟ ହୋଇଯାଉଥିବାରୁ ପରିବାର ଲୋକେ କବାଟ ବାଡେଇଥିଲେ । ମାତ୍ର ବିଶ୍ୱଜିତ କବାଟ ଖୋଲିନଥିଲେ କି କୌଣସି ଉତ୍ତର ଦେଇନଥିଲେ । ଘର ଲୋକେ ବାରମ୍ବାର ଡାକିବା ସତ୍ତ୍ୱେ ବିଶ୍ୱଜିତ କବାଟ ନଖୋଲିବାରୁ ପଡୋଶୀଙ୍କୁ ଡାକି କବାଟ ଭାଙ୍ଗି ଦେଇଥିଲେ । ହେଲେ ଘର ଭିତରେ ବିଶ୍ୱଜିତଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ବିଶ୍ୱଜିତ ସୋଫା କଭରରେ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ସେ ବେତନଟୀ ତହସିଲରେ ଆଉଟ୍ ସୋର୍ସିଙ୍ଗ ପ୍ରକ୍ରିୟାରେ ନିଯୁକ୍ତି ପାଇଥିବା ବେଳେ ତାଙ୍କ ମୃତ୍ୟୁ ଘଟଣାକୁ ନେଇ ବିଭିନ୍ନ କଥା ଶୁଣିବାକୁ ମିଳୁଛି । ବେତନଟୀ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ନଦୀରେ ବୁଡ଼ି ଯୁବକ ମୃତ

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ବଡସରପଲ୍ଲୀ ପଞ୍ଚାୟତ ଏସଡା ଗାଁ ର ଜଣେ ଯୁବକ ମଇଁଷି ଖୋଜିବାକୁ ଯାଇ ନଦୀରେ ବୁଡ଼ି ମୃତ୍ୟୁ ହୋଇଯାଇଛି । ସୁଚନା ଅନୁଯାଇ ଆଜକୁ ୪ ଦିନ ହେଉଛି ନିଜର ୪ ଟି ମଇଁଷି ହୋଇଯାଇଥିଲା । ଗତ କାଲି ସକାଳ ଘଣ୍ଟା ସମୟରେ ଘରୁ ଖାଇ ମଇଁଷି ଖୋଜିବାକୁ କାତୁଲପେଟା ଗାଁ ନିକଟ ଦେଇ ବହି ଯାଉଥିବା ଝଞ୍ଜାବତୀକୁ ଯାଇଥିଲେ । ଯୁବକ ଜଣକ ନଦୀ କୂଳକୂଳ ଚାଲି ଚାଲି ଯାଉ ଥିବା ବେଳେ ନଦୀ ଆରପାରିକୁ ଯାଇ ନିଜର ମଇଁଷି ଖୋଜିବାକୁ ବାହାରିଥିଲେ । ନଦୀରେ ପହଁରି ଯିବା ପାଇଁ ନିଜ ଅଣ୍ଟାରେ ଚପଲ ଗୁଡିକ ବାନ୍ଧି ପାରି ହେଉ ଥିଲେ । ସେ ଭଲ ଭାବେ ପହଁରା ଜାଣି ନ ଥିବାରୁ ପାଣିରେ ଭାସିଯାଇ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ରାତ୍ରରେ ମଧ ଯୁବକ ଜଣକ ଘରକୁ ଫେରି ନ ଥିଲେ । ରବିବାର ଦିନ ଗାଁ'ର ଜୟରାମ କାଡ୍ରାକା ଓ ଶ୍ରିନୁ କାଡ୍ରାକା ନଦୀକୁ ମାଛ ଧରିବାକୁ ଯାଇ ଥିଲେ । ଏହି ସମୟରେ ନଦୀରେ ଭାସି ରହିଥିବା ଶବକୁ ଦେଖି ବନ ହାରାକା ୨୦ ବର୍ଷ ବୋଲି ଚିହ୍ନଟ କରି ଗାଁ'କୁ ଫେରିଆସି ଘର ଲୋକଙ୍କୁ ଜଣାଇଥିଲେ । ସୋମବାର ନିଜ ମାଆ ଜାମି ହାରାକା ବନ୍ଧୁଗାଁ ପୋଲିସ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଲିଖିତ ଅଭିଯୋଗ ପାଇବା ପରେ ପୋଲିସ ଥାନା ଏଏସଆଇ ସୁରେନ୍ଦ୍ର ହୁଇକା କେଶ ହାତକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି । ଘଟଣା ସ୍ଥଳରେ ପୋଲିସ ଟିମ ପହଞ୍ଚି ନଦୀରୁ ଶବକୁ ଉଦ୍ଧାର କରି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶବ ବ୍ୟବଚ୍ଛେଦ କରିବା ପାଇଁ ଆଣିଥିବା ଦେଖିବାକୁ ମିଳିଛି ।

## ବ୍ଲକ୍ ପରିସରରୁ କାଟିଦେଲେ ଗଛ, ବିଡିଓ ସମ୍ପୃକ୍ତ !

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଫାଟକ ସଂଲଗ୍ନ ପାଚେରୀ ଘେରା ମଧ୍ୟରେ ଥିବା ପୁରାତନ ରାଧାଚୁଡ଼ା ଗଛକୁ କାଟିଦିଆଯାଇଛି । ଏହି ବୃହତକାୟ ଗଛ ମୂଳ ଚତୁଃପାର୍ଶ୍ୱରେ ବସାଉଠା କରିବା ପାଇଁ ଚଉତରା କରାଯାଇଥିଲା । ଫାଟକ ଗଛ ଛାଇରେ ରହୁଥିବାରୁ ବ୍ଲକକୁ ଆସୁଥିବା ବ୍ୟକ୍ତିମାନେ ଏହି ଚଉତରା ଉପରେ ବସି କାର୍ଯ୍ୟ ପାଇଁ ଅପେକ୍ଷା କରୁଥିଲେ । ହେଲେ ବ୍ଲକ କର୍ତ୍ତୃପକ୍ଷଙ୍କ ଦେହ ସହିଲାନି । ରବିବାର ଛୁଟି ଦିନ ସୁଯୋଗରେ ଗଛକୁ କାଟି ପକାଇଲେ । ସୋମବାର ବ୍ଲକ ଫାଟକ ଖୋଲିବା ପରେ ଲୋକେ ଏହା ଦେଖି ତାଜୁବ । ପରିବେଶ ସୁରକ୍ଷାର ମଙ୍ଗ ଧରିଥିବା ବ୍ଲକ କର୍ତ୍ତୃପକ୍ଷଙ୍କ ଓଲଟା ବିଚାର ଲୋକଙ୍କୁ ବିସ୍ମିତ କରିଥିଲା । ଗତ ସାଢେଦିନ ବର୍ଷ କାର୍ଯ୍ୟକାଳ ଭିତରେ ବ୍ଲକକୁ ରସାତଳଗାମୀ କରିଥିବା ବିଡିଓ ଦେବଦତ୍ତ ଦାସ ଏଥିନେଇ କୌଣସି ପଦକ୍ଷେପ ନେଇନାହାନ୍ତି । ଏହି ଘଟଣାରେ ସେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ବୋଲି ଆଲୋଚନା ହେଉଛି । ଏହି ଘଟଣାରେ ବିଡିଓଙ୍କୁ ଦାୟୀ କରିଛନ୍ତି ଖୋଦ ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ । ଗଛକଟା ଯିବା ସମ୍ପୂର୍ଣ୍ଣ ଅନୁଚିତ । ଏ ସମ୍ପର୍କରେ ତାଙ୍କସହ ଆଦୌ ପରାମର୍ଶ କରାଯାଇ ନାହିଁ । ଗତ କିଛି ମାସ ଧରି ବିଡିଓ ବ୍ଲକ ସମ୍ବନ୍ଧିତ କୌଣସି କଥାରେ ଅଧକ୍ଷାଙ୍କ ସହ ଯୋଗଯୋଗ କରୁନଥିବାରୁ ଅପରାହ୍ନରେ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ଯୋଗଯୋଗ କରିଥିଲେ । ଏହା ଜୀବନ୍ତ ଗଛ ନୁହେଁ ବୋଲି ସହକାରୀ ଯନ୍ତ୍ରୀ ସଫେଇ ଦେଇଥିଲେ ବୋଲି ସେ ପ୍ରକାଶ କରିଥିଲେ । ଏହି ଘଟଣା ସମ୍ପର୍କରେ ବିଧାୟକ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଅଧକ୍ଷା ସେଠୀ ସୂଚନା ଦେଇଛନ୍ତି । ଗଛକଟା ସମ୍ପର୍କରେ ବିଡିଓଙ୍କ ବାରମ୍ବାର ଫୋନଯୋଗେ ଯୋଗଯୋଗ କରାଯାଇଥିଲା । ମାତ୍ର ବିଡିଓ ଫୋନ କଲ ରିସିଭ କରିନଥିଲେ । ଅନ୍ୟପକ୍ଷରେ ଜଙ୍ଗଲ ବିଭାଗ ଠାରୁ ଏଥିନେଇ ଅନୁମତି ନିଆଯାଇ ନାହିଁ ବୋଲି ଜଙ୍ଗଲ ଅଧିକାରୀ କୃଷ୍ଣଚନ୍ଦ୍ର ବାସ୍କେ ମତ ଦେଇଛନ୍ତି ।

# କଞ୍ଜାମଯୋଡି ଗ୍ରାମରେ ପ୍ରଶାସନ ଅଧିକାରୀଙ୍କ ତଦନ୍ତ



ରାୟଗଡା, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର କଞ୍ଜାମଯୋଡି ଗ୍ରାମରେ ପ୍ରଶାସନ ଅଧିକାରୀଙ୍କ ତଦନ୍ତ କରାଯାଇଛି । ଜିଲ୍ଲାପାଳ ପାରୁଲ ପାଟ୍ୱାରୀଙ୍କ ନିର୍ଦ୍ଦେଶ କ୍ରମେ ୬ ଜଣିଆ କମିଟି କଞ୍ଜାମଯୋଡି ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ । ଏଥିରେ ଉପଜିଲ୍ଲାପାଳ ରମେଶ ଜେନାଙ୍କ ନେତୃତ୍ୱରେ କଲ୍ୟାଣସିଂହପୁର ତହସିଲଦାର ରଞ୍ଜନ କୁମାର ମାନସେଠ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲା ଯୋଗାଣ ଅଧିକାରି ଶୁଭାଂଶୁ ଭୋଇ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ସଂଯୋଜକ ଦିବାକର ପରିଚ୍ଛା ସମେତ ଶିଶୁ ବିକାଶ ଯୋଜନାର ଅଧିକାରୀ ମମତା ରାଣୀ ଦାସ, ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ସିଂ ସାମନ୍ତରା, ବ୍ଲକ ମଙ୍ଗଳ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରି, କନ୍ଧକୁଳ ସମାଜର ସଭାପତି ଯୋଗେନ୍ଦ୍ର ୱାଡକା, ଶିକରପାଇ ସରପଞ୍ଚ ଚୈତନ୍ୟ ତିଆକା,ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ଶବର, ପଞ୍ଚାୟତ ଅଧିକାରୀ ପ୍ରଶାନ୍ତ ସାହୁ, ଆଇସିଡ଼ିଏସ ସୁପରଭାଇଜର ଜ୍ୟୋସ୍ନା ପଣ୍ଡା, ଏସଡିପିଓ ଗୌର ଚନ୍ଦ୍ର ସାହୁ, ଥାନା ଅଧିକାରୀ ନୀଳକଣ୍ଠ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ଏଥିରେ କଞ୍ଜାମଯୋଡି ଗ୍ରାମରେ ପିୟୁଷି ଓ ପୁତୁରାଙ୍କ ପ୍ରେମକୁ ନେଇ ଗ୍ରାମବାସୀ ଯେଉଁ ପ୍ରକାର ଲଙ୍ଗଳ ସାହାଯ୍ୟରେ ବିଲ ଚାଷ କରିଥିବା ଅଭାବନୀୟ ଘଟଣା ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଥିଲା ତାହାକୁ ନେସ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏକ କମିଟି ଆସି ତଦନ୍ତ କରିଛୁ । ତାହାର ରିପୋଟ ଜିଲ୍ଲାପାଳଙ୍କୁ ଜଣାଇବୁ । ଖବର କାଗଜଓ ଟିଭିରେ ଯେଉଁ ଭଳି ପ୍ରକାଶ ପାଇଛି ସେମିତି କିଛି ହୋଇନାହିଁ । ଆଦିବାସୀ ପରମ୍ପରା ଅନୁଯାୟୀ କାର୍ଯ୍ୟକ୍ରମ କରାଯାଇଥିବା ଗ୍ରାମବାସୀ କହିଥିବା ଉପଜିଲ୍ଲାପାଳ କହିଛନ୍ତି । ଏହା କନ୍ଧକୁଳ ସମାଜର ପରମ୍ପରା ଅନୁଯାୟୀ ଉଭୟଙ୍କ ଗ୍ରାମର ଧରଣୀ ନିକଟରେ ନେଇ ଆମ୍ବ ପାଣି ଗାଧୋଇବା ପରେ ଲଙ୍ଗଳ ଲଗାଯାଇଥିଲା, ତାହାକୁ ପ୍ରଚାର ପ୍ରସାର କରାଯାଇଛି । ଆଦିବାସୀ ପରମ୍ପରାକୁ ବନ୍ଦ ନ କରି ଆଇନ ବିରୋଧ କାର୍ଯ୍ୟ ନ କରିବା ପାଇଁ ପ୍ରଶାସନ କହିବା ସହ ସଚେତନତା କରିଥିବା କନ୍ଧକୁଳ ସଭାପତି ଯୋଗେନ୍ଦ୍ର ୱାଡକା, ଉପ ସଭାପତି ଶଙ୍କର ହୁଇକା କହିଛନ୍ତି । ପ୍ରେମୀ ଯୁଗଳଙ୍କ ବୟାନ ରେକର୍ଡ କରାଯଇଥିଲା । ଦୀର୍ଘ ୩ ଘଣ୍ଟାରୁ ଉର୍ଦ୍ଧ୍ୱକାଳ ଅଧିକାରୀମାନେ ସମସ୍ତଙ୍କୁ ଗୋଟି ଗୋଟି କରି ଜେରା କରିବା ସହ କେଉଁ ପରିସ୍ଥିତିରେ ଏଭଳି ଘଟଣ ଘଟିଲା ସେ ସଂକ୍ରାନ୍ତରେ ପଚରାଉଚରା କରାଯାଇଥିଲା । ଗତ ୯ତାରିଖ ଦିନ କଞ୍ଜାମଯୋଡି ଗ୍ରାମର ପ୍ରେମୀଯୁଗଳଙ୍କୁ ଗୋଟିଏ ପରିବାରରେ ଅର୍ଥାତ ପୀୟୁସୀ ପୁତୁରା ବିବାହ କରିପାରିବ ନାହିଁ କହି ଗ୍ରାମ ବୈଠକରେ ଦଣ୍ଡିତ କରାଯାଇଥିଲା । ପରେ ଦୁହିଁଙ୍କୁ ମାଡ ମାରିବା ସହ ବେକରେ ଯୁଆଳି ଲଗାଇ କ୍ଷେତରେ ହଳ କରାଯାଇଥିଲା । ଯାହା ମାନବାଧିକାର ଆଇନକୁ ଉଲଂଘନ କରାଯାଇଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହୋଇଥିଲା । ଏହି କଙ୍ଗାରୁକୋର୍ଟର ଭିଡିଓ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବେ ପରେ ରାୟଗଡା ଜିଲ୍ଲାପାଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପଟେ ଘଟଣାର ତଦନ୍ତ କରାଯାଇଛି ଏବଂ ଖୁବଶୀଘ୍ର ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ରାୟଗଡ଼ା ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି । ପ୍ରେମୀ ଯୁଗଳ ପ୍ରକାଶ କରିଛନ୍ତି ଯେ ଆମ ଗ୍ରାମବାସୀ ଯାହା କରିଛନ୍ତି ଠିକ କରିଛନ୍ତି । ଆମ ଆଦିବାସୀ ପରମ୍ପରା ଆନୁଯାୟୀ ଆମ ଶହ ମତିରେ କାର୍ଯ୍ୟ କରାଯାଇଛି । ସେଥିରେ କୌଣସି ଗ୍ରାମବାସୀ ଦାୟୀ ନୁହନ୍ତି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି ।

# ଗାନ୍ଧିନଗର ସମବାୟ ସମିତି ପକ୍ଷରୁ ବୋର୍ଡ଼ ଡାଇରେକ୍ଟରଙ୍କୁ ଶ୍ରଦ୍ଧାଞ୍ଜଳି



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗାନ୍ଧିନଗର ସେବା ସମବାୟ ସମିତିର ବୋର୍ଡ଼ ଡାଇରେକ୍ଟର ଓ ପୂର୍ବତନ ସଭାପତି ତଥା ବାରୋ ପଞ୍ଚାୟତର ସରପଞ୍ଚ ଉଦ୍ଧବ ଚରଣ ନାୟକଙ୍କୁ ସୋମବାର ସମିତି ପକ୍ଷରୁ ସମିତି କାର୍ଯ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଅବସରରେ ସମିତି ସଭାପତି ଭାସ୍କର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱ ଓ ସମ୍ପାଦକ ଅଚ୍ୟୁତ ମହାନ୍ତିଙ୍କ ସଂଯୋଜନାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ସଭାପତି କମଳାକାନ୍ତ ଦାସ ଓ ସରୋଜ ମିଶ୍ର, ପୂର୍ବତନ ସମ୍ପାଦକ ପୀତବାସ ମଳିକ, ସମାଜସେବୀ ଶରତ ଦାସ, ରଘୁନାଥ ମଳିକ, ପ୍ରଦୀପ କୁମାର ମଳିକ, ବୋର୍ଡ଼ ଡାଇରେକ୍ଟର ଅନାଦି ଚରଣ ମଳିକ, ପ୍ରଶାନ୍ତ ମଳିକ, ହେମନ୍ତ ଦାସ, ରଘୁନାଥ ମଳିକ, ରମେଶ ଚନ୍ଦ୍ର ମଳିକ, ହରେକୃଷ୍ଣ ମଳିକ, ଦେବକୀ ଦାସ, ସୋମନାଥ ମଳିକ, ଆନନ୍ଦ ଚନ୍ଦ୍ର ମଳିକ, ଗଣେଶ ମଳିକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନାୟକ ବୋର୍ଡ଼ ଡାଇରେକ୍ଟର ଭାବେ ନିର୍ବାଚିତ ହୋଇ ସୁଚାରୁ ରୂପେ କାର୍ଯ୍ୟ ତୁଲାଉଥିବା ବେଳେ ସେ ସମିତିରେ ଦୁଇଥର ସଭାପତି ଭାବେ ନିର୍ବାଚିତ ହୋଇ ଚାଷୀମାନଙ୍କର ସମସ୍ୟା ସୁଧାରିବା ଦିଗରେ ପଦକ୍ଷେପ ନେଇଥିଲେ । ଏଥିସହିତ ସେ ପଞ୍ଚାୟତ ୨ଥର ମଧ ସରପଞ୍ଚ ଭାବେ ନିର୍ବାଚିତ ହୋଇ ବିକାଶ ମୂଳକ କାର୍ଯ୍ୟ କରିବା ସହିତ ଜନସାଧାରଣଙ୍କର ଉପକାର କରି ନିକଟତର ହୋଇ ପାରିଥିଲେ ବୋଲି କହିଥିଲେ । କର୍ମଚାରୀ ଚନ୍ଦନ ସାମନ୍ତ, ଭରତ ଚନ୍ଦ୍ର ପାଢ଼ୀ, ପ୍ରମୋଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ବାରୋ ପଞ୍ଚାୟତ କଂଗ୍ରେସ କମିଟି ପକ୍ଷରୁ ସରପଞ୍ଚ ସ୍ୱର୍ଗତ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଏହି ଅବସରରେ ପଞ୍ଚାୟତ ସଭାପତି ନରହରି ନାୟକଙ୍କ ସଭାପତିତ୍ୱରେ ନାୟକାଣୀ ସାହି ଦେବ ମଣ୍ଡପରେ ସୋମବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ ପଣ୍ଡା, ଉମେଶ ନାୟକ, କୃପାସିନ୍ଧୁ ନାୟକ, ମଦନ ମୋହନ ଗାହାଣ, କୀରଣ କୁମାର ବାରିକ, ବିରଂଚିନାରାୟଣ ବେହେରା, ଚନ୍ଦ୍ରଶେଖର ଦାସ, ବିଜୟ କୁମାର ବାରିକ, ସୁଶାନ୍ତ ବାରିକ, ଦେବେନ୍ଦ୍ର ଦାସ, ଲକ୍ଷ୍ମୀଧର ଦାସ, ସଂଜୟ କୁମାର ବେହେରା, ଜୟନ୍ତ ଦାସ, ଦିଲୀପ ଖିଲାର, ପୂର୍ଣ୍ଣଚନ୍ଦ୍ର ବଳ, ଧ୍ରୁବ ଚରଣ ସାମନ୍ତରାୟ ମହାପାତ୍ର ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ।

# ୧୩ବର୍ଷ ପରେ ରାଜଧାନୀରେ ଉତ୍କଳ ସମ୍ମିଳନୀର ନିର୍ବାଚନ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ୧୩ ବର୍ଷ ପରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ବିଦାୟୀ ସଭାପତିଙ୍କ ତତ୍ତ୍ୱାବଧାନରେ କେନ୍ଦ୍ରୀୟ କମିଟି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ତ୍ରିପାଠୀଙ୍କ ଅଧକ୍ଷତାରେ ପରିଷଦ ବୈଠକରେ ନ୍ୟାୟମୂର୍ତ୍ତି ଚିତ୍ତରଞ୍ଜନ ଦାଶ ଏବଂ ରାଜ୍ୟ ବିଧି ଆୟୋଗ ସଦସ୍ୟ ତଥା ଓଡିଶା ଉଚ୍ଚ ନ୍ୟାୟଳୟର ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ସାଧାରଣ ସମ୍ପାଦକ ଡ଼ା. ରାଧାନାଥ ପ୍ରହରାଜ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇବା ସହ ନିଜର ବିବରଣୀ ଉପସ୍ଥାପନା କରିଥିଲେ । ଏହାପରେ ତ୍ରିପାଠୀ ନିଜର ଅଭିଭାଷଣରେ ଉତ୍କଳ ସମ୍ମିଳନୀରେ ତାଙ୍କର ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରିବା ସହିତ ସ୍ୱାସ୍ଥ୍ୟଗତ କାରଣରୁ ସେ ସଭାପତି ପଦରୁ ଓହରି ଯାଉଛନ୍ତି ବୋଲି ଘୋଷଣା କରି ନିର୍ବାଚନ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୧୫ ଦିନ ପୂର୍ବରୁ ନିର୍ବାଚନ ସଂକ୍ରାନ୍ତୀୟ ବିଧି ବଦ୍ଧ ବିଜ୍ଞପ୍ତି ଡ଼ାକ ଯୋଗେ ସଦସ୍ୟମାନଙ୍କୁ ପଠାଯାଇଥିଲା । ୧୦ ଦିନ ପୂର୍ବରୁ ଖବରକାଗଜରେ ମଧ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା । ୨୦୧୨ ମସିହାରେ ସର୍ବଶେଷ ସଂଶୋଧିତ ସମ୍ବିଧାନ ଅନୁସାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ନିର୍ବାଚନ କମିଶନ ରୂପେ କ୍ଷେତ୍ରମୋହନ ସାମନ୍ତରା, ରଞ୍ଜନ ରାଉତ ଏବଂ ନିର୍ବାଚନ ଅଧିକାରୀ ରୂପେ ତାପସ ରଞ୍ଜନ ମିଶ୍ର କାର୍ଯ୍ୟ ନିର୍ବାହ କରିଥିଲେ । ବିଭିନ୍ନ ପଦବୀ ପାଇଁ ସଦସ୍ୟମାନେ ଯଥା ବିଧି ପ୍ରସ୍ତାବକ ଏବଂ ସମର୍ଥକମାନଙ୍କ ଜରିଆରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଏହି ନିର୍ବାଚନରେ ସୌରଚନ୍ଦ୍ର ମହାପାତ୍ର ସଭାପତି, ୭ ଜଣ ଉପ-ସଭାପତି ରୂପେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ପ୍ରଫେସର ଡ଼ା. କାଶୀନାଥ ରଥ, ଡକ୍ଟର ଶ୍ରୀକାନ୍ତ ମିଶ୍ର, ଡକ୍ଟର ସୁରେନ୍ଦ୍ରନାଥ ମହାନ୍ତି, ପ୍ରଦୀପ୍ତ କୁମାର ଦାଶ (ଝାଡଖଣ୍ଡ), ସନ୍ତୋଷ କୁମାର ରାଉତ, ଲକ୍ଷ୍ମୀଧର ଦାଶ, ସାଧାରଣ ସମ୍ପାଦକ ଭାବେ ଡ଼କ୍ଟର ରାଧାନାଥ ପ୍ରହରାଜ, ୭ ଜଣ ସମ୍ପାଦକ ରୂପେ ଡ଼ା. ବାନାମ୍ବର ପରିଡା, ଜୟନ୍ତୀ ପଢିଆରୀ, ହରିହର ମିଶ୍ର, ବିରଞ୍ଚି ନାରାୟଣ ଦାଶ, ପ୍ରଦୀପ୍ତ କୁମାର ମହାରଣା, ଶିବ ପ୍ରସାଦ ପଣ୍ଡା (ଆନ୍ଧ୍ର ପ୍ରଦେଶ) ଓ ସ୍ୱାଗତିକା ରାଉତ, କୋଷାଧକ୍ଷ ତ୍ରିନାଥ ସାମନ୍ତରାୟ ନିର୍ବାଚିତ ହୋଇଥିଲେ । ଏଥି ସହିତକାର୍ଯ୍ୟ ନିର୍ବାହୀ ସମିତି ନିମନ୍ତେ ୫୮ ଜଣ ସଦସ୍ୟ ନାମାଙ୍କନ ପତ୍ର ଦାଖଲ କରିଥିଲେ ଏବଂ ସମସ୍ତେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ଏମାନଙ୍କ ଭିତରେ ୪ ଟିରାଜ୍ୟଯଥା ପଶ୍ଚିମବଙ୍ଗ, ଝାଡଖଣ୍ଡ, ଛତିଡଗଡ ଏବଂ ଆନ୍ଧ୍ର ପ୍ରଦେଶରୁ ୪ ଜଣ ପ୍ରତିନିଧି ଅର୍ନ୍ତଭୁକ୍ତ । ଶେଷରେ ସମାରୋହ ସଭାରେ ଆନୁଷ୍ଠାନିକ ନବ ନିର୍ବାଚିତ ସଭାପତି ସୌରଚନ୍ଦ୍ର ମହାପାତ୍ରଙ୍କୁ ଆନୁଷ୍ଠାନିକ ଭାବେ ବିଦାୟୀ ସଭାପତି ବସନ୍ତ କୁମାର ତ୍ରିପାଠୀ ସଭାପତି ଦାୟିତ୍ୱ ହସ୍ତାନ୍ତର କରିଥିଲେ ।

# କେଳିଆ ଶୈବପୀଠରେ କାଉଡିଆଙ୍କ ଭିଡ଼



ଡାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ର ପ୍ରସିଦ୍ଧ କେଳିଆ ବାବା ଝାଡେଶ୍ୱର ଶୈବ ପୀଠରେ ଆଜି ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର ରେ କାଉଡିଆ ଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ପୋଡଶି ଛତିଶ ଗଡ଼ ସହ ନବରଙ୍ଗପୁର ଜିଲ୍ଲା ଓ ଜିଲ୍ଲା ବାହାରୁ ଆଜି ହଜାର ହଜାର ସଂଖ୍ୟାରେ ବୋଲ ବୋମ ଭକ୍ତ କାଉଡ଼ିଆ ନିଜ ମନସ୍କାମନା ପୂର୍ଣ୍ଣ ପାଇଁ କେଳିଆ ଶୈବ ପୀଠରେ ବାବା ଝାଡେଶ୍ୱରଙ୍କ ଲିଂଗରେ ଜଳାଭିଷେକ କରିଥିଲେ । କାଉଡ଼ିଆ ମାନେ କାନ୍ଧରେ ବାହୁଙ୍ଗି ଧରି ଆଜି ବଡି ଭୋର୍ ରୁ ବୋଲ ବୋମ , ଜଟିଆ ବାବା ପାର କରେଗା ନାରା ଦେବା ସହ ଧାଡ଼ିରେ ଡାବୁଗାଁ ଦେଇ କେଳିଆ ଶୈବ ପୀଠ ପହଞ୍ଚିଥିଲେ । ଭକ୍ତ ଓ କାଉଡ଼ିଆ ମାନଙ୍କ ପାଇଁ କେଳିଆ ମନ୍ଦିର ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ରହିବା ସହ ଅନ୍ନ ଭୋଗ କରାଯାଇଥିଲା । ଏଥିରେ ବ୍ଲକ ଅଧକ୍ଷା ବୀଣା ମାଝୀ,ଚାଚରା ଗୁଡା ସରପଞ୍ଚ ରଞ୍ଜୁ ଭତରା, ମନ୍ଦିର ପରିଚାଳନା କମିଟିର କୋଷାଧକ୍ଷ ଜି ସାଇ ରାଜୁ, ଭଗବାନ ମହାନ୍ତି, ପୂର୍ବତନ ଚଚରା ଗୁଡା ସରପଞ୍ଚ ଧରମା ନନ୍ଦ ନାୟକ,ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ପଦମ ମାଝୀ, ଭାଗିରଥି ମାଝୀ, ସହ କମିଟିର ସଦସ୍ୟ ଉପସ୍ଥିତ ଥିଲେ ।



କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ମହକୁମାସ୍ଥ ହୋଟେଲ ଶ୍ରୀକୃଷ୍ଣ କନଫରେନ୍ସ ହଲରେ ଅଲ ଓଡିଶା ବ୍ୟାଙ୍କ ଅଫ୍ ଇଣ୍ଡିଆ ଏମ୍ପ୍ଲଇଜ ୟୁନିଅନର କାର୍ଯ୍ୟନିର୍ବାହୀ ବୈଠକ ସଚ୍ଚିଦାନନ୍ଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସମସ୍ତ ପ୍ରାନ୍ତର କାର୍ଯ୍ୟନିର୍ବାହୀ ସଦସ୍ୟମାନେ ଉପସ୍ଥିତ ରହି ବୈଠକକୁ ସଫଳ କରିବା ସହିତ ଆଗାମୀ ସମୟରେ ବ୍ୟାଙ୍କ କର୍ମଚାରୀମାନଙ୍କ ନ୍ୟାଯ୍ୟ ଦାବି ସବୁକୁ କିପରି କର୍ତ୍ତୃପକ୍ଷ ପୂରଣ ଓ ସମାଧାନ କରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ବିବରଣୀ ଲିପିବଦ୍ଧ କରିଥିଲେ। ସମ୍ପାଦକ ପ୍ରବୀର କୁମାର ଘୋଷ ବିବରଣୀ ପ୍ରଦାନ କରିବା ସହିତ ବିଗତ ବୈଠକର ବିବରଣୀର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ଜୟପ୍ରକାଶ ସିଂହ, ଉପ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ସାହୁ ପ୍ରମୁଖ ବୈଠକ ସଞ୍ଚାଳନ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସର୍ବସମ୍ମତି ଭାବେ ବ୍ୟାଙ୍କ ସୁରକ୍ଷାଚାଳନା ପାଇଁ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି, ବ୍ୟାଙ୍କ କର୍ମଚାରୀ ଓ ବ୍ୟାଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ସହିତ ଠିକା ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରିବାକୁ ଉଚ୍ଚକର୍ତ୍ତୃପକ୍ଷଙ୍କୁ ୟୁନିଅନ ମାଧ୍ୟମରେ ସୂଚନା ପ୍ରଦାନ କରି ତୁରନ୍ତ କାର୍ଯ୍ୟକାରୀ ପାଇଁ ଦାବି କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଅକ୍ଷୟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# କେବେ ଫେରିବ ଗୋପ କଲେଜ ସମ୍ପତ୍ତି !

ଗୋପ, (ଭାସ୍କର ନ୍ୟୁଜ): ଆଉ ଫେରିବନି ଗୋପ କଲେଜର ସମ୍ପତ୍ତି ! ଗୋପ କଲେଜର କେତେକ କର୍ମଚାରୀ ଓ କିଛି ଦଲାଲଙ୍କ ମଧ୍ୟରେ ହୋଇଛି ଅଲିଖିତ ବୁଝାମଣା। ଜାଣିଶୁଣି ଏହାର ପୁନରୁଦ୍ଧାର କରିବାକୁ ଚେଷ୍ଟା କରାଯାଉ ନାହିଁ। କୋର୍ଟରେ କେଶ୍ ଅଧା ମାମଲା ରୁଜୁ କରିଦେଇ ଚୁପ୍ ଚାପ ବସି ରହିଛି ଗୋପ କଲେଜ ପ୍ରଶାସନ। ସୂଚନାନୁଯାୟୀ ଅନେକ ଜମିରେ ଏବେ ବି ଫସଲ କରାଯାଉଛି କିନ୍ତୁ ଏହି ଫସଲର ଦାବୀଦାର କିଏ ଏବଂ କିଏ ଏହି ଜମିର ମହସୁଲ ଆଦାୟ କରୁଛନ୍ତି ତାହାକୁ ନେଇ ଏବେ ଗୋପ ବ୍ଲକରେ ଚର୍ଚ୍ଚା। ସବୁ କିଛି ଥାଇ ସୁଦ୍ଧା ଗୋପ କଲେଜ ଆଜି ଅବନତିର ଦ୍ୱାରଦେଶରେ। ଗୋପ ବ୍ଲକର ଯେଉଁ କେତେଗୋଟି ଅନୁଷ୍ଠାନ ଗୋପର ଯଶ ଓ ଗୌରବ ବଢାଇଛନ୍ତି ସେଗୁଡିକ ମଧ୍ୟରେ ଗୋପ କଲେଜ ଅନ୍ୟତମ। ମାତ୍ର ଏହି କଲେଜ ଏବେ ବିଭିନ୍ନପ୍ରକାର ସମସ୍ୟାରେ ବୁଡିରହିଛି। ଏହି କଲେଜ ବନ୍ଦ କରିବାକୁ ଚାଲିଛି ଏକ ରୀତିମତ ଷଡଯନ୍ତ୍ର। ଫଳରେ ଏହି କଲେଜ ଏବେ ଅନେକ ଦ୍ୱନ୍ଦ୍ୱରେ ବୁଡି ରହିବା ଫଳରେ ଏହାର ଉନ୍ନତିରେ ଆସୁଛି ପ୍ରତିବନ୍ଧକ। ୧୯୭୮ ମସିହାରେ ସ୍ଥାପିତ ଗୋପ କଲେଜ ଗୋପ ବ୍ଲକର ଏକ ମାତ୍ର ଡିଗ୍ରୀ କଲେଜ ଏବଂ +୩ ବିଜ୍ଞାନ ଖୋଲାଯାଇଛି। ଏବର୍ଷ ମଧ୍ୟ +୨ରେ ମଧ୍ୟ ନାମଲେଖା ଆଶାତୀତ ହୋଇଛି। ପାଖାପାଖି ଦୁଇ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କ ଚଳପ୍ରଚଳ କରିବାରେ କଲେଜର ପରିସର ଯଥେଷ୍ଟ ହେଉନଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏପରିକି ଏତେ ଜମି ଥାଇ ସୁଦ୍ଧା କଲେଜର ଏକ ଖେଳପଡିଆ ମଧ୍ୟ ନାହିଁ। ଏହି କଲେଜର ମୁଖ୍ୟ ସମସ୍ୟା ହେଉଛି ଜମିଜମା ଭିତ୍ତିକ। ଜମି ସମସ୍ୟା ଯୋଗୁଁ ଏହାର ଉନ୍ନୟନ କାର୍ଯ୍ୟରେ ବାଧକ ସୃଷ୍ଟି ହୋଇଛି। ଗୋପ କଲେଜ ନାମରେ ସମୁଦାୟ ୨୪.୩୨ ଏକର ଜମି ରହିଥିବା ବେଳେ କଲେଜ ର କାର୍ଯ୍ୟାଳୟ ଓ ଶ୍ରେଣୀ ପାଠପଢା ଚାଲିଛି ମାତ୍ର ୧.୫ ଏକର ଜମିରେ। ଅବଶିଷ୍ଟ ଜମି ଗୁଡିକ ବାୟାକୁଦା ମୌଜା ସ୍ଥିତ ତଥା ଏବେକାର ତହସିଲ ଏବଂ ଅଗ୍ନିଶମ କେନ୍ଦ୍ର କୁ ୧୧.୩୭ ଏକର ଲାଗି ରହିଥିବା ବେଳେ ଅନ୍ୟ ୧୧.୪୧ ଏକର ଜମି କଲେଜ ଠାରୁ ୭ କିଲୋମିଟର ଦୂର ଗଣେଶ୍ୱରପୁର ପଞ୍ଚାୟତର କେସିଙ୍ଗା ମୌଜାରେ ରହିଛି। ମାତ୍ର ବାୟାକୁଦାରେ ଥିବା ଜମିରୁ ଏକ ସରକାରୀ ଷଡଯନ୍ତ୍ର କରି ତିନି ଏକର ଜମିକୁ ସରକାର ନିଜ ନାମରେ ଅନାବାଦୀ ଖାତାରେ ରେକର୍ଡ କରି ନେଇଥିଲେ ଯାହାର ଖବର କଲେଜର ପରିଚାଳନା ସମିତି ନିକଟରେ ନଥିଲା। ଗତ ୨୦୨୦ ମସିହାରେ କଲେଜ ପରିଚାଳନା ସମିତି ଜାଣିବା ପରେ କଲେଜ ତରଫରୁ ନିମାପଡା ସିଭିଲ କୋର୍ଟରେ ମାମଲା ରୁଜୁ କରାଯାଇ ନିଜସ୍ୱ ଜମିଗୁଡ଼ିକୁ ଫେରାଇ ଆଣିବାକୁ ନିବେଦନ କରାଯାଇଛି। ଅନ୍ୟପକ୍ଷରେ କେସିଙ୍ଗା ମୌଜାରେ ଥିବା ଜମିଗୁଡିକୁ ମଧ୍ୟ ଦୀର୍ଘଦିନ ହେବ ଚାଷୀମାନେ ମାଡି ବସିଛନ୍ତି ଏବଂ ସେଠାରୁ ମଧ୍ୟ କଲେଜ କୌଣସି ପ୍ରକାର ଆୟ ପାଇପାରୁ ନାହିଁ। କଲେଜ କର୍ତ୍ତୃପକ୍ଷଙ୍କ ଏ ବିଷୟରେ ପଚାରିବାରେ ସେ କହିଲେ ଯେ ଆମେ ରେକର୍ଡ ଅନୁଯାୟୀ ସମସ୍ତ ଜମିର ଖଜଣା ସରକାରଙ୍କ ନିକଟରେ ଦାଖଲ କରିଚାଲିଛୁ କିନ୍ତୁ ଉକ୍ତ ଜମିଗୁଡିକ ଆମ ଦଖଲରେ ନାହିଁ। ଆମେ ତାହାକୁ ଖୁବ ଶୀଘ୍ର ଦଖଲକୁ ଆଣିବାକୁ ନିଷ୍ପତ୍ତି ନେଇଛୁ। ତେବେ ପ୍ରଶ୍ନ ଉଠୁଛି ଯେ ଗୋପ କଲେଜ ନାମରେ ଥିବା ଜମି କୁ ସରକାର କେଉଁ ପରିସ୍ଥିତି ରେ ଅନାବାଦୀ ଖାତାକୁ ଗଲା ଏବଂ ସେତେବେଳେ କାହିଁକି କଲେଜ ର ପରିଚାଳନା ସମିତି ବିରୋଧ କରି ନଥିଲା। ପୁନଃ ଏବେ କେସିଙ୍ଗା ମୌଜାରେ ଥିବା ଜମି ଗୁଡିକୁ କାହିଁକି ଦଖଲକୁ ଅଣାଯାଉନାହିଁ। ଏହାକୁ ନେଇ ହୋଇଛି କି ଏକ ଭିତିରିଆ ଡିଲ୍। ଏଭଳି ଅନେକ ପ୍ରଶ୍ନର ଉତ୍ତର ପାହାଡ ଛିଡା କରାଉଛନ୍ତି ଗୋପ କଲେଜ ପରିଚାଳନା ସମିତି ଉପରେ। ଯଦି କଲେଜ ଅଜାଣତରେ ବାୟାକୁଦା ମୌଜାରୁ ତିନି ଏକର ସମ୍ପତ୍ତିକୁ ବେଆଇନ ଭାବରେ ସରକାରୀ ଖାତାକୁ ଯାଇଥିଲା ତେବେ କେସିଙ୍ଗା ମୌଜାରେ ଥିବା ଅନ୍ୟ ଜମିକୁ କ'ଣ ଏହି ଭଳି ଭାବରେ ଛାଡି ଦିଆଯିବ। କଲେଜ ପ୍ରଶାସନ ତରଫରୁ ଏ ନେଇ ଏବେ ମାମଲା ରୁଜୁ କରାଯାଇଥିବା ବେଳେ କେସିଙ୍ଗା ମୌଜାରେ ଥିବା ଜମିକୁ ତୁରନ୍ତ ଦଖଲକୁ ଆଣିବାକୁ ଚେଷ୍ଟା କରାଯିବ। ଏ ନେଇ କଲେଜର ଛାତ୍ରଛାତ୍ରୀମାନେ କହିଛନ୍ତି ଯେ କଲେଜ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଆଜି କଲେଜ କେତେକ ଜମି ମଧ୍ୟ ହାତରୁ ଚାଲିଯିବାକୁ ବସିଛି। ଯଦି ଆମର ଦାବି ପୂରଣ ନହୁଏ ତେବେ ଆମେ ଦଖଲରେ ଥିବା ଜମିକୁ ଆମ କଲେଜକୁ ଫେରେଇ ଆଣିବୁ।

# ସୋସିଆଲ ମିଡ଼ିଆରେ ପୋଷ୍ଟକୁ ନେଇ ଆକ୍ରମଣ

ବଡ଼ଚଣା, (ଭାସ୍କର ନ୍ୟୁଜ): ସୋସିଆଲ ମିଡ଼ିଆ ପୋଷ୍ଟକୁ ନେଇ ମହିଳାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ ସହ ଆକ୍ରମଣ ଅଭିଯୋଗ ହୋଇଛି। ସରକାରଙ୍କ ଦୋଷଦୁର୍ବଳତା ଉପରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ତଥା ନିଜର ଲିଙ୍କ ହ୍ୱାଟସ୍ଆପ୍ ଗ୍ରୁପରେ ସେୟାର କରିବାରୁ ଯୁବକଙ୍କୁ ଫୋନ ଯୋଗେ ଗାଳିଗୁଲଜ କରିବା ପରେ ତାଙ୍କ ଘରେ କେହି ନଥିବାବେଳେ ଘରେ ଥିବା ମହିଳାଙ୍କୁ ଆକ୍ରମଣ ହୋଇଥିବା ନେଇ ଦୁଇଟି ଲିଖିତ ଅଭିଯୋଗ ସ୍ଥାନୀୟ ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ ହୋଇଛି। ନିକଟରେ ଯାଜପୁର ଜିଲ୍ଲା ସୁକିନ୍ଦାରେ ଏଭଳି ଏକ ଅବାଞ୍ଛନୀୟ ଘଟଣା ସାରା ରାଜ୍ୟର ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପୁଣି ବଡ଼ଚଣା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ସୂର୍ଯ୍ୟଦେବପୁର ଗ୍ରାମରେ ଦେଖିବାକୁ ମିଳିଛି। ସେହି ଗ୍ରାମର ଜଗନ୍ନାଥ ସ୍ୱାଇଁ ଏକ ହ୍ୱାଟସ୍ଆପ୍ ଗ୍ରୁପରେ କିଛି ନିଉଜ ଲିଙ୍କ ସେୟାର କରିଥିଲେ। କାହିଁକି ସରକାରୀ ବିରୋଧୀ ଲିଙ୍କ ସେୟାର କରୁଛ କହି ଉକ୍ତ ପଞ୍ଚାୟତ ଖରାପାଖଣା ଗ୍ରାମର ରାଜେଶ ସ୍ୱାଇଁ ରେଫ ଗୁଡୁ ପ୍ରଥମେ ଜଗନ୍ନାଥଙ୍କୁ ଫୋନ ଯୋଗେ ଗାଳି ଗୁଲଜ କରିବା ସହ ଧମକ ଚମକ ଦେଇଥିଲେ। ଯାହାକୁ ନେଇ ଜଗନ୍ନାଥ ଚଣ୍ଡିଖୋଲ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ ପୁଣି ତା ପରଦିନ କାହିଁକି ଥାନାର ଦ୍ୱାରସ୍ଥ ହେଲୁ କହି ଜଗନ୍ନାଥ ନଥିବା ବେଳେ ତାଙ୍କ ଘରେ କେହି ନଥିବା ସମୟରେ ତାଙ୍କ ପତ୍ନୀ ରଶ୍ମିତାଙ୍କୁ ଆକ୍ରମଣ କରିଥିବା ନେଇ ରଶ୍ମିତା ଆଉ ଏକ ଲିଖିତ ଅଭିଯୋଗ କରିଛନ୍ତି। ରାଜେଶ ରାଜନୈତିକ ଯୁବ ନେତାର ଅନ୍ତନ୍ତି ବୋଲି ପରିବାର ଲୋକେ ଭୟଭୀତ ଥିବା କହିଛନ୍ତି ରଶ୍ମିତା। ଥାନା ଅଧିକାରୀ ମଧ୍ୟସ୍ଥିତା ହେଉଥିବା ଷ୍ଟେସନ ଡାଇରି କରି ତଦନ୍ତ ଚଳାଉଛନ୍ତି ଏବଂ ତିକ୍ଷଣ ନଜର ରଖାଯାଇ ଜଣାପଡିଛି।

## ଯାଦବ ସେବା ସଂଗଠନ ପକ୍ଷରୁ ସେତୁ ସଫେଇ

ଆଳି, (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ଓ କେନ୍ଦ୍ରାପଡା ଜିଲ୍ଲା କୁ ସଂଯୋଗ କରୁଥିବା ଖରସ୍ରୋତା ନଦୀର ଗୋବିନ୍ଦପୁର ଠାରେ ନିର୍ମାଣ ହୋଇଥିବା ସେତୁ ର ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ବହୁ ଜନସାଧାରଣ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଯାଦବ ସେବା ସଂଗଠନ ପକ୍ଷରୁ ସେତୁ ଉପରେ ବହୁ ଦିନ ଧରି ରହିଥିବା କାଦୁଅ, ଅଳିଆ ଆବର୍ଜନା, ଅନାବନା ଗଛ ଆଦିକୁ ସଫା କରାଗଲା। ଏହି ସଫେଇ କାର୍ଯ୍ୟରେ ସଂଗଠନର କର୍ମକର୍ତ୍ତା ସମୀର ବେହେରା, ଦିନେଶ ଦାସ, ସୁଶାନ୍ତ ଦାସ, ଯଶୋବନ୍ତ ଦାସ, ମହେଶ୍ୱର ପରିଡ଼ା ପ୍ରମୁଖ ସଫେଇ କାର୍ଯ୍ୟ କରିଥିଲେ। ଏହିଭଳି କାର୍ଯ୍ୟ ଦେଖି ଅଞ୍ଚଳବାସୀ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମକର୍ତ୍ତାଙ୍କ ସହ ସଂଗଠନକୁ ମଧ୍ୟ ପ୍ରଶଂସା କରିଥିଲେ।

## ମଇନା ଚାଲାଣରେ ଦୁଇ ଗିରଫ



କରଞ୍ଜିଆ, (ଭାସ୍କର ନ୍ୟୁଜ): ଉତ୍ତର ଶିମିଳିପାଳ ବନ୍ୟପ୍ରାଣୀ ବନଖଣ୍ଡ ଗୁଡୁଗୁଡିଆ- ଯଶିପୁର ରାସ୍ତାର ବଡଶୋଳ ଗାଁ ନିକଟରେ ଦୁଇଟି ପାହାଡିଆ ମଇନା ଛୁଆ ମଟର ସାଇକେଲ ଯୋଗେ ଚୋରାଚାଲାଣ ହେଉଥିବା ବିଶ୍ୱସ୍ତସୂତ୍ରରୁ ଖବରପାଇ ଗୁଡୁଗୁଡିଆ ବନ କର୍ମଚାରୀ ଦଳ ୨ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ଶିମିଳିପାଳ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ ସୂଚନା ଦେଇଛନ୍ତି। ବନ୍ୟପ୍ରାଣୀ ସୁରକ୍ଷା ଆଇନ୍ ବଳରେ ସେମାନଙ୍କୁ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ବାରିପଦାଙ୍କ କୋର୍ଟ ଚାଲାଣ ବାରିପଦା କରାଯାଇ ଥିଲା। ସେମାନେ ହେଲେ ଯଶିପୁର ବ୍ଲକ ମାଟିଆଗଡ ଗାଁର ମନ ଦେହୁରୀ (୪୦) ପିତା ସ୍ୱର୍ଗତ କଳାକାର ଦେହୁରୀ ଏବଂ ଯଶିପୁର ବ୍ଲକ ଗୁଡୁଗୁଡିଆ ଗାଁର ଅତୁଲ ଚନ୍ଦ୍ର ବେହେରା (୫୬)ପିତା ରିଶାଲ ଚନ୍ଦ୍ର ବେହେରା।

## ୬୦ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ

ବନ୍ଧୁଗାଁ, (ଭାସ୍କର ନ୍ୟୁଜ): ବନ୍ଧୁଗାଁ ବ୍ଲକ କାର୍ଯ୍ୟାଳୟ ଠାରେ କୋରାପୁଟ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତପନ କୁମାର ନାୟକ ସର୍ବ ମୋଟ ୬୦ଅଭିଯୋଗ ଶୁଣାଣି କରିଥିଲେ। ସେଥି ମଧ୍ୟରେ ବ୍ୟକ୍ତି ଗତ ୪୯ଟି ଓ ସାମୁହିକ ଭାବେ ୧୧ଟି ଅଭିଯୋଗ ରହିଥିଲା। ଏହି ଶିବିର ସ୍ଥାନୀୟ ବିଡ଼ିଓ ଶ୍ରୀମତୀ ମିନତୀ ଜଗଦେବଙ୍କ ଅଧ୍ୟକ୍ଷତା ରେ ହୋଇଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ପେଦାଅଲଡା ପଞ୍ଚାୟତର ୬ଟି ବସୁଧା ପ୍ରକଳ୍ପ ନିର୍ମାଣ ହୋଇ ଅଚଳ ହୋଇ ଥିବା, ନୂତନ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଦେବା, ସଡ଼କ ନିର୍ମାଣ କରିବା, ପିଇବା ପାଣି ସମସ୍ୟା ଇତ୍ୟାଦି ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା। ଅଭିଯୋଗ ଶୁଣାଣିରେ ସବ୍ କଲେକ୍ଟର ପ୍ରେମଲାଲ ହିଆଲ, ତହସିଲଦାର ଶ୍ରୀମତୀ ସୋନାଲି ପାତ୍ର, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ଏସଡିପିଓ ମନୋଜ କୁମାର ବେହେରା, ଡିଇଓ ଅର୍ପିତ ପ୍ରଧାନ, ଡିପିଓ ଯୁଗଳ କିଶୋର ନାଏକ, ଡିଏଫଓ ଜଗନ୍ନାଥ ବିନୋଦ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ କୁମାର ତାଣ୍ଡି, ଡି ଏସଡ୍ଡିଓ ସାଗରିକ ଦତ୍ତ, ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କେନ୍ଦୁଝର ସ୍କୁଲ୍ ଅଫ୍ ଡ୍ରାମାର ନୂତନ ଫିଲ୍ମ ଶୁଭ ମହୁରତ



କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ସ୍କୁଲ ଅଫ୍ ଡ୍ରାମା ଆନୁକୂଲ୍ୟରେ 'ମୋ ଭାଇ' ଏବଂ 'ହୁଣ୍ଡା' ନାମକ ଦୁଇଗୋଟି କ୍ଷୁଦ୍ର ଚଳଚ୍ଚିତ୍ରର ଶୁଭ ମହୁରୁତ ଗତକାଲି କେନ୍ଦୁଝରର ହୋଟେଲ ଶ୍ରୀ ଠାରେ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କେନ୍ଦୁଝରର ପ୍ରତିଭାଙ୍କୁ ସୁଯୋଗ ଦେବା କ୍ଷେତ୍ରରେ କେନ୍ଦୁଝର ସ୍କୁଲ ଅଫ୍ ଡ୍ରାମାକୁ ଭୂୟସୀ ପ୍ରଶଂସା କରିଥିଲେ। କିଭଳି କେନ୍ଦୁଝରରୁ କଳାକାର ଯାଇ ରାଜ୍ୟ ତଥା ଦେଶରେ ନାମ କରିବେ ସେ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ଇତିହାସ ସୃଷ୍ଟିକାରୀ ଫିଲ୍ମ 'ବୋଉ ବୁଟୁ ଭୂତ'ର କାହାଣୀକାର ମହମ୍ମଦ ଇମ୍ରାନ ନିଜର ଫିଲ୍ମ ଅଭିଜ୍ଞତାକୁ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ସହ ଆଦାନପ୍ରଦାନ କରିଥିଲେ। ବଡ଼ ପରଦାରେ କିଭଳି ସୁଯୋଗ ସୃଷ୍ଟି ହେବ, ସେ ବାବଦରେ କହିଥିଲେ। ମୁଖ୍ୟ ବକ୍ତା ଭାବରେ ସିଟିଜି ଫାଉଣ୍ଡେସନର ମୁଖ୍ୟ ରାଜେନ୍ଦ୍ର ପଲେଇ ଯୁବ ସମାଜ ଚାହିଁଲେ କିଛି ବି ସମ୍ଭବ କରିପାରିବେ ବୋଲି ଉଲ୍ଲେଖ କରିଥିଲେ। ଅନୁଷ୍ଠାନକୁ ଆଗକୁ କିପରି ଅଧିକରୁ ଅଧିକ ପ୍ରସାରିତ କରାଯିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ବିଶିଷ୍ଟ କଥାକାର ତଥା ଅନ୍ତର୍ଜାତୀୟସ୍ତରେ ପ୍ରସିଦ୍ଧି ଲାଭ କରିଥିବା ଲେଖକ ସାଇ ଦୁର୍ଗା ପ୍ରସାଦ କାର୍ଯ୍ୟକ୍ରମଟିରେ ସଭାପତିତ୍ୱ କରି ସ୍ଥାନୀୟ ପ୍ରତିଭାକୁ ନେଇ ସିନେମା ନିର୍ମାଣ ଓ ସଫଳତା ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ନିମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରେ ସମାଜସେବୀ ଶୁଭେନ୍ଦୁ ସାମଲ, ମାନସ ପଣ୍ଡା, ଗୀତିକାର ସନ୍ତୋଷ ଚାଟାର୍ଜୀ ଏବଂ ଅଭିନେତା ଚିତ୍ତରଞ୍ଜନ ବିଶ୍ୱାଳ କେନ୍ଦୁଝର ସ୍କୁଲ ଅଫ୍ ଡ୍ରାମାର ପ୍ରଶଂସା ଭବିଷ୍ୟତରେ ଅନୁଷ୍ଠାନ ସହ ଯୋଡ଼ି ରହି ସମସ୍ତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠାନର ସଚିବ ଶ୍ରୀମତୀ ପୁଷ୍ପଲତା ସାହୁ ମଙ୍ଗରାଜ ସ୍ୱାଗତ ଅଭିଭାଷଣ ଦେବା ସହ ମଞ୍ଚପରିଚାଳନାରେ ଯାଜ୍ଞସେନୀ ସ୍ୱାଇଁ ଏବଂ ମନଶ୍ୱେତା ମିଶ୍ରଙ୍କୁ ସହଯୋଗ କରିଥିଲେ। ଅତିଥିମାନେ ଆଗାମୀ ଚଳଚ୍ଚିତ୍ର ମୋ ଭାଇ ଓ ହୁଣ୍ଡାର ପ୍ରଥମ ଝଲକକୁ ଅନାବରଣ କରିଥିଲେ। ଅନୁଷ୍ଠାନ ତରଫରୁ ଅତିଥୀ ମାନଙ୍କୁ ସ୍ମାରକୀ ପ୍ରଦାନ କରାଯାଇ ଥିଲା। ଚଳଚ୍ଚିତ୍ର 'ଡାକ୍ତର ଫେରିଛି'ରେ ଅଭିନୟ କରିଥିବା କଳାକାର ଓ ଜିଲ୍ଲାର ସିନେ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଶେଷରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା। ପରିଶେଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ ରାଜେଶ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଅସହାୟାଙ୍କ ଶବସତ୍କାର କଲେ 'ମେ ଆଇ ହେଲ୍ପ ୟୁ ମୋ ପରିବାର' ସଂଗଠନ



ଜଳେଶ୍ୱର, (ଭାସ୍କର ନ୍ୟୁଜ): ବାସ୍ତବରେ ଏହି ଦୁନିଆ କେତେ ଅଜବ, ଜୀବନ ମଣିଷ ଥରେ ପାଇଛି କିନ୍ତୁ ସଭିଙ୍କର ଜୀବନ ଶୈଳୀ ଭିନ୍ନ ଭିନ୍ନ ପ୍ରକାର। ସେହି ଭିନ୍ନ ଭିନ୍ନ ମଣିଷ ଭିତରେ ବହୁତ ଅସହାୟ ଲୋକ ରହିଥାନ୍ତି ଯାହାଙ୍କ ଦୁଃଖରେ କେହି ନ ଥାନ୍ତି। ଏପରି ଏକ ଘଟଣା ଘଟିଛି ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ଦେଉଳି ପଚ୍ଛୁଘଣ୍ଟା ଗ୍ରାମର ପୁରୁଣା କୋର୍ଟ ରେଲୱେ ପାଖ ନୂଆ ବଜାର ବ୍ରିଜ ଠାରେ ଅନେକ ଅସହାୟ ଲୋକ ବସବାସ କରନ୍ତି। ସେହିମାନଙ୍କ ଭିତରୁ ରାଇମଣି କିସ୍କୁ ବୟସ ୬୫ ବର୍ଷ। ସେ ଅନେକ ଦିନରୁ ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ପଡ଼ି ରହିଥିଲେ। ସେବା କରିବାକୁ କେହି ନ ଥିଲେ। ସୋମବାର ସକାଳ ୭ ଘଟିକା ସମୟରେ ସ୍ଥାନୀୟ ଲୋକ ଜାଣିବାକୁ ପାଇଲେ ସେ ଦେହ ତ୍ୟାଗ କରିଛନ୍ତି। ସ୍ଥାନୀୟ ଯୁବ ସମାଜସେବୀ ଆନନ୍ଦ କର ଜଳେଶ୍ୱର ଅଗ୍ରଣୀ ସାମାଜିକ ସଂଗଠନ 'ମେ ଆଇ ହେଲ୍ପ ୟୁ ମୋ ପରିବାର'ର ପ୍ରତିଷ୍ଠାତା ଜଗନ୍ନାଥ ପରିଡ଼ାଙ୍କୁ ଯୋଗାଯୋଗ କରିବା ପରେ ଜଳେଶ୍ୱର ସାମାଜିକ କର୍ମୀ ପିଲାମାନେ ଶବସତ୍କାର ପାଇଁ ପ୍ରସ୍ତୁତି ନେଇ ଥିଲେ। ଅତ୍ୟନ୍ତ ବର୍ଷା ଯୋଗୁଁ ଶବ ସତ୍କାରରେ ବାଧାପ୍ରାପ୍ତ ନ ହେବା ପାଇଁ ଜଳେଶ୍ୱର ଯୁବ ମଞ୍ଚ ଦ୍ୱାରା ପରିଚାଳିତ ମହାପରାୟଣ ଗାଡି ସାହାଯ୍ୟରେ ଜଳେଶ୍ୱର ନନ୍ଦିକା ଶବଦାହ କେନ୍ଦ୍ରକୁ ନେଇ ଯାଇ ଶବ ସତ୍କାର କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶମ୍ଭୁନାଥ ବାରିକ, ରଞ୍ଜନ ପାତ୍ର, ଶିବ ସୁନ୍ଦର ଜେନା ସହିତ ସ୍ଥାନୀୟ ବାସିନ୍ଦା, ଗଉରା ହାଁସଦା, ଶମ୍ଭୁ ହାଁସଦା, ହରି ରଣା, ରିଙ୍କୁ ରଣା, କିସ୍ନା ହେମ୍ବ୍ରମ, ବିକାଶ ହେମ୍ବ୍ରମ, ରୂପା ହେମ୍ବ୍ରମ, ଛୋଟୁ ବିନ୍ଧାଣି, ସୁଦର୍ଶନ ରଣା ଆଦି ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇ ଥିଲେ। ଜଳେଶ୍ୱର ମ୍ୟୁନିସିପାଲିଟି ପୌରାଧ୍ୟକ୍ଷ ପ୍ରତୀତ କୁମାର ପ୍ରଧାନ ହରିଶଚନ୍ଦ୍ର ଯୋଜନାରେ ଚାରି ହଜାର ଟଙ୍କା ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ଏହିପରି କାର୍ଯ୍ୟକ୍ରମକୁ ଜଳେଶ୍ୱର ବୁଦ୍ଧିଜୀବି ଓ ଜଳେଶ୍ୱର ଜନ ସାଧାରଣ ସଂଗଠନକୁ ଅତ୍ୟନ୍ତ ପ୍ରସଂଶା କରିଛନ୍ତି।

## ଚାରା ରୋପଣ ଓ ପରିବେଶ ସଚେତନତା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): ଆଗାମୀ ପିଢ଼ି ଏକ ସବୁଜ ସୁନ୍ଦର ପୃଥିବି ପାଇବା ସହ ପ୍ରାକୃତିକ ବିପର୍ଯ୍ୟୟରୁ ଜନଜୀବନକୁ ସୁରକ୍ଷିତ ରଖିବା ପାଇଁ ସାରାବିଶ୍ୱ ବର୍ତ୍ତମାନ ପରିବେଶ ସୁରକ୍ଷା ଚିନ୍ତାରେ ପଡିଯାଇଛି। ଏହାକୁ ସାକାର କରିବା ପାଇଁ କେନ୍ଦ୍ରାପଡ଼ାର ଶିବାୟ ଟିଉଟୋରିଆଲର ଛାତ୍ରଛାତ୍ରୀଙ୍କ ଉଦ୍ୟମରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ବେଲ ମଙ୍ଗଳା ରୋଡ଼ରେ ୨୦ରୁ ଊର୍ଦ୍ଧ୍ୱ ବୃକ୍ଷର ଚାରାରୋପଣ କରାଯିବା ସହ ଶତାଧିକ ଚାରା ବଣ୍ଟନ କରା ଯାଇଛି। ଏହି କାର୍ଯ୍ୟକ୍ରମକୁ ଟିଉଟୋରିଆଲର ମୁଖ୍ୟ ରଜନୀକାନ୍ତ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ସମାଜ ମଙ୍ଗଳ ବିଭାଗର (ମମତା) ଡିପିସି ମନୋରଞ୍ଜନ ଦାସ, ପଟ୍ଟାମୁଣ୍ଡାଇ ବ୍ଲକର (ମମତା) ପିଏ ପ୍ରମୋଦ ସିଂ, ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ, ସମାଜସେବୀ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

# ନିଶା ପଦାର୍ଥ ବ୍ୟବହାର ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ସାମ୍ପ୍ରତିକ ସମାଜରେ ଦିନକୁ ଦିନ ନିଶା ପଦାର୍ଥର ବ୍ୟବହାର ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ନିଶା ଦ୍ରବ୍ୟର ଅପବ୍ୟବହାର ରୋକିବା ନିମନ୍ତେ ଆଜି ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମପଂଚାୟତ ବାଣୀନଗରସ୍ଥିତ ବଲ୍ଲଭୀଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ନିବେଦିତା ଦାଶ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ତଥା ସଂଯୋଜିକା ସବିତା ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ଅଧ୍ୟାପକ ବିଭୂତିଚରଣ ବେହେରା,ଅଧ୍ୟାପକ ଦେବାଶିଷ ନାୟକ ପ୍ରମୁଖ ଅତିଥିରୂପେ ଯୋଗଦାନ କରି ଆଜିର ସମାଜରେ ଦିନକୁ ଦିନ ମାଦକ ଦ୍ରବ୍ୟର ବ୍ୟବହାର ଅହେତୁକ ଭାବେ ବୃଦ୍ଧି ପାଇଛି। ଯାହାକି ଆଗାମୀ ଦିନରେ ସମାଜ ପାଇଁ ଏକ ଭୟଙ୍କର ବିପଦ ସୃଷ୍ଟି କରିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଛାତ୍ରୀମାନେ ନିଶା ତଥା ନିଶାଜନିତ ଦ୍ରବ୍ୟ ଠାରୁ ଦୂରେଇ ରହି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେଲେ ଏହା ସମାଜ ପାଇଁ ହିତକାରକ ହେବ ବୋଲି ମଂଚାସୀନ ଅତିଥି ମତବ୍ୟକ୍ତ କରିଥିଲେ। ଏଥିରେ ମହାବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ସହାୟକ ଅଶୋକ କୁମାର ରାଉତଙ୍କ ସମେତ କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

# ପ୍ରଧାନଶିକ୍ଷୟତ୍ରୀଙ୍କ ବଦଳି ବାତିଲ ପାଇଁ ଦାବି



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଜଳମଣ୍ଡୁଆ ପଞ୍ଚାୟତ ଭଗିବିନ୍ଧା ଉପ୍ରା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମନୋରମା ପୁରୁଖାତଙ୍କ ବଦଳି ବାତିଲ ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏଥିପାଇଁ ସେମାନେ ବିଭିନ୍ନ କାରଣ ଦର୍ଶାଇଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ବିଦ୍ୟାଳୟର ପରିବେଶକୁ ଶିକ୍ଷା ଉପଯୋଗୀ କରିଛନ୍ତି। ପ୍ରଧାନ ଶିକ୍ଷୟତ୍ରୀ ପ୍ରଶିକ୍ଷଣପ୍ରାପ୍ତ ସ୍ନାତକୋତ୍ତର ଡିଗ୍ରୀଧାରୀ ହୋଇଥିବାରୁ ଏହି ବିଦ୍ୟାଳୟରେ ସେ ଶିକ୍ଷାଦାନ ଜାରି ରଖିଲେ ବିଦ୍ୟାଳୟର ଉନ୍ନତି ତ୍ୱରାନ୍ୱିତ ହୋଇପାରିବ। ବିଶେଷ କରି ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ। ବିଦ୍ୟାଳୟର ଜନୈକ ବରିଷ୍ଠ ଶିକ୍ଷକ ଉପସ୍ଥାନ ଖାତାରେ ଦସ୍ତଖତ କରି ପ୍ରତିଦିନ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ପଳାଉଛନ୍ତି। ଏବେ ସେ ପ୍ରଧାନଶିକ୍ଷକ ଭାବେ ଦାଇତ୍ୱ ଗ୍ରହଣ କରିବାକୁ ଥିବାରୁ ବିଦ୍ୟାଳୟରେ ଶିକ୍ଷାଦାନ ପ୍ରଭାବିତ ହେବ ବୋଲି ଅଭିଭାବକ ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅଭିଭାବକ ଜୟନ୍ତୀ କୁଣ୍ଡୁ, ପ୍ରମିଳା କୁଣ୍ଡୁ, ଏଲୋରା ପ୍ରିୟଦର୍ଶନୀ ସାମଲ, ସାରଥି ନାୟକ, ପାର୍ବତୀ ଦେ, ସୁଶାନ୍ତ ରାଉତ ପ୍ରମୁଖ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଆବେଦନ କରିଥିବା ଜଣାଯାଇଛି। ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ହାରାମଣୀ ବାଳିକା ବିଦ୍ୟାଳୟରେ ଯୋଗଦାନ କରିସାରିଛନ୍ତି ବୋଲି ବ୍ଲକ ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି।

## ପଞ୍ଚମୁଖେଶ୍ୱରରେ କାଉଡିଆଙ୍କ ଭିଡ଼

ରାୟଗଡା, (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଆଜି ଶ୍ରାବଣ ମାସ ପ୍ରଥମ ସୋମବାର ବହୁ ପ୍ରସିଦ୍ଧ ପୁରାତନ ଶୈବପୀଠ ଦେବଗିର ପଞ୍ଚମୁଖେଶ୍ୱର ଶୈବପୀଠରେ କାଉଡିଆଙ୍କ ଭିଡ ଜମିଥିବା ଦେଖିବା ମିଳିଛି। ଏହି ଶୈବପୀଠ ସଦରରୁ ମାତ୍ର ଦୁଇ କିଲୋମିଟର ଦୂରରେ ରହିଥିବା ବେଳେ ଦୁଇଟି ପାହାଡ଼ରେ ମଧ୍ୟ ଭାଗରେ ଏକ ଗୁମ୍ଫା ମଧ୍ୟରେ ପୂଜା ପାଉଛନ୍ତି ପଞ୍ଚମୁଖେଶ୍ୱର ସ୍ଫଟିକ ଲିଙ୍ଗ। ନିଜର ମନସ୍କାମନା ପୂରଣ ପାଇଁ ମାନସୀ ରହିଥିବା ବଲବମ ଭକ୍ତମାନେ ନାଗାବାଳି ଓ କଲ୍ୟାଣୀ ନଦୀରୁ ନୀତି ନିୟମ ଅନୁଯାଇ ପୂଜା ପାଠ କରି ସଙ୍ଗମ ସ୍ଥଳରୁ ଜଳ ଉଠାଇ ବୋଲବମ ଭକ୍ତ ମାନେ ଚାଲି ଚାଲି ପାହାଡ଼ର ୫୪୫ଟି ପାହାଚ ଅତିକ୍ରମ କରି ସ୍ଫଟିକ ଲିଙ୍ଗ ଉପରେ ଜଳ ଅଭିଷେକ କରିଥାନ୍ତି। ଜଳ ଅଭିଷେକ କଲା ପରେ ବିଭିନ୍ନ ମନସ୍କାମନା ରହିଥିବା ମାନସୀଧାରୀ ମାନେ ମନସ୍କାମନା ପୁରୁଣ ହେଉଛି ବୋଲି ନିଜର ଆଶା ଭରସା ରଖି ଏହି ପୀଠକୁ ଆସିଥାନ୍ତି।

## କଲ୍ୟାଣୀମଣ୍ଡପକୁ ନେଇ ତେଜୁଛି ବିବାଦ

କଣ୍ଟାପଡା, (ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ନାହାଳପୁର ପଞ୍ଚାୟତରେ ନିର୍ମାଣ ହେବାକୁ ଯାଉଛି କଲ୍ୟାଣୀ ମଣ୍ଡପ। ମଣ୍ଡପ ପାଇଁ ଭଲ ଜାଗା ଥିବା ସତ୍ୱେ କାହା ଚାପ ରେ ପ୍ରଶାସନ ଗୋଚର ଓ ଖାଲ ଜମିରେ ମଣ୍ଡପ ନିର୍ମାଣ ପାଇଁ ଜାଗା ନିରୂପଣ କରିଛି। ଯାହାକୁ ନେଇ ନାହାଳ ପୁର ପଞ୍ଚାୟତରେ ୧୨ ଗୋଟି ୱାର୍ଡ ବାସୀ ଦଳ ବଳ ନିର୍ବିଶେଷରେ ଏକତ୍ରିତ ହୋଇ କଲ୍ୟାଣୀ ମଣ୍ଡପ ନିର୍ମାଣ ପାଇଁ ଚୟନ କରିଥିବା ଜାଗାକୁ ବିରୋଧ କରୁଛନ୍ତି। ଯେଉଁ ଜାଗାରେ ମଣ୍ଡପ ନିର୍ମାଣ କରାଯାଉଛି ଉକ୍ତ ଜାଗା ପାଖରେ ଡ୍ରେନେଜ ବିଭାଗ ର ଜଳ ନିଷ୍କାସନ ନିମନ୍ତେ ଏକ ବିରାଟ ନାଳି ରହିଛି। ଏହି ନାଳୀରେ ସାମାନ୍ୟ ବର୍ଷା ହେଲେ ପ୍ରବଳ ମାତ୍ରା ରେ ପାଣି ନିଷ୍କାସନ ହେଉଛି। ଯଦି ଉକ୍ତ ଜାଗାରେ ମଣ୍ଡପ ନିର୍ମାଣ କରାଯାଏ ଜଳ ନିଷ୍କାସନରେ ବାଧା ଉପୁଜିବ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ରୁ ତୀବ୍ର ତର ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ତହସିଲଦାର ପ୍ରସନ ସାମନ୍ତରାୟଙ୍କୁ ପଚାରିବାରୁ ମଣ୍ଡପ ନିର୍ମାଣ ପାଇଁ କୌଣସି ଜାଗା ଚୟନ କରାଯାଇ ନାହିଁ ବୋଲି କହିଛନ୍ତି।

# ଶ୍ରାବଣ ସୋମବାର, ମାଲିକେଶ୍ୱରରେ କାଉଡ଼ିଆଙ୍କ ଭିଡ଼




ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦର ମହକୁମା ମାଲିକେଶ୍ୱର ଠାରେ ବିଭିନ୍ନ ନଦୀରୁ ପାଣିଆଣି କାଉଡ଼ିଆ ମାନେ ଜଳାଭିଷେକ କରିଥିବା ଦେଖିବାକୁ ମିଳିଛି। ଏହାସହ ଜିଲ୍ଲାର ବିଭିନ୍ନ ଶୈବପୀଠ ମାନଙ୍କରେ ବୋଲବମ କାଉଡିଆ ମାନେ ଜଳାଭିଷେକ କରି ନିଜର ମାନସିକ କରିଛନ୍ତି। ମାଲକାନଗିରି ସହର ପ୍ରବେଶ ଦ୍ୱାର ମାଲ୍ୟବନ୍ତ ପର୍ବତ ଶିଖରେ ଥିବା ମାଲକାନଗିରି ଜିଲ୍ଲାର ଦ୍ୱିତୀୟ କପିଳାଶ ସଦୃଶ୍ୟ ମଲ୍ଲୀକେଶ୍ୱର ମହାଦେବ ଙ୍କ ପିଠରେ ବୋଲ୍‌ବମ୍ ଭକ୍ତ ମାନଙ୍କର ପ୍ରବଳ ଭିଡ ଲାଗିଥିଲା। ମାଲକାନଗିରି ଜିଲ୍ଲା ସହ କୋରାପୁଟ, ନନ୍ଦପୁର, ସୀମାନ୍ତ ଛତିଶଗଡ଼ ସୁକୁମା ଓ ଦୂରଦୁରାନ୍ତରୁ ପୁରୁଷ, ମହିଳା, ଯୁବକଯୁବତୀ ଓ ଛୋଟଛୋଟ ପିଲା ମାନେ ଖରା ବର୍ଷା କୁ ଖାତିରି ନକରି ଖାଲି ପାଦରେ ଚାଲି ଚାଲି କାନ୍ଧରେ କାଉଡି ଧରି ଜଳ ଧରି ମଲ୍ଲୀକେଶ୍ୱର ପର୍ବତର ପାହାଚ ଚଢି ନିଜର ପରିବାର ଓ ସମାଜର ମଙ୍ଗଳ ନିମନ୍ତେ ମହାଦେବଙ୍କୁ ଜଳାଭିଷେକ କରିଥିଲେ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ସମସ୍ତେ ଭକ୍ତମାନଙ୍କ ପାଇଁ ଅର୍ଣ୍ଣପ୍ରାସାଦର ବ୍ୟବସ୍ଥା କରାଯାଇଥିଲା। ସେହିପରି ଗୋଇପର୍ବତ ରେ ଥିବା ହରଗୈରୀ ମନ୍ଦିର, ଶିବାନନ୍ଦ ଆଶ୍ରମ ଠାରେ ଥିବା କାଶିବିଶ୍ୱନାଥ, ହାଟପଦାରେ ଥିବା ସର୍ବେଶ୍ୱର ମହାଦେବ ଓ ମାଲକାନଗିରି ପୁରଣା ମେଡିକାଲ ଛକ ଶ୍ରୀ ଶ୍ରୀ ରାମେଶ୍ୱର ଶୈବପୀଠରେ ଜଳାଭିଷେକ କରିବାପାଇଁ ହଜାର ହଜାର ସଂଖ୍ୟା ରେ ମାନସିକଧାରୀ ଭକ୍ତମାନେ ବିଭିନ୍ନ ନଦୀରୁ କଳସରେ ପାଣି ଉଠାଇ ଓଁନମଶିବାୟ ମନ୍ତ୍ର ଜପକରି କାନ୍ଧରେ କାଉଡି ଧରି ଗୈରିକ ବସ୍ତ୍ରଧାରୀ ବୋଲବମ ଭକ୍ତ ମାନେ ବିଭିନ୍ନ ଶୈବପୀଠକୁ ଯାଇଥିଲେ। ବିଶେଷକରି ମାଲକାନଗିରି ସହରରେ ଥିବା ତଳସାହି ଶିବମନ୍ଦିର, ପାହାଡଉପରେ ଥିବା ମଲିକେଶ୍ୱର, ସତିଗୁଡା ଶିବମନ୍ଦିର, ହାଟପଦା ଶିବମନ୍ଦିର, ମାଉଲିମା ସାହି ଶିବମନ୍ଦିର, ଶିବାନ୍ଦ ଆଶ୍ରମ, ମେଡିକାଲ ଛକ, କୋରକୁଣ୍ଡା, ଶୁଳିଆପାହଡ ଶିବମନ୍ଦିର ଗୁଡିକରେ ଆଜି ପ୍ରଥମ ସୋମବାରରେ ପ୍ରବଳ ଭିଡ ଲାଗିଥିବା ଦେଖିବାକୁ ମିଳିଥିଲା। ବୋଲବମ ଭକ୍ତମାନେ ଶିବଙ୍କୁ ଦର୍ଶନକରି ପାଣି ଢାଳି ଜଳାଭିଷେକ କରି ଆଶୀର୍ବାଦ ଭିକ୍ଷା କରିଥାଆନ୍ତି। ସୋମବାର ଠାରୁ ମାଲକାନଗିରି ଜିଲ୍ଲାର ବିଭିନ୍ନ ଶୈବପୀଠ ଗୁଡିକରେ ବୋଲବମ୍ କାଉଡିଆ ମାନଙ୍କର ଭିଡ ଲାଗିରହିଛି। ବିଭିନ୍ନ ଶିବମନ୍ଦିର ଗୁଡିକରେ ଅନ୍ୟାନ ଭକ୍ତମାନେ ଶିବ ଦର୍ଶନ କରି ପୂଜାପାଠ କରିଥିଲେ।

# ଅଷ୍ଟଶମ୍ଭୁ ମନ୍ଦିରରେ କାଉଡିଆ ଭକ୍ତଙ୍କ ଭିଡ଼

ପରଜଙ୍ଗ, (ଭାସ୍କର ନ୍ୟୁଜ): ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ପ୍ରତ୍ୟେକ ଶୈବପୀଠ ମାନଙ୍କରେ ବୋଲବମ ଭକ୍ତ ମାନଙ୍କ ଜଳାଭିଷେକ ଉଦେଶ୍ୟରେ ମନ୍ଦିର ପ୍ରାଙ୍ଗଣ ଚଳ ଚଞ୍ଚଳ ରହିଥିବା ବେଳେ, ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଳୋ ଅଷ୍ଟଶମ୍ଭୁ ମନ୍ଦିରରେ ବୋଲବମ ଭକ୍ତଙ୍କ ଭିଡ଼ ହୋଇଥିବା ଜଣାପଡିଛି। ହିନ୍ଦୁ ଧର୍ମାନୁସାରେ ପ୍ରଭୁ ଶିବଙ୍କର ପ୍ରିୟ ମାସ ଶ୍ରାବଣ ମାସ ହୋଇଥିବାରୁ ଏହି ମାସରେ ଧାର୍ମିକ ମହତ୍ୱ ଓ ପବିତ୍ର ମାସ ଭାବେ ବିବେଚନା ହୋଇଥାଏ। ବାବାଙ୍କ ମସ୍ତିଷ୍କ ରେ ଜଳଲାଗି ଚଳିତ ବର୍ଷ ଜୁଲାଇ ୧୧ରୁ ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଚାରିଗୋଟି ସୋମବାର ପଡୁଅଛି। ଉକ୍ତି ଅଛି ଭଗବାନ ବିଷ୍ଣୁ ଚାରିମାସ ଯୋଗନିଦ୍ରା ଯିବା ପରେ ମହାଦେବ ସୃଷ୍ଟିର ପରିଚାଳନା ଦାୟିତ୍ୱ ନେଉଥିବା ବିଶ୍ୱାସ ରହିଥିବାରୁ ତାଙ୍କୁ ପ୍ରସନ୍ନ କରିବା ପାଇଁ ନିଷ୍ଠାର ସହ ମାସର ସବୁ ସୋମବାର କାଉଡିଆ ମାନେ ପୂଜାର୍ଚ୍ଚନା କରି ଜଳ ଭରି ସ୍ଫଟିଲିଙ୍ଗ ରେ ପାଣି ଢାଳିଥାନ୍ତି। ମହାଦେବ ତଥା ଭୋଳା ବାବାଙ୍କୁ ଜଳାଭିଷେକ କରି ଶାନ୍ତି କରାଇଲେ ଭକ୍ତ ମାନଙ୍କ ବିଭିର୍ଣ୍ଣ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଥିବା ବେଳେ, ଏହି ଅବସରରେ ଭକ୍ତମାନେ ନିଷ୍ଠାର ସହ ମନସ୍କାମନା ପୂରଣ କରିବା ପାଇଁ ଯେତେ ଖରା,ଝଡ଼ ବର୍ଷା ଆସିଲେ ମଧ୍ୟ ଖାଲି ପାଦରେ ଚାଲି ଚାଲି କଷ୍ଟ କରି ଯାଇ ଭୋଳା ମସ୍ତିଷ୍କରେ ପାଣି ଢ଼ାଳିବା ପ୍ରଚଳନ ରହି ଆସିଛି।

## ଦୁର୍ଘଟଣାରେ ୩ ଗୁରୁତର

ଆଳି, (ଭାସ୍କର ନ୍ୟୁଜ): ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ବାଳକାଟୀ ହନୁମାନ ଛକ ନିକଟରେ ସନ୍ଧ୍ୟା ସମୟରେ ଏକ ବାଇକ ସାମ୍ନାକୁ ଗାଈ ଆସିଯିବାରୁ ଭାରସାମ୍ୟ ହରାଇ ଫଳରେ ବାଇକଟି ତଳେ ପଡିଯିବାରୁ ବାଇକରେ ଥିବା ୩ ଜଣ ଆହତ ହୋଇଛନ୍ତି। ଆହତ ମାନେ ହେଉଛନ୍ତି ମେଣ୍ଡପୁର ପଞ୍ଚାୟତର ରସୁଲପୁରର ଗ୍ରାମର ସେକ ଆଲ୍ଲାଦ୍ଦିନ (୩୨), ରିଜୱାନ ବିବି(୨୩) ଏବଂ ଜସ୍ମିନ ବେଗମ (୭)। ବାଇକଟି ଭାରସାମ୍ୟ ହରାଇ ପଡ଼ି ଯିବା ଫଳରେ ରିଜିୱାନାଙ୍କର ହାତ, ଆଣ୍ଠୁ, ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଜସ୍ମିନଙ୍କର ଆଣ୍ଠୁ ଓ ମୁହଁ ଏବଂ ସେକ ଆଲ୍ଲାଦ୍ଦିନ ହାତରେ ଗଭୀର ଆଘାତ ଲାଗିଛି। ସମସ୍ତଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ତାଙ୍କର ଆଶୁ ଚିକିତ୍ସା କରାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ପଠାଇ ଦେଇଛନ୍ତି।

## କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ରଜତ ଜୟନ୍ତୀ ସମାରୋହ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ତଥା ଅନ୍ୟାନ୍ୟ ଉନ୍ନୟନ ନିମନ୍ତେ ୨୦୦୦ ମସିହା ଠାରୁ ଏ ଯାବତ୍ ଅହରହ କାର୍ଯ୍ୟ କରି ଆସୁଥିବା କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ରଜତ ଜୟନ୍ତୀର ଅନ୍ତିମ ବର୍ଷ ଓ ସପ୍ତଦଶ ପ୍ରତିଷ୍ଠା ସମାରୋହ ରବିବାର ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ଭବାନୀପାଟଣା ସନ୍ନିକଟ ବାନ୍ଦୋପଲା ଠାରେ ଥିବା ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟନ୍ସର 'ବିକାଶ ଉଇଜ୍ଡମ୍ ପାର୍କ ଅଡିଟୋରିୟମ୍' ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ପ୍ରଫେସର ଗୋପବନ୍ଧୁ ବେହେରା ଅଧକ୍ଷତା କରିଥିଲା ବେଳେ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, କେନ୍ଦ୍ର ସାହିତ୍ୟ ଏକାଡେମୀର ସଦସ୍ୟ,ଓଡିଶାର ଅନ୍ୟତମ ଗଳ୍ପ ପତ୍ରିକା 'କଥା' ସମ୍ପାଦକ, ବରିଷ୍ଠ ସାହିତ୍ୟିକ ଡ. ଗୌରହରି ଦାସ ଓ ବିଜୟନଗରମ୍ ସ୍ଥିତ ଏନ୍ ଆର୍ ଡିସି.ର ବରିଷ୍ଠ ଆଞ୍ଚଳିକ ମେନେଜର ଓ ମୁଖ୍ୟ ସହଯୋଗୀ ଡ. ବିଜୟ କୁମାର ସାହୁ, ବିକାଶ ଶିକ୍ଷା ଅନୁଷ୍ଠାନ ଆବାସିକ ବିଦ୍ୟାଳୟର ନିର୍ଦ୍ଦେଶକ ଡି. ଶ୍ୟାମ ଏବଂ ଶିକ୍ଷା ବିକାଶ ପରିଷଦର ସମ୍ପାଦକ କୃଷ୍ଣାବତାର ଦେଓ ଉପସ୍ଥିତ ଥିଲେ। ଅତିଥିମାନେ କଳାହାଣ୍ଡି ଜିଲ୍ଲାରେ ଶିକ୍ଷାର ଆବଶ୍ୟକତା ପୂରଣ ଦିଗରେ ଶିକ୍ଷା ବିକାଶ ପରିଷଦର ଉଲ୍ଲେଖଯୋଗ୍ୟ ଅବଦାନ ରହିଛି ବୋଲି ପ୍ରକାଶ କରିବା ସହ ପରିଷଦର ସଦସ୍ୟମାନଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜିତାମିତ୍ର ପ୍ରସାଦ ସିଂଦେଓ, ଡ. କୁମୁଦ ଚନ୍ଦ୍ର ପଣ୍ଡା, ପବିତ୍ର ମୋହନ ପାଶା, ପଣ୍ଡିତ ମଙ୍ଗୁଲୁ ମିଶ୍ର,ଡାକ୍ତର ପଲଉ ପ୍ରଧାନ, ଲକ୍ଷ୍ମୀ ପ୍ରସାଦ ପଣ୍ଡା, ଡ. ଉମେଶ ଚନ୍ଦ୍ର ଶତପଥୀ, ବିଭୁ ପ୍ରସାଦ ସାହୁ,କୃଷ୍ଣଚନ୍ଦ୍ର ନାଗ,ଓମ୍ ପ୍ରକାଶ ସାହୁ, ଅନମୋଲ୍ ଅଙ୍କିତା,ପଞ୍ଚାନନ ଦୁରିଆ,ଇସ୍ପାମୟୀ ଦୁବେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ସୁଶ୍ରୀ ଶ୍ରୀୟାଂଶୀ ସାହୁ ଓ ଯଜ୍ଞରାଜ ସାହୁଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ମଞ୍ଚ କାର୍ଯ୍ୟକ୍ରମକୁ ପରିଷଦର ସମ୍ପାଦକ କୃଷ୍ଣାବତାର ଦେଓ ପରିଚାଳନା କରିଥିଲେ ଓ ବରିଷ୍ଠ ସଦସ୍ୟ ଡ. ଦାଶରଥି ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ଶିକ୍ଷାନୁଷ୍ଠାନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ଓ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରୁଥିବା ଦେଖିବାକୁ ମିଳିଥିଲା।

## ବିଭିନ୍ନ ସମସ୍ୟା ନେଇ ଏନଏସିର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟିଲା ଚାମ୍ବର ଅଫ୍ କମର୍ସ




ଧର୍ମଗଡ଼,(ଭାସ୍କର ନ୍ୟୁଜ୍): ଧର୍ମଗଡ ଏନଏସିରେ ନୂତନ ଭାବେ ଯୋଗଦେଇଛନ୍ତି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶମ୍ଭର ମିଶ୍ର। ଧର୍ମଗଡ ଚେମ୍ବର ଅଫ କମର୍ସର ସଭାପତି ବିଦ୍ୟାଧର ସାହୁଙ୍କ ନେତୃତ୍ୱରେ ସଂଘର ଉପ ସଭାପତି ନରେଶ କୁମାର ଅଗ୍ରୱାଲ, ଯଶୋବନ୍ତ ମେହେର,ସମ୍ପାଦକ ଅତୁଲ୍ୟ ମେହେର, ଶ୍ରବଣ କୁମାର ଅଗ୍ରୱାଲ, କୋଷାଧକ୍ଷ ସରୋଜ କୁମାର ସାହୁ,ବିକାଶ ମେହେର, ମୁନ୍ନା ନାଏକ ପ୍ରମୁଖ ଶ୍ରୀ ମିଶ୍ରଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ସହରରେ ଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ସହରରେ ରାସ୍ତାକଡ଼ରେ ଥିବା ଉଠା ଦୋକାନୀମାନଙ୍କୁ ବ୍ୟବସ୍ଥିତ ଢଙ୍ଗରେ ଥଇଥାନ କରାଯିବା, ରାସ୍ତା ଉପରେ ଲଗାମ ଛଡ଼ା ଗୋରୁ ଗାଈଙ୍କ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ମାନ ଘଟୁଥିବାରୁ ମାଲିକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବିଭିନ୍ନ ୱାର୍ଡ ଅଞ୍ଚଳରୁ ଅଳିଆ ଆବର୍ଜନା ବ୍ୟବସ୍ଥାକୁ ତ୍ୱରାନିତ କରିବା, ମୁଖ୍ୟ ରାସ୍ତା ଉପରେ ବସୁଥିବା ପରିବା ଦୋକାନୀମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବା ଏବଂ ବିଭିନ୍ନ ଗଳିକନ୍ଦି ରାସ୍ତାର ଡ୍ରେନ ସଫେଇ ଓ ନୂତନ ଡ୍ରେନ ବ୍ୟବସ୍ଥା, ୱାର୍ଡମାନଙ୍କରେ ଆଲୋକୀକରଣ ବ୍ୟବସ୍ଥା ତ୍ୱରିତ ଭାବେ କରାଯିବା ପାଇଁ ଆଲୋଚନା ହୋଇଥଲା। ବାହାର ରାଜ୍ୟର ଅସ୍ଥାୟୀ ବ୍ୟବସାୟୀମାନଙ୍କୁ ସହରରେ ମାସ ମାସ ଧରି ବ୍ୟବସାୟ କରିବା ପାଇଁ ପ୍ରଶାସନିକ ଅନୁମତି ଦିଆଯାଉଥିବାରୁ ସ୍ଥାନୀୟ ଦୋକାନୀ ମାନେ ଅନେକ ଆର୍ଥିକ କ୍ଷତି ସହୁଛନ୍ତି। ସେହି ବାହାର ରାଜ୍ୟର ବ୍ୟବସାୟୀ ମାନଙ୍କୁ ଅନୁମତି ଦିଆ ନଯିବା ପାଇଁ ଚେମ୍ବର ଅଫ କମର୍ସ ପକ୍ଷରୁ ଏକ ଦାବୀ ପତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କୁ ପ୍ରଦାନ କରାଯାଇଥିଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ର ଧର୍ମଗଡ ସହର ସୋନ୍ଦର୍ଯ୍ୟକରଣ ଓ ବିଭିନ୍ନ ଜନହିତକର ଯୋଜନାକୁ କାର୍ଯ୍ୟକାରୀ କରିବା ନେଇ ବ୍ୟବସାୟୀମାନଙ୍କର ସହଯୋଗ କାମନା କରିଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ଟେମେରା ପଞ୍ଚାୟତ ହଂସପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସୁଭାଷିନୀ ଦାସଙ୍କ ଉଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବି ସିଂ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସୁଧୀର କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୋକସରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀ ମୁଖ୍ୟବକ୍ତା, ପ୍ରଧାନଶିକ୍ଷକ ଦୟାନିଧି ନାଏକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ଦାସ, ରମେଶ ହଂସ, ରାଜେନ୍ଦ୍ର ନାଏକ, କ୍ଷୀରସିନ୍ଧୁ ହଂସ, ଯୋଗା ନାଏକ, ସ୍କୁଲ କମିଟି ସଭାପତି ପ୍ରଦୀପ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଦାସଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏବଂ ତାଙ୍କର ଅବସର ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କାମନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହ ଶିକ୍ଷକ ବିଶ୍ୱାମିତ୍ର ଗୋପାଳ ସମେତ ସ୍କୁଲ ପରିଚାଳନା କମିଟି ସଦସ୍ୟ ମାନେ ଉପସ୍ଥିତି ରହିଥିଲେ।

## କେନାଲ ମରାମତି ପାଇଁ ଚାଷୀଙ୍କ ଦାବି



ନର୍ଲା,(ଭାସ୍କର ନ୍ୟୁଜ): ଚାଷୀଙ୍କ ବିଲକୁ ପାଣି ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ଜଳ ସେଚନ ପ୍ରକଳ୍ପ ନିର୍ମାଣ କରି ତାର ରକ୍ଷଣାବେକ୍ଷଣ ପାଇଁ ପ୍ରତି ବର୍ଷ ଅର୍ଥ ମଞ୍ଜୁର କରୁଥିଲେ ମଧ୍ୟ ବିଭାଗୀୟ ଉଦାସୀନତା ଯୋଗୁଁ କଳାହାଣ୍ଡି ଜିଲ୍ଲା ନର୍ଲା ନିକଟସ୍ଥ ବାଗପୁର୍ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଶାଖା କେନାଲର ଗେଟ୍ ଚୋରି ହୋଇ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ଯାଏଁ ନୂତନ ଗେଟ୍ ଲାଗିପାରିନାହିଁ। ଫଳରେ ତଳ ମୁଣ୍ଡର ଚାଷୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ୧୯୭୫ ମସିହାରେ କାର୍ଯ୍ୟକ୍ଷମ ହୋଇ ଥିବା ଉକ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ୨୫୦୦ ଏକର୍ ଚାଷ ଜମିକୁ ଜଳ ସେଚନ ହେବା ସହିତ ନର୍ଲା ସହର ଓ ତାର ଆଖପାଖ ଅଞ୍ଚଳର ୧୭ ଗୋଟି ପୋଖରୀକୁ ପାଣି ସଂଯୋଗ କରି ଚାଷୀ ଚାଷ କାମ କରିଥାନ୍ତି। କିନ୍ତୁ ବିଭାଗୀୟ ଉଦାସୀନତା ଯୋଗୁଁ କେନାଲ୍ ମରାମତି ହେଉନଥିବାରୁ ଅନେକ୍ ସ୍ଥାନରେ କେନାଲ୍ ଭାଙ୍ଗି ଯିବା ସହିତ କେନାଲ୍ ଭିତର ଅନାବନା ଗଛ ଓ ଅଳିଆ ଆବର୍ଜନାରେ ପୋତି ହୋଇଯାଇଛି। ସ୍ଥାନୀୟ ଦୁର୍ବୃତ୍ତମାନେ ଉକ୍ତ ପ୍ରକଳ୍ପର ମୁଖ୍ୟ ଗେଟକୁ ନକଲି ଚାବି ଦ୍ୱାରା ବାରମ୍ବାର ଖୋଲିବା ଓ ବନ୍ଦ କରୁଥିବା ଅଭିଯୋଗ ହେଉଥିବାବେଳେ ବିଭାଗୀୟ ଯନ୍ତ୍ରୀ ନୀରବଦ୍ରଷ୍ଟା ସାଜିଥିବାରୁ ଠିକ୍ ସମୟରେ ଚାଷୀଙ୍କ ବିଲକୁ ପାଣି ପହଞ୍ଚି ପାରୁନାହିଁ। ସରକାର୍ ଏଥିପ୍ରତି ଦୃଷ୍ଟି ଦେଇ କେନାଲ୍ ମରାମତି ସହିତ ଶାଖା କେନାଲର ଗେଟ୍ ଲଗାଇବା ପାଇଁ ଚାଷୀମାନେ ସରକାରଙ୍କୁ ନିବେଦନ କରିଛନ୍ତି। ସରକାର୍ ଚାଷୀଙ୍କ ଗୁହାରି କେବେ ଶୁଣୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ମାଲକାନଗିରି ସାମ୍ବାଦିକଙ୍କ ହତ୍ୟା ଘଟଣାକୁ ଲାଞ୍ଜିଗଡ଼ ପ୍ରେସ କ୍ଲବ୍‌ର ନିନ୍ଦା

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଜଣେ ଯୁବ ସାମ୍ବାଦିକ ନରେଶ କୁମାରଙ୍କୁ ଅଜଣା ଦୁର୍ବୃତ୍ତମାନେ ଆକ୍ରମଣ କରି ହତ୍ୟା ଘଟଣାକୁ ଦୃଢ଼ନିନ୍ଦା କରିଛି ଅଗ୍ରଣୀ ସାମ୍ବାଦିକ ସଂଗଠନ ଲାଞ୍ଜିଗଡ଼ ପ୍ରେସ କ୍ଲବ। ଆଜି ପ୍ରେସ କ୍ଲବ ତରଫରୁ ଏନେଇ ଏକ ଶୋକ ପ୍ରସ୍ତାବ ଆଗତ କରିବା ସହିତ ମୃତ ସାମ୍ବାଦିକଙ୍କ ହତ୍ୟାକାରୀଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ଦାବି କରାଯାଇଛି। ସେହିପରି ପରିବାରବର୍ଗଙ୍କୁ ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ପ୍ରେସ କ୍ଲବ ତରଫରୁ ଦାବି କରାଯାଇଛି। ଏପରିକି ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସୁରକ୍ଷା ଯୋଗାଇଦେବା ସହିତ ସାମ୍ବାଦିକ ମାନଙ୍କ ପାଇଁ ମୃତ୍ୟୁ ଓ ଆକସ୍ମିକ ମୃତ୍ୟୁ ଘଟଣାରେ ବୀମାରାଶି ବୃଦ୍ଧି କରିବାକୁ ଦାବି କରିଛି ଲାଞ୍ଜିଗଡ ପ୍ରେସ କ୍ଲବ। ଏନେଇ ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ, ସାଧାରଣ ସଂପାଦକ ଏମ. ଚନ୍ଦ୍ରଶେଖର, ଉପସଭାପତି କ୍ଷମାନିଧି ମହାଖୁଡ଼, କୋଷାଧକ୍ଷ ପରେଶ କୁମାର ନାୟକ, ଉପଦେଷ୍ଟା କୈଳାସ ସାହୁ, ହିମାଦ୍ରୀ ପେସନିଆ, ଆଶୁତୋଷ ପୁରୋହିତ, ସଦସ୍ୟ ରମେଶ ଚନ୍ଦ୍ର ନାୟକ, ଧର୍ମେନ୍ଦ୍ର ପଣ୍ଡା, ପ୍ରଭୁରଞ୍ଜନ ସାମଲ, ଦିଲୀପ ନାଏକ, ଦେବାଶିଷ ରଞ୍ଜନ ବିଶି ପ୍ରମୁଖ ଦାବି କରିଛନ୍ତି।

## ଶ୍ରାବଣ ପ୍ରଥମ ସୋମବାରରେ ଦେବଗିରି ମଠରେ ଶ୍ରଦ୍ଧାଳୁଙ୍କ ଭିଡ଼



ନର୍ଲା, (ଭାସ୍କର ନ୍ୟୁଜ୍): ଆଜି ଚଳିତ ବର୍ଷ ଶ୍ରାବଣ ମାସର ପ୍ରଥମ ସୋମବାର ଥିଲା। ଦେବ ଦେବ ମହାଦେବଙ୍କୁ ସନ୍ତୁଷ୍ଟ କରାଇବାର ଏକ ସ୍ୱର୍ଣ୍ଣିମ ସମୟ। ସାରା ରାଜ୍ୟର ଶୈବପୀଠମାନଙ୍କରେ ଭକ୍ତଙ୍କ ଗହଳି ଲାଗିଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ମଠରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ବୋଲବମ୍ ଭକ୍ତ ଓ ଶ୍ରଦ୍ଧାଳୁମାନେ ନୂତନ ଉତ୍ସାହ ଉଦ୍ଦୀପନା ଓ ଭକ୍ତି ସହକାରେ ପବିତ୍ର ପାଣି ନେଇ ଦେବଗିରି ଗୁମ୍ଫା ମଧ୍ୟସ୍ଥ କାଶି ବିଶ୍ୱନାଥ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି। ବାବାଙ୍କ ପୀଠରେ ଅନେକ ଭକ୍ତ ଜଳଲାଗି କରି ଭଗବାନ ଶିବ ଶଙ୍କରଙ୍କ ନାରା ସହିତ ବିଭିନ୍ନ ବାଦ୍ୟ ନାଦ କରିଥିଲେ। ବିଶେଷ କରି ଶ୍ରାବଣ ମାସରେ ଉକ୍ତ ପିଠକୁ ଆଖପାଖ ଜିଲ୍ଲା ତଥା ଛତିଶଗଡ ରାଜ୍ୟର ମଧ୍ୟ ଅନେକ ଭକ୍ତ ଆସିଥାନ୍ତି। ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡାମାଝୀଙ୍କ ତତ୍ତ୍ୱାବଧାନରେ ସେବାୟତ ଓ ପୂଜକ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ଟ୍ରଷ୍ଟ ବୋର୍ଡ଼ ସଦସ୍ୟମାନେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନର୍ଲା ପୋଲିସ ମୁତୟନ ହୋଇଥିଲେ। ସେହିପରି ନର୍ଲା, ଭୀମକେଲା,କେରାଣ୍ଡିଖୁଣ୍ଟି, ନର୍ଲାରୋଡ୍, ଖମ୍ବପଡା,ମାଣ୍ଡେଲ, ଦେହେଲି ଆଦି ଶୈବପୀଠ ମାନଙ୍କରେ ମଧ୍ୟ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିଥିଲା।

## ଗୋ-ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର

କୋକସରା, (ଭାସ୍କର ନ୍ୟୁଜ): କୋକସରା ବ୍ଲକ ଲଡୁଗାଁ ଗ୍ରାମ ପଞ୍ଚାୟତର ସୁନାମାଳଠାରେ ରବିବାର ଗୋ-ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଡାକ୍ତର ପ୍ରସନ୍ନ ପରିଡ଼ା, ଲଡୁଗାଁ ଏଏଲଆଇ ବିଶ୍ୱଜିତ ମାଝୀ, ଏଲଆଇ ଦେବି ସିଂ ନାଗ ପ୍ରମୁଖ ଉପସ୍ଥିତ ରହି ଗାଈଗୋରୁ ମାନଙ୍କର ଚିକିତ୍ସା କରିଥିଲେ। ଶିବିରରେ ପ୍ରାୟ ୬୦ ଟି ଗାଈଗୋରୁଙ୍କୁ ଚିକିତ୍ସା କରାଯାଇଥିଲା। ଏହି କ୍ରମରେ ବଜ ବାଜିଆ, ଖୁର ଚପକା, ଫରିଆ ଫୁଲା, ଛେଳି ବସନ୍ତ, ପିପିର, ବୀମା କରଣ, ଟିକା କରଣ ଆଦି ବିଷୟରେ ଚାଷୀ ମାନଙ୍କୁ ସଚେତନତା କରାଯାଇଥିଲା। ଏବଂ ଗାଈ ଗୁଡିକର ଗର୍ଭ ପରୀକ୍ଷା କରିବା ସହ କୃମି ନାଶକ ଔଷଧ, ଭିଟାମିନ ଆଦି ଔଷଧ ପ୍ରଦାନ କରାଯାଇଥିଲା। ଚାଷୀ ଦିବ୍ୟସିଂ ସାହୁ, ସାଗର ସାହୁ, ରାଜୁ ଚଣ୍ଡି ଉପସ୍ଥିତ ଥିବାବେଳେ ପ୍ରାଣୀ ଚିକିତ୍ସା କେନ୍ଦ୍ରର କର୍ମଚାରୀ ଶଶିଦେବ ରାଉତ, କ୍ଷେତିରାମ ଧଙ୍ଗଡାମାଝି ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବରିଷ୍ଠ ଶିକ୍ଷାବିତ ହୃଦାନନ୍ଦ ସରାଫଙ୍କ ପରଲୋକ

ଧର୍ମଗଡ଼ (ଭାସ୍କର ନ୍ୟୁଜ):ଧର୍ମଗଡ ଅଞ୍ଚଳର ଲୋକପ୍ରିୟ ବରିଷ୍ଠ ଶିକ୍ଷାବିତ ହୃଦାନନ୍ଦ ସରାଫଙ୍କ ୮୩ ବର୍ଷ ବୟସରେ ପରଲୋକ ହୋଇ ଯାଇଛି।୧୯୮୦ ମସିହାରେ ସେ ଧର୍ମଗଡ ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ। ଏହା ସହ ସେ ମାଗଣାରେ ଗରିବ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦାନ କରି ବେଶ ପ୍ରଶଂସିତ ଥିଲେ। ୧୯୯୨ ମସିହାରେ ସେ ସ୍କୁଲ ନିରୀକ୍ଷକ ଭାବରେ ଅବସ୍ଥାପିତ ହୋଇ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଅଞ୍ଚଳର ଶିକ୍ଷକଶିକ୍ଷୟତ୍ରୀଙ୍କୁ ପରାମର୍ଶ ଦେଉଥିଲେ। ସେ କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଲାଞ୍ଜିଗଡ, ଗୋଲାମୁଣ୍ଡା, ଜୁନାଗଡ଼ ଏବଂ ଧର୍ମଗଡ ବ୍ଲକ ଅଞ୍ଚଳରେ ସେ ଶିକ୍ଷକତା କରିଥଲେ ଓ ଉଚ୍ଚ ପଦାଧିକାରୀଙ୍କ ମହଲରେ ପ୍ରଶଂସିତ ଥିଲେ। ସେ ଗତ କିଛି ମାସ ହେବ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ତାଙ୍କ ଧର୍ମଗଡ ସ୍ଥିତ ବାସ ଭବନ ରେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ସ୍ତ୍ରୀ, ପାଞ୍ଚ ପୁଅ ନନ୍ଦ କିଶୋର ସରାଫ ସପରିବାର ଉପସ୍ଥିତ ଥିଲେ। ପୈତୃକ ଗ୍ରାମ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚିଚିଆ ଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ପ୍ରବେଶିକା ଉତ୍ସବ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରବେଶିକା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ସ୍ନାତକ ଓ ସ୍ନାତକୋତ୍ତର ପ୍ରଥମ ବର୍ଷରେ ନାମ ଲେଖାଇଥିବା ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ସ୍ମରଣୀୟ କାର୍ଯ୍ୟକ୍ରମ ଥିଲା ବୋଲି ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି। ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ବିଜ୍ଞପ୍ତି ଆଧାରରେ ପ୍ରବେଶ ଉତ୍ସବ ଦିନ ହିଁ ପାଠପଢା ଆରମ୍ଭ ହେଉଥିବା ଦୃଷ୍ଟିରୁ ଉକ୍ତ ଦିନ ଛାତ୍ରଛାତ୍ରୀଙ୍କ ସହିତ ଅଧ୍ୟାପକ-ଅଧ୍ୟାପିକାଙ୍କ ମଧ୍ୟରେ ଭାବ ବିନିମୟ ହୋଇ ଏକ ଉତ୍ତମ ଶୈକ୍ଷିକ ବାତାବରଣର ଉନ୍ମେଷ ଘଟିଥିଲା । କୁଳସଚିବ ଡକ୍ଟର ଗୁଣନିଧି ନାଏକ ଛାତ୍ରଛାତ୍ରୀଙ୍କୁ ନୈତିକ ମୂଲ୍ୟବୋଧ ଭିତ୍ତିକ ବାର୍ତ୍ତା ପ୍ରଦାନ କରିଥିବାବେଳେ ଉପକୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ବିଶ୍ୱବିଦ୍ୟାଳୟର ଶୃଙ୍ଖଳା ସଂପର୍କରେ ବିଭିନ୍ନ ସୂଚନା ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର କୈଳାସ ଚନ୍ଦ୍ର ଦାସ ବିଶ୍ୱବିଦ୍ୟାଳୟର ସଂକ୍ଷିପ୍ତ ଇତିହାସ ପଠନ କରିଥିଲେ । ବିତ୍ତ ନିୟନ୍ତ୍ରକ ସୁରେଶ ପିଡିସିକା, ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ମଲ୍ଲିକ୍, ଛାତ୍ର ମଙ୍ଗଳ ନିର୍ଦ୍ଦେଶିକା ଡକ୍ଟର ମଧୁଲିକା ସାହୁ, ଡକ୍ଟର ବିରେନ୍ଦ୍ର ସୁନା, ଡକ୍ଟର କୁମୁଦ ଚନ୍ଦ୍ର ନାଏକ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼କ୍ଟର ପଲ୍ଲୀଶ୍ରୀ ପଟ୍ଟନାୟକ, ଡକ୍ଟର ହଳଧର ସାହୁ , ଡକ୍ଟର ଘନଶ୍ୟାମ ବେହେରା ତଥା ସମସ୍ତ ବିଭାଗ ମୁଖ୍ୟ ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ଗୁଣାତ୍ମକ ଦିଗ ସଂପର୍କରେ ଆଲୋକପାତ କରିଥିଲେ । ଉପସ୍ଥିତ ନବାଗତ ଛାତ୍ରଛାତ୍ରୀମାନେ ମଧ୍ୟ ନିଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହ ଅଧ୍ୟାପକ-ଅଧ୍ୟାପିକାଙ୍କ ପ୍ରତି ସେମାନଙ୍କ କୃତଜ୍ଞତା ପ୍ରକାଶ କରିଥିଲେ।

## ଗୋଆରେ ଦାଦନ ଶ୍ରମିକଙ୍କୁ ହତ୍ୟା, ଗାଁକୁ ଫେରିଲା ମୃତଦେହ

ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ): ପୁଣି ଦାଦନ ଦୁଃଖ , ଗାଁକୁ ଫେରିଛି ଶ୍ରମିକଙ୍କ ମୃତଦେହ । କାମ ପାଇଁ ଘରଛାଡି ଯାଇଥିବା ପୁଅ ଆଉ ଫେରିଲାନି, ହେଲେ ଶେଷରେ ଶବ ହୋଇ ଫେରିଛି ତାର ମୃତଦେହ । ଏଭଳି ଏକ ହୃଦବିଦାରକ ଘଟଣା ଗୋଲାମୁଣ୍ଡା ଥାନା ଗଣ୍ଡାମେର ଗାଁ ରେ ଦେଖିବାକୁ ମିଳିଛି। ସୂଚନାମତେ ଗଣ୍ଡାମେର ଗାଁର ଦ୍ରୋପଦ ନାଏକ (୨୮) କିଛି ଦିନ ତଳେ ଗୋଆ ରାଜ୍ୟକୁ ପେଟପାଟଣା ପାଇଁ କାମ କରିବାକୁ ଯାଇଥିଲେ । ଗୋଆର ମାପୁସା ଥାନା ଅଞ୍ଚଳରେ ପାରାହା ଘରୋଇ ନିର୍ମାଣ କାର୍ଯ୍ୟ କରୁଥିଲେ । ତାଙ୍କ ସାଙ୍ଗରେ ଓଡିଶାର ଅନ୍ୟ ଦୁଇ ଜଣ ବାପା ଥବିର ନବରଙ୍ଗପୁରିଆ ଓ ପୁଅ ସତ୍ୟ ନବରଙ୍ଗପୁରିଆ ମଧ୍ୟ ରହୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉଭୟ ତିନି ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ପ୍ରତିଶୋଧ ପରାୟଣ ହୋଇ ଉକ୍ତ ବାପ ପୁଅ ଥବିର ଓ ସତ୍ୟ ମିଶି ଏକ ଧାରୁଆ ଅସ୍ତ୍ରରେ ଦ୍ରୋପଦ ନାଏକଙ୍କୁ ହତ୍ୟା କରିଦେଇଥିଲେ ଓ ଗୁପ୍ତାଙ୍ଗକୁ ମଧ୍ୟ କାଟି ଦେଇଥିଲେ । ଖବର ପାଇ ଗୋଆ ରାଜ୍ୟର ମାପୁସା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା । ତଦନ୍ତ ପରେ ଉକ୍ତ ବାପ ପୁଅ ହିଁ ଦ୍ରୋପଦଙ୍କୁ ହତ୍ୟା କରିଥିବା ନେଇ ପୋଲିସ ସମ୍ମୁଖରେ ସ୍ୱୀକାର କରିଥିବା ବେଳେ ଅଭିଯୁକ୍ତ ୨ ଜଣଙ୍କୁ ଗୋଆ ପୋଲିସ ଗିରଫ କରିଛି। ତେବେ ଯୁବକଙ୍କ ଶବ ବ୍ୟବଚ୍ଛେଦ ପରେ ଶବଟିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ । ଗୋଆରୁ ନିଜ ଗାଁକୁ ଶବ ଆଣିବା ପାଇଁ ହେଲେ ଅର୍ଥର ଅଭାବ ଦେଖା ଦେଇଥିଲା। ଯାହାରି ଫଳରେ ୬ଦିନ ହେବ ଶବ ଗୋଆର ଏକ ହସ୍ପିଟାଲରେ ପଡିରହିଥିଲା। ଖବର ପାଇ ପଣ୍ଡରା ମାଳି ଯୁବବାହିନୀ ପକ୍ଷରୁ ସହାୟତାର ହାତ ବଢ଼ାଇଥିଲେ। ସୂଚନା ଅନୁଯାୟୀ ସେଠାରୁ ଶବ ଆଣିବାକୁ ହେଲେ ଅତିକମ୍ ରେ ୮୦ହଜାର ଟଙ୍କା ଦରକାର ପଡୁଥିବା ବେଳେ ଗରିବ ପରିବାର ଅର୍ଥ ଯୋଗାଣ କରିବାରେ ଅସମର୍ଥ ହୋଇପଡୁଥିଲେ । ଅନ୍ୟପଟେ ସରକାର ପକ୍ଷରୁ ୩୦ହଜାର ମିଳିଥିବା ବେଳେ ଲେବର ୟୁନିୟନ ୨୦ହଜାର ଦେଇଥିବା ସୂଚନା ମିଳିଛି। ତେବେ ଶବକୁ ଆଣିବାକୁ ହେଲେ ଆଉ ମାତ୍ର ୩୦ହଜାରର ଆବଶ୍ୟକ ରହିଥିଲା ପଣ୍ଡରାମାଳି ଯୁବ ବାହିନୀର ସଭାପତି ଭବାନୀ ବଣିଆ, ଜିଲ୍ଲା ପଣ୍ଡରା ମାଳି ସମାଜ କୁଳପତି ଈଶ୍ୱର ପୁଝାରି,ଆଇନ ପରାମର୍ଶ ଦାତା ଦୁର୍ଗା ପ୍ରସାଦ ନାଏକ ମିଶି ୩୦ହଜାର ଟଙ୍କା ସାହାଯ୍ୟର ହାତ ବଢ଼ାଇଥିଲେ । ଏହା ପରେ ସୋମବାର ନିଜ ଗାଁ ଗଣ୍ଡାମେରକୁ ଉକ୍ତ ଯୁବକର ମୃତ ଶରୀର ଗୋଆ ରାଜ୍ୟର ଏକ ଆମ୍ବୁଲାନ୍ସ ସାହାଯ୍ୟରେ ଆଜି ପହଞ୍ଚିଛି । ଶବ ପହଞ୍ଚିବା ପରେ ଗାଁର ସ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡିଛି ।



## ରାଶିଫଳ

ମଙ୍ଗଳବାର, ୧୫ ଜୁଲାଇ ୨୦୨୫



**ମେଷ:** ଆଜି ଶୁଭ ଦିନ ହେବ । ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା । ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ । ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ । ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି ।



**ବୃଷ:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି । ଆର୍ଥିକ ବିନିଯୋଗ ଲାଭଦାୟକ ହେବ । ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ । ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି ।



**ମିଥୁନ:** ଆଜି ମିଶ୍ରିତ ଦିନ ହେବ । ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ। କର୍କଟ:




**କର୍କଟ:** ଆଜି ଏକ ସାଧାରଣ ଦିନ ହେବ । ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।



**ସିଂହ :** ଆଜି ମିଶ୍ରିତ ଦିନ ହେବ । ବ୍ୟବସାୟରେ ଲାଭ ହେବ । ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ । ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ।




**କନ୍ୟା:** ଆଜି ଶୁଭ ଫଳପ୍ରଦ ଦିନ ହେବ । ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ । ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ । ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି । ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ ।



**ତୁଳା:** ଆଜି ମିଶ୍ରିତ ଦିନ ହେବ । ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ । ପରିବାରରେ ଖୁସିର ବାତାବରଣ ରହିବ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ବକ୍ତବ୍ୟକୁ ମଧ୍ୟ ନିୟନ୍ତ୍ରଣ କରନ୍ତୁ।



**ବିଛା:** ଆଜି ଏକ ସାଧାରଣ ଦିନ ହେବ । କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ । ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ । କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ । ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ ।




**ଧନୁ :** ଆଜି ଏକ ସାଧାରଣ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ । କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ । ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ ।




**ମକର :** ଆଜି ଏକ ଭଲ ଦିନ ହେବ । ବ୍ୟବସାୟର ଦୃଢ଼ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ । ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ ।



**କୁମ୍ଭ:** ଆଜି ମିଶ୍ରିତ ଦିନ ହେବ । ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ । ପରିବାର ସହିତ ସମୟ ଭଲ ବ୍ୟବହାର ହେବ । ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ।



**ମୀନ:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯